


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-263 ♦SUNDAY ♦22 MARCH 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୬୩ ♦ରବିବାର ♦୨୨ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)


## ସୁନା ଦର ୨୧ ଦିନରେ ୧୧ ପ୍ରତିଶତ ହ୍ରାସ

■ ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ମିଳିତ ଆକ୍ରମଣ ଶନିବାର ୨୨ ଦିନରେ ପହଞ୍ଚିଛି। ଏହି ଯୁଦ୍ଧ ବିଶ୍ୱ ଅର୍ଥବ୍ୟବସ୍ଥାକୁ ଦୋହଲାଇ ଦେଇଛି। ସୁନା ଏବଂ ରୁପା ମଧ୍ୟ ଏଥିରୁ ବର୍ତ୍ତିପାରି ନାହିଁ। ବିଶ୍ୱରେ ଉତ୍ତେଜନା ବଢ଼ିଲେ ସାଧାରଣତଃ ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧି ପାଇଥିବାର ନଜିର ରହିଛି। କାରଣ ଲୋକେ ସୁରକ୍ଷିତ ନିବେଶ ପାଇଁ ସୁନା ଏବଂ ରୁପାକୁ ବାଛିଥାନ୍ତି। ମାତ୍ର ଇରାନ ଯୁଦ୍ଧରେ ଏହି ଧାରା ସମ୍ପୂର୍ଣ୍ଣ ବଦଳି ଯାଇଛି। ଏହାକୁ ନେଇ ଦୁଇ ତିନି ମାସ ତଳେ ସୁନା ଏବଂ ରୁପା କିଣିଥିବା ବ୍ୟକ୍ତି ଚିନ୍ତିତ ହୋଇ ଯାଇଛନ୍ତି। କାରଣ ଦର ବୃଦ୍ଧିକୁ ଦେଖି ସେମାନେ ଏହି ମହଙ୍ଗା ଧାତୁ କିଣି ନେଇଥିଲେ। ମାତ୍ର ଏବେ ହ୍ରାସ ଧାରା ଜାରି ରହିଛି। ଗତ ୨୧ ଦିନରେ ସୁନା ମୂଲ୍ୟ ୧୧ ପ୍ରତିଶତ ଏବଂ ରୁପା ୨୦ ପ୍ରତିଶତ ହ୍ରାସ ପାଇଲାଣି।



ଚଳିତ ବର୍ଷ ଜାନୁଆରୀ ସୁଦ୍ଧା ସୁନା ମୂଲ୍ୟ ଦ୍ରୁତଗତିରେ ବଢ଼ି ଚାଲିଥିଲା। ଗତ ବର୍ଷ ଏହାର ମୂଲ୍ୟ ପ୍ରାୟ ୭୦ ପ୍ରତିଶତ ବୃଦ୍ଧି ପାଇଥିଲା। ଗତ ଜାନୁଆରୀ ୨୯ରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ମୂଲ୍ୟ ୧.୯୨ ଲକ୍ଷ ଟଙ୍କାରେ ପହଞ୍ଚି ଯାଇଥିଲା। ମାତ୍ର ଏହାର ଚାରି ଦିନ ପରେ ଦ୍ରୁତ ହ୍ରାସ ପାଇଁ ମୂଲ୍ୟ ୧.୩୯ ଲକ୍ଷକୁ ଖସି ଆସିଥିଲା। ଏବେ ଇରାନ ଯୁଦ୍ଧ ▶ପୃଷ୍ଠା-୭

## ଅଧିକାରୀଙ୍କ ଆତ୍ମହତ୍ୟା; ଇସ୍ତଫା ଦେଲେ ମନ୍ତ୍ରୀ

■ ଚଣ୍ଡିଗଡ଼, ୨୧।୩ (ଏଜେନ୍ସି): ପଞ୍ଜାବରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଦୁର୍ନୀତି ହଟାଅ ସ୍ଲୋଗାନ ଦେଇ ସରକାର ଗଢ଼ିଥିବା ଆମ ଆଦମୀ ପାର୍ଟି (ଆପ) ଅଡୁଆରେ ପଡ଼ିଛି। ପରିବହନ ମନ୍ତ୍ରୀ ଲାଲଜିତ ଭୁଲ୍ଲରଙ୍କ ନାମ ନେଇ ଜଣେ ବରିଷ୍ଠ ଅଧିକାରୀ ଶନିବାର ଆତ୍ମହତ୍ୟା କରିଛନ୍ତି। ଅମୃତସର ଓ୍ୱାରହାଉସ କର୍ପୋରେସନର ଜିଲ୍ଲା ମ୍ୟାନେଜର ଗଗନଦୀପ ସିଂହ ରନ୍ଧାୱା ଏଭଳି ଚରମ ପଦକ୍ଷେପ ନେଇଛନ୍ତି। ଜୀବନ ହାରିବା ପୂର୍ବରୁ ସେ ୧୨ ସେକେଣ୍ଡର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଜାରି କରିଥିଲେ। ଏହି ଭିଡିଓରେ



ସେ କହିଥିଲେ ଯେ ମନ୍ତ୍ରୀ ଭୁଲ୍ଲରଙ୍କ ଭୟରେ ମୁଁ ଦାନାଦାର ଖାଇ ଦେଇଛି; ଆଉ ବଞ୍ଚିବି ନାହିଁ। ଏହା ଜଣାପଡ଼ିବା ପରେ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ତୁରନ୍ତ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ସଚିବ କେଏପି ସିହ୍ନାଙ୍କୁ ସେ ମାମଲାର ତଦନ୍ତ ଦାୟିତ୍ୱ ଦେଇଛନ୍ତି।

ଅନ୍ୟପଟେ ମନ୍ତ୍ରୀ ଭୁଲ୍ଲର ଅଭିଯୋଗକୁ ମିଥ୍ୟା କହିଛନ୍ତି। ଯାଞ୍ଚ ପ୍ରଭାବିତ ନ ହେବା ପାଇଁ ପଦରୁ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ଏହି ଘଟଣାକୁ ନେଇ ଅକାଳୀ ଦଳର ବରିଷ୍ଠ ନେତା ବିକ୍ରମ ମଜାଠିଆ ଏବଂ ▶ପୃଷ୍ଠା-୭

### ମହଙ୍ଗା ପଡ଼ିଲା ଦଳ ବିରୋଧୀ କାର୍ଯ୍ୟ ଓ ରାଜ୍ୟସଭା କ୍ରସ୍ ଭୋଟିଂ

# ବିଜେଡିରୁ ୬ ବିଧାୟକ ନିଲମ୍ବିତ

■ ଭୁବନେଶ୍ୱର, ୨୧।୩ (ସମିସ): ରାଜ୍ୟସଭା ନିର୍ବାଚନରେ ଦଳର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ୍ ଭୋଟିଂ କରିବା ବିଜେଡିର ୬ ବିଧାୟକଙ୍କୁ ମହଙ୍ଗା ପଡ଼ିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଶନିବାର ସଂପୃକ୍ତ ୬ ବିଧାୟକଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବସ୍ତା ବିଧାୟିକା ସୁବାସିନୀ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଓ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ। ଏନେଇ ଶନିବାର ସନ୍ଧ୍ୟାରେ ବିଜେଡି କାର୍ଯ୍ୟାଳୟରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏହାସହ ଦଳର ବିଧାୟକ ଭାବେ ସେମାନଙ୍କ ସଦସ୍ୟତା ରଦ୍ଦ ପାଇଁ ଦଳ ପକ୍ଷରୁ ବାଚସ୍ପତିଙ୍କୁ ଲିଖିତ ଭାବରେ ଅନୁରୋଧ କରାଯିବ ବୋଲି ବିଜେଡି ମୁଖ୍ୟ ସଚେତିକା ତଥା ପିଏସି(ରାଜନୈତିକ ବ୍ୟାପାର କମିଟି) ସଦସ୍ୟା ପ୍ରମିଳା ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

**ପିଏସି ବୈଠକରେ ହେଲା ନିଷ୍ପତ୍ତି, ସଦସ୍ୟତା ରଦ୍ଦ ପାଇଁ ହେବ ଆବେଦନ**

**ବିଶୃଙ୍ଖଳାକୁ ବରଦାସ୍ତ କରନ୍ତିନି ନବୀନ; କାର୍ଯ୍ୟାନୁଷ୍ଠାନ ସ୍ୱାଭାବିକ ପ୍ରକ୍ରିୟା**



ବିଜେଡି ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ରାଜ୍ୟସଭା କ୍ରସ୍ ଭୋଟିଂକୁ ନେଇ ବିଜେଡି ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ ଉକ୍ତ ୬ ଜଣ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ବିଧାୟକଙ୍କ ନିକଟରୁ ନୋଟିସର ଉତ୍ତର ହସ୍ତଗତ ହେବାପରେ ଏହାକୁ ଶୃଙ୍ଖଳା କମିଟି ବୈଠକରେ ତର୍ଜମା କରାଯାଇଥିଲା। ସେହିପରି ଶନିବାର ଅନୁଷ୍ଠିତ ବିଜେଡି ପିଏସି କମିଟି ବୈଠକରେ ମଧ୍ୟ ଏନେଇ ବିଶଦ୍ ଆଲୋଚନା ହୋଇଥିଲା। ସେମାନଙ୍କୁ ଦିଆଯାଇଥିବା କାରଣ ଦର୍ଶାଅ ନୋଟିସର ଯଥାଯଥ ଉତ୍ତର ଦେଇ ନ ଥିବାରୁ ସେମାନଙ୍କୁ ତୁରନ୍ତ ନିଲମ୍ବନ କରାଯିବାକୁ ନିଷ୍ପତ୍ତି ନିଆଯାଇ ଦଳର ସଭାପତିଙ୍କୁ ସୁପାରିସ କରାଯାଇଥିଲା। ଏହି ସୁପାରିସ ଆଧାରରେ ସଭାପତିଙ୍କ ଆଦେଶରେ ତୁରନ୍ତ ସେମାନଙ୍କୁ ନିଲମ୍ବନ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ▶ପୃଷ୍ଠା-୭

### ରାଜ୍ୟସଭା ଭୋଟ ଅସଂଗତି

## ଆଇନଗତ ଲଢ଼େଇକୁ ଓହ୍ଲାଇବ ବିଜେଡି

■ ଭୁବନେଶ୍ୱର, ୨୧।୩ (ସମିସ): ସଦ୍ୟ ସମାପ୍ତ ରାଜ୍ୟସଭା ନିର୍ବାଚନରେ ଭୋଟ୍ ଅସଂଗତି ହୋଇଥିବା ଅଭିଯୋଗ କରିଛି ବିଜେଡି। ବିଜେପି ବିଧାୟିକା ଉପାସନା ମହାପାତ୍ର ଓ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମତଦାନ ବେଳେ ଦ୍ୱିତୀୟ ବାଲାଟ ପେପର୍ ବ୍ୟବହାର କରିବା ସମ୍ପୂର୍ଣ୍ଣ ଅବୈଧ ବୋଲି ବିଜେଡି କହିଛି। ତେଣୁ ଏହି ଦୁଇଟି ଭୋଟ୍‌କୁ ନାକଚ କରିବା ପାଇଁ ଦଳ ଆଇନଗତ ଲଢ଼େଇ କରିବାକୁ ନିଷ୍ପତ୍ତି ନେଇଛି ବୋଲି ଦଳର ମୁଖ୍ୟସଚେତିକା ପ୍ରମିଳା ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶନିବାର ଦଳର ପିଏସି ବୈଠକ ପରେ ଶ୍ରୀମତି ମଲ୍ଲିକ କହିଛନ୍ତି ଯେ ବିଧାୟିକା ଉପାସନା ମହାପାତ୍ର ଓ ବିଧାୟକ ▶ପୃଷ୍ଠା-୭

**ଉପାସନା ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଭୋଟ ନାକଚ ଦାବି**

# ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

## ୪,୦୦୦ କିମି ଦୂରଭେଦୀ ମିସାଇଲ ଆକ୍ରମଣ କରି ଚକିତ କଲା ଇରାନ



**ଗୁପ୍ତ ସାମରିକ କ୍ଷମତା ନେଇ ବଢ଼ିଲା ଚିନ୍ତା**

**ଡିଏଗୋ ଗାର୍ସିଆ ଉପରେ ବିଫଳ ଆକ୍ରମଣ ସତ୍ତ୍ୱେ ସହଯୋଗୀ ଦେଶଗୁଡ଼ିକୁ ବଡ଼ ବିପଦ ବୋଲି କହିଲା ବ୍ରିଟେନ**

■ ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ଭାରତ ମହାସାଗରରେ ଅବସ୍ଥିତ ଆମେରିକା ଓ ବ୍ରିଟେନର ମିଳିତ ସାମରିକ ଘାଟି ଡିଏଗୋ ଗାର୍ସିଆ ଉପରକୁ ଇରାନ ଦ୍ୱାରା ବାଲିଷ୍ଟିକ ମିସାଇଲ ନିକ୍ଷେପ କରାଯାଇଥିବା ଖବର ଏବେ ବିଶ୍ୱ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ଏହି ଘଟଣା ଇରାନର ପ୍ରକୃତ ସାମରିକ ଶକ୍ତି, କ୍ଷମତା ଓ ଏହାର ପରିସରକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ଏବେ ଯୁଦ୍ଧର ସୀମା ଓ ରଣନୀତିକ ଭୂଗୋଳକୁ ଏକ ନୂଆ ମୋଡ଼ ଦେଇଛି। ଇରାନ ସାର୍ବଜନୀନ ଭାବେ ସ୍ୱୀକାର କରିଛି ଯେ, ତା'ର କ୍ଷେପଣାସ୍ତ୍ରର ସୀମା ୨,୦୦୦ କିଲୋମିଟର ମଧ୍ୟରେ ସୀମିତ। କିନ୍ତୁ ଡିଏଗୋ ଗାର୍ସିଆ ଇରାନଠାରୁ ପ୍ରାୟ ୪,୦୦୦ କିମି ଦୂରରେ ଅବସ୍ଥିତ। ଯଦି ଇରାନ ଏହି ଦୂରତାକୁ ଲକ୍ଷ୍ୟ କରିବାକୁ ଚେଷ୍ଟା କରିଛି, ତେବେ ଏହାର ଅର୍ଥ ହେଉଛି ଇରାନ ପାଖରେ ଏମିତି କିଛି ଗୁପ୍ତ କ୍ଷମତା ଅଛି ଯାହା ବିଷୟରେ ବିଶ୍ୱ ଅବଗତ ନୁହେଁ। ଏହି ପ୍ରୟାସ ଦ୍ୱାରା ଇରାନ ଏବେ ପ୍ରମାଣ କରିବାକୁ ଚାହୁଁଛି ଯେ ଭାରତ ମହାସାଗର ଓ ଦକ୍ଷିଣ ୟୁରୋପର ଅନେକ ଅଞ୍ଚଳ ଏବେ ତାହାର ଲକ୍ଷ୍ୟଭେଦ ପରିସର ମଧ୍ୟକୁ ଆସିଯାଇଛି। ପ୍ରକୃତପକ୍ଷେ ଇରାନ ▶ପୃଷ୍ଠା-୭

### ଗ୍ୟାସ୍ ଦୋକାନରେ ଭୟଙ୍କର ବିସ୍ଫୋରଣ

## ଫାଟିଲା ଏକାଧିକ ସିଲିଣ୍ଡର; ଦୋକାନୀ ସମେତ ୩ ଆହତ



■ ଭୁବନେଶ୍ୱର, ୨୧।୩ (ସମିସ): ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର କେ-୪ ଟାଟା ଆରିୟନ ନିକଟରେ ଥିବା ଏକ ଗ୍ୟାସ ଦୋକାନରେ ଶନିବାର ଭୟଙ୍କର ବିସ୍ଫୋରଣ ହୋଇଛି। ଏକାଧିକ ଟାଙ୍କିରେ ନିଆଁ ଲାଗି ସେଗୁଡ଼ିକ ଫାଟିଯିବା ଯୋଗୁଁ ଭୟଙ୍କର ବିସ୍ଫୋରଣ ଘଟିଛି। ଗ୍ୟାସ ଦୋକାନରେ ଛୋଟ ବଡ଼ ମିଶି ପ୍ରାୟ ୬ଟି ଟାଙ୍କି ଫାଟିଯାଇଛି ବୋଲି ସୂଚନା ମିଳିଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ପାଖରେ ଥିବା ଏକ ହୋଟେଲ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଗ୍ୟାସ ଦୋକାନିଙ୍କ ସମେତ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ଗ୍ୟାସ ଦୋକାନିଙ୍କ ନାମ ବିଭୁ ବୋଲି ଜଣାପଡ଼ିଛି।

ବିଭୁଙ୍କ ମୁଣ୍ଡ,ହାତ, ଦେହରେ ଗଭୀର ଆଘାତ ଲାଗିଥିବା ବେଳେ ସେ ଅଧିକ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ଦୁଇ ଜଣଙ୍କ ପରିଚୟ ଜଣାପଡିନାହିଁ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଆନନ୍ଦ ବନ ନିକଟରେ ଏଭଳି ଏକ ବିସ୍ଫୋରଣ ଘଟଇଥିବାରୁ ଏଠାକୁ ଆସୁଥିବା ବହୁ ସଂଖ୍ୟକ ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତେବେ ବେଆଇନ ଭାବେ ଗ୍ୟାସ ରିଫିଲିଂ କରୁଥିବା ବେଳେ ଏହି ଅଘଟଣ ଘଟିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।


ମିଳିଥିବା ସୂଚନା ମୁତାବକ, ସକାଳ ୯ଟା ବେଳେ ବିଭୁ ଗ୍ୟାସ ଦୋକାନ ଖୋଲିଥିଲେ। ସେ ଗୋଟିଏ ଟାଙ୍କିରୁ ଅନ୍ୟ ଏକ ଛୋଟ ଟାଙ୍କିରେ ଗ୍ୟାସ ରିଫିଲିଂ କରୁଥିଲେ। ସେହି ସମୟର ହଠାତ୍ ଟାଙ୍କିଟି ବିସ୍ଫୋରଣ ହୋଇଥିଲା। ଏହା ଫଳରେ ଅନ୍ୟ ଗ୍ୟାସ ଭର୍ତ୍ତି ଟାଙ୍କି ଗୁଡ଼ିକ ମଧ୍ୟ ଫାଟିବାକୁ ଲାଗିଥିଲା। ଏହି ବିସ୍ଫୋରଣ ଭୟଙ୍କର ରୁପ ଧାରଣ କରିଥିଲା। ଟାଙ୍କିର ଲୁହା ପ୍ଲେଟ ଟୁକୁଡାଗୁଡ଼ିକ ଉଡ଼ିବାକୁ ଲାଗିଥିଲା। ଦେଖୁ ଦେଖୁ ଦୋକାନ ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଆକାଶ ଧୂଆଁମୟ ହୋଇ ଯାଇଥିଲା। ବିସ୍ଫୋରଣରେ ଗ୍ୟାସ ଦୋକାନଟି ପୋଡି ପାଉଁଶ ହୋଇଯାଇଥିଲା। ଏହା ସହ ନିକଟରେ ଥିବା ଏକ ହୋଟେଲ ମଧ୍ୟ କ୍ଷତିଗ୍ରସ୍ତ ଯାଇଥିଲା। ଗ୍ୟାସ ଟାଙ୍କିର ଲୁହା ଖଣ୍ଡ ଉଡି ଏଗାର କେଭି ତାର ମଧ୍ୟ ଛିଣ୍ଡି ଯାଇଥିଲା। ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳ ଭୟର ▶ପୃଷ୍ଠା-୭

### ରାଜଧାନୀର ଭିଭିଆଇପି ଅଞ୍ଚଳରେ ଆତଙ୍କ ଖେଳାଇଲେ ୨୦ ଦୁର୍ବୃତ୍ତ

# ପ୍ରତାପ ଜେନାଙ୍କ ଘର ଉପରେ ସଂଘବଦ୍ଧ ଆକ୍ରମଣ

■ ଭୁବନେଶ୍ୱର, ୨୧।୩ (ସମିସ): ରାଜଧାନୀରେ ପୂର୍ବତନ ମନ୍ତ୍ରୀଙ୍କୁ ଟାର୍ଗେଟ କରି ତାଙ୍କ ଘର ଉପରକୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ ହୋଇଛି। ୟୁନିଟ-୬ସ୍ଥିତ ଭିଭିଆଇପି ଅଞ୍ଚଳର ବିଧାୟକମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ସରକାରୀ ବାସଭବନରେ ପ୍ରବେଶ କରି ଦୁର୍ବୃତ୍ତମାନେ ନାରକୀୟ କାଣ୍ଡ ଘଟାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧୧ଟା ସମୟରେ ୧୫ରୁ ୨୦ଜଣ ଅସାମାଜିକ ଯୁବକ ଏକାଧିକ ବାଇକରେ ଆସି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରତାପ ଜେନାଙ୍କ ୟୁନିଟ-୬ କ୍ୱାର୍ଟର୍ସ ନଂ ଭିଆଇଆର୍/୫ ସମ୍ମୁଖରେ ପହଞ୍ଚି ଫାଟକ ସମ୍ମୁଖରେ ବାଣ ଫୁଟାଇଲେ। ପ୍ରଥମେ ଶ୍ରୀ ଜେନା ଅଛନ୍ତି କି ନାହିଁ ବୋଲି ପଚାରିଥିଲେ। ନାହାନ୍ତି ଜାଣିବା ପରେ ଘର ସାମ୍ନାରେ ଏକାଧିକ ବାଣ ଫୁଟାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ କ୍ୟାମ୍ପସ ଭିତରେ ଧସେଇ ପଶିଲେ। ଏହାକୁ ବିରୋଧ କରିବାରୁ ପ୍ରତାପଙ୍କ ଘରେ ଥିବା ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇବା ସହ ଗେଟ୍‌କୁ ଦୁଇଟି ବୋମା ମାଡ଼ କରିଥିଲେ। ବନ୍ଧୁକରେ ଫଲ୍ସ ଫାୟରିଂ କରି ଡରାଇବା ସହ ପ୍ରତାପଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଶ୍ରୀ ଜେନାଙ୍କ ସିକ୍ୟୁରିଟି ଗାର୍ଡଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ପରେ ଏକ ଘଣ୍ଟା ଧରି ଘଟଣାସ୍ଥଳରେ ମାରିବୁ, ହାଣିବୁ କହି ଆତଙ୍କରାଜ ସୃଷ୍ଟି କଲେ। ଏହାର ଭିଡିଓକୁ ରେକର୍ଡ କରି ସୋସିଆଲ ମିଡିଆରେ ଭାଇରାଲ କଲେ। କିନ୍ତୁ ଘଟଣାସ୍ଥଳରେ ପୁଲିସର ଦେଖା ମିଳି ନ ଥିଲା। ନାଇଟ୍ ପେଟ୍ରୋଲିଂ, ନାକା ବ୍ଲକିଂ ସବୁକିଛି ଫେଲ୍ ମାରିଥିଲା। ସୋସିଆଲ୍ ମିଡିଆରେ ପ୍ରତାପ ଭିଡିଓ ପୋଷ୍ଟ କରି ସୁରକ୍ଷା ଲୋଡ଼ିବା ସହ ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କୁ ଜଣାଇ ▶ପୃଷ୍ଠା-୭



**ଘର ଆଗରେ ବାଣ ଫୁଟାଇ ସିକ୍ୟୁରିଟି ଗାର୍ଡଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଲେ**

**ଜୀବନରୁ ମାରିଦେବା ପାଇଁ ପ୍ରତାପଙ୍କୁ ଧମକ; ବଢ଼ିଲା ଘରର ସୁରକ୍ଷା**


**ଚାପ ବଢ଼ିବା ପରେ ୨ଜଣଙ୍କୁ ବାନ୍ଧିଲା ପୁଲିସ, ଲାଗିଲା ହତ୍ୟା ଅଭିଯୋଗ ଦଫା**

### ନବୀନଙ୍କ ଦୃଢ଼ ନିନ୍ଦା

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ କୁଶାସନର ନଗ୍ନ ଉଦାହରଣ

■ ଭୁବନେଶ୍ୱର,୨୧।୩(ସମିସ): ବିଜେଡିର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବାସଭବନ ଉପରେ ଶୁକ୍ରବାର ରାତିରେ ହୋଇଥିବା ସଶସ୍ତ୍ର ଆକ୍ରମଣକୁ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ତୀବ୍ର ନିନ୍ଦା କରିଛନ୍ତି।

ସାମାଜିକ ଗଣମାଧ୍ୟମରେ ଏ ସଂପର୍କରେ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ରାଜ୍ୟସଭା ନିର୍ବାଚନରେ ଯେଉଁମାନେ ଟଙ୍କା ବଳରେ ଗଣତନ୍ତ୍ରକୁ ଅପମାନିତ କଲେ, ସେମାନଙ୍କ ନିର୍ଦ୍ଦେଶରେ ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ହିଂସାକାଣ୍ଡ ଭିଆଇଲେ। ଏହା ଦୁଇଟି ଅଲଗା ଘଟଣା ନୁହେଁ; ବରଂ କୁଶାସନ ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ▶ପୃଷ୍ଠା-୭




"ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ସଜାଡ଼ନ୍ତୁ ମୁଖ୍ୟମନ୍ତ୍ରୀ"

### ବିଶ୍ୱର 'ବସ୍' ହେବାକୁ ଯାଇ ଫସିଗଲେ ଟ୍ରମ୍ପ

# ଇରାନ ତୈଳ କ୍ରୟରୁ ହଟାଇଲେ କଟକଣା

■ ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ନୋବେଲ ଶାନ୍ତି ନ ପାଇ ଅଶାନ୍ତ ହୋଇ ପଡ଼ିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ବସ୍ ହେବାକୁ ଚାହୁଁଛନ୍ତି। ସେ ଭେନେଜୁଏଲା ପରି ଇରାନକୁ କବ୍‌ଜା କରିବେ ବୋଲି ଭାବି ଥିଲେ। ଭେନେଜୁଏଲା ତୈଳ ଭଣ୍ଡାରକୁ ନିଜ ନିୟନ୍ତ୍ରଣରେ ନେଇଥିବା ଟ୍ରମ୍ପ ଇରାନରେ ସମାନ ପଦକ୍ଷେପ ନେବାକୁ ଯୋଜନା କରିଥିଲେ। ମାତ୍ର ଏହା ସଫଳ ହୋଇପାରି ନାହିଁ। ଏଥିପାଇଁ ଟ୍ରମ୍ପ ଫସି ଯାଇଛନ୍ତି। ଇରାନର ପ୍ରତି ଆକ୍ରମଣରେ ଇସ୍ରାଏଲ, ଆମେରିକା ଏବଂ ଏହାର ମିତ୍ର ରାଷ୍ଟ୍ରଗୁଡ଼ିକ ଘାଇଲା ହୋଇ ଯାଇଛନ୍ତି। ଉପସାଗରୀୟ ଦେଶରେ ଥିବା ଆମେରିକା ସେନା ଘାଟୀରେ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରି ଇରାନ ଆତଙ୍କ ସୃଷ୍ଟି କରିଛି। ଇସ୍ରାଏଲର ଆକ୍ରମଣକୁ ଜବାବ ଦେଇ ଇରାନ କାତାର ଗ୍ୟାସ୍ ଫିଲ୍ଡରେ ଆକ୍ରମଣ କରିଛି। ଏହି ସବୁ ଘଟଣାକ୍ରମ ପାଇଁ ବିଶ୍ୱରେ ଅଶୋଧିତ ତୈଳ ଏବଂ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇଛି। ବିଶ୍ୱରେ ଶକ୍ତି ସଙ୍କଟ ଘନଉଛି। ଏପରି ସ୍ଥିତିରେ ଟ୍ରମ୍ପଙ୍କ ଆସନ ଟଳମଳ ହୋଇଛି। ସେ ସହଯୋଗୀ ରାଷ୍ଟ୍ର ଏବଂ ନିଜ ଦେଶରେ ସମାଲୋଚନାର ସରବ୍ୟ ହେଉଛନ୍ତି। ଶେଷରେ ଯୁଦ୍ଧ ମଧ୍ୟରେ ଇରାନ ତୈଳ କ୍ରୟ ଉପରେ ଲଗାଯାଇଥିବା କଟକଣାକୁ ହଟାଇବା ପାଇଁ ଟ୍ରମ୍ପ ପ୍ରଶାସନ ବାଧ୍ୟ ହୋଇଛି। ଇରାନ ତୈଳ କ୍ରୟ ଉପରୁ ଆମେରିକା କଟକଣା ପ୍ରତ୍ୟାହାର କରି ନେଇଛି। ମାତ୍ର ୩୦ ଦିନ ପାଇଁ ଏହି ଆଶ୍ୱସ୍ତି ଦିଆଯାଇଛି ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ବର୍ଦ୍ଧିତ ତୈଳ ▶ପୃଷ୍ଠା-୭



**୩୦ ଦିନ ପାଇଁ ମିଳିଲା ଆଶ୍ୱସ୍ତି**

**ବିଶ୍ୱ ବଜାରକୁ ଆସିବ ୧୪ କୋଟି ବ୍ୟାରେଲ ତୈଳ**

## ଆମେରିକା ବଜାର ଧରାଶାୟୀ

### ବୁଡ଼ିଗଲା ୯୪ ଲକ୍ଷ କୋଟି

■ ୱାସିଂଟନ, ୨୧।୩ (ଏଜେନ୍ସି): ଇରାନ ଆକ୍ରମଣ କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫସି ଯାଇଛନ୍ତି। ଏହି ଯୁଦ୍ଧ ଟ୍ରମ୍ପଙ୍କୁ ବିଚଳିତ କରିଦେଇଛି। ଚାରିପଟୁ ଘେରି ହୋଇ ପଡ଼ିଥିବା ପୋଟୁସ ନିଜ ଦେଶର ଆର୍ଥିକ ସ୍ଥିତିକୁ ସମ୍ଭାଳି ପାରୁନାହାନ୍ତି। ଲୋକପ୍ରିୟତା ହରାଇ ଚାଲିଥିବା ସତ୍ତ୍ୱେ ଟ୍ରମ୍ପ ଅନ୍ୟ ଦେଶକୁ ଧମକ ଦେଇ ଚାଲିଥିବାବେଳେ ଯୁଦ୍ଧ ପାଇଁ ଆମେରିକା ସେୟାର ବଜାର ଧରାଶାୟୀ ହୋଇଯାଇଛି। କ୍ରମାଗତ ଚତୁର୍ଥ ସପ୍ତାହରେ ସେୟାର ବଜାରରେ ହ୍ରାସ ଦେଖା ଦେଇଛି। ଏସଆଣ୍ଡପି୫୦୦ ଇଣ୍ଡେକ୍ସ ଗତ ସପ୍ତାହରେ ୨.୫୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଏହା ଦ୍ୱାରା ବଜାର ପୁଞ୍ଜି ୧ ଟ୍ରିଲିୟନ ଡଲାରରୁ ଅଧିକ ▶ପୃଷ୍ଠା-୭



**ମାସକରେ ବୁଡ଼ିଲାଣି ୨୮୨ ଲକ୍ଷ କୋଟି**



ସକାଳ THE SAKALA
www.sakalaepaper.com

## ଖାମନେଇଙ୍କ ମୃତ୍ୟୁ ପାଇଁ ଇଦ୍ ପାଳିଲେନି ସିଆ ସମୁଦାୟ

ଜୟପୁର, ୨୧।୩(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କ ମୃତ୍ୟୁ ପରେ ରାଜସ୍ଥାନର ସିଆ ସମୁଦାୟ ଚଳିତ ବର୍ଷ ଇଦ୍ ପାଳନ ନ କରିବାକୁ ଏବଂ ଶୋକ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୮୬ ବର୍ଷୀୟ ଖାମନେଇଙ୍କର ଆମେରିକା ଓ ଇସ୍ରାଏଲ ପକ୍ଷରୁ କରାଯାଇଥିବା ଏକ ବଡ଼ ଧରଣର ଆକ୍ରମଣରେ ମୃତ୍ୟୁ ଘଟିଥିବା ନେଇ ମାର୍ଚ୍ଚ ୧ରେ ଇରାନର ସରକାରୀ ଟେଲିଭିଜନ ତରଫରୁ ଘୋଷଣା କରାଯାଇଥିଲା। ସମୁଦାୟର ସଦସ୍ୟମାନେ ହାତରେ କଳା ରଙ୍ଗର ବ୍ୟାଣ୍ଡ ପିନ୍ଧିବେ ଓ ସମସ୍ତ ପାରମ୍ପରିକ ଉତ୍ସବରୁ ନିଜକୁ ଦୂରେଇ ରଖିବେ। ଆମେର ରୋଡସ୍ଥିତ ସିଆ ଜାମା ମସଜିଦର ଇମାମ ସୟଦ ନାଜିସ ଆକବର କାଜମୀଙ୍କ କହିବା ଅନୁଯାୟୀ, ଏହି ବର୍ଷ କୌଣସି ପ୍ରକାର ଉତ୍ସବ ପାଳନ କରାଯିବ ନାହିଁ। ଘରେ ସିମେଇ କିମ୍ବା ଅନ୍ୟ କୌଣସି ମିଠା ତିଆରି ହେବ ନାହିଁ। ଲୋକମାନେ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଇବେ ନାହିଁ। କୌଣସି ନୂଆ ପୋଷାକ କିଣାଯିବ ନାହିଁ କିମ୍ବା ସମ୍ପର୍କୀୟଙ୍କୁ ଉପହାର ଦିଆଯିବ ନାହିଁ। ରାଜସ୍ଥାନର ସିଆ ସମୁଦାୟ ପାଇଁ ଏହି ବର୍ଷର ଇଦ୍ ଏକ ଉତ୍ସବ ନୁହେଁ, ବରଂ ଶୋକର ସମୟ। ସେମାନେ ନିଜର ଆଧ୍ୟାତ୍ମିକ ନେତାଙ୍କ ପ୍ରତି ସମ୍ମାନ ଜଣାଇବା ପାଇଁ ଏଭଳି କଠୋର ପଦକ୍ଷେପ ନେଇଛନ୍ତି।

## ମଥୁରାରେ ସାଧୁଙ୍କ ମୃତ୍ୟୁକୁ ନେଇ ରଣକ୍ଷେତ୍ର

ମଥୁରା, ୨୧।୩(ଏଜେନ୍ସି): ଉତ୍ତରପ୍ରଦେଶର ମଥୁରାରେ ଜଣେ ଜଣାଶୁଣା ସାଧୁ ଚନ୍ଦ୍ରଶେଖର ସିଂହ (୪୫) ଟ୍ରକ୍ ଚାପାରେ ମୃତ୍ୟୁ ହେବା ପରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକମାନେ ଦିଲ୍ଲୀ-ମଥୁରା ରାଜପଥ ଜାମ୍ କରିବା ସହ ପୁଲିସ ଉପରକୁ ପଥର ମାଡ଼ କରିଛନ୍ତି। ଫଳରେ ଅନେକ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ତେବେ ଏହି ଘଟଣାକୁ ନେଇ ଦୁଇଟି ଭିନ୍ନ ମତ ଦେଖିବାକୁ ମିଳିଛି। ବାବାଙ୍କ ସହଯୋଗୀଙ୍କ କହିବା ଅନୁଯାୟୀ, ଶନିବାର ସକାଳେ ଏହି ଟ୍ରକ୍‌ରେ ଗୋ-ବଂଶ ଚାଲାଣ ହେଉଥିବା ଖବର ପାଇ ବାବା ନିଜ ଶିଷ୍ୟଙ୍କ ସହ ବାଇକ୍‌ରେ ସେହି ଟ୍ରକ୍‌ର ପିଛା କରିଥିଲେ। ସେ ଟ୍ରକକୁ ଅଟକାଇବା ପାଇଁ ସାମ୍ନାରେ ଛିଡ଼ା ହୋଇଥିବା ବେଳେ ଡ୍ରାଇଭର ବେଗ ବଢ଼ାଇ ତାଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲା। ଏହା ଏକ ପରିକଳ୍ପିତ ହତ୍ୟା ବୋଲି ସେମାନେ ଦାବି କରିଛନ୍ତି। ଅନ୍ୟପଟେ ଏହା ଏକ ଦୁର୍ଘଟଣା ବୋଲି ପୁଲିସ କହିଛି। କୁହୁଡି ଯୋଗୁଁ ଏକ ତେଲ ବୋଝେଇ ଟ୍ରକ୍ ସାମ୍ନାରେ ଛିଡ଼ା ହୋଇଥିବା କଣ୍ଟେନରକୁ ପଛରୁ ଧକ୍କା ଦେଇଥିଲା, ଯାହା ଚାପରେ ବାବାଙ୍କ ମୃତ୍ୟୁ ଘଟିଛି। ପୁଲିସ ମୃତଦେହ ଜବତ କରିବାକୁ ଚେଷ୍ଟା କରୁଥିବା ବେଳେ ହଜାର ହଜାର ଲୋକ ଆକ୍ରମଣ କରିଥିଲେ। ପୁଲିସର ୫ରୁ ୬ଟି ଗାଡ଼ି ଭାଙ୍ଗିଦିଆଯାଇଛି। ସ୍ଥିତି ନିୟନ୍ତ୍ରଣ କରିବାକୁ ପୁଲିସ ଲାଠିଚାର୍ଜ କରିବା ସହ ଲୁହବୁହା ଗ୍ୟାସ ପ୍ରୟୋଗ କରିଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି। ୬ଟି ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ମିଳିବା ପରେ ଲୋକମାନେ ଶାନ୍ତ ପଡ଼ିଥିଲେ ଏବଂ ବାବାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

## ଆଫଗାନିସ୍ତାନକୁ ଚିକିତ୍ସା ସହାୟତା ପଠାଇଲା ଭାରତ

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ରାଜଧାନୀ କାବୁଲ୍‌ରେ ପାକିସ୍ତାନ ପକ୍ଷରୁ ହୋଇଥିବା ବିମାନ ଆକ୍ରମଣ ପରେ ଭାରତ ଆଫଗାନିସ୍ତାନକୁ ସହାୟତାର ହାତ ବଢ଼ାଇଛି। ମାର୍ଚ୍ଚ ୧୬ରେ କାବୁଲର ଏକ ନିଶା ନିବାରଣ କେନ୍ଦ୍ର ଉପରେ ପାକିସ୍ତାନ କରିଥିବା ଭୟଙ୍କର ବିମାନ ଆକ୍ରମଣରେ ୪୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ୨୫୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହି ମାନବୀୟ ସଙ୍କଟ ସମୟରେ ଭାରତ ଶୁକ୍ରବାର ଦିନ ଆଫଗାନିସ୍ତାନକୁ ଜରୁରୀକାଳୀନ ସହାୟତା ପଠାଇଛି। ଭାରତ ୨.୫ ଟନ୍ ଓଜନର ଜରୁରୀକାଳୀନ ଔଷଧ, ମେଡିକାଲ କିଟ୍ ଓ ଅନ୍ୟାନ୍ୟ ଚିକିତ୍ସା ଉପକରଣ କାବୁଲକୁ ପଠାଇଛି। ପାକିସ୍ତାନର ଏହି ଜଘନ୍ୟ ଆକ୍ରମଣରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କ ଶୀଘ୍ର ଆରୋଗ୍ୟ ଓ ଉପଯୁକ୍ତ ଚିକିତ୍ସା ପାଇଁ ଏହି ସହାୟତା ପ୍ରଦାନ କରାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି ଯେ ଭାରତ ଆଫଗାନିସ୍ତାନର ଜନସାଧାରଣଙ୍କ ସହ ସହଭାଗିତାରେ ଛିଡ଼ା ହୋଇଛି ଓ ଏହି କଠିନ ସମୟରେ ସମସ୍ତ ସମ୍ଭାବ୍ୟ ମାନବୀୟ ସହାୟତା ଜାରି ରଖିବ। ପୂର୍ବରୁ ପାକିସ୍ତାନର ଏହି ଆକ୍ରମଣକୁ ଭାରତ କଡ଼ା ଭାଷାରେ ନିନ୍ଦା କରିଥିଲା।

## 'ନନ୍-କଣ୍ଟାକ୍ଟ ୱାର୍‌ଫେୟାର' ପାଇଁ ଭାରତର ପ୍ରସ୍ତୁତି

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ଇରାନ- ଇସ୍ରାଏଲ ଯୁଦ୍ଧ ଓ ବିଶ୍ୱରେ ବଦଳୁଥିବା ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଏବେ 'ନନ୍-କଣ୍ଟାକ୍ଟ ୱାରଫେୟାର' ଅର୍ଥାତ ବିନା ସଂଘର୍ଷରେ ଦୂରରୁ ଯୁଦ୍ଧ କରିବା ପାଇଁ ନିଜକୁ ପ୍ରସ୍ତୁତ କରୁଛି। ଏଥିପାଇଁ ସରକାର ୨, ୧୯, ୩୦୬ କୋଟି ଟଙ୍କା ବିନିମୟରେ ୬ଟି ବୃହତ ଅତ୍ୟାଧୁନିକ ପ୍ରତିରକ୍ଷା ପ୍ରକଳ୍ପ ଉପରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ପ୍ରତିରକ୍ଷା ପ୍ରକଳ୍ପର ମୁଖ୍ୟ ଆକର୍ଷଣ ହେଲା ଅନନ୍ତ ଅସ୍ତ୍ର, ସ୍ୱଦେଶୀ ଏସ୍-୪୦୦, ୫ମ ଓ ଷଷ୍ଠ ପିଢ଼ିର ଯୁଦ୍ଧ ବିମାନ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଓ ସାଇବର ପ୍ରତିରକ୍ଷା। ଅନନ୍ତ ଅସ୍ତ୍ର ହେଉଛି ଏକ କ୍ୱିକ୍ ରିଆକ୍ସନ ସର୍ଫେସ-ଟୁ- ଏୟାର ମିସାଇଲ ସିଷ୍ଟମ। ଏହା ପଲକ ପଡ଼ିବା ମାତ୍ରେ ଶତ୍ରୁର ଏକାଧିକ ଡ୍ରୋନ ଓ ନିମ୍ନ ଅଞ୍ଚଳରେ ଉଡୁଥିବା ବିମାନକୁ ଧ୍ୱଂସ କରିବାରେ ସକ୍ଷମ। ଫେବୃଆରୀ ୧ରେ ଉପସ୍ଥାପିତ ବଜେଟରେ ପ୍ରତିରକ୍ଷା କ୍ଷେତ୍ର ପାଇଁ ମୋଟ୍ ୭.୮୪ ଲକ୍ଷ କୋଟି ଟଙ୍କା ବରାଦ କରାଯାଇଛି। ଏହା ଗତବର୍ଷ ତୁଳନାରେ ୧୫ ପ୍ରତିଶତ ଅଧିକ। ବିଗତ ୧୦ ବର୍ଷ ମଧ୍ୟରେ ଏହା ପ୍ରତିରକ୍ଷା ବଜେଟରେ ସବୁଠାରୁ ବଡ଼ ବୃଦ୍ଧି। ଏହି ବୃଦ୍ଧି ପଛରେ ଅପରେସନ ସିନ୍ଦୂରର ପ୍ରଭାବ ଥିବା କୁହାଯାଉଛି, ଯାହା ପାକିସ୍ତାନ ବିରୋଧରେ ଏବେ ମଧ୍ୟ ଜାରି ରହିଛି। ସମୁଦ୍ର ମାର୍ଗରେ ଶତ୍ରୁର ଆକ୍ରମଣକୁ ବିଫଳ କରିବା ପାଇଁ 'ଆଡଭାନ୍ସ ଟର୍ପିଡ଼ୋ ଡିଫେନ୍ସ ସିଷ୍ଟମ' ଏବଂ ଆଣ୍ଟି ଡ୍ରୋନ୍ ସିଷ୍ଟମ ବିକଶିତ କରାଯାଉଛି। ଏହାସହ ଅସ୍ତ୍ର, ନାଗ ଏବଂ ଧ୍ରୁବାସ୍ତ୍ର କ୍ଷେପଣାସ୍ତ୍ରର ମାର୍କ-୨ ସଂସ୍କରଣ ଉପରେ ମଧ୍ୟ କାମ ଚାଲିଛି।

# ଇରାନର ନତାଞ୍ଜ ପରମାଣୁ କେନ୍ଦ୍ର ଉପରେ ପୁଣି ଆକ୍ରମଣ

- ଲେବାନନ୍‌ରେ ଇସ୍ରାଏଲର ଭୟଙ୍କର ବୋମା ମାଡ଼
- ଆମେରିକା ସହାୟତା ମାଗିବା ଖବରକୁ ଭାରତର ପ୍ରତ୍ୟାଖ୍ୟାନ

ଦୁବାଇ/ତେହରାନ, ୨୧।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଚତୁର୍ଥ ସପ୍ତାହରେ ପହଞ୍ଚିଥିବା ବେଳେ ଶନିବାର ଇରାନର ମୁଖ୍ୟ ପରମାଣୁ ସମୃଦ୍ଧକରଣ କେନ୍ଦ୍ର ନତାଞ୍ଜ ଉପରେ ପୁଣି ବିମାନ ଆକ୍ରମଣ ହୋଇଛି। ତେବେ ଏହି ଆକ୍ରମଣ ଯୋଗୁଁ କୌଣସି ପ୍ରକାର ରେଡିଓଆକ୍ଟିଭ୍ କିମ୍ବା ବିକିରଣ ଲିକ୍ ହୋଇ ନ ଥିବା ଇରାନର ସରକାରୀ ସମ୍ବାଦ ସଂସ୍ଥା 'ମିଜାନ ସୂଚନା' ଦେଇଛି। ରାଜଧାନୀ ତେହେରାନଠାରୁ ୨୨୦ କିମି ଦୂରରେ ଥିବା ଏହି କେନ୍ଦ୍ରଟି ଯୁଦ୍ଧର ପ୍ରଥମ ସପ୍ତାହରେ ମଧ୍ୟ ଆକ୍ରମଣ ଶିକାର ହୋଇଥିଲା। ୨୦୨୫ ଜୁନ୍‌ରେ ଇସ୍ରାଏଲ ଓ ଆମେରିକା ଦ୍ୱାରା ହୋଇଥିବା ୧୨ ଦିନିଆ ଯୁଦ୍ଧ ସମୟରେ ମଧ୍ୟ ଏହାକୁ ଟାର୍ଗେଟ କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମରିକ ଅପରେସନ ଶେଷ ହେବାକୁ ଯାଉଛି ବୋଲି କହୁଥିବା ବେଳେ ଆମେରିକା ସେଠାକୁ ଅତିରିକ୍ତ ୨, ୫୦୦ ମାରିନ ସୈନ୍ୟ ଓ ଦୁଇଟି ଯୁଦ୍ଧ ଜାହାଜ ପଠାଉଛି।

ମଧ୍ୟପ୍ରାଚ୍ୟରେ ଚାଲୁଥିବା ଯୁଦ୍ଧ ଅତି ଭୟଙ୍କର ରୂପ ଧାରଣ କରିଛି। ଇସ୍ରାଏଲର ସାମରିକ ବାହିନୀ ଲେବାନନର ରାଜଧାନୀ ବେରୁଟ୍‌ର ଦକ୍ଷିଣ ଉପକଣ୍ଠରେ ଥିବା ହିଜବୁଲ୍ଲା ଆଡ୍ଡାଗୁଡ଼ିକ ଉପରେ ଏକ ବଡ଼ ଧରଣର ବିମାନ ଆକ୍ରମଣ କରିଛି। ଏହି ଆକ୍ରମଣ ପରେ ସାରା ସହରରେ ନିଆଁ ଓ କଳା ଧୂଆଁର ଆସ୍ତରଣ ଦେଖିବାକୁ ମିଳିଛି। ଅଲ ଜଜିରା ରିପୋର୍ଟ ଅନୁଯାୟୀ, ଇସ୍ରାଏଲ ପକ୍ଷରୁ ଅନେକ ଜନବହୁଳ ଅଞ୍ଚଳ ଖାଲି କରିବାକୁ ଚେତାବନୀ ଦିଆଯିବା ପରେ ଏହି ବୋମା ମାଡ଼ କରାଯାଇଥିଲା। ବିସ୍ଫୋରଣର ଶବ୍ଦ ସାରା ବେରୁଟ ସହରରେ ଶୁଣିବାକୁ ମିଳିଥିଲା। ଲେବାନନ କର୍ତ୍ତୃପକ୍ଷ ଅନୁଯାୟୀ, ଇସ୍ରାଏଲର



ଏହି କ୍ରମାଗତ ଆକ୍ରମଣରେ ଏପର୍ଯ୍ୟନ୍ତ ୧, ୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ସେହିପରି ୧୦ଲକ୍ଷରୁ ଅଧିକ ଲୋକ ନିଜ ଘରଦ୍ୱାର ଛାଡ଼ି ବିସ୍ଥାପିତ ହୋଇଛନ୍ତି। ହିଜବୁଲ୍ଲା ମଧ୍ୟ ଇସ୍ରାଏଲ ଉପରକୁ ପଲଟା ରକେଟ ମାଡ଼ କରିଛି।

ଇରାନ ଉପରେ ବୋମାମାଡ଼ କରିବା ପାଇଁ ଆମେରିକା ଭାରତର ପଶ୍ଚିମାଞ୍ଚଳର ସାମରିକ ଘାଟି ବ୍ୟବହାର କରିବାକୁ ଅନୁମତି ମାଗିଥିବା ନେଇ ସାମାଜିକ ଗଣମାଧ୍ୟମରେ ଚାଲିଥିବା ଚର୍ଚ୍ଚା ଓ ଖବରକୁ କେନ୍ଦ୍ର ସରକାର ଶନିବାର ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହି ଖବରକୁ ଭିତ୍ତିହୀନ ଓ ମିଥ୍ୟା ବୋଲି କହିଛି। ସୂଚନାଯୋଗ୍ୟ ଯେ ୨୦୧୬ରେ ଭାରତ ଓ ଆମେରିକା ମଧ୍ୟରେ ଲଜିଷ୍ଟିକ ଏକ୍ସଚେଞ୍ଜ୍ ମେମୋରାଣ୍ଡମ ଅଫ୍ ଏଗ୍ରିମେଣ୍ଟ (ଏଲଇଏମ୍‌ଓଏ) ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ, ଉଭୟ ଦେଶ ପରସ୍ପର ସାମରିକ ସୁବିଧାକୁ କେବଳ ଲଜିଷ୍ଟିକ୍ ସହାୟତା ଯଥା ଇନ୍ଧନ ଭରିବା ଓ ମରାମତି ପାଇଁ ବ୍ୟବହାର କରିପାରିବେ। କିନ୍ତୁ, ଏହି ଚୁକ୍ତି ଅଧୀନରେ କୌଣସି ଅନ୍ୟ ଦେଶର ମାଟି ବ୍ୟବହାର କରି କାହା ଉପରେ ସାମରିକ ଆକ୍ରମଣ କରିପାରିବେ ନାହିଁ। ନିକଟରେ ଆମେରିକା ଶ୍ରୀଲଙ୍କା ନିକଟରେ ଏକ ଇରାନ ଯୁଦ୍ଧ ଜାହାଜକୁ ବୁଡ଼ାଇ ଦେଇଥିଲା, ଯାହାପରେ ଭାରତର ସମ୍ପୃକ୍ତିକୁ ନେଇ ମିଥ୍ୟା ଖବର ପ୍ରସାରିତ ହୋଇଥିଲା। ଫେବୃଆରୀ ୨୮ରେ ଇସ୍ରାଏଲ ଓ ଆମେରିକା ଦ୍ୱାରା ତେହରାନ ଉପରେ ହୋଇଥିବା ଆକ୍ରମଣ ପରେ ଇରାନ ମଧ୍ୟ ପାଲଟା ଆକ୍ରମଣ କରିଥିଲା। ଏହି ଯୁଦ୍ଧ ପରିସ୍ଥିତି ମଧ୍ୟରେ ଗୁଜବ ଆହୁରି ତେଜିଥିଲା। ଅପରପକ୍ଷରେ ବ୍ରିଟେନ ଆମେରିକାକୁ ତା'ର ସାମରିକ ଘାଟି ବ୍ୟବହାର କରିବାକୁ ଦେଇଛି, ଯାହାଦ୍ୱାରା ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳକୁ ସୁରକ୍ଷିତ ରଖାଯାଇପାରିବ। ତେବେ ବ୍ରିଟେନ ଏହି ଯୁଦ୍ଧରେ ସିଧାସଳଖ ସାମିଲ ହେବାକୁ ମନା କରିଦେଇଛି।

## ପ୍ରଧାନମନ୍ତ୍ରୀ ଓ ଇରାନ ରାଷ୍ଟ୍ରପତିଙ୍କ ମଧ୍ୟରେ ଆଲୋଚନା

**ତୈଳ, ଗ୍ୟାସ୍ କେନ୍ଦ୍ର ଉପରେ ଆକ୍ରମଣକୁ ନିନ୍ଦା**

ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନଙ୍କ ସହ ଟେଲିଫୋନ ଯୋଗେ କଥା ହୋଇଛନ୍ତି। ପଶ୍ଚିମ ଏସିଆରେ ଚାଲିଥିବା ଭୟଙ୍କର ଯୁଦ୍ଧ ପରିସ୍ଥିତି ମଧ୍ୟରେ ଏହି ଆଲୋଚନା ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେହେଉଛି। ପ୍ରଧାନମନ୍ତ୍ରୀ ଇରାନ ରାଷ୍ଟ୍ରପତିଙ୍କୁ ଇଦ୍ ଓ ଇରାନ ନବବର୍ଷ ନଭରୋଜ ପାଇଁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ପଶ୍ଚିମ ଏସିଆରେ ଶୀଘ୍ର ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଫେରିଆସୁ ବୋଲି ମୋଦୀ ଆଶା ପ୍ରକାଶ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଯଥା ତୈଳ ଓ ଗ୍ୟାସ୍ କେନ୍ଦ୍ର ଉପରେ ହେଉଥିବା ଆକ୍ରମଣକୁ ମୋଦୀ କଠୋର ଭାଷାରେ ନିନ୍ଦା କରିଛନ୍ତି। ସେ ଚେତାବନୀ ଦେଇ କହିଛନ୍ତି ଯେ ଏଭଳି ଆକ୍ରମଣ ଆଞ୍ଚଳିକ ସ୍ଥିରତା ପାଇଁ ବିପଦ ସୃଷ୍ଟି କରିବା ସହ ବିଶ୍ୱର ଯୋଗାଯୋଗ ଶୃଙ୍ଖଳାରେ ମଧ୍ୟ ବିଭ୍ରାଟ କରୁଛି। ସୂଚନାଯୋଗ୍ୟ ଯେ, ଭାରତ ଉଭୟ ଇସ୍ରାଏଲ ଓ ଇରାନ ସହ ଭଲ ସମ୍ପର୍କରେ ଅଛି। ତେଣୁ ଯୁଦ୍ଧକୁ ରୋକିବା ଏବଂ କୂଟନୈତିକ ସମାଧାନ ପାଇଁ ଭାରତର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

**ନେତନ୍ୟାହୁଙ୍କ ମାଷ୍ଟର ପ୍ଲାନ**

## ମଧ୍ୟପ୍ରାଚ୍ୟର ଶକ୍ତି ମାନଚିତ୍ର ବଦଳାଇବାକୁ ଯୋଜନା

ଜେରୁଜେଲମ, ୨୧।୩(ଏଜେନ୍ସି): ମଧ୍ୟପ୍ରାଚ୍ୟର ଭୂ- ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଆଣିବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଛନ୍ତି। ଏହି ଯୋଜନା ଅନୁଯାୟୀ, ଆରବ ଦେଶରୁ ଇସ୍ରାଏଲ ଦେଇ ୟୁରୋପ ପର୍ଯ୍ୟନ୍ତ ଏକ ବିଶାଳ ଗ୍ୟାସ ଓ ତେଲ ପାଇପଲାଇନ୍ ବିଛାଯିବ ଓ ଏହା ସାରା ବିଶ୍ୱ ପାଇଁ ଏକ ଏନର୍ଜି ପାଇପ୍‌ଲାଇନ୍ ସାଜିବ। ସାଉଦି ଆରବ, ୟୁଏଇ ଓ ଜୋର୍ଡାନରୁ ତେଲ ଓ ଗ୍ୟାସ୍ ଭଣ୍ଡାରକୁ ପାଇପ୍ ଲାଇନ ଜରିଆରେ ସିଧାସଳଖ ଇସ୍ରାଏଲର ହାଇଫା କିମ୍ବା ଅସଦୋଦ ବନ୍ଦରରୁ ଅଣାଯିବ। ବର୍ତ୍ତମାନ ବିଶ୍ୱର ଅଧିକାଂଶ ତୈଳ କାରବାର ହର୍ମୁଜ ପ୍ରଣାଳୀ ଦେଇ ହେଉଛି ଓ ଏଠାରେ ଇରାନର କର୍ତ୍ତୃତ୍ୱ ରହିଛି। ଇସ୍ରାଏଲର ଏହି ଯୋଜନା କାର୍ଯ୍ୟକାରୀ ହେଲେ ଇରାନର ଦାଦାଗିରି ଓ ବ୍ଲାକମେଲିଂ ଶେଷ ହେବ। ଏହି ପ୍ରକଳ୍ପ ଦ୍ୱାରା ୟୁରୋପୀୟ ଦେଶଗୁଡ଼ିକ ଶକ୍ତି ପାଇଁ ରୁଷ ଉପରେ ରଖିଥିବା ନିର୍ଭରଶୀଳତା କମାଇ ପାରିବ। କିନ୍ତୁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଆରବ ଦେଶଗୁଡିକ କ'ଣ ନିଜର ଶକ୍ତି ସୁରକ୍ଷାର ନିୟନ୍ତ୍ରଣ ଇସ୍ରାଏଲ ହାତରେ ଦେବାକୁ ରାଜି ହେବେ? ଯଦି ନେତନ୍ୟାହୁଙ୍କ ଏହି ମାଷ୍ଟରପ୍ଲାନ ବାସ୍ତବରେ ପରିଣତ ହୁଏ, ତେବେ ଇସ୍ରାଏଲ କେବଳ ସାମରିକ ଶକ୍ତି ନୁହେଁ, ବରଂ ବିଶ୍ୱର ଏକ ପ୍ରମୁଖ ଶକ୍ତି କେନ୍ଦ୍ର ଭାବେ ଉଭା ହେବ। ଏହା ମଧ୍ୟପ୍ରାଚ୍ୟ ଇତିହାସରେ ସବୁଠାରୁ ବଡ଼ ଭୂ- ରାଜନୈତିକ ପରିବର୍ତ୍ତନ ହେବ ବୋଲି ଆଶା କରାଯାଉଛି।

## ହର୍ମୁଜ ପ୍ରଣାଳୀରେ ଭାରତୀୟ ଜାହାଜକୁ ସୁରକ୍ଷିତ ଆଣିଲା ଇରାନ

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ପରିସ୍ଥିତି ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। ଗତ ସପ୍ତାହରେ ଇରାନ ନୌସେନା ଏକ ଭାରତୀୟ ଏଲ୍‌ପିଜି ଟ୍ୟାଙ୍କରକୁ ହର୍ମୁଜ ପ୍ରଣାଳୀ ଦେଇ ସୁରକ୍ଷିତ ଭାବେ ବାଟ କଢ଼ାଇ ନେଇଛି। ଭାରତ ସରକାରଙ୍କ କୁଟନୈତିକ ଆଲୋଚନା ପରେ ଇରାନ ନୌସେନା ଦୁଇଟି ଭାରତୀୟ ଜାହାଜକୁ ଏହି ସମ୍ବେଦନଶୀଳ ସାମୁଦ୍ରିକ ପଥ ଦେଇ ଯିବାକୁ ଅନୁମତି ଦେଇଥିଲା। ଏହି ଜାହାଜଟି ପ୍ରାୟ ୧୦ ଦିନ ଧରି ପାରସ୍ୟ ଉପସାଗରରେ ଅଟକି ରହିଥିଲା। ଯାତ୍ରା ସମୟରେ ଜାହାଜଟି ଇରାନ ନୌସେନା ସହ କ୍ରମାଗତ ରେଡିଓ ଯୋଗାଯୋଗରେ ଥିଲା। ଇରାନ ପକ୍ଷରୁ ଜାହାଜର ପତାକା, ଗନ୍ତବ୍ୟ ସ୍ଥଳ ଏବଂ କ୍ରୁ ସଦସ୍ୟଙ୍କ ଜାତୀୟତା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଜାହାଜର ସମସ୍ତ କ୍ରୁ ସଦସ୍ୟ ଭାରତୀୟ ଥିଲେ। ଯୁଦ୍ଧ ଯୋଗୁଁ ଜାହାଜଟି ନିଜର ଅଟୋମେଟିକ ଆଇଡେଣ୍ଟିଫିକେସନ ସିଷ୍ଟମ (ଏଆଇଏସ୍) ବନ୍ଦ ରଖିଥିଲା ଏବଂ ଜିପିଏସ୍ ବିଭ୍ରାଟ ଯୋଗୁଁ ଯାତ୍ରା ସମୟ ଅଧିକ ଲାଗିଥିଲା। ଏହା ଇରାନ ଉପକୂଳର ଅତି ନିକଟ ଦେଇ ଗତି କରିଥିଲା। ଥରେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ଓମାନ ସାଗରରେ ପହଞ୍ଚିବା ପରେ, ଭାରତୀୟ ନୌସେନାର ଜାହାଜଗୁଡ଼ିକ ଏହାକୁ ସୁରକ୍ଷିତ ଭାବେ ଭାରତ ପର୍ଯ୍ୟନ୍ତ ବାଟ କଢ଼ାଇ ଆଣିଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି ଯେ ଭାରତୀୟ ଗ୍ୟାସ କ୍ୟାରିୟର ଗୁଡ଼ିକର ସୁରକ୍ଷିତ ଯାତ୍ରା ଇରାନ ସହ ଚାଲିଥିବା କ୍ରମାଗତ କୂଟନୈତିକ ଆଲୋଚନାର ପରିଣାମ। ତେବେ ଏହା କୌଣସି ସ୍ଥାୟୀ ବ୍ୟବସ୍ଥା ନୁହେଁ ଏବଂ ପ୍ରତିଟି ଜାହାଜ ପାଇଁ ପୃଥକ ଆଲୋଚନା କରାଯାଉଛି।

## ମଧ୍ୟପ୍ରାଚ୍ୟ ଯୁଦ୍ଧ: ଭାରତୀୟ ସାମରିକ ରଣନୀତିକାରଙ୍କ ପାଇଁ ଏକ ପରୀକ୍ଷାଗାର

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ କେବଳ ଏକ ସୁରକ୍ଷା ଚିନ୍ତା ନୁହେଁ, ବରଂ ଭାରତୀୟ ପ୍ରତିରକ୍ଷା ଯୋଜନାକାରୀଙ୍କ ପାଇଁ ଏହା ଏକ ରିଅଲ-ଟାଇମ୍ ଲାବାରାଟୋରୀ ବା ପରୀକ୍ଷାଗାର ପାଲଟିଛି। ଆଧୁନିକ ଅସ୍ତ୍ରଶସ୍ତ୍ରଗୁଡ଼ିକ ପ୍ରକୃତ ଯୁଦ୍ଧ କ୍ଷେତ୍ରରେ କିଭଳି କାମ କରୁଛି, ଭାରତ ତାହାକୁ ଅତି ନିକଟରୁ ନିରୀକ୍ଷଣ କରୁଛି। ଏହି ଯୁଦ୍ଧରୁ ଭାରତୀୟ ସାମରିକ ରଣନୀତିକାରମାନେ ବହୁତ କିଛି ଶିକ୍ଷା କରୁଛନ୍ତି। କୌଣସି ଗୋଟିଏ ଅସ୍ତ୍ର ନୁହେଁ, ବରଂ ସବୁ ଅସ୍ତ୍ରଶସ୍ତ୍ରର ସଠିକ ସମନ୍ୱୟ ହିଁ ଯୁଦ୍ଧରେ ବିଜୟୀ କରାଏ। ଭାରତ ଏହି ଯୁଦ୍ଧରୁ ଶିକ୍ଷା ନେଇ ନିଜର ପ୍ରତିରକ୍ଷା ପ୍ରଣାଳୀରେ ଥିବା ଶୂନ୍ୟସ୍ଥାନଗୁଡ଼ିକୁ ପୂରଣ କରିବାକୁ ଯୋଜନା କରୁଛି।

ଯୁଦ୍ଧରେ ଆମେରିକାର ଏଫ୍-୩୫, ଏଫ୍-୨୨ ଭଳି ଷ୍ଟେଲ୍‌ଥ (ରାଡ଼ାରକୁ ଧରା ଦେଉ ନ ଥିବା) ବିମାନର ପ୍ରଦର୍ଶନକୁ ଅନୁଧ୍ୟାନ କରାଯାଉଛି। ଭାରତ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ, କାରଣ ଭାରତ ନିଜସ୍ୱ ପଞ୍ଚମ ପିଢ଼ିର ଯୁଦ୍ଧ ବିମାନ 'ଏଏମ୍‌ସିଏ' ବିକଶିତ କରୁଛି। ଏଥିସହ ଭାରତ ପାଖରେ ଭାରୀ ବୋମାବର୍ଷୀ ବିମାନର ଅଭାବ ଥିବା ଏହି ଯୁଦ୍ଧରୁ ସ୍ପଷ୍ଟ ହେଉଛି। ୟୁକ୍ରେନ ଯୁଦ୍ଧ ଭଳି ଏହି ଯୁଦ୍ଧରେ ମଧ୍ୟ ଡ୍ରୋନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେଖିବାକୁ ମିଳିଛି। ଶସ୍ତା 'ଶାହେଦ-୧୩୬' ଭଳି ଡ୍ରୋନଗୁଡ଼ିକ କିଭଳି ଦାମୀ ପ୍ରତିରକ୍ଷା ପ୍ରଣାଳୀକୁ ଚକ୍‌ମା ଦେଉଛନ୍ତି, ତାହା ଭାରତ ପାଇଁ ଏକ ବଡ଼ ଶିକ୍ଷା। ଭାରତ ଏବେ ଆମେରିକାରୁ 'ପ୍ରିଡେଟର' ଡ୍ରୋନ ଆଣିବା ସହ ନିଜସ୍ୱ ଡ୍ରୋନ ଶକ୍ତି ବଢ଼ାଇବାକୁ ଚେଷ୍ଟା କରୁଛି। ସେହିପରି ଭାରତର ବ୍ରହ୍ମୋସ କ୍ଷେପଣାସ୍ତ୍ର ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ଷେପଣାସ୍ତ୍ର ଭାବେ ପରିଗଣିତ ହେଉଥିବା ବେଳେ ଇସ୍ରାଏଲର ଆଇରନ ଡୋମ୍ ଓ ଆଇରନ ବିମ୍ (ଲେଜର ପ୍ରତିରକ୍ଷା)ର ସଫଳତା ଭାରତୀୟ ବୈଜ୍ଞାନିକଙ୍କୁ ନୂଆ ଦିଗ ଦେଖାଇଛି। ଡିଆରଡିଓ ଏବେ ସୂର୍ଯ୍ୟ ନାମକ ଏକ ଡିରେକ୍ଟେଡ ଏନର୍ଜି ଅସ୍ତ୍ର ଉପରେ କାର୍ଯ୍ୟ କରୁଛି। ପୁଣି ଆମେରିକାର ବିଶାଳ ବିମାନବାହୀ ଯୁଦ୍ଧଜାହାଜ ଅର୍ଥାତ ଏୟାର କ୍ରାଫ୍ଟ କ୍ୟାରିଅରଗୁଡ଼ିକ ତୁଳନାରେ ଭାରତୀୟ ଜାହାଜଗୁଡ଼ିକର କିଛି ସୀମା ରହିଛି। ଏଥିସହ ସମୁଦ୍ର ମଧ୍ୟରେ ଗୁପ୍ତ ଅଭିଯାନ ପାଇଁ ଭାରତକୁ ଅଧିକ ପରମାଣୁ ଚାଳିତ ଆକ୍ରମଣକାରୀ ବୁଡ଼ା ଜାହାଜର ଆବଶ୍ୟକତା ରହିଛି ବୋଲି ମଧ୍ୟପ୍ରାଚ୍ୟ ଯୁଦ୍ଧରୁ ସ୍ପଷ୍ଟ ହୋଇଛି। ଏହାକୁ ଭାରତୀୟ ସାମରିକ ରଣନୀତିକାରମାନେ ହୃଦୟଙ୍ଗମ କରିଥିବେ ନିଶ୍ଚୟ।

## ଲସ୍କର କମାଣ୍ଡର ବିଲାଲ ଆରିଫ୍ ସାଲାଫିଙ୍କୁ ହତ୍ୟା

**ଇଦ୍ ନମାଜ ପରେ ଗୁଳି, ଛୁରାମାଡ଼**

ଲାହୋର/ମୁରିଦକେ, ୨୧।୩(ଏଜେନ୍ସି): ପାକିସ୍ତାନର ଲାହୋର ନିକଟସ୍ଥ ମୁରିଦକେଠାରେ ଲସ୍କର-ଏ-ତୋଇବା (ଏଲ୍‌ଇଟି)ର ବରିଷ୍ଠ କମାଣ୍ଡର ବିଲାଲ ଆରିଫ୍ ସାଲାଫିଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଏଲ୍‌ଇଟିର ମୁଖ୍ୟାଳୟ 'ମାର୍କାଜ ତାଇବା' ପରିସରରେ ଇଦ୍ ନମାଜ ସରିବାର କିଛି ସମୟ ପରେ ହିଁ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ଯେତେବେଳେ ସାଲାଫି ନମାଜ ସାରି ବାହାରକୁ ଆସିଥିଲେ, ଜଣେ ବ୍ୟକ୍ତି ତାଙ୍କୁ ଅତି ନିକଟରୁ ଗୁଳି କରିଥିବା ବେଳେ ଜଣେ ମହିଳା ତାଙ୍କୁ ବାରମ୍ବାର ଛୁରାମାଡ଼ କରିଥିଲେ। ଲସ୍କରର ଅନ୍ୟ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ ମଧ୍ୟ ସାଲାଫିଙ୍କୁ ବଞ୍ଚାଇ ପାରି ନଥିଲେ। ଏହି ଘଟଣା ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ଭିଡିଓରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଛି। ଏହି ଘଟଣା ସମୟରେ ଲସ୍କରର ପ୍ରଶିକ୍ଷଣ ମୁଖ୍ୟ ମୌଲାନା ଅବୁ ଜାର୍‌ଙ୍କୁ ମଧ୍ୟ କେହି ଜଣେ ଅଟକାଇ ରଖିଥିବା ଦେଖାଯାଇଛି, ଯାହା ସଂଗଠନ ମଧ୍ୟରେ ଥିବା ବିବାଦକୁ ସ୍ପଷ୍ଟ କରୁଛି। ସାଲାଫି ୨୦୦୫ରୁ ଏଲଇଟି ସହିତ ଜଡ଼ିତ ଥିଲେ। ସେ ସଂଗଠନ ପାଇଁ ପାଣ୍ଠି ସଂଗ୍ରହ କରିବାରେ ଜଣେ ମୁଖ୍ୟ ବ୍ୟକ୍ତି ଥିଲେ। ସେ ସଂଗ୍ରହ କରୁଥିବା ଅର୍ଥରେ ସଂଗଠନ ପାଇଁ ଅସ୍ତ୍ରଶସ୍ତ୍ର କିଣାଯାଉଥିଲା, ଯାହା ଫଳରେ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରହୁଥିଲା। ସେ ମୁରିଦକେର ତାଇବା କଲୋନୀରେ ଅନ୍ୟ ବରିଷ୍ଠ କମାଣ୍ଡରଙ୍କ ସହ ରହୁଥିଲେ। ଏହି ହତ୍ୟାକାଣ୍ଡ ପଛରେ ପ୍ରକୃତ କାରଣ ଜଣାପଡ଼ିନାହିଁ। ଏହା ସଂଗଠନ ମଧ୍ୟରେ ଚାଲିଥିବା କ୍ଷମତାର ଅନ୍ତଃକନ୍ଦଳର ପରିଣାମ ବୋଲି ସନ୍ଦେହ କରାଯାଉଛି। ପାକିସ୍ତାନର ସବୁଠାରୁ ସୁରକ୍ଷିତ ଆତଙ୍କବାଦୀ କ୍ୟାମ୍ପ ମଧ୍ୟରେ ଏଭଳି ହତ୍ୟାକାଣ୍ଡ ଘଟିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

## ଅଭିଯୁକ୍ତଙ୍କ ଫଟୋ ପୋଷ୍ଟକୁ ନେଇ ସୁପ୍ରିମକୋର୍ଟ ଚିନ୍ତିତ

- ନିରପେକ୍ଷ ବିଚାର ପ୍ରକ୍ରିୟାରେ ବାଧାସୃଷ୍ଟି କରିପାରେ

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ପୁଲିସ ଦ୍ୱାରା ଅଭିଯୁକ୍ତମାନଙ୍କ ଫଟୋ ଓ ଭିଡ଼ିଓ ସୋସିଆଲ ମିଡିଆରେ ତୁରନ୍ତ ଅପଲୋଡ଼ କରାଯିବାକୁ ନେଇ ସୁପ୍ରିମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। କୋର୍ଟ କହିଛନ୍ତି ଯେ ଏହାଦ୍ୱାରା ନିରପେକ୍ଷ ବିଚାର ପ୍ରକ୍ରିୟା ବାଧାପ୍ରାପ୍ତ ହୋଇପାରେ ଓ ଜନସାଧାରଣଙ୍କ ମନରେ ଅଭିଯୁକ୍ତଙ୍କ ପ୍ରତି ଏକ ପୂର୍ବ ନିର୍ଦ୍ଧାରିତ ଧାରଣା ସୃଷ୍ଟି ହୋଇପାରେ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏହି ସ୍ଥିତିକୁ 'ଡିଜିଟାଲ ଆରେଷ୍ଟ' ସହ ତୁଳନା କରିଛନ୍ତି। ସେ କହିଛନ୍ତି ଯେ ଛୋଟ ସହରମାନଙ୍କରେ ମୋବାଇଲ ଫୋନ ଥିବା ପ୍ରତ୍ୟେକ ବ୍ୟକ୍ତି ନିଜକୁ ଗଣମାଧ୍ୟମର ଅଂଶ ବୋଲି ମନେ କରୁଛନ୍ତି, ଯାହା ସମସ୍ୟାକୁ ଜଟିଳ କରିଛି। ଆବେଦନକାରୀଙ୍କ ଅନୁଯାୟୀ, ଅଭିଯୁକ୍ତଙ୍କୁ ହାତକଡ଼ି ପକାଇବା କିମ୍ବା ରସିରେ ବାନ୍ଧି ଅପମାନଜନକ ସ୍ଥିତିରେ ସୋସିଆଲ ମିଡ଼ିଆରେ ଦେଖାଯାଉଛି। ଏହା ସେମାନଙ୍କ ବ୍ୟକ୍ତିଗତ ମର୍ଯ୍ୟାଦାକୁ କ୍ଷତି ପହଞ୍ଚାଉଛି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ତଦନ୍ତକାରୀ ସଂସ୍ଥାମାନେ ସବୁବେଳେ ନିରପେକ୍ଷ ରହିବା ଉଚିତ। ସେମାନେ ନା ପୀଡିତଙ୍କ ପକ୍ଷ ନେବା ଉଚିତ ନା ଅଭିଯୁକ୍ତଙ୍କ ପ୍ରତି ବିଦ୍ୱେଷ ରଖିବା ଉଚିତ। ହେମେନ୍ଦ୍ର ପଟେଲ ନାମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗର ଶୁଣାଣି କରି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜୟମାଲ୍ୟ ବାଗଚୀ ଓ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଚିନ୍ତା ପ୍ରକଟ କରିଥିଲେ। କୋର୍ଟ ଏଥିପାଇଁ ନୂଆ ନିୟମାବଳୀ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ କିଭଳି ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ସୂଚନା ଦେବ, ସେଥିପାଇଁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ସିଷ୍ଟମ (ଏସ୍‌ଓପି) ପ୍ରସ୍ତୁତ କରିବାକୁ ରାଜ୍ୟଗୁଡ଼ିକୁ ୩ ମାସର ସମୟ ଦେଇଛି।

କୋର୍ଟ କହିଛନ୍ତି ଯେ, ସୋସିଆଲ ମିଡିଆ ଯୋଗୁଁ ମିଡିଆ ଟ୍ରାଏଲର ବିପଦ ବଢ଼ିଯାଇଛି, ଯାହା ଆଇନ୍‌ର ପ୍ରଶାସନକୁ ପ୍ରଭାବିତ କରିପାରେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲରେ ହେବ। ସେତେବେଳକୁ ଏସ୍‌ଓପି ପ୍ରସ୍ତୁତ ହୋଇସାରିଥିବ ବୋଲି ଆଶା କରାଯାଉଛି।

**ବିଶ୍ୱର ସର୍ବାଧିକ ଆତଙ୍କବାଦ ପ୍ରଭାବିତ ଦେଶ**

# ନିଜ ଜାଲରେ ନିଜେ ଫସିଛି ପାକିସ୍ତାନ

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ଦଶନ୍ଧି ଦଶନ୍ଧି ଧରି ଆତଙ୍କବାଦକୁ ପ୍ରୋତ୍ସାହନ ଦେଇ ଆସୁଥିବା ପାକିସ୍ତାନ ଏବେ ନିଜେ ସେହି ଜାଲରେ ଫସିଛି। ନିକଟରେ ପ୍ରକାଶିତ ଏକ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ଗ୍ଲୋବାଲ ଟେରରିଜିମ୍ ଇଣ୍ଡେକ୍ସ (ଜିଟିଆଇ) ୨୦୨୬ ତଥ୍ୟ ଅନୁଯାୟୀ, ପାକିସ୍ତାନ ପ୍ରଥମଥର ପାଇଁ ବିଶ୍ୱର ସବୁଠାରୁ ଆତଙ୍କବାଦ ଦେଶ ବିବେଚିତ ହୋଇଛି ଓ ଏ ନେଇ ପ୍ରକାଶିତ ତାଲିକାର ଶୀର୍ଷରେ ରହିଛି। ପାକିସ୍ତାନ ପାଇଁ ୨୦୨୫ ବର୍ଷ ୨୦୧୩ ପରଠାରୁ ସବୁଠାରୁ ଭୟଙ୍କର ସାବ୍ୟସ୍ତ ହୋଇଛି। ଏହି ବର୍ଷ ପାକିସ୍ତାନକୁ ବିଶ୍ୱର ସର୍ବାଧିକ ଜିଟିଆଇ ସ୍କୋର ୮.୫୭୪ ପ୍ରଦାନ କରାଯାଇଛି। ଏହି ବର୍ଷ ପାକିସ୍ତାନରେ ମୋଟ୍ ୧, ୦୪୫ ଆତଙ୍କବାଦୀ ଆକ୍ରମଣ ହୋଇଛି ଓ ଏଥିରେ ୧, ୧୩୯ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଏବଂ ୧, ୫୯୫ ଜଣ ଆହତ ହୋଇଛନ୍ତି। ୬୫୫ ଜଣଙ୍କୁ ଅପହରଣ କରାଯାଇଛି। ପାକିସ୍ତାନରେ ହୋଇଥିବା ମୋଟ୍ ମୃତ୍ୟୁର ପ୍ରାୟ ୫୬ ପ୍ରତିଶତ ପାଇଁ ତେହେରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ଦାୟୀ। ଏହି ସଂଗଠନ ଏକାକି ୫୯୫ ଆକ୍ରମଣ କରି



୬୩୬ ଜଣଙ୍କ ଜୀବନ ନେଇଛି। ଆକ୍ରମଣର ୭୪ ପ୍ରତିଶତ ଓ ମୃତ୍ୟୁର ୬୭ ପ୍ରତିଶତ କେବଳ ଖାଇବର ପଖତୁନଖ୍ୱା ଓ ବେଲୁଚିସ୍ତାନରେ ଘଟିଛି। ପ୍ରାୟ ୬, ୦୦୦ରୁ ୬, ୫୦୦ ଟିଟିପି ଆତଙ୍କବାଦୀ ଆଫଗାନିସ୍ତାନ ମାଟିକୁ ବ୍ୟବହାର କରି ପାକିସ୍ତାନ ଉପରେ ଆକ୍ରମଣ କରୁଛନ୍ତି। ୮୫ ପ୍ରତିଶତ ଆକ୍ରମଣ ଆଫଗାନିସ୍ତାନର ସୀମାର ୧୦ରୁ ୧୫ କିମି ମଧ୍ୟରେ ହେଉଛି। ଲକ୍ଷ୍ୟ କରି ହତ୍ୟାକାଣ୍ଡ ବା ଟାର୍ଗେଟ କିଲିଙ୍ଗ୍‌ସରେ ୪୫୦ ପ୍ରତିଶତ ବୃଦ୍ଧି ପାଇଛି। ଏହା ସୁରକ୍ଷା ବ୍ୟବସ୍ଥାର ବିଫଳତାକୁ ଦର୍ଶାଉଛି।

୨୦୨୫ ମାର୍ଚ୍ଚରେ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍‌ଏ) ଏକ ଯାତ୍ରୀବାହୀ ଟ୍ରେନ୍‌କୁ କବଜା କରି ୪୪୨ ଜଣଙ୍କୁ ବନ୍ଧକ ରଖିଥିଲା, ଯାହା ଗତ ବର୍ଷର ବିଶ୍ୱର ସବୁଠାରୁ ବଡ଼ ଆତଙ୍କବାଦୀ ଘଟଣା ଥିଲା। ଏହି ସଂଗଠନ ଏବେ ଚୀନ୍ ନାଗରିକ ଓ ସିପେକ୍ (ସିଇପିସି) ପ୍ରକଳ୍ପକୁ ମଧ୍ୟ ଟାର୍ଗେଟ କରୁଛି। ପାକିସ୍ତାନ ପାଇଁ ୨୦୧୩ ପରଠାରୁ ୨୦୨୫ ସବୁଠାରୁ ରକ୍ତାକ୍ତ ବର୍ଷ ସାବ୍ୟସ୍ତ ହୋଇଛି। ଦକ୍ଷିଣ ଏସିଆରେ ଅନ୍ୟ ସମସ୍ତ ଦେଶର ସ୍ଥିତିରେ ସୁଧାର ଆସିଥିବା ବେଳେ କେବଳ ପାକିସ୍ତାନର ଅବସ୍ଥା ବିଗିଡ଼ିବାରେ ଲାଗିଛି। ପାକିସ୍ତାନରେ କ୍ରମାଗତ ୬ ବର୍ଷ ଧରି ଆତଙ୍କବାଦ ବଢ଼ିବାରେ ଲାଗିଛି। ଏହା ସେହି ପୁରୁଣା 'ଭଲ ତାଲିବାନ ଓ ଖରାପ ତାଲିବାନ' ନୀତିର ପରିଣାମ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ଦୁଇବର୍ଷିଆ ବିଇଡି ପ୍ରବେଶିକା ପରୀକ୍ଷା ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର, ୨୧।୩ (ସମିସ): ଦୁଇବର୍ଷିଆ ବିଇଡି, ବିଏଚ୍ଇଡି ଓ ଏମ୍ଇଡି ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷା ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ସୋମବାର ଅର୍ଥାତ୍ ୨୩ ତାରିଖଠାରୁ ଏପ୍ରିଲ୍ ୬ ତାରିଖ ମଧ୍ୟରେ ଆଶାୟୀ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଆବେଦନ ସମୟରେ କୌଣସି ତ୍ରୁଟି ଥିଲେ, ୭ ତାରିଖରେ ଏହାକୁ ସଂଶୋଧନ କରିପାରିବେ। ଆବେଦନକାରୀଙ୍କ ସମସ୍ତ ତଥ୍ୟ ଓକାକ୍ ପକ୍ଷରୁ ୧୩ ତାରିଖ ଦିନ ପରୀକ୍ଷା ପରିଚାଳନା କରୁଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍ଏସ୍ବି)କୁ ପ୍ରଦାନ କରାଯିବ। ମେ' ୨୭ତାରିଖରେ ଏସ୍ଏସ୍ବି ୱେବସାଇଟ୍ରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ୩୧ ତାରିଖରେ ବିଇଡି ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ହେବାକୁ ଥିବା ବେଳେ ଜୁନ୍ ୩ ତାରିଖରେ ବିଏଚ୍ଇଡି ଓ ଏମ୍ଇଡିର ପ୍ରବେଶିକା ପରୀକ୍ଷା ହେବ। ଏହା ପରଦିନ ଅର୍ଥାତ୍ ଜୁନ୍ ୪ ରେ ପ୍ରୋଭିଜିନାଲ୍ ଆନସାର୍-କି' ପ୍ରକାଶ ପାଇବା ପରେ ଉତ୍ତରକୁ ନେଇ କୌଣସି ଆପତ୍ତି ଥିଲେ, ୫ରୁ ୭ତାରିଖ ମଧ୍ୟରେ ଆବେଦନ କରିପାରିବେ।

**୨୩ରୁ ଆବେଦନ; ମେ ୩୧ ଓ ଜୁନ୍ ୩ରେ ପରୀକ୍ଷା**



ଶନିବାର ନବୀନ ନିବାସରେ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଦଳର ରାଜନୈତିକ ବ୍ୟାପାର କମିଟିର ବୈଠକ

### ପ୍ରତାପ ଜେନାଙ୍କ ବାସଭବନ ଉପରେ ଆକ୍ରମଣ ଘଟଣା

## ବିଜୁ ଲିଗାସୀର ଦ୍ୱାହି ଦେଇ ନିଜ ଅପକର୍ମ ଲୁଚାଇବା ପାଇଁ ନୂତନ ରଣନୀତି: ବିଜେଡି

ଭୁବନେଶ୍ୱର,୨୧।୩(ସମିସ): ବିଜୁ ଲିଗାସୀର ଦ୍ୱାହି ଦେଇ କିଛି ସ୍ୱାର୍ଥବାଦୀ ରାଜନେତା ନିଜର ଅପକର୍ମକୁ ଘଣ୍ଟ ଘୋଡ଼ାଇବା ପାଇଁ ନୂତନ ରଣନୀତି ଆପଣାଇଛନ୍ତି। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଆଦର୍ଶରେ ରାଜନୀତିରେ ପାଦ ରଖିଥିବା ଏବଂ ତତ୍କାଳୀନ ଛାତ୍ର ଜନତା ଦଳର ସଭାପତିଙ୍କ ବିରୋଧରେ ଯେପରି ହିଂସାର ଆଶ୍ରୟ ନେଇଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ ଏବଂ ବିଜୁ ବିଚାରଧାରାର ସ୍ପଷ୍ଟ ପରିପନ୍ଥୀ ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି।

ଏକ ପ୍ରେସ୍ ବିବୃତିରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଚନ୍ଦ୍ରଶେଖର ସାହୁ, ବରିଷ୍ଠ ସାଧାରଣ ସମ୍ପାଦକ ତଥା ସାଂସଦ ମାନସ ମଙ୍ଗରାଜ, ସାଧାରଣ ସମ୍ପାଦକ ବିଜୟ ନାୟକ, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ୍ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ନାରାୟଣ ଜେନା ପ୍ରମୁଖ ଗତ କାଲି ରାତିରେ ପୂର୍ବତନ ମନ୍ତ୍ରୀ ଓ ବିଜେଡିର ବରିଷ୍ଠ ନେତା ପ୍ରତାପ ଜେନାଙ୍କ ବାସଭବନରେ କିଛି ଅସାମାଜିକ ଯୁବକଙ୍କ ଜରିଆରେ ଆତଙ୍କ ସୃଷ୍ଟି କରାଯାଇଥିବା ଘଟଣାର ତୀବ୍ର ନିନ୍ଦା କରିଛନ୍ତି। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ଏପରି ଘଟଣା କେବଳ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଅପମାନିତ କରୁନି ବରଂ ରାଜ୍ୟର ଆଇନଶୃଙ୍ଖଳା ପ୍ରତି ଗୁରୁତର ପ୍ରଶ୍ନ ଉଠାଉଛି। କିଛି ସ୍ୱାର୍ଥାନ୍ୱେଷୀ ରାଜନେତା ହିଂସାତ୍ମକ କାର୍ଯ୍ୟକଳାପ ଜରିଆରେ ନିଜ ଅପକର୍ମକୁ ଲୁଚାଇବା ପାଇଁ ଏଭଳି ହୀନ ଉଦ୍ୟମ କରିଛନ୍ତି। ଏହି ଘଟଣାର ତୁରନ୍ତ ଓ ସଂପୂର୍ଣ୍ଣ ତଦନ୍ତ କରାଯାଉ। ଦୋଷୀମାନଙ୍କୁ ଶୀଘ୍ର ଚିହ୍ନଟ କରିବା ସହ ସେମାନଙ୍କୁ ଏଭଳି କାର୍ଯ୍ୟ ପାଇଁ ଉସୁକାଇଥିବା ବ୍ୟକ୍ତିମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ଗଣତନ୍ତ୍ରକୁ ସୁରକ୍ଷିତ ଓ ସୁସ୍ଥ ରଖିବା ପାଇଁ ଏପରି ହିଂସାତ୍ମକ ରାଜନୀତି ଉପରେ କଡ଼ା ଅଙ୍କୁଶ ରହିବା ଆବଶ୍ୟକ ବୋଲି ନେତାମାନେ କହିଥିଲେ।

**ରାଜ୍ୟର ଆଇନ ଶୃଙ୍ଖଳା ଉପରେ ଗୁରୁତର ପ୍ରଶ୍ନବାଚୀ**

## ଆନ୍ଦୋଳନରୁ ଓହରିଲେ ପାଚିକା

ଭୁବନେଶ୍ୱର,୨୧।୩(ସମିସ): ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ରାଜ୍ୟ ସଂଘ ତରଫରୁ ୭ ଦଫା ଦାବି ନେଇ ଭୁବନେଶ୍ୱର ଲୋୟର ପିଏମଜି ଛକଠାରେ ତିନିଦିନ ଧରି ବିକ୍ଷୋଭ ଜାରି ରହିଥିଲା। ଆଜି ଚତୁର୍ଥ ଦିନରେ ସନ୍ଧ୍ୟା ସୁଦ୍ଧା ସରକାର ଆଲୋଚନାକୁ ନଆସିଲେ ଆନ୍ଦୋଳନକୁ ବ୍ୟାପକ କରିବାକୁ ସଙ୍ଘ ଚେତାବନୀ ଦେଇଥିଲା। ପରବର୍ତ୍ତୀ ସମୟରେ ସଙ୍ଘର ଏକ ପ୍ରତିନିଧି ମଣ୍ଡଳୀ ପ୍ରଥମେ ଗଣଶିକ୍ଷା ସଚିବ ଏନ ତିରୁମାଲା ନାୟକଙ୍କ ସହିତ ଆଲୋଚନା କରିଥିଲେ। କୌଣସି ସନ୍ତୋଷ ଜନକ ଉତ୍ତର ନମିଳିବାରୁ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ପାଇଁ ତାଙ୍କ ବାସଭବନକୁ ଯାଇଥିଲେ। ହେଲେ ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତ ଯୋଗୁଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ବିଧାୟକ ବାବୁ ସିଂ ଓ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତରେ ଆଲୋଚନା ହୋଇଥିଲା। ସମସ୍ତ ପାଚିକାମାନଙ୍କୁ ଏକ ମାସ ଭିତରେ ପରିଚୟ ପତ୍ର ପ୍ରଦାନ, ଅଙ୍ଗନୱାଡ଼ି ସହାୟକଙ୍କ ଦରମା ଭଳି ୫୮୦୦ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସକାରାତ୍ମକ ପ୍ରସ୍ତାବ ଉପରେ ସ୍ୱତନ୍ତ୍ର ପଦକ୍ଷେପ ପାଇଁ କମିଟି ଗଠନ, ପ୍ରତି ମାସର ୧୦ ତାରିଖ ସୁଦ୍ଧା ଦରମା ପ୍ରଦାନ ଆଦି ପ୍ରସ୍ତାବକୁ ଗ୍ରହଣ କରିଥିଲେ। ଏଥିସହିତ ତିନି ମାସର ଯେଉଁ ବକେୟା ଦରମା ରହିଛି ତାକୁ ସପ୍ତାହେ ମଧ୍ୟରେ ପ୍ରଦାନ କରିବାକୁ ମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି।

ଏହି ପ୍ରତିଶୃତି ପରେ ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ରାଜ୍ୟ ସଂଘ ଆନ୍ଦୋଳନରୁ ଓହରିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆଜିର ପ୍ରତିନିଧି ମଣ୍ଡଳୀରେ କାର୍ଯ୍ୟକାରୀ ସଭାପତି ସରୋଜିନୀ କୁମୁରା, ଉପସଭାପତି ଶାନ୍ତି ଲୋହାର, ସମ୍ପାଦିକା ସଞ୍ଜୁଲତା ବିଶ୍ୱାଳ, ସନ୍ଧ୍ୟାରାଣୀ ସ୍ୱାଇଁ, ସଂଯୁକ୍ତା ବିଷୋୟୀ, ଗାୟତ୍ରୀ ମହାରଣା ଆଦି ଆଲୋଚନା କରିଥିଲେ। ବର୍ତ୍ତମାନ ପାଇଁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଆସନ୍ତା ଦିନରେ ଆବଶ୍ୟକ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି।

**ସପ୍ତାହେ ଭିତରେ ମିଳିବ ତିନି ମାସର ବକେୟା ଦରମା**

### ମୟୂରଭଞ୍ଜ ବହଳଦାରେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ ପ୍ରସଙ୍ଗ

## ହସ୍ତକ୍ଷେପ କଲେ ଜାତୀୟ ଅନୁସୂଚିତ ଜାତି ଆୟୋଗ

ଭୁବନେଶ୍ୱର,୨୧।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ବହଳଦାରେ ୧୪ ବର୍ଷୀୟା ଜଣେ ଆଦିବାସୀ ନାବାଳିକାଙ୍କ ସହ ହୋଇଥିବା ଅସଦାଚରଣ ଘଟଣାରେ ହସ୍ତକ୍ଷେପ କରିଛନ୍ତି ଜାତୀୟ ଅନୁସୂଚିତ ଜାତି ଆୟୋଗ। ଏନେଇ ଆୟୋଗଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ପ୍ରମୁଖ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ଏସପିଙ୍କୁ ନୋଟିସ ଜାରି କରାଯାଇଛି। ଏହି ଘଟଣାରେ ତଦନ୍ତ କରିବା ପାଇଁ ଆୟୋଗ ନିଷ୍ପତ୍ତି ନେଇଛନ୍ତି। ତେଣୁ ସରକାରଙ୍କ ପକ୍ଷରୁ ଏହି ଘଟଣାରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେନେଇ ନୋଟିସ ପାଇବାର ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ କୁହାଯାଇଛି। ଯଦି ଏହି ସମୟସୀମା ମଧ୍ୟରେ କୌଣସି ଉତ୍ତର ହସ୍ତଗତ ନହୁଏ, ତାହେଲେ ଆୟୋଗଙ୍କ ସମ୍ମୁଖରେ ବ୍ୟକ୍ତିଗତ କିମ୍ବା ସେମାନଙ୍କ ପ୍ରତିନିଧିଙ୍କୁ ହାଜିରା ପାଇଁ ସମନ କରାଯିବ ବୋଲି ନୋଟଟିସରେ ସୂଚିତ କରାଯାଇଛି।

ସୂଚନାଯୋଗ୍ୟ ଯେ ଗତ ୧୨ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ଭିଞ୍ଜୁଆ ଗ୍ରାମ, ବହଳଦା ଛକ ନିକଟରେ ଥିବା ତିରିଂ ଥାନା ଅଞ୍ଚଳରେ ଜଣେ ୧୪ ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିଲା। ଯାହାକୁ ନେଇ ସ୍ଥାନୀୟ ଆଦିବାସୀ ସମୁଦାୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅଭିଯୋଗ ଅନୁଯାୟୀ ଏହି ଘଟଣାରେ ଅଭିଯୁକ୍ତ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ପୁଲିସ ନିରୀହ ଆଦିବାସୀଙ୍କ ଉପରେ ଅତ୍ୟାଚାର କରିଥିଲା। ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବା ଦାବିରେ ସ୍ଥାନୀୟ ଆଦିବାସୀ ସମୁଦାୟ ପ୍ରତିବାଦ କରି ଥାନାକୁ ଘେରାଉ କରିଥିଲେ। ଆଦିବାସୀମାନଙ୍କ ଦାବିକୁ ସମାଧାନ କରିବା ପରିବର୍ତ୍ତେ, ତାଙ୍କ ଉପରେ ବର୍ବରୋଚିତ ଭାବେ ପୁଲିସ ଲାଠିମାଡ଼ କରିଥିଲା। ଯାହାକୁ ନେଇ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ୧୯ ତାରିଖରେ ଜାତୀୟ ଅନୁସୂଚିତ ଜାତି ଆୟୋଗର ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲା। ଏହି ଘଟଣାରେ ଜଡ଼ିତ ପୁଲିସ ଅଧିକାରୀଙ୍କ ବିରୋଧରେ ତୁରନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସୁପାରିସ ସରିବା ସହିତ ପୀଡ଼ିତାକୁ ଉଚିତ୍ ନ୍ୟାୟ ଦେବା ପାଇଁ ଏକ ଦୃଢ଼ ନିରୀକ୍ଷଣ ବ୍ୟବସ୍ଥା କରିବାକୁ ପ୍ରତିନିଧି ଦଳ ଦାବି କରିଥିଲା।

- ମୁଖ୍ୟ ସଚିବ, ଗୃହ ବିଭାଗର ପ୍ରମୁଖ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସପିଙ୍କୁ ନୋଟିସ
- ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ
- କମିଶନଙ୍କ ଦ୍ୱାରସ୍ଥ ହୋଇଥିଲା ବିଜେଡି

### ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ନାମରେ ଜେଲ୍ରୁ ଫୋନ୍ କଲ୍ ଘଟଣା

## ଚୌଦ୍ୱାର ଜେଲ୍ରୁ ହେଉଛି ସାଇବର୍ ଠକେଇ!

ରାଉରକେଲା, ୨୧।୩(ସମିସ): ରାଜ୍ୟର ଜଣେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (ପି.ଏସ୍) ନାମରେ ଚୌଦ୍ୱାର ଜେଲ୍ରୁ ଫୋନ୍ କରି ଜଣେ ଧୂର୍ତ୍ତ ରାଉରକେଲା ଜେପି ହସ୍ପିଟାଲ ନିର୍ଦ୍ଦେଶକଙ୍କଠାରୁ ୨ ଲକ୍ଷ ଠକିବା ଘଟଣାକୁ ରାଉରକେଲା ପୁଲିସ ଗୁରୁତ୍ୱର ସହ ନେଇଛି। ରାଉରକେଲା ଏସ୍ପି ନିତେଶ ୱାଧୱାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜେଲ୍ କର୍ମଚାରୀଙ୍କୁ ମାରାଥନ ଜେରା କରୁଛି ରାଉରକେଲା ସାଇବର ଥାନା ପୁଲିସ। ଫୋନ୍ କରିଥିବା ଅଭିଯୁକ୍ତ ସୌମ୍ୟରଂଜନ ପ୍ରଧାନ ଏକ ପୋକ୍ସୋ ମାମଲାରେ ଗିରଫ ହୋଇଥିଲା। ସେବେଠାରୁ ସେ ଚୌଦ୍ୱାର ଜେଲରେ ଥିଲା। ରାଉରକେଲା ପୁଲିସ ଗତକାଲି ଚୌଦ୍ୱାର ଜେଲ୍ରେ ଚଢ଼ଉ କରି ତା' ନିକଟରୁ ୩ଟି ମୋବାଇଲ ଓ ଏକ ଗୁପ୍ତ ଡାଏରୀ ଜବତ କରିଛି। ତେବେ ଜେଲ୍ ଭିତରକୁ ମୋବାଇଲ୍ ଗଲା କିପରି, ତା'ର ତନାଘନା ଚଳାଇଛି ରାଉରକେଲା ପୁଲିସ। ଜେଲ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ମାରାଥନ୍ ଜେରା କରୁଛି। ସେପଟେ, ହସ୍ପିଟାଲ ଅଧ୍ୟକ୍ଷଙ୍କଠାରୁ ଠକେଇ ହୋଇଥିବା ୨ଲକ୍ଷ ଟଙ୍କାରେ ଅନୁଗୋଳର ଏକ ଜୁଏଲର୍ସରୁ କ୍ରୟ କରାଯାଇଥିବା ସୁନାଚେନକୁ ପୁଲିସ ଜବତ କରିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ତଥା ଜେଲରେ ଥିବା ମାଷ୍ଟରମାଇଣ୍ଡ ସୌମ୍ୟରଂଜନର ସହଯୋଗୀ ଦୁଃଶାସନ ଭୋଇ ଓରଫ୍ ଦୁଶା ଓରଫ ଦୀପିକା (୪୩)କୁ ଅନୁଗୋଳରୁ ଗିରଫ କରିଛି। ତା' ନିକଟରୁ ପୁଲିସ ୧୨ଗ୍ରାମ୍ ଓଜନର ଏକ ସୁନା ଚେନ୍ ଓ ତାର କାଗଜପତ୍ର ଜବତ କରିଛି।

ଗତ ଫେବୃୟାରୀ ୨୫ରେ ରାଉରକେଲା ସାଇବର ଥାନାରେ ଜେପି ହସ୍ପିଟାଲର ନିର୍ଦ୍ଦେଶକ ଡକ୍ଟର ସଂଜୟ ବଂଶଲ ଏତଲା ଦେଇଥିଲେ ଯେ ରାଜ୍ୟର ଜଣେ ବରିଷ୍ଠ ମନ୍ତ୍ରୀଙ୍କ ପିଏସ ପରିଚୟ ଦେଇ ଜଣେ ଯୁବକ ତାଙ୍କୁ ଫୋନ କରି 'ମା ଶିବାନୀ ଦୁର୍ଗା' ନାମକ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପାଇଁ ୨ ଲକ୍ଷ ୫ ହଜାର ଟଙ୍କା ଚାନ୍ଦା ଦେବାକୁ କହୁଛି। ଏହି ଟଙ୍କାକୁ ଏକ ବ୍ୟାଙ୍କ ଆକାଉଣ୍ଟରେ ଟ୍ରାନ୍ସଫର୍ମର କରିବାକୁ ଅଭିଯୁକ୍ତ ତାଙ୍କୁ କହିଥିଲା। ଡାକ୍ତର ବଂଶଲ ବି ବିନା ଛାନଭିନ୍ କରି ୨ଲକ୍ଷ ଟଙ୍କା ଉକ୍ତ ଆକାଉଣ୍ଟକୁ ଟ୍ରାନ୍ସଫର୍ କରିଦେଇଥିଲେ। ପରେ ସେ ସାଇବର୍ ଠକାମିର ଶିକାର ହୋଇଥିବା ଅନୁଭବ କରି ରାଉରକେଲା ସାଇବର୍ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ପରେ ରାଉରକେଲା ଏସପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ସାଇବର ଥାନା ଡିଏସପି ଅମରେନ୍ଦ୍ରନାଥ ଷଣ୍ଢ ଓ ଆଇଆଇସି ଦିଲିପ କୁମାର ଲାକ୍ରା ଘଟଣାର ତଦନ୍ତ ଆରମ୍ଭ କରିଥିଲେ।

ଟଙ୍କା ପଠାଯାଇଥିବା ବ୍ୟାଙ୍କ ଆକାଉଣ୍ଟ ନମ୍ବରକୁ ଖୋଳତାଡ଼ କରିବା ପରେ ଜଣା ପଡ଼ିଥିଲା ଯେ ତାହା ଅନୁଗୋଳ ସହରରେ ଥିବା ମୋଦି ଜୁଏଲାରୀର ଆକାଉଣ୍ଟ ନମ୍ବର। ଉକ୍ତ ଆକାଉଣ୍ଟକୁ ବ୍ୟବହାର କରି ତାଙ୍କ ଶୋ' ରୁମରୁ ୧୨ ଗ୍ରାମ ଓଜନର ଗୋଟିଏ ସୁନା ଚେନ୍ କ୍ରୟ କରାଯାଇଥିଲା। ତାକୁ ପଚରାଉଚରା କରିବା ପରେ ଏବଂ ଫୋନ କଲର ସିଡିଆର ଯାଞ୍ଚ ପରେ ପୁଲିସ ଅନୁଗୋଳର ଦୁଃଶାସନ ଭୋଇ ନାମକ ଜଣେ ଯୁବକକୁ ଗିରଫ କରିଛି। ଦୁଃଶାସନର ଘର ଅନୁଗୋଳ ଜିଲ୍ଲା ଠାକୁରପଡ଼ା ଥାନା ଅନ୍ତର୍ଗତ ଗୁଣ୍ଡୁରି ଗାଁରେ। ତାକୁ ପଚରାଉଚରା କରିବା ପରେ ସେ ସୌମ୍ୟରଞ୍ଜନ ପ୍ରଧାନ ଓରଫ ଲକିର ନାମକୁ ପୁଲିସକୁ ସୂଚନା ଦେଇଥିଲା।

- ଜେଲ୍ କର୍ମଚାରୀଙ୍କୁ ରାଉରକେଲା ଏସ୍ପିଙ୍କ ମାରାଥନ୍ ଜେରା
- ଜେଲ୍ ଭିତରକୁ ମୋବାଇଲ୍ ଗଲା କିପରି?
- ମାଷ୍ଟରମାଇଣ୍ଡ ନିକଟରୁ ୩ ମୋବାଇଲ ଓ ଗୁପ୍ତ ଡାଏରୀ ଜବତ
- ରାଉରକେଲା ହସ୍ପିଟାଲ ଅଧ୍ୟକ୍ଷଙ୍କଠାରୁ ୨ଲକ୍ଷ ଠକିଥିଲା

### ଚୌଦ୍ୱାର କାରାଗାରରୁ ମୋବାଇଲ ମିଳିବା ଘଟଣା

## ବାରମ୍ବାର ଫେଲ୍ ମାରୁଛି ଜେଲ୍ ଗୁଇନ୍ଦା

ଭୁବନେଶ୍ୱର, ୨୧।୩ (ସମିସ): ଚୌଦ୍ୱାର ମଣ୍ଡଳ କାରାଗାରର ବିବାଦ ପିଛା ଛାଡ଼ିବାର ନାଁ ଧରୁନାହିଁ। କଏଦୀ ଫେରାର୍ ଘଟଣାଠାରୁ ଆରମ୍ଭ କରି ଗ୍ୟାଙ୍ଗୱାର୍ ଓ ହାଇ-ସିକ୍ୟୁରିଟି ସେଲରୁ ମୋବାଇଲ, ଟଙ୍କା ଜବତ ପର୍ଯ୍ୟନ୍ତ ଘଟଣା ଜେଲ୍ ସୁରକ୍ଷା ଉପରେ ଆଙ୍ଗୁଳି ଉଠାଇଛି। ଏସବୁ ଘଟଣା କେବଳ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇନାହିଁ, ବରଂ ଜେଲ୍ ଭିତର ଗୁଇନ୍ଦା ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରୁଛି ବୋଲି ସ୍ପଷ୍ଟ ହୋଇଛି। ଦୁଇ କୁଖ୍ୟାତ ଅପରାଧୀ ଜେଲ୍ ପାଚେରି ଡେଇଁ ଫେରାର୍ ହେବା ପରେ ପୂରା ବିଭାଗ ନିନ୍ଦା ଅପବାଦ ମୁଣ୍ଡାଇଥିଲେ ମଧ୍ୟ ସେହି ଘଟଣାରୁ କିଛି ଶିଖି ନଥିବା ଭଳି ମନେ ହେଉଛି। ବାରମ୍ବାର ସୁରକ୍ଷା ଜନିତ ତ୍ରୁଟି ସାମ୍ନାକୁ ଆସୁଥିବା ବେଳେ ଉପରିସ୍ଥ ଅଧିକାରୀ କେବଳ ସର୍କୁଲାର ଓ ନିର୍ଦ୍ଦେଶନାମା ଜାରି କରି ହାତ ଟେକି ଦେଉଛନ୍ତି। ସେସବୁ କାର୍ଯ୍ୟକାରୀ ହେଉଛି କି ନାହିଁ, ତାହାର ଯାଞ୍ଚ କରିବାକୁ କେହି ନାହାନ୍ତି। ସବୁଥର ଭଳି ଗତକାଲି ହାଇ-ସିକ୍ୟୁରିଟି ସେଲ୍ ଭିତରୁ ମୋବାଇଲ ଓ ଟଙ୍କା ଜବତ ହେବା ପରେ କଡ଼ାକଡ଼ି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାନୁସାରେ, ଗତବର୍ଷ ଅକ୍ଟୋବର ୨/୩ ରାତିରେ ଲୁଟ୍ ଓ ହତ୍ୟା ମାମଲାର ଦୁଇ ଅଭିଯୁକ୍ତ ଚୌଦ୍ୱାର ଜେଲ୍ ପାଚେରି ଡେଇଁ ଫେରାର୍ ହୋଇଯାଇଥିଲେ। ଘଟଣାର ବିଭାଗୀୟ ତଦନ୍ତ ବେଳେ ଯାବତୀୟ ତ୍ରୁଟି ସାମ୍ନାକୁ ଆସିଥିଲା। ଦୁଇ ଅଭିଯୁକ୍ତ ପୂର୍ବରୁ ଫେରାର୍ ହେବାକୁ ଯୋଜନା କରୁଥିବାର ଲକ୍ଷଣ ଦେଖା ଦେଇଥିଲେ ମଧ୍ୟ ଜେଲର ବରିଷ୍ଠ ଅଧୀକ୍ଷକ ସୁରକ୍ଷା ବଢ଼ାଇ ନଥିଲେ କି ସେମାନଙ୍କୁ ଅନ୍ୟ ସେଲ୍କୁ ସ୍ଥାନାନ୍ତର କରିନଥିଲେ। କେବଳ ସେତିକି ନୁହେଁ, ଅନ୍ତେବାସୀମାନେ ରହୁଥିବା ସେଲ୍ ଓ ୱାର୍ଡରେ ନିୟମିତ ଯାଞ୍ଚ ହେଉ ନଥିବା ବେଳେ ଗୁଇନ୍ଦା ସୂଚନା ପାଇବାରେ କର୍ତ୍ତୃପକ୍ଷ ବିଫଳ ହୋଇଥିବାର ପ୍ରମାଣ ମଧ୍ୟ ମିଳିଥିଲା। ଏହାର ଠିକ୍ ୧୮ ଦିନ ପରେ ୬୨ନଂ ୱାର୍ଡରେ ଶୋଇଥିବା ଅନ୍ତେବାସୀ କବି ସେଠଙ୍କୁ ସେହି ୱାର୍ଡରେ ରହୁଥିବା ଅଭିଯୁକ୍ତ ସନ୍ତୋଷ ସିହ୍ନା ଆକ୍ରମଣ କରି ଗୁରୁତର କରିଥିଲା। ସେପଟେ ହାଇ-ସିକ୍ୟୁରିଟି 'ୱାଇ' ସେଲରେ ରହୁଥିବା ଲକି କିନ୍ନର ନିକଟ ଅତୀତରେ ରାଉରକେଲାର ଜଣେ ବ୍ୟବସାୟୀଙ୍କୁ ଫୋନ୍ କରି ଟଙ୍କା ମାଗିବା ସହ ଧମକ ଦେଇଥିଲା। ଏହି ଘଟଣାରେ ରାଉରକେଲା ପୁଲିସ ଗତକାଲି ଚୌଦ୍ୱାର ଜେଲରେ ଚଢ଼ଉ କରି ୩ଟି ମୋବାଇଲ, ୫୦ ହଜାର ଟଙ୍କା ଓ ନିଶାଦ୍ରବ୍ୟ ଜବତ କରିଥିଲା।

ଆପତ୍ତିଜନକ ଜିନିଷ ମିଳିବା ପରେ ସବୁଥର ପରି ଏଥର ମଧ୍ୟ ଜେଲ୍ ଡିଜି ତତ୍ପରତା ପ୍ରକାଶ କରିଛନ୍ତି। ଡିଜିଙ୍କ ନିର୍ଦ୍ଦେଶକ୍ରମେ ଡିଆଇଜି (ମୁଖ୍ୟାଳୟ) ଜେଲ୍ ଅଧୀକ୍ଷକମାନଙ୍କୁ ୫ ଧାଡ଼ିଆ ନିର୍ଦ୍ଦେଶ ଦେଇଛନ୍ତି। ଆଭ୍ୟନ୍ତରୀଣ ଗୁଇନ୍ଦା ସଂଗ୍ରହକୁ ତ୍ୱରାନ୍ୱିତ କରିବା ସହ ଆପତ୍ତିଜନକ ସାମଗ୍ରୀ ଠାବ ପାଇଁ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ବ୍ୟବହାର କରିବାକୁ କୁହାଯାଇଛି। ନିଷିଦ୍ଧ ସାମଗ୍ରୀ ଚିହ୍ନଟ ପାଇଁ ଅତର୍କିତ ତଲାସ ଓ ସନ୍ଦେହ ଉପୁଜିଲେ କଏଦୀଙ୍କ ବ୍ୟକ୍ତିଗତ ତଲାସୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଘଟଣ ବା ନିଷିଦ୍ଧ ସାମଗ୍ରୀ ମିଳିଲେ ସଂପୃକ୍ତ ଅଧିକାରୀ ଦାୟୀ ରହିବେ ଓ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏସବୁକୁ ସୁନିଶ୍ଚିତ କରିବାକୁ ରେଞ୍ଜ ଡିଆଇଜିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

କୌତୂହଳର ବିଷୟ ହେଲା, ଏସବୁ ନିର୍ଦ୍ଦେଶ ଜେଲ୍ ବିଭାଗ ପାଇଁ ନୂଆ ନୁହେଁ। ପୂର୍ବରୁ ଅଘଟଣ ଘଟିଲେ ଏପରି ନିର୍ଦ୍ଦେଶ ଜାରି କରାଯାଇଛି, କିନ୍ତୁ ସେସବୁ ଠିକ୍ ଭାବରେ ପାଳନ ହେଉନଥିବାରୁ ବାରମ୍ବାର ଜେଲ୍ ସୁରକ୍ଷାରେ ତ୍ରୁଟି ସାମ୍ନାକୁ ଆସୁଛି।

**ତଥାପି କାର୍ଯ୍ୟାନୁଷ୍ଠାନ ନାହିଁ; କେବଳ ନିର୍ଦ୍ଦେଶନାମା**

## ଘରେ ପଶି ଯୁବତୀଙ୍କୁ ଆଖିବୁଜା ହାଣିଲା



ପାତ୍ରପୁର, ୨୧।୩ (ସମିସ): ଘରେ ପଶି ଯୁବତୀଙ୍କୁ ଆଖିବୁଜା ହାଣିଲା ଯୁବକ। ଗଞ୍ଜାମ ଜିଲ୍ଲା ଜରଡ଼ା ଥାନା ଖାରିଆଗୁଡ଼ା ଫାଣ୍ଡି ଅନ୍ତର୍ଗତ ଷୋଳଭାଗପେଣ୍ଠ ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ଗୁରୁତର ଆହତ ଯୁବତୀଜଣଙ୍କ ହେଲେ, ଉକ୍ତ ଗ୍ରାମର କେ. କଇରାଙ୍କ ଝିଅ କେ. ସୁଇଟି। ସେ ଆଜି ଘରେ ଏକା ଥିବା ବେଳେ ଜଣେ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କ ଘରେ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ଯୁବତୀଙ୍କ ପିଠିକୁ ଆଖିବୁଜା ହାଣିବା ସହ ତାଙ୍କ ଗଳା, ହାତ ଓ ମୁହଁକୁ ବି ଆକ୍ରମଣ କରିଥିଲା। ଯୁବତୀଙ୍କ ଚିତ୍କାର ଶୁଣି ପଡ଼ୋଶୀ ପଳାଇ ଆସିବାରୁ ଦୁର୍ବୃତ୍ତଜଣଙ୍କ ସେଠାରୁ ଚମ୍ପଟ ମାରିଥିଲା। ପରିବାରଲୋକେ ଗୁରୁତର ସୁଇଟିଙ୍କୁ ପ୍ରଥମେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଖାରିଆଗୁଡ଼ା ଫାଣ୍ଡି ପୁଲିସ ଛାନଭିନ୍ ଆରମ୍ଭ କରିଛି। ଏକତରଫା ପ୍ରେମକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଦିନ ଦ୍ୱିପ୍ରହରେ ଏଭଳି ଜଘନ୍ୟ କାଣ୍ଡ ଘଟାଇ କିପରି ଦୁର୍ବୃତ୍ତ ଚାଲିଗଲେ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ରାମାୟଣ ନାଟକ ପାଇଁ ସରିଥିଲା ପ୍ରସ୍ତୁତି

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଦିଗପହଣ୍ଡି, ୨୧।୩(ସମିସ): ଦିଗପହଣ୍ଡି ବ୍ଲକ୍ ଫାସିଗୁଡ଼ା ଗ୍ରାମ ଢେପସାହିରେ ଥିବା ମା' ମଙ୍ଗଳା ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ ପାଇଁ ଶନିବାର ସମଗ୍ର ଗାଁ ଉତ୍ସବମୁଖର ହୋଇଥିଲା। ଗଜପତି ଜିଲ୍ଲା ଚାନ୍ଦିପୁଟ ଏବଂ ଗଞ୍ଜାମ ଜିଲ୍ଲା କେ. ଖରିଡ଼ା ଗ୍ରାମର ପୌରାଣିକ ରାମାୟଣ ଥିଏଟର୍ ମଞ୍ଚସ୍ଥ ପାଇଁ ସମସ୍ତ ପ୍ରସ୍ତୁତି ବି ସରିଥିଲା। ମାତ୍ର ଏହା ପୂର୍ବରୁ ଘଟିଯାଇଛି ଏକ ବଡ଼ ଅଘଟଣ। ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ସାନଖେମୁଣ୍ଡି ବ୍ଲକ ସିନ୍ଦୁରପୁର ଗ୍ରାମର ଗଣେଶ ବିଷୋୟୀ(୨୬)। ଶନିବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ନାଟକ ମଞ୍ଚ(ଭାଡ଼ି)ରେ ବିଦ୍ୟୁତ ସରଞ୍ଜାମ ଲଗା ଯାଇଥିଲା। ଗାଁରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ଥିଲା। ମଞ୍ଚ ନିକଟରେ ଥିବା ୧୧ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରରୁ ଲାଇନ୍ ନେବାକୁ ତାର ସଂଯୋଗ ବେଳେ ହଠାତ୍ ଲାଇନ୍ ଚାଲିଆସିଥିଲା। ଏହା ସଂସ୍ପର୍ଶରେ ଆସି ଯାଇଥିଲେ ଗଣେଶ। ଗୁରୁତର ଅବସ୍ଥାରେ ତାଙ୍କୁ ଦିଗପହଣ୍ଡି ମେଡ଼ିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଡେରଜାଙ୍ଗ ଡ୍ୟାମ୍ରେ ଆରମ୍ଭ ହେଲା ବୋଟିଂ

### ପର୍ଯ୍ୟଟନ ମାଧ୍ୟମରେ ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ହେବ: ଧର୍ମେନ୍ଦ୍ର

ଅନୁଗୋଳ, ୨୧।୩ (ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଅନୁଗୋଳ ଜିଲ୍ଲା ବଅଁରପାଳସ୍ଥିତ ଡେରଜାଙ୍ଗଠାରେ ବହୁପ୍ରତୀକ୍ଷିତ ବୋଟିଂ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ପ୍ରାୟ ୬ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଜିଲ୍ଲାର ପର୍ଯ୍ୟଟନ ଶିଳ୍ପକୁ ନୂତନ ପରିଚୟ ଦେବା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଅନୁଗୋଳ ଜିଲ୍ଲା ପ୍ରାକୃତିକ ଓ ସାଂସ୍କୃତିକ ବିଭବରେ ପରିପୂର୍ଣ୍ଣ। ସାତକୋଶିଆ ଅଭୟାରଣ୍ୟରୁ ଆରମ୍ଭ କରି ରେଙ୍ଗାଲି ଜଳଭଣ୍ଡାରର ସୌନ୍ଦର୍ଯ୍ୟ ଏବଂ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠ ପର୍ଯ୍ୟନ୍ତ ଏହି ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ରହିଛି। ମହାନଦୀ ଓ ବ୍ରାହ୍ମଣୀ ଭଳି ଦୁଇ ବଡ଼ ନଦୀର ପ୍ରବାହ ଏହି ମାଟିକୁ ସୁଦୃଢ଼ କରିଛି। ଡବଲ ଇଞ୍ଜିନ ସରକାରର ମିଳିତ ପ୍ରୟାସରେ ଏହି ସମ୍ଭାବନାକୁ ଉପଯୋଗ କରି ଅନୁଗୋଳକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ି ତୋଳିବା ଆମ ମୁଖ୍ୟ ଲକ୍ଷ୍ୟ।



ଡେରଜାଙ୍ଗ ପ୍ରକଳ୍ପ ପୂର୍ବରୁ କେବଳ ଜଳସେଚନ ଓ ପାନୀୟ ଜଳ ଯୋଗାଣରେ ସୀମିତ ଥିଲା। ଏବେ ଏହା ଏକ ଅତ୍ୟାଧୁନିକ ପର୍ଯ୍ୟଟନସ୍ଥଳୀରେ ପରିଣତ ହୋଇଛି। ଏଠାରେ ପର୍ଯ୍ୟଟକମାନେ ସ୍ପିଡ୍ ବୋଟ୍, ପେଡାଲ୍ ବୋଟ୍, ଜେଟ୍-ସ୍କି ଏବଂ ପେଡାଲ୍ ସ୍ୱାନ ବୋଟ୍ର ମଜା ନେଇପାରିବେ। ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବ। ଏଥିସହ ଆଗାମୀ ଦିନରେ ଜଙ୍ଗଲ ବିଭାଗ ପକ୍ଷରୁ ଏଠାରେ ଏକ 'ଇକୋ ଲଜ୍' ନିର୍ମାଣ ପାଇଁ ଯୋଜନା ରହିଛି, ଯାହା ପର୍ଯ୍ୟଟକଙ୍କୁ ଏକ ସ୍ମରଣୀୟ ଅନୁଭୂତି ପ୍ରଦାନ କରିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ।

ପରେ କେନ୍ଦ୍ରମନ୍ତ୍ରୀ ବଡ଼କେରଜାଙ୍ଗ ମଣ୍ଡଳ ତରଫରୁ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜଳସେଚନର ବିସ୍ତାର, ଉନ୍ନତ ଗମନାଗମନ ଏବଂ ପର୍ଯ୍ୟାବରଣର ସନ୍ତୁଳନ ରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବିଜେପି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ସମେତ ଅନୁଗୋଳ ବନଖଣ୍ଡ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ରାଜ୍ୟରେ ବିଗୁଡୁଛି ଆଇନଶୃଙ୍ଖଳା: ଅପରାଧୀ ଉପରମୁହାଁ

## ଛାତ୍ରୀଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ



**ଅଖାବସ୍ତାରୁ ଉଦ୍ଧାର ହେଲା ମୃତଦେହ**

■ ବାରିପଦା/କରଞ୍ଜିଆ, ୨୧।୩ (ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ବନସାହି ଜଙ୍ଗଲରୁ ଆଜି ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ଶବ ଏକ ଅଖାବସ୍ତାରୁ ଉଦ୍ଧାର ହୋଇଛି। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିବା ପରେ ଶବକୁ ଏକ ବସ୍ତାରେ ଭର୍ତ୍ତି କରି ଜଙ୍ଗଲରେ ଫିଙ୍ଗି ଦେଇଛି। ଛାତ୍ରୀଜଣଙ୍କ କିଛି ଦିନ ହେଲା ନିଖୋଜ ଥିଲେ। ଶନିବାର ସକାଳୁ ଏହି ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଛାତ୍ରୀଙ୍କର ବୟସ ୧୧ବର୍ଷ ହେବ ଏବଂ ସେ ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିରରେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ସୂଚନା ମୁତାବକ, ଶୁକ୍ରବାର ସନ୍ଧ୍ୟାରେ ଛାତ୍ରୀଜଣଙ୍କ ନିଖୋଜ ହୋଇଯାଇଥିଲେ। ପରିବାରଲୋକ ଏ ସଂପର୍କରେ କରଞ୍ଜିଆ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ଏହାକୁ ଗୁରୁତ୍ୱ ଦେଇନଥିଲା ବୋଲି ପରିବାରଲୋକ ଅଭିଯୋଗ କରିଛନ୍ତି। ଆଜି ସକାଳ ପ୍ରାୟ ୭ଟାରେ ବଣସାହି ନିକଟସ୍ଥ ଘଞ୍ଚ ଜଙ୍ଗଲରେ କରଞ୍ଜକାଠି ଆଣିବାକୁ ଯାଇଥିବା ଜଣେ ମହିଳା ଏକ ସନ୍ଦେହଜନକ ବସ୍ତା ପଡ଼ିଥିବା ଦେଖିଥିଲେ। ଏ ସମ୍ପର୍କରେ ସେ ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ପରେ ବସ୍ତା ଭିତରୁ ମୃତଦେହ ମିଳିବା ପରେ ସେମାନେ ମୃତ ନାବାଳିକାଙ୍କ ବାପା ଓ ଦାଦାଙ୍କୁ ସୂଚନା ଦେଇଥିଲେ। ଖବର ପାଇ ପରିବାରଲୋକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ମୃତ ନାବାଳିକାଙ୍କ ବେକରେ ନାଲିରଙ୍ଗର ଦାଗ ଥିବା ଦେଖାଯାଇଛି। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାରେ ଜଣଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା ଜାରି ରହିଛି।

## ସ୍କୁଲରେ ରାତ୍ରଜଗୁଆଳିଙ୍କୁ ହତ୍ୟା

■ ବାରିପଦା/ବୈଶିଙ୍ଗା, ୨୧।୩ (ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଶୁକ୍ରବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ କଳମା ଛକ ନିକଟରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରାତ୍ର ଜଗୁଆଳିଙ୍କୁ ହତ୍ୟା କରିବା ସହ ସ୍କୁଲ ଅଧ୍ୟକ୍ଷାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ମୃତ ରାତ୍ର ଜଗୁଆଳିଜଣଙ୍କ ହେଲେ, ଧନାପାଳ ଅଞ୍ଚଳର ସନ୍ନ୍ୟାସୀ ଦାସ (୫୦)। ସେହିପରି ଗୁରୁତର ଅଧ୍ୟକ୍ଷା ହେଲେ, କାଦମ୍ବିନୀ ରାଉତ (୬୦)। କାଦମ୍ବିନୀଙ୍କୁ ଜୁଡୁବୁଡୁ ଅବସ୍ଥାରେ ପ୍ରଥମେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଖବର ପାଇ ବୈଶିଙ୍ଗା ପୁଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାର ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ଘଟଣାସ୍ଥଳରୁ ରକ୍ତଲଗା ଏକ ପ୍ଲାଷ୍ଟିକ୍ ପାଇପ୍ ଜବତ କରିଛି। ଉକ୍ତ ପାଇପ୍‌ରେ ଦୁର୍ବୃତ୍ତମାନେ ସନ୍ନ୍ୟାସୀ ଓ କାଦମ୍ବିନୀଙ୍କୁ ଆକ୍ରମଣ କରିଥିବା ପୁଲିସ ସନ୍ଦେହ କରୁଛି। ତେବେ ଏହି ବର୍ବରୋଚିତ ଆକ୍ରମଣ ପଛର କାରଣ ଅସ୍ପଷ୍ଟ ଥିବା ବେଳେ ଲୁଟ୍ ଉଦ୍ଦେଶ୍ୟରେ ହୋଇଥିବା ସନ୍ଦେହ କରାଯାଉଛି।

**ଅଧ୍ୟକ୍ଷା ସଂକଟାପନ୍ନ, କଟକ ସ୍ଥାନାନ୍ତର**

ସୂଚନା ମୁତାବକ, ଗତ ରାତିରେ ସନ୍ନ୍ୟାସୀଙ୍କ ଦେହ ଅସୁସ୍ଥ ହେବାରୁ ସେ ଅଧ୍ୟକ୍ଷାଙ୍କ ସହ ବାଇକ୍‌ରେ କଳମାରେ ଥିବା ଶିକ୍ଷାକେନ୍ଦ୍ର ମାଲିକ ବା ଅଧ୍ୟକ୍ଷାଙ୍କ ଭାଇ ଡା. ବିଜୟ ରାଉତଙ୍କ କ୍ଲିନିକ୍‌କୁ ଯାଉଥିଲେ। ମାତ୍ର ସ୍କୁଲଠାରୁ ମାତ୍ର କିଛି ଦୂର ଏନ୍‌ଏଚ୍-୧୮ରେ ପହଞ୍ଚିବା ପୂର୍ବରୁ ୨/୩ଜଣ ଦୁର୍ବୃତ୍ତ ସେମାନଙ୍କୁ ପ୍ଲାଷ୍ଟିକ ପାଇପ୍‌ରେ ଅତର୍କିତ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସନ୍ନ୍ୟାସୀଙ୍କର ମୃତ୍ୟୁ ଘଟିଥିବା ବେଳେ କାଦମ୍ବିନୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ିଥିଲେ। ଖବର ପାଇ ବିଦ୍ୟାଳୟ ମାଲିକ ଦୁହିଁଙ୍କୁ ଉଦ୍ଧାର କରି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ସନ୍ନ୍ୟାସୀଙ୍କୁ ମୃତ ଘୋଷଣା କରିଥିଲେ। ଅଧ୍ୟକ୍ଷାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ଉକ୍ତ ବିଦ୍ୟାଳୟଟି ପୂର୍ବରୁ କଳମା ଛକରେ ଥିବା ବେଳେ କିଛି ମାସ ହେବ ନିଜସ୍ୱ ଜାଗାକୁ ସ୍ଥାନାନ୍ତର ହୋଇଥିଲା। ପୂର୍ବରୁ ସମ୍ପୃକ୍ତ ସ୍ଥାନ ମଦୁଆଙ୍କ ଆଡ଼ା ଥିଲା। ବିଦ୍ୟାଳୟ ଆରମ୍ଭ ପରେ ସମ୍ଭବତଃ ବିବାଦ ଉପୁଜି ଥାଇପାରେ ବୋଲି ଆଲୋଚନା ହେଉଛି। ବେତନଟୀ ଏସ୍‌ଡିପିଓ ମିନତି ବିଶ୍ୱାଳ ନିଜେ ଘଟଣାର ଅନୁଧ୍ୟାନ କରୁଛନ୍ତି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ଘରେ ପଶି ମହିଳାଙ୍କୁ ଦୁର୍ବୃତ୍ତଙ୍କ ଗୁଳିମାଡ଼

ଝାରସୁଗୁଡ଼ା, ୨୧।୩(ସମିସ): ଝାରସୁଗୁଡ଼ା ଜିଲ୍ଲା ସରବାହାଲରେ ଘରେ ପଶି ମୁଖାପିନ୍ଧା ଦୁର୍ବୃତ୍ତ ଜଣେ ମହିଳାଙ୍କୁ ଗୁଳିମାଡ଼ କରିଛନ୍ତି। ଆହତ ମହିଳା ବିଶ୍ୱ ବିଜୟିନୀ ଜେନା (୩୦)ଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସରବାହାଲ ତଳିପଡ଼ାଠାରେ ଧୀରେନ୍ଦ୍ର ମହାରଣା ଭଡ଼ାରେ ରହୁଛନ୍ତି। ତାଙ୍କ ଘର ସମ୍ବଲପୁର ହୋଇଥିବା ବେଳେ ଝାରସୁଗୁଡ଼ାରେ ସେ ବ୍ୟବସାୟ କରନ୍ତି। ଶୁକ୍ରବାର ରାତି ପ୍ରାୟ ସାଢ଼େ ୯ଟାରେ ବାଇକ୍‌ରେ ଜଣେ ଯୁବକ ମୁଖାପିନ୍ଧା ଯୁବକ ତାଙ୍କ ଘର ନିକଟରେ ପହଞ୍ଚିଥିଲା। ଧୀରେନ୍ଦ୍ର ବାହାରୁ ଆସି ରୋଷେଇ ଘରକୁ ଯାଇଥିବା ବେଳେ ତାଙ୍କ ପତ୍ନୀ ବିଶ୍ୱବିଜୟିନୀ ସୋଫା ଉପରେ ବସିଥିଲେ। ଦୁର୍ବୃତ୍ତଜଣଙ୍କ ଘର ଭିତରକୁ ପଶି ବିଶ୍ୱବିଜୟିନୀଙ୍କୁ ଦୁଇ ରାଉଣ୍ଡ ଗୁଳି କରିଥିଲା। ପ୍ରଥମ ଗୁଳିଟି ଲକ୍ଷ୍ୟଭ୍ରଷ୍ଟ ହୋଇଯାଇଥିବା ବେଳେ ଦ୍ୱିତୀୟ ଗୁଳିଟି ତାଙ୍କ ଜଙ୍ଘରେ ବାଜିଥିଲା। ପରେ ଦୁର୍ବୃତ୍ତ ଧୀରେନ୍ଦ୍ରଙ୍କୁ ମଧ୍ୟ ଗୁଳି କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ଧୀରେନ୍ଦ୍ର ତାକୁ ଧରିବାକୁ ଉଦ୍ୟମ କରିବାରୁ ଦୁର୍ବୃତ୍ତଜଣଙ୍କ ତାଙ୍କୁ ଗୋଇଠା ମାରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ବିଶ୍ୱବିଜୟିନୀଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଶନିବାର ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଏସ୍‌ଡିପିଓ ଉମାଶଙ୍କର ସିଂ, ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

■ ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ୍
■ ଗୁରୁତର ଅବସ୍ଥାରେ ଆହତଙ୍କୁ ବୁର୍ଲା ସ୍ଥାନାନ୍ତର

## ବୋଲେରୋ ଧକ୍କାରେ ସଫେଇ କର୍ମଚାରୀ ମୃତ



ପାଇକମାଳ, ୨୧।୩(ସମିସ): ପାଇକମାଳରେ ଅବକାରୀ ବିଭାଗ ନିକଟରେ ଥିବା ବ୍ରିଜ ପାଖରେ ଏକ ବୋଲେରୋ ଗାଡି ଧକ୍କା ଦେବାରୁ ଘଟଣା ସ୍ଥଳରେ ଜଣେ ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ନରସିମ୍ଘଡା ଗାଁର ସୁନୀଲ ସିନ୍ଦୁର (୨୮)। ସେ ପରିତୋଷ ଏଜେନ୍ସି କଟକ ନାମକ କମ୍ପାନୀ ତରଫରୁ ସଫେଇ କର୍ମଚାରୀ ଭାବେ ନୃସିଂହନାଥ ମନ୍ଦିରରେ କାର୍ଯ୍ୟ କରୁଥିଲେ। ଆଜି ସକାଳେ ନିଜ ଡ୍ୟୁଟି ସାରି ଘରକୁ ପୁଅକୁ ଡାକ୍ତରଖାନା ନେବା ପାଇଁ ବାଇକରେ ଫେରୁଥିଲେ। ଏହି ସମୟରେ ବୋଲେରୋ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ପାଇକମାଳ ଥାନାରେ ଏକ ମାମଲା ରୁଜୁ ହୋଇଛି। ଡ୍ରାଇଭର୍‌ର ଗୋଡ଼ ଭାଙ୍ଗି ଯାଇଥିବାରୁ ତାକୁ ପଦ୍ମପୁର ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପଠାଯାଇଛି। ମୃତକଙ୍କ ପତ୍ନୀ ବବିତା ବଗର୍ତ୍ତି (୨୫), ଝିଅ ସୁନିତା ସିନ୍ଦୁର (୫) ଓ ଦୁଇ ମାସର ପୁଅଙ୍କୁ ଧରି ଅନ୍ୟ ସଫେଇ କର୍ମଚାରୀ ତଥା ମନ୍ଦିର ସିକ୍ୟୁରିଟି ଗାର୍ଡ ଓ ଜନସାଧାରଣ ମୃତଦେହ ରଖି ନୃସିଂହନାଥ ଯିବା ରାସ୍ତାକୁ ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା ଅନୁକମ୍ପା ରାଶି, ସ୍ୱାମୀଙ୍କ ଚାକିରିରେ ବବିତାଙ୍କୁ ଥଇଥାନ ଆଦି ଦାବିରେ ଧାରଣା ଦେଇଥିଲେ। ପଦ୍ମପୁର ଏସଡିପିଓ ପାଣ୍ଡବ ଶବର, ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ସଫେଇ କର୍ମଚାରୀଙ୍କୁ ବୁଝାସୁଝା କରି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଯାଇଥିବା ଜଣାପଡ଼ିଛି।

■ ୫ ଘଣ୍ଟା ନୃସିଂହନାଥ ରାସ୍ତା ବନ୍ଦ
■ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି

## ହତ୍ୟା ପରେ ଖଣ୍ଡଖଣ୍ଡ କାଟି ଡ୍ରେନ୍‌ରେ ଫିଙ୍ଗିଦେଲେ


### ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ କଟା ଗୋଡ଼, ଅଣ୍ଟା ଉଦ୍ଧାର



■ ରାଉରକେଲା, ୨୧।୩ (ସମିସ): ସେକ୍ଟର୍-୧୬ରେ ଥିବା ଆର୍‌ଏସ୍‌ପି ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ଆଜି ଏକ କଟାଗୋଡ଼ ଓ ଅଣ୍ଟା ଜବତ ହୋଇଛି। ଉକ୍ତ କଟାଗୋଡ଼ରେ ଏକ ରଶି ବନ୍ଧା ଯାଇଥିବା ମଧ୍ୟ ଦେଖାଯାଇଥିଲା। ସେକ୍ଟର୍-୧୫ ଥାନା ପୁଲିସ ତାହାକୁ ଜବତ କରି ପରୀକ୍ଷା ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାଯାଇଛି। କେହି ଦୁର୍ବୃତ୍ତ କୌଣସି ଯୁବକ କିମ୍ବା ଯୁବତୀଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ଶବକୁ ଖଣ୍ଡଖଣ୍ଡ କରି କାଟି ଡ୍ରେନ୍‌ରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ଅପରପକ୍ଷେ, ଅଗ୍ନିଶମ ବିଭାଗ ଶରୀରର ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ ଖୋଜିବାକୁ ଉକ୍ତ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ଅଧିକ ଛାନ୍‌ଭିନ୍ ଚଳାଇଛି। ଏହି ଘଟଣାକୁ ନେଇ ସହରରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ ପୁଲିସ ପାଇଁ ଚ୍ୟାଲେଞ୍ଜର ବିଷୟ ହୋଇଛି। ଜବତ ଅଙ୍ଗପ୍ରତ୍ୟଙ୍ଗ ପୁରୁଷ ନା ଯୁବତୀଙ୍କର, ତାହା ଜାଣିବାକୁ ପୁଲିସ ଚେଷ୍ଟା ଚଳାଇଛି। ପୁଲିସ ଫୋରେନସିକ୍ ଟେଷ୍ଟ ରିପୋର୍ଟକୁ ଅପେକ୍ଷା କରିଥିବା ଜଣାଯାଇଛି। ଏହାସହ ନିକଟ ଅତୀତରେ ନିଖୋଜ ହୋଇଥିବା ଯୁବକ/ଯୁବତୀଙ୍କ ତଥ୍ୟ ସଂଗ୍ରହ କରୁଛି। ସୂଚନାନୁସାରେ, ଆର୍‌ଏସ୍‌ପି ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ଏକ ଅର୍ଦ୍ଧଭଗ୍ନ ଅଣ୍ଟା ଭାସୁଥିବା ସ୍ଥାନୀୟ ଲୋକେ ଏବଂ ସେଠାରେ କାର୍ଯ୍ୟରତ ସୁଇପର୍ ଦେଖି ପୁଲିସକୁ ସୂଚନା ଦେବା ପରେ ଘଟଣା ପ୍ରଘଟ ହୋଇଥିଲା। ପୁଲିସ ଓ ଅଗ୍ନିଶମ ସେବା କର୍ମଚାରୀମାନେ ସେଠାରେ ପହଞ୍ଚି ଉକ୍ତ କଟାଗୋଡ଼ ଓ ଅଣ୍ଟାକୁ ଜବତ କରିଥିଲେ।

**ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ**

## ପରିବେଶ ଓ ଶିଳ୍ପାୟନ ସମନ୍ୱୟରେ ହେବ ବିକାଶ



ଭୁବନେଶ୍ୱର,୨୧।୩(ସମିସ): ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ଆଜି ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସୁସ୍ଥ ପରିବେଶ ତଥା ମନୁଷ୍ୟ ଜୀବନରେ ବଣ ଜଙ୍ଗଲର ମହତ୍ତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ବନ ଦିବସ ପାଳନ କରାଯାଉଛି ବୋଲି କହିଛନ୍ତି। ଉତ୍ତମ ବନ ପରିଚାଳନା ପଦ୍ଧତି, ବ୍ୟାପକ ଚାରାରୋପଣ ଓ ସଚେତନତା ମାଧ୍ୟମରେ ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ହୋଇପାରିଛି। ଗତ ଦୁଇ ବର୍ଷ ମଧ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ହୋଇଛି। ସେହିପରି ପରିବେଶ ଓ ଶିଳ୍ପାୟନ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କଲେ ଦେଶ ଓ ରାଜ୍ୟ ବିକଶିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜଙ୍ଗଲ ସୁରକ୍ଷା ସହିତ ଜଙ୍ଗଲରୁ ଜୀବିକା ନିର୍ବାହ କରାଯାଇ ପାରିବ ବୋଲି କହିବା ସହ ଜଙ୍ଗଲ ନିଆଁ ଓ ମଣିଷ-ବନ୍ୟଜନ୍ତୁ ସଂଘର୍ଷ ରୋକିବାକୁ ଯତ୍ନବାନ ହେବା ପାଇଁ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଯୋଗଦେଇ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳ ଲୋକଙ୍କ ଜୀବନ ଜୀବିକାକୁ ଆଗକୁ ନେବା ପାଇଁ ସରକାର ଉଦ୍ୟମ ଜାରି ରଖିଥିବା କହିଛନ୍ତି। ମୁଖ୍ୟ ସଚିବ ଅନୁ ଗର୍ଗ କେବଳ ପର୍ଯ୍ୟଟନ କ୍ଷେତ୍ରରୁ ୨୫ ଲକ୍ଷ ନିଯୁକ୍ତି ପାଇଁ ଯୋଜନା କରାଯାଇଥିବା କହିଛନ୍ତି। ବିଭାଗୀୟ ସଚିବ ଭାସ୍କର ଜ୍ୟୋତି ଶର୍ମା ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. କେ ମୁରଗେଶନ ଧନ୍ୟବାଦ ଅର୍ପଣ କରିଥିଲେ।

## ରଥ ପାଇଁ ଗଲା ୧୬ ଖଣ୍ଡ ଫାସିକାଠ

ବୁଗୁଡ଼ା,୨୧।୩(ସମିସ): ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ରଥ ତିଆରି ପାଇଁ ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ବୁଗୁଡ଼ା ବନାଞ୍ଚଳରୁ କାଠ ଯାଇଛି। ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ଖରିଡା, ବଡଖୋଲି, ସାନଖୋଲି ଅଞ୍ଚଳରୁ ୧୬ ଜଣ ଧାର୍ମିକ ବ୍ୟକ୍ତି ଉକ୍ତ ୧୬ଟି ବୃହତ୍ ଫାସି ଗଛ ରଥ ନିର୍ମାଣ ସକାଶେ ଦାନ କରିଥିଲେ। ପୂଜାପାଠ ସମ୍ପାଦନ କଲାପରେ କାଠ ଗୁଡିକୁ ବୁଗୁଡ଼ା ବଡଦାଣ୍ଡ ଶ୍ରୀବଳଦେବଜୀଉ ମନ୍ଦିର ସମ୍ମୁଖକୁ ଅଣାଯାଇଥିଲା। ତାପରେ ସେଠାରେ ବାଦ୍ୟବାଜଣା ସହ ପୂଜାର୍ଚ୍ଚନା ପରେ ଟ୍ରକ୍‌ରେ ସେଗୁଡିକୁ ପୁରୀକୁ ପ୍ରେରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଡ. ବିପାଶା ପାରୁଲ୍, ଏସିଏଫ୍ ପ୍ରଦୀପ କୁମାର ବେହେରା, ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁ ଓ ସମସ୍ତ ବନ କର୍ମଚାରୀ, ବୁଗୁଡ଼ା ରଥଯାତ୍ରା ପରିଚାଳନା କମିଟିର କର୍ମକର୍ତ୍ତା, ବୁଗୁଡ଼ା ଅଞ୍ଚଳର ବୁଦ୍ଧିଜୀବୀ ଓ ବହୁ ଜଗନ୍ନାଥ ପ୍ରେମୀ ଯୋଗ ଦେଇଥିଲେ।

**ଲେଖାଶ୍ରୀଙ୍କ କଡ଼ା ସମାଲୋଚନା**

## ମାନସିକ ଅସ୍ଥିରତା ଦେଇ ଗତି କରୁଛନ୍ତି ପ୍ରଭାତ ବିଶ୍ୱାଳ



■ ବିଜେଡିକୁ ଦୁର୍ବଳ କରିବାକୁ ଯେତେ ଷଡ଼ଯନ୍ତ୍ର କଲେ ବି ସଫଳ ହେବେନି ପ୍ରଭାତ
■ ଦୁର୍ନୀତିରେ ଲିପ୍ତ ଥିବା ପ୍ରଭାତଙ୍କ ଟିପ୍ପଣୀ ପାଗଳର ବାଚାଳାମି

ଭୁବନେଶ୍ୱର,୨୧।୩(ସମିସ): ଚିଟଫଣ୍ଡ ଭଳି ଦୁର୍ନୀତି ମାମଲାରେ ଛନ୍ଦି ହୋଇଥିବା ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ବିଜୁ ଜନତା ଦଳର ନୀତି ଓ ନୈତିକତାକୁ ନେଇ ଟିପ୍ପଣୀ ଦେବା ଜଣେ ପାଗଳର ବାଚାଳାମି। ରାଜ୍ୟସଭା ନିର୍ବାଚନରେ ପୁଅ ସୌଭିକ ବିଶ୍ୱାଳଙ୍କୁ ଘୋଡ଼ା ବେପାରରେ ସାମିଲ କରାଇ କୋଟି କୋଟି ଟଙ୍କା ହାତେଇ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହିତ ଯେଉଁ ବିଶ୍ୱାସଘାତକତା କରିଛନ୍ତି, ତାଙ୍କୁ କଟକବାସୀ କେବେ କ୍ଷମା ଦେବେ ନାହିଁ ବୋଲି କହି ବର୍ଷିଛି ବିଜୁ ଜନତା ଦଳ।

ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ପ୍ରଭାତ ବିଶ୍ୱାଳ ୧୯୯୫ ମସିହାରେ ତତ୍କାଳୀନ କଂଗ୍ରେସ ସରକାର ସମୟରେ ନଳକୂପ ବସାଇବା ଦୁର୍ନୀତିରେ ସମ୍ପୃକ୍ତ ରହି କୋଟି କୋଟି ଟଙ୍କା ହାତେଇ ଥିଲେ। ବିଗତ ଦିନରେ ନିଜର ଖର୍ଚ୍ଚ ପାଇଁ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀରୁ କେତେ ଟଙ୍କା ଚାନ୍ଦା ନେଇଛନ୍ତି ତାହା କଟକବାସୀଙ୍କୁ ଭଲ ଭାବେ ଜଣା। ଦଳରୁ ନିଲମ୍ବନ ହେବା ପରେ, ସେ କେତେବେଳେ କ'ଣ କହୁଛନ୍ତି ନିଜେ ଜାଣିପାରୁ ନାହାନ୍ତି। ତାଙ୍କ ବକ୍ତବ୍ୟରୁ ଜଣାପଡୁଛି ସେ ଦୀର୍ଘ ଦିନ ହେଲା ଚାପରେ ଅଛନ୍ତି। ଗଣମାଧ୍ୟମ ସମ୍ମୁଖରେ ସେ ଯେଉଁ ବକ୍ତବ୍ୟ ରଖୁଛନ୍ତି, ସେଥିରୁ ଜଣାପଡୁଛି ସେ ବିଜେଡିକୁ ଦୁର୍ବଳ କରିବା ପାଇଁ ସତେ ଯେମିତି ଠିକା ନେଇଛନ୍ତି । ବିଜେଡି ହେଉଛି ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଦଳ। ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ସର୍ବଦା ଲଢ଼େଇ କରୁଥିବା ବିଜେଡିକୁ ଦୁର୍ବଳ କରିବାକୁ ଯେଉଁମାନେ ଷଡ଼ଯନ୍ତ୍ର କରୁଛନ୍ତି, ଓଡ଼ିଶାବାସୀ ତାଙ୍କୁ କେବେ ବି କ୍ଷମା ଦେବେନି ।

ଡ. ସାମନ୍ତସିଂହାର ଆହୁରି କହିଥିଲେ ଯେ ପ୍ରଭାତ ବିଶ୍ୱାଳ ୧୫ ଦିନ ତଳେ କହୁଥିଲେ ଭି. କାର୍ତ୍ତିକେୟନ ପାଣ୍ଡିଆନଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟନଙ୍କୁ ଦଳର ଦାୟିତ୍ୱ ଦିଆଯାଉ ଏବଂ ତାଙ୍କୁ ରାଜ୍ୟସଭାକୁ ପଠାଯାଉ । ଆଜି ପୁଣି ତାଙ୍କ ବିରୋଧରେ ବିଷୋଦ୍‌ଗାର କରିବା ପାଗଳର ପ୍ରଳାପ ସଦୃଶ। ସେ ଆଜି ନିଜ ବକ୍ତବ୍ୟରେ କହିଥିଲେ କି ଦିଲ୍ଲୀରେ ରେଜିଷ୍ଟ୍ରେସନ ହୋଇଥିବା ଟ୍ରଷ୍ଟରେ ବିଜେଡିର ୪ ହଜାର କୋଟି ଟଙ୍କା ଭି.କେ ପାଣ୍ଡିଆନ ଓ ସଂତୃପ୍ତ ମିଶ୍ର ନିଜ ମାଲିକାନାକୁ ନେଇଗଲେ । ତାଙ୍କର ଏହି ବକ୍ତବ୍ୟକୁ ଗୋଟିଏ ଶବ୍ଦରେ କହିବାକୁ ଗଲେ ଏହା ହେଉଛି ପାଗଳର ପ୍ରଳାପ। ନିଜେ ନବୀନ ବାବୁ ସ୍ପଷ୍ଟ କରିଛନ୍ତି ଯେ ଏହା ତାଙ୍କର ବ୍ୟକ୍ତିଗତ ଏବଂ ପରିବାରର ଭାଇ, ଭଉଣୀ ସମସ୍ତଙ୍କ ଜାଣତରେ ଏ ଟ୍ରଷ୍ଟ ଗଠନ କରାଯାଇଛି। ନବୀନ ବାବୁ ନିଜସ୍ୱ ପାଣ୍ଠିରୁ ୧ ଲକ୍ଷ ଟଙ୍କା ଟ୍ରଷ୍ଟକୁ ଦେଇଛନ୍ତି । ଏହା ହେଉଛି ଚିରାଚରିତ ସତ୍ୟ । ଟ୍ରଷ୍ଟରେ ଦଳର ୪ ହଜାର କୋଟି ଟଙ୍କା ଥିବା କହି ପ୍ରଭାତ ବିଶ୍ୱାଳ ଜନସାଧାରଣଙ୍କୁ ଭ୍ରମିତ କରିବାର ମନ୍ଦ ଉଦ୍ଦେଶ୍ୟ ଆଜି ପ୍ରମାଣିତ ହୋଇଛି । ବିଜୁ ବାବୁ 'ୟୁନିସ୍କୋ' ଭଳି ସାଇଣ୍ଟିଫିକ୍ ଆୱାର କରିଥିଲେ; କିନ୍ତୁ ତାକୁ ଏ ସରକାର ବନ୍ଦ କରିଦେଲେ। ସେହି କାମକୁ ଆଗକୁ ନେବା ପାଇଁ ଏ ଟ୍ରଷ୍ଟ ଗଠନ କରାଯାଇଛି, କାହାର ହରିଲୁଟ୍ ପାଇଁ ଏ ଟ୍ରଷ୍ଟ ଗଠନ କରାଯାଇନି। ନବୀନ ବାବୁ ଓ ବିଜୁ ବାବୁ ସର୍ବଦା ଲୋକଙ୍କ ସେବା କରୁଥିଲେ। ତାଙ୍କର କଟକସ୍ଥିତ ବାସଭବନ ଲୋକଙ୍କ ସେବାରେ ସମର୍ପିତ ହୋଇଛି । ବିଜୁ ଜନତା ଦଳ ସର୍ବଦା ଓଡ଼ିଶାବାସୀଙ୍କ ଲୋକପ୍ରିୟ ଦଳ ହୋଇ ରହିଆସିଛି ଏବଂ ଆଗାମୀ ଦିନରେ ରହିବ ବୋଲି ଡ. ସାମନ୍ତସିଂହାର କହିଥିଲେ।

## ଶିମିଳିପାଳରେ ବର୍ଷା; ବନାଗ୍ନିରୁ ଆଶ୍ୱସ୍ତି



ବାରିପଦା, ୨୧।୩ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନରେ ବର୍ଷା ପାଇଁ ବନାଗ୍ନିରୁ ଆଶ୍ୱସ୍ତି ମିଳିଛି। ଶୁକ୍ରବାର ରାତିରେ ଶିମିଳିପାଳ ଅଭୟାରଣ୍ୟ ନଅଁଣା ରେଞ୍ଜରେ ସର୍ବାଧିକ ୪୬.୨ମିମି ବର୍ଷା ହୋଇଥିବା ହୋଇଥିବା ବେଳେ କେନ୍ଦୁମୁଣ୍ଡିରେ ସର୍ବନିମ୍ନ ୨.୫୪ମିମି ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁଁ ତାପମାତ୍ରା ମଧ୍ୟ ସାମାନ୍ୟ ହ୍ରାସ ପାଇ ଚହଲା ଓ ଉପର ବାରହାକାମୁଡ଼ାରେ ସର୍ବନିମ୍ନ ତାପାମତ୍ରା ୧୩ ଡିଗ୍ରୀକୁ ଖସି ଆସିଥିବା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବାରିପଦା ସର୍କଲର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ବନାଗ୍ନି ରୋକିବା ପାଇଁ ବନବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସଚେତନତାମୂଳକ କାର୍ଯ୍ୟ କରିବା ସହ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରାଯାଉଛି। ଏପରିସ୍ଥଳେ ଶିମିଳିପାଳ ଅଭୟାରଣ୍ୟ ସମେତ ଜିଲାର ବିଭିନ୍ନ ସ୍ଥାନରେ ଲଗାତାର ତିନିଦିନ ଧରି ବର୍ଷା ହେଉଛି। ଶୁକ୍ରବାର ଶିମିଳିପାଳର ବାରିପଦା ରେଞ୍ଜରେ ୮.୩୮୨ମିମି, ପିଠାବଟାରେ ୪.୫୭୨ମିମି, ବଡ଼ଗାଁ ରେଞ୍ଜରେ ୨.୭୯୪ମିମି, ଡୁକୁରାରେ ୧୩.୨୦୮ମିମି, ପୋଡାଡିହାରେ ୨୯.୨୧ମିମି, ଭଞ୍ଜବସାରେ ୩୬.୩୨୨ମିମି, ଉପର ବାରହାକାମୁଡାରେ ୨୭.୬ମିମି, ଜେନାବିଲରେ ୩୫.୩୦୬ମିମି, କୁଳିପାଳରେ ୧୭.୨୭୨ମିମି, କବାଟଘାଇରେ ୧୧.୪୩ମିମି, ବୁଢାବଲଙ୍ଗରେ ୧୧.୨ମିମି, ବରେହିପାଣିରେ ୧.୭୭୮ମିମି, ଚହଲାରେ ୨୭.୨ମିମି, ରାମତୀର୍ଥରେ ୩.୫୫୬ମିମି, ଠାକୁରମୁଣ୍ଡାରେ ୭.୬୨ମିମି ଓ ସାତକୋଶିଆରେ ୧୨.୭ମିମି ବର୍ଷା ରେକର୍ଡ କରାଯାଇଛି। ଏହାଦ୍ୱାରା ତାପମାତ୍ରାରେ ମଧ୍ୟ ସାମାନ୍ୟ ପରିବର୍ତ୍ତନ ହୋଇଛି। ଉପର ବାହରହାକାମୁଡା ଓ ଚହଲାରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ରହିଥିବା ବେଳେ ଗୁଡୁଗୁଡିଆରେ ୧୬, ବରେହିପାଣିରେ ୧୫ ଡିଗ୍ରୀ, ରାମତୀର୍ଥରେ ୧୮ ଡିଗ୍ରୀ ଓ କିଆଝରୀରେ ୧୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଶନିବାର ମେଘୁଆ ପାଗ ରହିଥିବା ବେଳେ ପ୍ରକୃତିର ଅବଦାନ ଯୋଗୁଁ ବାନଗ୍ନି ପ୍ରଶମିତ ହୋଇପାରିବ ବୋଲି ପରିବେଶବିତ୍ ମାନେ ଖୁସି ପ୍ରକଟ କରିଛନ୍ତି।

**ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ**

**ଜାଲ୍ ପ୍ରମାଣପତ୍ରରେ ଚାକିରି**

## ଅଭିଯୋଗ ସତ୍ତ୍ୱେ ଓପିଏସ୍‌ସି ନିଦାବିଷ୍ଟ


■ ଅସୁସ୍ଥତା ପାଇଁ ପ୍ରେସକ୍ରିପସନ୍ କରିଛନ୍ତି ଏଡିଟିଂ
■ ଆର୍‌ଟିଆଇ ତଥ୍ୟ ଫିଟାଇଦେଲା ଗୁମର

ଭୁବନେଶ୍ୱର, ୨୧।୩(ସମିସ): ମିଥ୍ୟା ପ୍ରମାଣପତ୍ର ଦେଇ ସରକାରୀ ଚାକିରି ହାତେଇଲେ। ହାଇକୋର୍ଟଙ୍କ ସମେତ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ନିକଟରେ ଜାଲ୍ ଡକ୍ୟୁମେଣ୍ଟ ବି ଦାଖଲ କଲେ। ମାତ୍ର, ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ତାଙ୍କର ସବୁ ଠକେଇ ଧରାପକାଇଦେବା ପରେ ଏବେ ଆଇନ ଜାଲରୁ ବର୍ତ୍ତିବା ପାଇଁ ଓପିଏସ୍‌ସିକୁ ଚିଠି ଲେଖି ତାଙ୍କ ପ୍ରାର୍ଥିତ୍ୱ ରଦ୍ଦ କରିବା ପାଇଁ ଗୁହାରି କରିଛନ୍ତି। କିନ୍ତୁ, ଏସବୁ ସତ୍ତ୍ୱେ ଓପିଏସ୍‌ସି କର୍ତ୍ତୃପକ୍ଷ ନିଦାବିଷ୍ଟ ସାଜିଛନ୍ତି। ସମ୍ପୃକ୍ତ ପ୍ରାର୍ଥୀ ଠକେଇ କରି ନିଯୁକ୍ତି ପାଇଥିବା ତଥ୍ୟ ପ୍ରମାଣ ସହ ଗତ ନଭେମ୍ବର ମାସରୁ ଓପିଏସ୍‌ସି ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ଏଯାଏଁ କୌଣସି କାଯ୍ୟାନୁଷ୍ଠାନ ହୋଇନାହିଁ। ଏହି ଘଟଣା ଏବେ ଓପିଏସ୍‌ସିର ବିଶ୍ୱସନୀୟତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଭିଯୋଗ ଅନୁଯାୟୀ, ଆସିଷ୍ଟାଣ୍ଟ କନଜରଭେଟର୍ ଅଫ୍ ଫରେଷ୍ଟ ଓ ରେଞ୍ଜର୍ ପଦରେ ନିଯୁକ୍ତି ପାଇଁ ଓପିଏସ୍‌ସି ପରୀକ୍ଷା କରାଇଥିଲା। ଶାରୀରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପାରିନଥିବା ପ୍ରଦୀପ କୁମାର ସ୍ୱାଇଁ ଏବଂ ପ୍ରିୟାଂଶୁ ବାରିକ ନାମକ ଦୁଇଜଣ ପ୍ରାର୍ଥୀ ପରୀକ୍ଷା ସମୟରେ ଅସୁସ୍ଥ ଥିବାରୁ ତାଙ୍କୁ ଆଉ ଏକ ସୁଯୋଗ ଦେବାକୁ ହାଇକୋର୍ଟରେ ନିବେଦନ କରିଥିଲେ। ଏଥିପାଇଁ କ୍ୟାପିଟାଲ୍ ହସ୍ପିଟାଲ୍‌ର ପ୍ରେସକ୍ରିପସନ୍‌କୁ ପ୍ରମାଣ ଭାବେ ଦାଖଲ କରିଥିଲେ। ସେହି ପ୍ରମାଣ ଅନୁଯାୟୀ ତାଙ୍କ ନିବେଦନକୁ ହାଇକୋର୍ଟ ଗ୍ରହଣ କରିବା ସହ ଉଭୟଙ୍କ ପୁନଃ ଶାରୀରିକ ପରୀକ୍ଷା ପାଇଁ ଅନୁମତି ଦେବାକୁ ଏପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପୁନଃ ସେମାନଙ୍କ ଶାରୀରିକ ପରୀକ୍ଷା କରାଯାଇଥିଲା ଓ ଉଭୟ କୃତକାର୍ଯ୍ୟ ମଧ୍ୟ ହୋଇଥିଲେ। ତନ୍ମଧ୍ୟରୁ ପ୍ରଦୀପ ଚୂଡ଼ାନ୍ତ ମେଧା ତାଲିକାର ୧୨ତମ ସ୍ଥାନରେ ରହି ନିଯୁକ୍ତି ପାଇଁ ଚୟନ ହୋଇଛନ୍ତି। ମାତ୍ର କ୍ୟାପିଟାଲ୍ ହସ୍ପିଟାଲ୍ ପ୍ରେସକ୍ରିପ୍ସନ୍‌ରେ ଠକେଇ କରାଯାଇଥିବା କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ଦ୍ଦେଶକ ଆର୍‌ଟିଆଇ ମାଧ୍ୟମରେ ସୂଚନା ଦେବା ପରେ ସମସ୍ତ ଘଟଣାର ପର୍ଦ୍ଦାଫାସ୍ ହୋଇଛି। ଉଭୟ ପ୍ରାର୍ଥୀ ଅଗଷ୍ଟ ୧୮ ତାରିଖ ରାତି ୧୨ଟା ୨୫ରେ ଓପିଡି ଟିକେଟ୍ କରିଥିଲେ ମଧ୍ୟ ତାକୁ ପରବର୍ତ୍ତୀ ସମୟରେ ଏଡିଟିଂ କରି ପରୀକ୍ଷା ସମୟ ଅର୍ଥାତ୍ ଜୁଲାଇ ୧୬ ଓ ୧୭ ତାରିଖ କରାଯାଇଥିବା ନିର୍ଦ୍ଦେଶକ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଏହାପରେ କଠୋର୍ କାର୍ଯ୍ୟାନୁଷ୍ଠାନ ସହ ଗିରଫଦାରୀ ଭୟ ଥିବାରୁ ଗତ ନଭେମ୍ବର ୨ତାରିଖରେ ତାଙ୍କ ପ୍ରାର୍ଥିତ୍ୱକୁ ମେଧା ତାଲିକାରୁ ବାଦ୍ ଦେବା ପାଇଁ ଓପିଏସ୍‌ସିକୁ ଅନୁରୋଧ କରିଛନ୍ତି।

ଅପରପକ୍ଷେ, ସେ କ୍ୟାପିଟାଲ୍ ହସ୍ପିଟାଲ୍ ପ୍ରେସକ୍ରିପ୍ସନ୍‌ରେ ଠକେଇ କରି ପୁନଃ ଶାରୀରିକ ପରୀକ୍ଷା ପାଇଁ ଅନୁମତି ପାଇଥିବା ଅନ୍ୟ ପ୍ରାର୍ଥୀମାନେ ଓପିଏସ୍‌ସି ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। ଅତ୍ୟନ୍ତ ଖାମଖିଆଲ ମନୋଭାବ ପୋଷଣ କରିବା ସହ ପ୍ରେସକ୍ରିପସନ୍ ଯାଞ୍ଚ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇନଥିଲା। ଫଳରେ, ରାଜ୍ୟର ଏହି ସର୍ବୋଚ୍ଚ ନିଯୁକ୍ତି ପରିଚାଳନା ସଂସ୍ଥାର ବିଶ୍ୱସନୀୟତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ୟାପକ ଟଙ୍କା କାରବାର କରି ଗଳାବାଟରେ ଗଳାଇ ଦେବାକୁ ଅଧିକାରୀମାନେ ଚକ୍ରାନ୍ତ କରିଥିବା ଅନ୍ୟ ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି। ହାଇକୋର୍ଟଙ୍କୁ ମିଥ୍ୟା ତଥ୍ୟ ଦାଖଲ କରିଥିବା ପ୍ରାର୍ଥୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆଶାୟୀମାନେ ଦାବି କରିଛନ୍ତି।

# କଟକ ସିଟି



# ରୌପ୍ୟନଗରୀରେ ଇଦ୍-ଉଲ୍-ଫିତର୍














କଟକ, ୨୧।୩(ସମିସ)

ରୌପ୍ୟନଗରୀରେ ଧୂମଧାମରେ ପବିତ୍ର ଇଦ୍-ଉଲ୍-ଫିତର୍ ପାଳିତ ହୋଇଛି। ଏହି ଅବସରରେ କଟକର ସମସ୍ତ ମସଜିଦରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ବିଶେଷକରି ସହରର କଦମ୍ ରସୁଲ ଏବଂ ଇଦ୍‌ଗା ମସଜିଦରେ ନମାଜ ପାଠ ପାଇଁ ମୁସଲମାନ ଭାଇମାନଙ୍କ ପ୍ରବଳ ଭିଡ ହୋଇଥିଲା। ସକାଳ ୭ରୁ ହିଁ ଦରଗାବଜାରସ୍ଥିତ ଛୋଟି ମସ୍‌ଜିଦରେ ପ୍ରଥମ ସାମୂହିକ ନମାଜ ପାଠ କରାଯାଇଥିଲା। ପରେ ସକାଳ ସାଢେ ୧୦ଟାରେ ଇଦ୍‌ଗା ପଡ଼ିଆରେ ହଜାର ହଜାର ମୁସଲିମ ଭାଇମାନେ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିଥିଲେ। ଏହି ଅବସରରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂହ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, କଂଗ୍ରେସ ନେତା ସୁରେଶ ମହାପାତ୍ର, ନିଗମର ପୂର୍ବତନ ଉପଦେଷ୍ଟା ରଞ୍ଜନ ବିଶ୍ୱାଳଙ୍କ ସମେତ ବହୁ ରାଜନେତା ତଥା ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଇଦ୍ ମୁବାରକ୍‌ର ଶୁଭେଚ୍ଛା ପ୍ରଦାନ କରିଥିଲେ।

ଦୀର୍ଘ ୨୯ ଦିନ ଧରି ରୋଜା ରଖିଥିବା ମୁସଲମାନ ସମ୍ପ୍ରଦାୟ ଏହି ପର୍ବକୁ ଆଜି ପାଳନ କରିଛନ୍ତି। ସମୂହ ନମାଜ ପାଠ ପରେ ସାମୂହିକ ଭୋଜନ ସହ ପରସ୍ପରକୁ ଇଦ୍ ଶୁଭେଚ୍ଛା ଆଦାନ ପ୍ରଦାନ କରିଥିଲେ। ମସ୍‌ଜିଦ ନିକଟରେ ସବୁ ଧର୍ମର ଲୋକ ଏକତ୍ରିତ ହୋଇ ଏହି ପର୍ବ ପାଳନ କରିଥିଲେ। ଯାହାକି କଟକ ସହରରେ ଭାଇଚାରାର ଏକ ନିଆରା ଦିଗଦର୍ଶନର ପ୍ରମାଣ। ସବୁ ମୁସ୍‌ଲିମାନଙ୍କ ଏହା ହେଉଛି ବଡ଼ ପର୍ବ। ଇଦ୍ ପାଇଁ ଚଳଚଞ୍ଚଳ ହୋଇଥିଲା ସବୁ ମସ୍‌ଜିଦ ଓ ଇଦଗା ମୈଦାନ। ଇଦ୍ ଏକ ଆରବୀ ଶବ୍ଦ ଯାହାର ଅର୍ଥ ଆନନ୍ଦ ଉତ୍ସବ ଓ ଫିତର ବା ଫିତ୍ରର ଅର୍ଥ ହେଲା ଉପବାସ ଭାଙ୍ଗିବା। ଏଇ ପର୍ବଟି ଅଣତିରିଶିଆ ବା ତିରିଶିଆ ମାସରେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କରାଯାଉଥିବା ଉପବାସର ଉପସଂହାର ବା ଶେଷ। ସେଥିପାଇଁ ଇଦର ପ୍ରଥମ ଦିନ ମାସର ପ୍ରଥମ ଦିନ ହୋଇଥାଏ। ଇସଲାମରେ ରମଜାନ ମାସକୁ ପବିତ୍ର ମାସ ବୋଲି କୁହାଯାଏ। ମାସ ସାରା ମୁସଲମାନମାନେ ଉପବାସ କରିଥାନ୍ତି। ୨ଟି ଇଦ ଭିତରୁ ଏହା ହେଉଛି ଗୋଟିଏ। ଅନ୍ୟଟି ହେଲା 'ଇଦ୍ ଉଲ-ଅଜହା'। ମୁସଲମାନମାନେ ଏଇ ପର୍ବରେ ଆଲ୍ଲାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଭୋଜି-ଭାତ ସହିତ ଅନେକ ସୁସ୍ୱାଦୁ ଭୋଜନର ମଜା ନେଇଥାନ୍ତି। ଆମେ ହିନ୍ଦୁ ହେଲେ ମଧ ଇଦ୍ ପର୍ବରେ ସାମିଲ ହୋଇଥାଉ। ଏହି ପର୍ବ ପାଳନ କରି ଆମକୁ ବହୁତ ଆନନ୍ଦ ମିଳିଥାଏ। ଭାଇଚାର ସହର କଟକରେ ସମସ୍ତ ପର୍ବରେ ସମସ୍ତ ସମ୍ପ୍ରଦାୟର ଲୋକମାନେ ମିଶି ପାଳନ କରିଥାନ୍ତି। ଏହିକ୍ରମରେ ଭାଇଚାରାର ସହର କଟକ ସବୁବେଳେ ବିଶ୍ୱ ପାଇଁ ଉଦାହରଣ ସାଜିଥାଏ ବୋଲି ମେୟର ସୁବାସ ସିଂହ କହିଛନ୍ତି। ପ୍ରତ୍ୟେକ ବର୍ଷ ଏହି ପର୍ବରେ ଇଦଗା ପଡ଼ିଆରେ ୭ ହଜାରରୁ ଅଧିକ ଲୋକ ନମାଜ ପାଠ କରିଥାନ୍ତି। ଇଦଗାରେ ନମାଜ ପାଠ କଲେ, ଅଧିକ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଥିବାରୁ ଏଠାରେ ସର୍ବାଧିକ ଲୋକ ଏକତ୍ରିତ ହୋଇଥାନ୍ତି। ଭାଇଚାରାର ସହର କଟକରେ କେବଳ ମୁସଲିମ୍ ନୁହନ୍ତି, ଏହି କାର୍ଯ୍ୟକ୍ରମରେ ସହରର ଲୋକପ୍ରତିନିଧି, ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ଅଂଶଗ୍ରହଣ କରିଥାନ୍ତି। ଏହି ପରମ୍ପରା ଏବେ କାର ନୁହେଁ ବର୍ଷ ଏହା ବହୁତ ପୁରୁଣା ବୋଲି କଦମ୍‌ରସୁଲ୍ ପରିଚାଳନା କମିଟି ସଭାପତି ଶମ୍ସାନ୍ ଖାନ୍ କହିଛନ୍ତି। କଟକରେ ୪୨ରୁ ଅଧିକ ମସ୍‌ଜିଦ୍ ରହିଛି। ସେଥିମଧ୍ୟରୁ କଟକ ଦରଗାବଜାରସ୍ଥିତ କଦମ୍‌ରସୁଲରେ ସକାଳ ସାଢ଼େ ୮ ଓ ସକାଳ ୯ଟାରେ ଦୁଇଥର ନମାଜ ପାଠ କରାଯାଇଥିଲା। ସେହିପରି ଇଦଗା ମସଜିଦରେ ପୂର୍ବାହ୍ନ ସାଢ଼େ ୧୦ଟାରେ ନମାଜ ପାଠ କରାଯାଇଥିବା ସୂଚନା ମିଳିଛି।

**ଇଦ୍‌ଗା' ପଡ଼ିଆରେ ସମୂହ ନମାଜ ପାଠ**
**କଦମ୍ ରସୁଲ ସମେତ ସହରର ୪୨ଟି ମସଜିଦ୍ ଉତ୍ସବମୁଖର**

### ଏଲ୍‌ପିଜି ସଙ୍କଟ ପରେ ଖାଇବା ତେଲ ଦର ବୃଦ୍ଧି

## ହୋଟେଲ ମେନୁ ମହଙ୍ଗା, ଫାଷ୍ଟଫୁଡ୍ ସେଣ୍ଟର ବନ୍ଦ

**କଟକ, ୨୧।୩(ସମିସ):** ମଧ୍ୟପ୍ରାଚ୍ୟରେ ଜାରି ଯୁଦ୍ଧ ସ୍ଥିତି ପାଇଁ ଏବେ ବି ଏଲପିଜି (ରନ୍ଧନ ଗ୍ୟାସ) ସିଲିଣ୍ଡରର ଘୋର ଅଭାବ ଦେଖାଦେଇଛି। ଗ୍ୟାସ ସିଲିଣ୍ଡର ନମିଳିବାରୁ ଏବେ ହୋଟେଲ ମାଲିକମାନେ ପୁଣିଥରେ ପାରମ୍ପରିକ କାଠ ଚୁଲିକୁ ଆପଣେଇବାକୁ ବାଧ ହୋଇଛନ୍ତି। ଗୋଟିଏପଟରେ ସିଲିଣ୍ଡର ଦର ବୃଦ୍ଧି ଘଟିଥିବା ବେଳେ ଯୁଦ୍ଧ ପ୍ରଭାବରେ ଖାଇବା ତେଲର ଦର ଅହେତୁକ ବୃଦ୍ଧି ଘଟିଛି। ଯାହାର ପ୍ରଭାବ ସିଧାସଳଖ କଟକ ବଜାରରେ ମିଳୁଥିବା ଖାଦ୍ୟ ସାମଗ୍ରୀ ଉପରେ ପଡ଼ିଛି। ଏଥିପାଇଁ ହୋଟେଲ ଖାଇବା ମହଙ୍ଗା ହୋଇଯାଇଥିବା ବେଳେ ରାସ୍ତାକଡ଼ରେ ମିଳୁଥିବା ଟିଫିନ ଓ ଫାଷ୍ଟଫୁଡ ଦର ବଢ଼ାଇଛନ୍ତି ବ୍ୟବସାୟୀ। ଦର ବୃଦ୍ଧି ଫଳରେ ହୋଟେଲ ଓ ଉଠାଦୋକାନୀଙ୍କ ବେପାର ପ୍ରଭାବିତ ହୋଇଛି। ପଶ୍ଚିମ ଏସିଆରେ ଲାଗିରହିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ଏହି ସଙ୍କଟ ସୃଷ୍ଟି ହୋଇଛି। ହୋଟେଲ ମାଲିକଙ୍କ ସୂଚନା ଅନୁଯାୟୀ, ଗତ ୧୦-୧୫ଦିନ ମଧ୍ୟରେ ପ୍ରାୟ ୩୦ ପ୍ରତିଶତ ବ୍ୟବସାୟ ହ୍ରାସ ପାଇଛି। କଟକ ସହରରେ ଛୋଟବଡ ପ୍ରାୟ ୧୫୦ରୁ ଅଧିକ ହୋଟେଲ ରେଷ୍ଟୁରାଣ୍ଟ ରହିଥିବା ବେଳେ ଦର ବୃଦ୍ଧି ପାଇଁ ଅନଲାଇନ ଅର୍ଡର ହ୍ରାସ ପାଇଛି। ଏଣୁ ବର୍ତ୍ତମାନ ଲାଭାଂଶ କମିଯାଇଥିବା କହୁଛନ୍ତି ହୋଟେଲ ମାଲିକ। ରନ୍ଧନ ଗ୍ୟାସ ସିଲିଣ୍ଡର ମିଳୁନଥିବାରୁ ଅନେକ ହୋଟେଲ ପାଇଁ ଏବେ କୋଇଲା ଓ କାଠ ଚୁଲି ଭରସା ପାଲଟିଛି। ତେବେ ପୂର୍ବରୁ କାଠ ଓ କୋଇଲାର ମୂଲ୍ୟ ଯାହା ଥିଲା ତାହା ବି ୨୦ପ୍ରତିଶତ ବଢ଼ିଯାଇଛି। ଗ୍ୟାସ ସଙ୍କଟ ଯୋଗୁଁ ହୋଟେଲ ମେନୁରେ ଅନେକ ପରିବର୍ତ୍ତନ କରାଯାଇଛି। ଅନେକ ହୋଟେଲ ଏବେ ଇଣ୍ଡକସନ ଷ୍ଟୋଭ୍ ବ୍ୟବହାର କରୁଛନ୍ତି। ସେହିଭଳି ସହରରେ ଯେଉଁଠି ଟିଫିନ ବା ଜଳଖିଆ ଦର ୨୫ଟଙ୍କା ଥିଲା ତାହା ଏବେ ୩୫ଟଙ୍କା ହୋଇଯାଇଛି। ସେହିଭଳି ଫାଷ୍ଟଫୁଡ ସେଣ୍ଟର ଗୁଡିକ ପାଇଁ ଏଲପିଜି ନିତାନ୍ତ ଜରୁରୀ ହୋଇଥିବା ବେଳେ ସେଗୁଡିକ ବେଶୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସିଲିଣ୍ଡର ଶେଷ ପାଇଁ ସେମାନେ ବାଧ ହୋଇ ସପ୍ତାହକୁ ୪ରୁ ୫ ଦିନ ବେପାର ବନ୍ଦ ରଖୁଛନ୍ତି। ଏହି ସଙ୍କଟର ପ୍ରଭାବ ପବିତ୍ର ଇଦ ଉତ୍ସବ ଉପରେ ମଧ ପଡ଼ିଛି।

### ଟ୍ରାଫିକ୍ ପୁଲିସର ସ୍ପେସାଲ୍ ଡ୍ରାଇଭ୍

## ଦିନକରେ ୨୧୯ ମାମଲା

**କଟକ, ୨୧।୩(ସମିସ):** ନିୟମ ଓ ଆଇନକୁ କଡ଼ାକଡ଼ି ଭାବେ ପାଳନ କରିବା ଲାଗି ଟ୍ରାଫିକ୍ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ବିଶେଷକରି କଟକ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସହିତ ଜାତୀୟ ରାଜପଥରେ ଏହି ଡ୍ରାଇଭ କରାଯାଇ ୨୧୯ ନିୟମଭଙ୍ଗକାରୀ ଘଟଣାରେ ମାମଲା ରୁଜୁ ସହିତ ଚାଲାଣ କଟାଯାଇଛି। ଓଏମପି, ମଙ୍ଗୁଳି, କନ୍ଦରପୁର, ନରାଜ, ବାଙ୍କି, ତ୍ରିଶୂଳିଆ ସହିତ ଜାତୀୟ ରାଜପଥର ଏକାଧିକ ସ୍ଥାନରେ ଏହି ଡ୍ରାଇଭ କରାଯାଇଥିଲା। ତଦ୍‌ନୁଯାୟୀ ବିନା ହେଲମେଟରେ ବାଇକ ଚାଳନା କରିବା ଘଟଣାରେ ୩୭ଟି ମାମାଲା ରୁଜୁ ହୋଇଥିବା ବେଳେ ଦ୍ରୁତଗତିରେ ଗାଡି ଚାଳନା କରିବା ନେଇ ୮୪, ବାଇକ ଚାଳନାବେଳେ ମୋବାଇଲ ଫୋନ ବ୍ୟବହାର କରିବା ନେଇ ୩, ଭୁଲ ରାସ୍ତାରେ ଗାଡିଚାଳନା ୨, ବେଆଇନ ପାର୍କିଂ ୧୦, ଗାଡ଼ି କାଗଜପତ୍ର ଠିକ୍ ନଥିବା ୧୫, ବିପଦସଂକୁଳ ଅବସ୍ଥା ମାଲପରିବହନ କରିନେବା ୨, ଶ୍ରମିକମାନଙ୍କୁ ବିପଦ ସଂକୁଳ ଅବସ୍ଥାରେ ଛିଡା କରାଇନେବା ୨, ବାଇକରେ ୩ଜଣିଆ ବସି ଯାତ୍ରା କରିବା ୩ଟି ମାମଲା ରୁଜୁ ହୋଇଛି। ସେହିପରି ଅତ୍ୟଧିକ ମାଲପରିବହନ କରିବା ନେଇ ୨, ମଦ୍ୟପାନକରି ଗାଡିଚାଳନା କରିବା ଘଟଣାରେ ଜଣକୁ ଗିରଫ କରାଯାଇ ସ୍ଥାନୀୟ ଥାନା ଜିମା ଦିଆଯାଇଛି। ଏହିପରି ଭାବେ ଆଜି ମୋଟ ୨୧୯ଟି ମାମଲାରେ ଚାଲାଣ କଟାଯାଇଛି। ଏହାଛଡ଼ା ମଲଟି ଟୋନ୍ ହର୍ଣ୍ଣ, ଉଜ୍ଜଳ ଆଲୋକ ବ୍ୟବହାର ଆଦି ଯାବତୀୟ ନିୟମ ଯାଞ୍ଚରେ ଅର୍ନ୍ତଭୁକ୍ତ କରାଯାଇଛି। ସେହିପରି ନିୟମ ଭାଙ୍ଗି ବାରମ୍ବାର ଧରାହେବା ଘଟଣାରେ ଏଣିକି ଗାଡିଗୁଡିକ ଜବତ କରାଯିବା ସହିତ ଚାଳକଙ୍କ ଲାଇସେନ୍ସ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରଦ୍ଦପାଇଁ ସୁପାରିସ କରାଯିବ।

## ଦୁଇ ମହିଳା ହୋମ୍‌ଗାର୍ଡଙ୍କ ମାର୍‌ପିଟ୍

କଟକ, ୨୧।୩(ସମିସ): ଗାଡ଼ି ପାର୍କିଂକୁ ନେଇ ଦୁଇ ମହିଳା ହୋମଗାର୍ଡ଼ଙ୍କ ମଧ୍ୟରେ ମାରପିଟ୍ ଘଟିଥିବା ଜଣାପଡ଼ିଛି। ଉଭୟ ଏଥିରେ ଖଣ୍ଡିଆଖାବରା ହୋଇଛନ୍ତି। ରିଜର୍ଭ ପୁଲିସରେ କାର୍ଯ୍ୟ କରୁଥିବା ଦୁଇ ମହିଳା ହୋମଗାର୍ଡ଼ ଗୋଟିଏ ଗୋଟିଏ ସ୍ଥାନରେ ରହୁଛନ୍ତି। ଉଭୟଙ୍କର ସ୍କୁଟି ରହିଛି, ହେଲେ ଗାଡି ପାର୍କିଂକୁ ପ୍ରତିଦିନ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥାଏ। ଶୁକ୍ରବାର କିନ୍ତୁ ଘଟଣା ଉଗ୍ରରୂପ ନେଇଥିଲା। ଠେଲାପେଲା ପରେ ଉଭୟଙ୍କ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଚାଲିଯାଇଥିଲା। ଏହାକୁ ଦେଖି କେତେକ ମହିଳା ପୁଲିସ କର୍ମଚାରୀ ସେମାନଙ୍କୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ, ହେଲେ ବିଫଳ ହୋଇଥିଲେ। ଜୋର୍‌ରେ ମାରପିଟ୍ ହେବାରୁ ଉଭୟ ଖଣ୍ଡିଆ ଖାବରା ହେବା ସହିତ ରକ୍ତାକ୍ତ ହୋଇପଡ଼ିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ସୂଚନା ପାଇ ଜଣେ ବରିଷ୍ଠ ଅଧିକାରୀ ସେଠାରେ ପହଞ୍ଚିବା ସହିତ ତାଗିଦା ମଧ୍ୟ କରିଥିଲେ। ଏହାପରେ ଉଭୟଙ୍କୁ ମେଡ଼ିକାଲ ନିଆଯାଇ ଚିକିତ୍ସା କରାଯାଇଥିଲା। ଅନ୍ୟପକ୍ଷରେ ଏହି ଘଟଣା ପାଇଁ ଉଭୟଙ୍କୁ କୈଫିୟତ ମଗାଯାଇଥିବା ଜଣାପଡ଼ିଛି।

## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉତ୍ସବ



**କଟକ, ୨୧।୩(ସମିସ):** ଧର୍ମ ଜାଗରଣ ସମନ୍ୱୟ କଟକ ତରଫରୁ ସଂଯୋଜକ ମନୋହର ମହନ୍ତଙ୍କ ଅଧ୍ୟକ୍ଷତାରେ ଶତାବ୍ଦୀ ଭବନଠାରେ ହିନ୍ଦୁ ନବବର୍ଷ ଉତ୍ସବ ପାଳନ କରାଯାଇଛି। ମୁଖ୍ୟଅତିଥି ରୂପେ ଧର୍ମ ଜାଗରଣ ପୂର୍ବ ଭାରତ କ୍ଷେତ୍ର ପ୍ରମୁଖ ବିନୟ କୁମାର ଭୂୟାଁ, ସମ୍ମାନିତ ଅତିଥି ରୂପେ ପ୍ରାନ୍ତ ସହ ନିଧି ପ୍ରମୁଖ ଧ୍ରୁବ ଚରଣ ବେହେରା ଯୋଗ ଦେଇଥିଲେ। ଛୋଟ ଛୋଟ ସ୍କୁଲ ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଭକ୍ତି ସଙ୍ଗୀତରେ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଦୁଇ ଜଣ ସମାଜସେବୀ ଡ଼ଃ ତୋଫାନ ଦାସ ଓ ଆର ରାମବାବୁଙ୍କୁ ନିଜ ନିଜ ସ୍ତରରେ ଜନସେବା କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ହିନ୍ଦୁ ନବବର୍ଷ ସମ୍ମାନ ୨୦୨୬ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଜନ ତଥା ଗୋ-ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୬ ସମାଜ ସେବା ଅନୁଷ୍ଠାନକୁ ହିନ୍ଦୁ ନବବର୍ଷ ସମ୍ମାନ ୨୦୨୬ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଦୀପ୍ତ ନାୟକ, ମୃତ୍ୟୁଞ୍ଜୟ ନାୟକ, ସାର୍ଥକ ନାୟକ, ଦୀପକ ସାହୁ, ଗୋପୀନାଥ ସେଠୀ, ସିଭା ମହାନ୍ତି, ସଂଯୁକ୍ତା ପାତ୍ର, ସିବ ଶଙ୍କର ସାହୁ, ପଙ୍କୋଜ ମହାପାତ୍ର, ରିନା ନାୟକ, ପ୍ରିୟା ମହାପାତ୍ର, ସୋମନାଥ ଶତପଥୀ, କାମାକ୍ଷା ବେହେରା, ଦିଲ୍ଲୀପ ରାୟ, ଅମୂଲ୍ୟ ବେହେରା, ଖିରୋଦ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ବିଶ୍ୱଜିତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ପ୍ରତାପନଗରୀରେ ୫ ଦିନିଆ ଫ୍ଲଡ୍‌ଲାଇଟ ଫୁଟ୍‌ବଲ


**କଟକ, ୨୧।୩(ସମିସ):** କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀ କୁଆଖାଇ ନଦୀକୂଳରେ ଥିବା ଅଜଗର ଖେଳ ପଡ଼ିଆରେ ପ୍ରତାପ କ୍ଲବ ପକ୍ଷରୁ ଫୁଟବଲ ମ୍ୟାଚ ତୃତୀୟ ଦିବସରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ଦୀର୍ଘ ୫ଦିନ ଧରି ରାତ୍ରରେ ଅନୁଷ୍ଠିତ ହେବ। ଏଥିରେ ସମୁଦାୟ ୩୨ଟି ଟିମ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ଜଗତସିଂପୁର, ଢେଙ୍କାନାଳ ଆଦି ଅଞ୍ଚଳରୁ ଅଂଶଗ୍ରହଣ କରୁଛନ୍ତି। ବିଜୟୀ ଦଳକୁ ନଗଦରାଶି ସହିତ ଆକର୍ଷଣୀୟ ଟ୍ରଫି ଓ ରନର୍ସଅପ ଦଳକୁ ନଗଦରାଶି ପ୍ରଦାନ କରାଯିବ ବୋଲି କ୍ଲବ ସଭାପତି ନିରଞ୍ଜନ ରାଉତ, ଶିବୁନ ସେନାପତି, ତ୍ରିନାଥ ବେହେରା, ସନାତନ ଦାସ, ସାଗର ରାଉତ, ରାଜେଶ ରାଉତ ପ୍ରମୁଖ ସୂଚନା ଦେଇଛନ୍ତି। ଜ୍ୟୋତିରଞ୍ଜନ ସ୍ୱାଇଁ, ମିକୁନ ମହାନ୍ତି, ମାନସ ବିଶ୍ୱାଳ ପ୍ରମୁଖ ରେଫରି ଭାବେ ଖେଳକୁ ପରିଚାଳନା କରୁଛନ୍ତି। ଆର୍ଶେଲ ମିତ୍ତଲ ଷ୍ଟିଲ ପ୍ରାଇଭେଟ ଲିମିଟେଡର ମୁଖ୍ୟ ଘନଶ୍ୟାମ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ମା'ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସମ୍ପାଦକ ପ୍ରମୋଦ କୁମାର ବେହେରା, ସହସମ୍ପାଦକ ବାଦଲ କୁମାର ଜେନା, କୋଷାଧ୍ୟକ୍ଷ ବାଦଲ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।



## ରେଭେନ୍ସା ଅର୍ଥଶାସ୍ତ୍ର ବିଭାଗର ଆଲୋଚନାଚକ୍ର

**କଟକ, ୨୧।୩(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗ ତରଫରୁ 'ଭାରତର ଗଣତାନ୍ତ୍ରିକ ପରୀକ୍ଷଣ: ବହୁମୁଖୀ ସମାଜରେ ରାଜନୈତିକ ପ୍ରକ୍ରିୟା' ଶୀର୍ଷକ ଏକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଯାଇଛି। ଗଣତନ୍ତ୍ର ଭାବରେ ଭାରତର ଯାତ୍ରା ଆଧୁନିକ ଇତିହାସର ସବୁଠାରୁ ଉଲ୍ଲେଖନୀୟ ରାଜନୈତିକ ପରୀକ୍ଷଣ ମଧ୍ୟରୁ ଗୋଟିଏ। ଏହି ଆଲୋଚନାଚକ୍ରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରଫେସର ନେତାଜୀ ଅଭିନନ୍ଦନ ମୁଖ୍ୟ ଆଲୋଚକ ଭାବେ କହିଥିଲେ ଭାରତର ଗଣତାନ୍ତ୍ରିକ ପରୀକ୍ଷଣ ପ୍ରେରଣାଦାୟକ ଏବଂ ଜଟିଳ। ଗଣତନ୍ତ୍ର ନିର୍ବାଚନ ପ୍ରକ୍ରିୟାରେ ସୀମିତ ହୋଇଯାଉଛି ଏବଂ ଦଳୀୟ ବ୍ୟବସ୍ଥାର ବିବର୍ତ୍ତନ ଆମ ଗଣତନ୍ତ୍ର ପାଇଁ ଏକ ଆହ୍ୱାନ ଭାବରେ ଉଭା ହୋଇଛି। ଗଣତନ୍ତ୍ରକୁ ଏକ ଅନ୍ତିମ ସଫଳତା ନୁହେଁ; ଅନେକ ସଂସ୍କାରର ଆବଶ୍ୟକତା ରହିଛି। ବିଭାଗର ମୁଖ୍ୟ ଡକ୍ଟର ମନୋଜ କୁମାର ଦାସଙ୍କ ସ୍ୱାଗତ ଭାଷଣ ଦେଇଥିବାବେଳେ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା, ପିଏଚଡି ସ୍କଲାର ଏବଂ ଛାତ୍ରଛାତ୍ରୀ ମିଳିତ ଭାବରେ ସେମିନାରର ସଫଳତାରେ ଅବଦାନ ରଖିଥିଲେ। ଛାତ୍ରୀ ସୌମ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ସ୍ଥିତିପ୍ରଜ୍ଞା ସ୍ୱାଇଁଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କହିଥିଲେ।

## ରାମେଶ୍ୱର ମହାଦେବଙ୍କ ପୀଠରେ ଗୀତାଯଜ୍ଞ



**ତିଗିରିଆ, ୨୧।୩(ସମିସ):** ତିଗିରିଆ ବ୍ଲକ ନୂଆପାଟଣା ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀ ରାମେଶ୍ୱର ମହାଦେବଙ୍କ ପୀଠରେ ୩୦ତମ ବାର୍ଷିକ ଗୀତାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ସୁନାମଧନ୍ୟ ବାଦ୍ୟଶିଳ୍ପୀ ଶରତ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଧ୍ୟାନଚାନ୍ଦ ଦାସଜୀ, ସ୍ଥାନୀୟ ସରପଞ୍ଚ ସୋମନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସ ୨୦ ତାରିଖରୁ ଆରମ୍ଭ ହେଉଥିବା ଏହି ଯଜ୍ଞ ଚଳିତ ବର୍ଷ ମଧ ୨୦ ତାରିଖଠାରୁ ଆରମ୍ଭ ହୋଇ ୨୪ ତାରିଖରେ ପୂର୍ଣ୍ଣାହୁତି ସହ ଉଦଯାପିତ ହେବ ବୋଲି ଆୟୋଜକ ରାମେଶ୍ୱର ସେବା ସଂଘର ସଭାପତି କେଶବଚନ୍ଦ୍ର ପାତ୍ର ଓ ସମ୍ପାଦକ ଯୋଗୀନାଥ ଅକ୍ଷିତ ସୂଚନା ଦେଇଛନ୍ତି।

### ବସନ୍ତ ବିଶ୍ୱାଳଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଲୋକାର୍ପିତ

# କର୍ମଯୋଗୀ ବସନ୍ତ ଥିଲେ କଟକର ଦ୍ୱିତୀୟ ବାଇମୁଣ୍ଡି

କଟକ, ୨୧।୩(ସମିସ)





ବସନ୍ତ ବାବୁ ଥିଲେ ଜଣେ କର୍ମତତ୍ପର ପୁରୁଷ। ଯାହା ଉଚିତ ମନେ କରୁଥିଲେ ତାକୁ ବିଜୁଳି ବେଗରେ କରୁଥିଲେ କାର୍ଯ୍ୟକାରୀ। ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରୁଥିଲେ ତତକ୍ଷଣାତ୍। ଜନ୍ମ ତିର୍ତ୍ତୋଲରେ ହୋଇଥିଲେ ବି କର୍ମ ଭୂମି କଟକ ପାଇଁ ସେ ଥିଲେ ତ୍ରାଣକର୍ତ୍ତା। ମହାନଦୀ ଓ କାଠଯୋଡ଼ିର ଚାରିପଟେ ରିଂ ବନ୍ଧ କରି କଟକ ବାସୀଙ୍କ ପାଇଁ ସାଜିଥିଲେ ଦ୍ୱିତୀୟ ବାଇମୁଣ୍ଡି। ଅଭିନବ ବିଡାନାସୀ ଭଳି ସାଟେଲାଇଟ ସିଟି (ସିଡିଏ) ଥିଲା ତାଙ୍କର ବାସ୍ତବ ପରିକଳ୍ପନା। ପ୍ରଥମ ଫ୍ଲାଏ ଓଭର ବ୍ରିଜ, ଜବାହାରଲାଲ ଇଣ୍ଡୋର ଷ୍ଟାଡିୟମ, ସାରଳା ଭବନ ଥିଲା ତାଙ୍କରି ହାତ ତିଆରି କୃତୀ ବୋଲି ସ୍ୱର୍ଗତଃ ବସନ୍ତ କୁମାର ବିଶ୍ୱାଳଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ସର୍ବଦଳୀୟ ନେତା ଓ ବୁଦ୍ଧିଜୀବି ମାନେ ଯୋଗ ଦେଇ ମତ ପ୍ରକାଶ କରିଛନ୍ତି।

କଟକ ମହାନଗର ନିଗମ ପ୍ରଚେଷ୍ଟାରେ କଟକ ବାରବାଟି ଷ୍ଟାଡିୟମ ନିକଟସ୍ଥ ଦୟା ଆଶ୍ରମ ପାର୍ଶ୍ୱରେ ରେ ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିକୁ ମେୟର ସୁବାସ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ କର୍ପୋରେଟର ବିକାଶ ରଞ୍ଜନ ବେହେରାଙ୍କ ସହଯୋଗରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ତାଙ୍କର ସୁପୁତ୍ର ତଥା ପୂର୍ବତନ ଏମ୍‌ପି ରଞ୍ଜୀବ ବିଶ୍ୱାଳ ଉପସ୍ଥିତ ରହି ପ୍ରତିମୂର୍ତ୍ତି ସ୍ଥଳର ସୌନ୍ଦର୍ଯ୍ୟକରଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ସମୟ ପରିବାର ପକ୍ଷରୁ ନିର୍ବାହ କରିବାକୁ ଅନୁମତି ଲୋଡିଥିଲେ। ଏଥିରେ ଅଧ୍ୟକ୍ଷତା କରି ମେୟର ଶ୍ରୀ ସିଂହ କହିଲେ ଯେ ପୂଜ୍ୟପୂଜାକୁ ସମ୍ମାନ ଦେବାରେ ସିଏମସି ଅବହେଳା କରିନାହିଁ। ସ୍ୱର୍ଗତଃ ବସନ୍ତ ବିଶ୍ୱାଳଙ୍କ ଭଳି ଜଣେ କର୍ମଯୋଗୀ କଟକ ବାସୀଙ୍କ ପାଇଁ ଯାହା କରିଯାଇଛନ୍ତି ତାହା ଅବର୍ଣ୍ଣନୀୟ। ତାଙ୍କୁ ସ୍ମରଣ କରିବାରେ ଅବହେଳା କଲେ କଟକର ବର୍ତମାନ ଓ ଭବିଷ୍ୟତ ପୀଢ଼ି ଆମକୁ କେବେବି କ୍ଷମା ଦେବନି। କଟକ ପୂଜାକମିଟି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଏଥିରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ବସନ୍ତ ବାବୁଙ୍କ ପାଇଁ ଆଜି କଟକ ସହର ବାସୀ ଶାନ୍ତିରେ ନିଶ୍ୱାସ ମାରିପାରୁଛନ୍ତି। ନା ଅଛି ସେ ବନ୍ୟାର ଭୟ ନା ସହରକୁ ଛୁଇଁ ପାରୁଛି କାଠଯୋଡ଼ି ଓ ମହାନଦୀର ଫୁତ୍କାର। ରିଙ୍ଗ ରୋଡ ଏବେ ସହର ବାସୀଙ୍କ ପାଇଁ ହୋଇଯାଇଛି ସୁରକ୍ଷା କବଚ। ବାରବାଟୀ କଟକ ବିଧାୟକ ସୋଫିଆ ଫିରଦୋଷ ଏଥିରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ମୋ ବାବା ମହମ୍ମଦ ମୋକିମ୍ ସବୁବେଳେ କହୁଥିଲେ, ଆମେ କେବେ ଦେଖିନଥିଲୁ କଟକ ସହର ପାଇଁ ତାଙ୍କ ଆଗରୁ କିଏ ଚିନ୍ତା କରୁଥିଲା କଟକର ହେଉ ଡେଭଲପମେଣ୍ଟ। ପ୍ରକୃତରେ ସେ ଥିଲେ କଟକିଆଙ୍କ ପାଇଁ କଟକିଆ। ତେଣୁ ତାଙ୍କର ଯେତେ ଗୁଣଗାନ କଲେ ଅଧୁରା ରହିବ। ତେଣୁ ଡେଭ୍‌ପମେଣ୍ଟ କହିଲେ ବସନ୍ତ ବିଶ୍ୱାଳଙ୍କୁ ବୁଝାଏ ବୋଲି ବିଧାୟିକା ସୋଫିଆ ମତ ରଖିଥିଲେ। ସିଏମସି କମିଶନର ସୁଶ୍ରୀ କିରଣଦୀପ କୌର ସହୋତା ସ୍ୱର୍ଗତଃ ବସନ୍ତ ବିଶ୍ୱାଳଙ୍କ କାର୍ଯ୍ୟଶୈଳୀର ସ୍ମୃତି ଚାରଣ କରିଥଲେ।

ଏହି ସଭାରେ ଉପସ୍ଥିତ ସମସ୍ତ ମାନ୍ୟଗନ୍ୟ ବ୍ୟକ୍ତି ବିଶେଷ ସ୍ୱର୍ଗତ ବିଶ୍ୱାଳଙ୍କ କଟକ ସହର ପ୍ରତି କରିଥିବା ସମସ୍ତ କାର୍ଯ୍ୟ ଯେପରିକି କଟକ ସହର ରେ ରିଙ୍ଗ ବନ୍ଧ ନିର୍ମାଣ କରିବା, କଟକ ବିକାଶ ପ୍ରାଧିକରଣ ପ୍ରତିଷ୍ଠା, ଇଣ୍ଡୋର ଷ୍ଟାଡିୟମର ନିର୍ମାଣ କରିବା, ଭଳି ମହାନ କାର୍ଯ୍ୟ ତାଙ୍କ ନେତୃତ୍ୱରେ ହୋଇଥିଲା ବୋଲି କହିଥିଲେ। ଏହି ସଭାରେ ମାନବିକ ଅଧିକାର କମିସନର ପୂର୍ବତନ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଅସୀମ ଅମିତାଭ ଦାସ, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ କଂଗ୍ରେସର ବରିଷ୍ଠ ନେତା ସୁରେଶ ମହାପାତ୍ର, ପୂର୍ବତନ ଡେପୁଟି ମେୟର ପୁଷ୍ପା ସାମଲ, ବିଜୁ ଜନତା ଦଳର କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ବିଜୁ ଜନତା ଦଳ କଟକ ସିଟିର ପୂର୍ବତନ ସଭାପତି ମଧୁସୁଦନ ସାହୁ, ବିଜେପି ନେତ୍ରୀ ସ୍ମୃତି ପଟ୍ଟନାୟକ, ବିଜୁ ମହିଳା ଜନତା ଦଳ କଟକ ଜିଲ୍ଲା ସଭାପତି ଅନିତା ବେହେରା ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଏ.ଶ୍ରୀଦେବୀ, ସ୍ଥାନୀୟ କର୍ପୋରେଟର ବିକାଶ ରଞ୍ଜନ ବେହେରା, କଂଗ୍ରେସ କର୍ପୋରେଟର ସନ୍ତୋଷ ବଳ, କଟକ ଶାନ୍ତି କମିଟିର ସାଧାରଣ ସମ୍ପାଦକ ଭିକାରି ଦାସ, ସିପିଆଇ ବରିଷ୍ଠ ନେତା ଅମେରେନ୍ଦୁ ମହାନ୍ତି, ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ କନିଷ୍ଠ ପୁତ୍ରବଧୂ ତଥା ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି, ସମୟ ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, ପୂର୍ବତନ ଓ ବର୍ତ୍ତମାନର କର୍ପୋରେଟର, ପ୍ରିୟମ୍ବଦା ମହାନ୍ତି, ଆରତୀ ସାହୁ, ଅରୁନ୍ଧତୀ କର, ବନଲତା ପ୍ରଧାନ, ଚନ୍ଦନ ଜେନା, ଜେ କାମେଶ୍ୱର ରାଓ, ସୁବାଶିଷ ପଟ୍ଟନାୟକ, ଦୀପ୍ତିରଞ୍ଜନ ରାୟ, ଧର୍ମେଶ୍ ନାୟକ, ଆଇନଜୀବୀ ସ୍ୱଦେଶ ଦାସ, ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ଶତାଧିକ ପ୍ରଶଂସକ, ସିଏମସି ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ପଡୋଶୀ ତଥା କର୍ପୋରେଟର ରବିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସୃଜନିକା
ସକାଳ THE SAKALA
www.sakalaepaper.com



# ଅନ୍ତିମ ଲଣ୍ଠନ



ସ୍ନିଗ୍ଧା ନାୟକ

ସମୟ ଥିଲା ମାଧୁ ଦାସକୁ କେବଳ ସେ ରହୁଥିବା ସହର ନୁହଁ, ଆଖପାଖ ସହର ଓ ଗାଁଗୁଡ଼ିକର ଲୋକେ ବି ଜାଣିଥିଲେ। ମାଧୁ ଦାସ ତା' ଲଣ୍ଠନ ପାଇଁ ଏତେ ଖ୍ୟାତି ଅର୍ଜନ କରିଥିଲା ଯେ କେତେବେଳେ ସେ ମାଧୁ ଦାସରୁ ଦାସ ଲଣ୍ଠନ ହେଇଗଲା, ସେ ନିଜେ ବି ଜାଣି ପାରିନଥିଲା। ଏଇ ନାଆଁ ନେଇ ସହରରେ ଯାହାକୁ ପଚାରିଲେ ବି ଅତି ସହଜରେ ତା' ଠିକଣା ମିଳି ଯାଉଥିଲା । ଗତ ଷାଠିଏ ବର୍ଷରୁ ସେ ଲଣ୍ଠନ ତିଆରି କରି ଆସୁଛି। ନିଜେ ଆରମ୍ଭ କରିନଥିଲା, କୋଉ ପିଢ଼ିରୁ ସେମାନେ ଏ ବ୍ୟବସାୟ କରି ଆସୁଥିଲେ । ସାତ ବର୍ଷ ବୟସରୁ ଏ କଳାରେ ନିପୁଣ ସିଏ। ପିଲାଙ୍କ ପାଇଁ ଛୋଟ ଲଣ୍ଠନ, ଧୀବରମାନଙ୍କ ପାଇଁ ମଜବୁତ୍ ଏବଂ ବଡ଼ ଲଣ୍ଠନ, ବାହାଘର ପାଇଁ ସୁନ୍ଦର କାରୁକାର୍ଯ୍ୟରେ ବିମଣ୍ଡିତ ପିତ୍ତଳ ଲଣ୍ଠନ।

ପରିବର୍ତ୍ତନ ବିଧିର ବିଧାନ। ସମୟ ସହ ଦୁନିଆ ବି ବଦଳୁଥିଲା। ଲୋକେ ବିଜୁଳିବତିର ବ୍ୟବହାର କରୁଥିଲେ। ଏବେ ଆଉ ତା' ଦୋକାନରେ ଭିଡ଼ ହେଉନି କି ଦାସ ଲଣ୍ଠନକୁ ଖୋଜା ପଡୁନି । ତଥାପି ମାଧୁ ପ୍ରତି ସନ୍ଧ୍ୟାରେ ରାସ୍ତାକଡ଼ରେ ଥିବା ତା' ଛୋଟ ଚାଳଘରର ମାଟି କାନ୍ଥରେ ଝୁଲାଇ ଦିଏ। ଯିବା ଆସିବା ଲୋକ କିଏ କେମିତି ଯଦି ପଚାରେ, "ଆଲୁଅ କେବେ କ'ଣ ନଷ୍ଟ ହୁଏ?" ଏତକ କହି ନିଜ କାମରେ ଲାଗିପଡ଼େ।

ସେଦିନର ଶୀତ ରାତି, ହେମାଳ ପବନ ରାସ୍ତାରେ ଦଉଡୁଥିଲା। ଇଲେକ୍‌ଟ୍ରିକ୍ ଖୁଣ୍ଟର ବତିଗୁଡ଼ିକ ଜଳୁ ନଥିଲେ। ଯେଉଁ କେତେକ ଜଳୁଥିଲେ, ଅଳ୍ପ ସମୟ ପରେ ଧପ୍ ଧପ ହେଇ ମିଞ୍ଜି ମିଞ୍ଜି ଜଳିବା ଆରମ୍ଭ କରିଥିଲେ। ଜଣେ ପନ୍ଦର - ଷୋହଳ ବର୍ଷର ବାଳକ ମାଧୁର ମାଟିକାନ୍ଥକୁ ଆଉଜେଇ ଲଣ୍ଠନ ପାଖରେ ଛିଡ଼ା ହେଇଥିଲା। ପିଲାଟି ଦେହରେ ଖଣ୍ଡିଏ ଛିଣ୍ଡା ୟୁନିଫର୍ମ ଆଉ ପାଦରେ ହଳେ ଫଟା ଜୋତା ଥିଲା। ତା' ଆଖିରେ ଥିଲା ମେଞ୍ଚେ ଉଦାସୀନତା। ମାଧୁକୁ ଘର ବାହାରେ ପାଇ ବାଳକଟି ପଚାରିଲା – "ମୁଁ କିଛି ସମୟ ଏଠି ରହି ପାରିବି ?"

"ଗୋଟିଏ ଆଲୋକ ଦେଉଥିବା ଲଣ୍ଠନ ସମସ୍ତଙ୍କୁ ସ୍ୱାଗତ ଜଣାଏ। ଏହା ହିଁ ତା'ର ଧର୍ମ" ମାଧୁର ଉତ୍ତର।

ଅନେକ ସମୟ ଯାଏଁ ବାଳକକୁ ସେଇଠି ପାଇ ମାଧୁ ବାହାରେ ଏତେ ସମୟ ରହିବାର କାରଣ ପଚାରିଲା। ବାଳକଟି ସଙ୍କୋଚର ସହ ଉତ୍ତର ଦେଲା "ଘରେ ଆଲୁଅ ନାହିଁ। ପବନରେ ବୋଧେ କୌଣସି ତାର ଛିଣ୍ଡି ଯାଇଛି। ପଡ଼ୋଶୀଙ୍କ ପାଖକୁ ଯାଇ ହଇରାଣ କରିବାର ଇଚ୍ଛା ନଥିଲା।"

ମାଧୁ, ଘର ଭିତରୁ ଛୋଟ ଦୌଡ଼ିଆ ଖଟଟେ ଆଣି ଲଣ୍ଠନ ତଳେ ଥୋଇଦେଲା। ବାଳକଟି ଅନେକ ସମୟ ଯାଏଁ ସେଇଠି ବସି ରହିଥିଲା । ସେଦିନଠୁ ପ୍ରତିଦିନ ସଂଜରେ ପିଲାଟି ସେଠିକି ଆସି ପଢ଼ାପଢ଼ି କରେ। ବାଳକଟି ନିଜ କାମରେ ବ୍ୟସ୍ତ ଥାଏ ଆଉ ମାଧୁ ତା' କାମରେ। ପୁରୁଣା ଲଣ୍ଠନଗୁଡ଼ିକକୁ ସଫା କରୁଥାଏ ପୁଣି ସଜାଡ଼ି ରଖିଥାଏ । କେବେ କେବେ ପିଲାଟି ସହ ଭଲମନ୍ଦ ଦି' ପଦ କଥା ହୁଏ। ଦିନେ ବାଳକଟି ପଚାରିଲା "ଯେତେବେଳେ ଲୋକେ ଆଉ ଲଣ୍ଠନ କିଣୁ ନାହାନ୍ତି, ତ' କ'ଣ ପାଇଁ ଲଣ୍ଠନ ତିଆରି କରୁଛ ?"

ମାଧୁ ହସିଲା "କାହାକୁ ନା କାହାକୁ ତ ଲଣ୍ଠନ ଆଲୋକର ଦରକାର ହେବ। ହୁଏତ ଆଜି ନୁହଁ କିନ୍ତୁ କେବେ ନା କେବେ ତ... ।"

ସପ୍ତାହ, ସପ୍ତାହ କରି ତିନି ଚାରି ସପ୍ତାହ ବିତିଗଲା। ବାଳକଟି ତଥାପି ପ୍ରତିଦିନ ସେଠିକି ଯାଏ। ବାଳକଟିର ପରୀକ୍ଷା ଶେଷ ହେଇ ଯାଇଥିଲା ତଥାପି ସେ ନିୟମିତ ମାଧୁକୁ ଭେଟିବାକୁ ଯାଏ, ଧାତୁଗୁଡ଼ିକ ଚମକାଇବାରେ ତାକୁ ସାହାଯ୍ୟ କରେ ତ କେବେ କେବେ ଦିହେଁ ବାର୍ତ୍ତାଳାପରେ ସମୟ କାଟି ଦିଅନ୍ତି। ପିଲାଟିର ଉପସ୍ଥିତିରେ ହଜି ଯାଇଥିବା ଗହଳ ଚହଳ ପୁଣି ଫେରି ଆସିଥିଲା ଭଳି ମାଧୁକୁ ମନେ ହେଲା। ସକାଳ ସମୟ ସୂର୍ଯ୍ୟ କୁହୁଡ଼ିର ଚାଦରରେ ଢାଙ୍କି ହୋଇ ରହିଥିଲେ । ମାଧୁ କବାଟ ଖୋଲିଲା, କିଛି କାଠ ଆଣି ନିଆଁ ଜାଳି ଗରମ ସେକ ନେବା ପାଇଁ । କିନ୍ତୁ ଦ୍ୱାର ଖୋଲୁ ଖୋଲୁ ଦ୍ୱାରବନ୍ଧ ପାଖରେ ଖଣ୍ଡିଏ ଚିଠି ପାଇଲା। ଲେଖା ଥିଲା - "କାକା, ଆପଣଙ୍କ ଲଣ୍ଠନର ଆଲୋକ ଯୋଗୁଁ ମୁଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଇଛି। ମୁଁ ଆପଣଙ୍କ ଉପସ୍ଥିତି ଚାହେଁ। ସନ୍ଧ୍ୟା ଛଅଟାରେ ଟାଉନ ହଲରେ ପହଞ୍ଚି ଯିବେ।"

ଭ୍ରମିତ କିନ୍ତୁ ଉତ୍ସୁକ... । ମାଧୁ ଚାଲିଗଲା, ଟାଉନ ହଲକୁ। ହଲ୍ ଭିତରେ ପାଦ ଦେଉ ଦେଉ ସେ ଚକିତ ହେଲା। ଅଜାଣତରେ ତାଙ୍କ ପାଟି ମେଲାଇ ହେଇଗଲା ଆଉ ଆଖି ତଗ ତଗ କରି ଚାରିଆଡ଼େ ଧାଇଁଲା । ସଂପୂର୍ଣ୍ଣ ହଲ୍‌ଟି ଜଗମଗ ହେଉଥିଲା ଲଣ୍ଠନଗୁଡ଼ିକର ଆଲୁଅରେ। ସେଇଠି ସେ ଜାଣିବାକୁ ପାଇଲା ଯେ, ବାଳକଟି ବିଭିନ୍ନ ଜାଗାରୁ ଲଣ୍ଠନଗୁଡ଼ିକକୁ ଏକତ୍ରିତ କରିଥିଲା, ଯେଉଁଗୁଡ଼ିକକୁ ଅକାମୀ ଭାବି ଲୋକେ ଏପଟେ ସେପଟେ, କୋଉ କ'ଣରେ ଫୋପାଡ଼ି ଥିଲେ।

ଷ୍ଟେଜ୍ ଉପରକୁ ମାଧୁକୁ ଡକାଗଲା। ସହରର ମେୟର କହିଲେ "ମହାଶୟ ଆପଣ ବର୍ଷ ବର୍ଷରୁ ସହରର ରାସ୍ତାଗୁଡ଼ିକରେ ଆଲୁଅ କରିଛନ୍ତି। ଆପଣଙ୍କ ଲଣ୍ଠନ ଧୀବରମାନଙ୍କୁ ମାର୍ଗଦର୍ଶନ କରିଛି। ଯାତ୍ରୀଙ୍କୁ ରାସ୍ତା ଦେଖାଇଛି ଆଉ କେତେ ଛାତ୍ର ତା' ଆଲୁଅ ତଳେ ପାଠ ପଢ଼ି ଉତ୍ତୀର୍ଣ୍ଣ ହେଇଛନ୍ତି। ଆମେ ଆପଣଙ୍କ ଛୋଟ ଦୋକାନକୁ ସଂଗ୍ରାହଳୟରେ ବଦଳାଇବାକୁ ଚାହୁଁ, ଯେଉଁଠି ଭିନ୍ନ ଭିନ୍ନ ସମୟର ଲଣ୍ଠନ ଏବେ ବି ସଂରକ୍ଷିତ।"

ତାଳି ବାଜି ଉଠିଲା। ମାଧୁ ଅବାକ୍ ହୋଇ, ସ୍ଥିର ଛିଡ଼ା ହେଇଥିଲା । ତା' ଆଖି ତାରାଗୁଡ଼ିକ ଭଳି ଚମକୁ ଥିବା ଲଣ୍ଠନଗୁଡ଼ିକରେ ଲାଖି ରହିଥିଲେ । ସେ ନିଜକୁ କହିଲା, "କେତେ ରାତି...ମତେ ଲାଗିଛି, ଏବେ ମୋ' ଲଣ୍ଠନ ଆଲୁଅର ପ୍ରୟୋଜନ ନାହିଁ।"

ମେୟର ତା' ହାତକୁ ଫୁଲ ତୋଡ଼ାଟି ବଢ଼ାଇ ଦେଉ ଦେଉ କହିଲେ, "ଆପଣ କେବଳ ସହରକୁ ନୁହଁ ହୃଦୟକୁ ମଧ୍ୟ ଆଲୋକିତ କରିଛନ୍ତି।"

କ୍ଷଣକ ପାଇଁ ମାଧୁକୁ ଲାଗିଲା, ବର୍ଷ ବର୍ଷରୁ ଯେଉଁ ବୋଝ ବୋହିଥିଲା, ଆଜି ତରଳି ଯାଇ ଓହ୍ଲେଇ ପଡ଼ିଲା। ଆଜିଯାଏଁ କେବେ ତାକୁ ଏତେ ସମ୍ମାନ ମିଳି ନଥିଲା।

ଯେତେବେଳେ ସେମାନେ ସମସ୍ତେ ମାଧୁର ଦୋକାନ ଆଡ଼କୁ ମୁହାଁଇଲେ, ମାଧୁ ବାଳକଟିକୁ କହିଲା– "ମୁଁ ଜୀବନ ସାରା ଲଣ୍ଠନ ତିଆରି କଲି, ଅନ୍ୟମାନଙ୍କୁ ଆଲୋକ ଦେଖାଇଲି କିନ୍ତୁ ଆଜି ତୁମେ ମତେ, ମୋର ପ୍ରଥମ ସୂର୍ଯ୍ୟୋଦୟ ଦେଖାଇଲ।" ଦୋକାନ ଭିତରକୁ ପଶି ଲଣ୍ଠନ ଜଳାଇଲା। ଅଭ୍ୟାସଗତ ନୁହଁ, କୃତଜ୍ଞତା ଜଣାଇବା ପାଇଁ । ଶିଖାଟି ମଧ୍ୟ ଥରଥର ହୋଇ ଜଳି ଉଠିଲା, ଯେମିତି ସେ ବି ତା' ନୃତ୍ୟ ଦ୍ୱାରା କୃତଜ୍ଞତା ଜଣାଉଛି। ଶିଖା ବାରମ୍ବାର ଥରିଥରି ଜଳୁଥିଲା ଯାହା ମାଧୁର ଶାନ୍ତ ଲୁହ ବୁନ୍ଦାରେ ପ୍ରତିଫଳିତ ହେଉଥିଲା। ମାଧୁ କିଛି କହୁ ନଥିଲା କେବଳ ତା' ପଲକ ଝପକୁ ଥିଲା।

ବାଳକ- "ତୁମେ ଠିକ୍ କହିଥିଲ ଆଲୋକ କେବେ ନଷ୍ଟ ହୁଏନି।"

ଅନେକ ବର୍ଷ ଭିତରେ ପ୍ରଥମ ଥର ପାଇଁ ଲଣ୍ଠନ ନିର୍ମାତାର ଆଖିରେ ଲୁହ ଝରି ପଡୁଥିଲା। ସେ ରାତିରେ ଯେତେବେଳେ ଘରକୁ ଫେରିଲା, ସେ ଗୋଟାଏ ଲଣ୍ଠନ ତିଆରି କଲା ଆଉ ଜଳାଇଲା। ଯାହା ପୂର୍ବ ଲଣ୍ଠନଗୁଡ଼ିକ ଅପେକ୍ଷା ବେଶୀ ଭଲ ଆଲୁଅ ଦେଉଥିଲା। କାରଣ ସେ ଜାଣି ପାରିଥିଲା ଯେ, ଗୋଟିଏ ଏକୁଟିଆ ଶିଖା କଳ୍ପନାଠୁ ଅଧିକ ଜୀବନକୁ ପ୍ରକାଶିତ କରିପାରେ। ଏତେ ସମ୍ମାନ ଏତେ ଶ୍ରଦ୍ଧା କେବେ ପାଇନଥିଲା । ନିଜର ଜନ୍ମକୁ ସାର୍ଥକ ମଣିଲା। ଶାନ୍ତିରେ ସେ ଲଣ୍ଠନ ଆଲୁଅରେ ଗଣ୍ଡେ ଖାଇ ଶୋଇ ପଡ଼ିଲା।

ଘନ କୁହୁଡ଼ି ଭରା ସକାଳ। ଏବେବି ଦଉଡ଼ିଆ ଖଟରେ ଶୋଇଥିଲା ହସହସ ଚେହେରା ନେଇ ଶାନ୍ତ ମୁଦ୍ରାରେ। ଚାରୋଟି କାନ୍ଧରେ ଖଟ ଆଗକୁ ଯାଉଥିଲା। ଆଗରେ ଆଗରେ ଚାଲିଥିଲା ସେଇ ବାଳକଟି ହାତରେ କାଲି ରାତିରେ ତିଆରି ଲଣ୍ଠନଟିକୁ ନେଇ। ଘନ କୁହୁଡ଼ିର ଅନ୍ଧାରକୁ ଚିରି ଲଣ୍ଠନ ସେମାନଙ୍କୁ ରାସ୍ତା ଦେଖାଉଥିଲା। କେହି କିଛି କହୁ ନଥିଲେ। ଚାରିଆଡ଼େ ନିସ୍ତବ୍ଧତା। କେବଳ ଚାରୋଟି ବାକ୍ୟ ବାରମ୍ବାର ଶୁଣା ଯାଉଥିଲା – "ରାମ ନାମ ସତ୍ୟ ହେ...ରାମ ନାମ ସତ୍ୟ ହେ... ।"

ସୁନ୍ଦରଗଡ଼
ମୋ: ୯୫୭୧୦୩୩୨୭୯

# କଟାଳ



ଡ. ଅଭୟ ନାରାୟଣ ନାୟକ

ଏତେ କାଳ

ଏକା ଏକା ବିତେଇଲି ବୋଲି
କଟାଳ କଲ
ନିରସ୍ତ୍ର ପଦାତିକର ଗତି ଦେଖି
କ୍ଷେପିଲ କ୍ଷେପଣାସ୍ତ୍ର
ଅଦୃଶ୍ୟ ବାରୁଦରେ
ଭଗ୍ନାଂଶ ପାଲଟିଲା ମୋର
ପଞ୍ଜରାର ହାଡ଼
ତମେ ଏଥିରେ ଉତ୍‌ଫୁଲ୍ଲିତ ଯେ
ଆଲିଙ୍ଗନ କରୁଥିଲ
ତମ ଛଳର ପ୍ରଣୟକୁ
ମୋ ସରଳ ସାରାଂଶକୁ
ସନ୍ଧାନ ନଥିଲା ତମର
ତମେଥିଲ ଜଟିଳ ଛଳର
ବାହୁ ବନ୍ଧନରେ
ଥାଅ, ଏମିତି ହିଁ ଥାଅ
ପାପର ପରିଧିରେ
ପାପାଗ୍ନିର ଲୁହରେ
ଛଳନାର ଅଳତାରେ
କପଟପଶାର ଦ୍ୟୂତ କ୍ରୀଡ଼ାରେ

ତୁମେ ଉର୍ବଶୀ ହେଲେ ହେ
ପାଲଟିବ ଦିନେ ପାଉଁଶ
ରାବଣର କୋଳରେ
କଂସର ଅଟ୍ଟହାସ୍ୟରେ
ତୁମ ଅବୟବ ବି ଛାଇ ପାଲଟିବ
କୃତଘ୍ନତାର ଯୂପକାଠରେ
ଛଳ ଅହଂକାରରେ
ତୁମେ ବି ତ ଦିନେ ବିଦାୟ ନେବ
ଏ କଥା ସମ୍ଭବ ନୁହେଁ
ଅବଶ୍ୟ ସମ୍ଭବ, ଚିରକାଳ... କାଳ କାଳ! ।



ଯୁଗ୍ମ ନିର୍ଦ୍ଦେଶକ
ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା
ୟୁନିଟ୍‌- ୯ , ଜନପଥ, ଭୁବନେଶ୍ୱର
ମୋ: ୯୪୩୭୮ ୯୨୫୪୦

# ସର୍ବମାନ୍ୟ



ଅଜୟ ପ୍ରଧାନ

ନ ଦେଇ, ଦେବାର ସ୍ୱପ୍ନ ଦେଖେଇ ଚାଲିଯାନ୍ତି ଈଶ୍ୱର।

ସେ ଈଶ୍ୱର ଓ ତାଙ୍କେ ଆମକୁ ବଡ଼ ଡର ।
ଡରିଡରି ଯାଉଥାଏ ସରିସରି ଜୀବନ।
ଫର୍ଦ୍ଦେ ଚିରି ଯାଏ ଉଡ଼ି ଗାରାମାରା ମାଟିଆ କାଗଜ
ଚାଲିଯାଏ କିଛି ସେ ଭିତରେ ଆଖି ଖୋଲିଥିବା ସ୍ୱପ୍ନ ।

ସ୍ୱପ୍ନ ଉଡ଼ିଯିବାରେ ନାଇଁ କିଛି କଷ୍ଟ ଯେ
କଷ୍ଟ କେବଳ ତା' ସ' ତମେ ଯିବାରେ।
ଯିବାରେ ନୁହଁ ଯେତିକି କଷ୍ଟ ତା'ଠୁ ବେଶୀ
ପାଦଙ୍କର କୌଣସି ଶବ୍ଦ ନ ଶୁଣାଯିବାରେ,
କିଛି ନାଇଁ ପାଦମାନେ ଚାଲିଯିବାରେ ଯେ
କୋଉଠି ନ ଥିବାଟା ତାଙ୍କ ଚିହ୍ନ
ଆଉ ତା' ଇ
ଏକା କରିଦିଏ ମୋତେ ସମ୍ପୂର୍ଣ୍ଣ !

ଜାଣିହୁଏନା
ସକାଳ ସନ୍ଧ୍ୟା ରାତି ଦିପହର କି ମଧ୍ୟାହ୍ନ !
ଏମିତି ହିଁ ଦୁଃଖ !
ଟାଣିଆଣେ ଦେଖିବାକୁ କ୍ଷତଚିହ୍ନମାନ।

ଏତିକିବେଳେ ପାଖ ଦେଇ ଗୋଟେ କାର୍
ମାରି ଚାଲିଯାଏ ହର୍ଣ୍ଣ !

ସମୟ ବି
ଆସ୍‌ଟ୍ରେ ଭାବି କ୍ଷତକୁ
ଲିଭାଏ ମକଚି ତା'ରି ଦେହରେ ଅଧାଜଳା ସିଗାରେଟ୍ !

ଗୋଟେ ଗ୍ରାମୀଣ ଶିହରଣରେ ଥରିଯାଏ
ଥଣ୍ଡା ପଡ଼ିପଡ଼ି ଆସୁଥିବା ରକ୍ତ !


ସେତିକିବେଳେ ଗୋଟେ କୁକୁର
ଦୌଡୁଥାଏ ଈଶ୍ୱରଙ୍କ ବେକରେ ବନ୍ଧା ଚେନ୍ ଧରି,
ଏପଟୁସେପଟ ପଡ଼ିଆର !

ସତ କ'ଣ ଏଇ ଯେ, ଆମେ ଏତିକି ବାସିନ୍ଦା ଏ ପୃଥିବୀର
ବାକିତକ ନଶ୍ୱର ?

ମୋ: ୭୯୭୮୮୫୮୦୯୧



# ଗଙ୍ଗାଧରଙ୍କ 'ତପସ୍ୱିନୀ'ର ମର୍ଯ୍ୟାଦାବନ୍ତ ନାରୀ ସୀତା



ବିଜୟିନୀ ଶତପଥୀ

ଓଡ଼ିଆ ସାହିତ୍ୟକାଶର ଏକ ଉଜ୍ଜ୍ୱଳ ନକ୍ଷତ୍ର ସ୍ୱଭାବ କବି ଗଙ୍ଗାଧର ମେହେର। ସ୍ୱଭାବ କବିଙ୍କ ଏକ ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ କାବ୍ୟ 'ତପସ୍ୱିନୀ'। ଗଙ୍ଗାଧରଙ୍କ 'ତପସ୍ୱିନୀ' କାବ୍ୟରେ କବିଙ୍କର ମନ ବାଲ୍ମିକୀ ଆଶ୍ରମରେ ନିର୍ବାସିତା ସୀତାଙ୍କୁ ଦର୍ଶନ କରିଛି। ତତ୍‌କାଳିକ ସମାଜର କିଞ୍ଚିତ୍ ସ୍ୱର୍ଗ ସହିତ ନିର୍ବାସନର ଦୁଃଖ ଓ ପତି ବିରହ ଯନ୍ତ୍ରଣା ସତ୍ତ୍ୱେ ସୀତା ପ୍ରତି ମୁହୂର୍ତ୍ତରେ ପତିଗତପ୍ରାଣା ହୋଇ ତପସ୍ୟାର ଜୀବନ ବରଣ କରିନେଇଛନ୍ତି। ନାରୀର ମର୍ଯ୍ୟାଦା କନ୍ୟା, ଜାୟା, ଜନନୀ ଓ ଭାଗିନୀ ରୂପରେ ଦେଦୀପ୍ୟମାନ। ସର୍ବୋପରି ଜାୟା ବା ପତ୍ନୀରୂପରେ ସେ କୁଳଉଦ୍ଧାରକାରିଣୀ। ତଥାପି ଗର୍ଭରେ ସନ୍ତାନ ଥାଇ ବିଚ୍ଛେଦର କଷ୍ଟକୁ ସେ ପତିପ୍ରାଣା ହୋଇ ସହିବାକୁ ଚାହିଁଛନ୍ତି। ବିରହର ବିଳାପରେ ଆଖିରେ ପଡ଼ିଛି ନବ ଦୂର୍ବାଦଳ। ଦୂର୍ବାକୁ ଉପଲକ୍ଷ୍ୟକରି ସୀତାଙ୍କ ମନରେ ଭାବ ସଞ୍ଚାର ହେଇଛି: –

"ତୁମ୍ଭ କାନ୍ତି ଧରିଛନ୍ତି ଏହି ଦୁର୍ବାଚୟ,
ତାଙ୍କୁ ଛାଡ଼ି ବନେ ନେବି କାହାର ଆଶ୍ରୟ?"

ସୂକ୍ଷ୍ମ ଭାବରେ ଲକ୍ଷ୍ୟ କଲେ ଭାବନା ବହୁତ ଉଚ୍ଚକୋଟୀର। ସ୍ୱାମୀ-ସତୀ ନାରୀଙ୍କର ପରମ ଆଶ୍ରୟ। ବିଳାପରେ ଭୂଇଁରେ ଲୋଟି ଯାଉ ଯାଉ ଦୂର୍ବାଦଳ ଭିତରେ ସେହି ଆଶ୍ରୟକୁ ଭାବିଛନ୍ତି ସୀତା। ନିର୍ବାସନକୁ ବରଣ କରିଛନ୍ତି ସତ - କିନ୍ତୁ ସ୍ୱାମୀଙ୍କର ହୃଦୟକୁ ବୁଝିଛନ୍ତି। କବିଙ୍କ ଭାଷାରେ :-

"ହେଉ ମୋର ନିର୍ବାସନ ପ୍ରକୃତିର ତୋଷ।
ପ୍ରଭୁଙ୍କର ବ୍ରତ ହେଉ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ।"

ପ୍ରଭୁଙ୍କ ସହିତ ସଖ୍ୟ, ଦାସ୍ୟ, ମଧୁରଭାବର ନୀରବ ଅଭିବ୍ୟକ୍ତିକୁ ଅତି ସୁନ୍ଦର ଭାବରେ ପ୍ରକାଶିତ କରିଛନ୍ତି ସୀତା। ସ୍ୱୟଂସମ୍ପୂର୍ଣ୍ଣ ସ୍ୱୟଂଭୂତା ହୋଇଥିଲେ ବି ମର୍ଯ୍ୟାଦାର ସୀମା ଭିତରେ ରହି ଶ୍ରୀରାମଙ୍କର ପ୍ରଭୁତ୍ୱ ଓ ବଡ଼ପଣକୁ ରକ୍ଷା କରିଛନ୍ତି। ବିବେକୀ ବ୍ୟକ୍ତିମାନେ ଶରୀର କଷ୍ଟ ପାଇଲେ ବି ଅନ୍ତଃଚେତନା ନିଜର ଧର୍ମ, ବ୍ୟକ୍ତିତ୍ୱ ଛାଡ଼ନ୍ତି ନାହିଁ। ଯେତେ ପ୍ରଲୋଭନ ଆସିଲେ ବି ସତୀ ନାରୀ ଶୟନେ ସ୍ୱପନେ ଜାଗରଣେ ସ୍ୱାମୀଙ୍କ ଭାବକୁ ଧାରଣ କରିଥାନ୍ତି। ସେହି ଭାବ ନାରୀର ପ୍ରକୃତ ଆଭୂଷଣ। ଜୀବନରେ ଅଗ୍ନି ଓ ଦଶଦିଗପାଳଙ୍କ ସାକ୍ଷୀରେ ଆରମ୍ଭ ହୋଇଥିବା ବନ୍ଧନକୁ ସମାଜରେ ନାରୀ ହିଁ ମହାନ କରିଥାଆନ୍ତି। 'ତପସ୍ୱିନୀ' କାବ୍ୟର ଚତୁର୍ଥ ସର୍ଗରେ ସ୍ୱଭାବ କବିଙ୍କ ବର୍ଣ୍ଣନା :–

"ପଦ୍ମିନୀ ହୃଦଶିଶିର ବିନ୍ଦୁରେ ଖର ରଶ୍ମୀର
ପ୍ରତିବିମ୍ବ ପରି ବୀର ରାମମୂରତି।
ଶୋକ ଜର୍ଜରିତ ଚିତ୍ତ ଫଳକେ କରି ଚିତ୍ରିତ
ହେଲେ ଆସନୁ ଉତ୍‌ଥିତ ଜାନକୀ ସତୀ ।"

ଶୋକରେ ହୃଦୟ ଭରି ଯାଇଥିଲେ ବି ରାତ୍ରି ଶେଷରେ ରଘୁବଂଶର ସୂର୍ଯ୍ୟ 'ଶ୍ରୀରାମ'ଙ୍କୁ ଚିତ୍ତ ଫଳକରେ ସ୍ଥାନ ଦେଇ ଶୋକକୁ ଦୂର କରିବାର ଚେଷ୍ଟା କରିଛନ୍ତି। ଯୁଗେ ଯୁଗେ ମହୀୟସୀ ନାରୀଗଣ ନିଜର ଶୋକ ଦୁଃଖକୁ ତ୍ୟାଗ କରି ଜୀବନରେ ତପସ୍ୟା, ତ୍ୟାଗ, ତିତିକ୍ଷା ଓ ସୌମ୍ୟତାକୁ ଆଚରଣ କରି ନିଜର ମହାନତା ଦେଖାଇଛନ୍ତି। ଅହଲ୍ୟା, ଦ୍ରୌପଦୀ ଆଦି ମହାନ୍ ନାରୀଗଣ ସେଥିପାଇଁ ପ୍ରାତଃ ସ୍ମରଣୀୟ। ତା' ମଧ୍ୟରେ ସ୍ୱଭାବ କବିଙ୍କର କାବ୍ୟ ସୃଷ୍ଟିର ଦେବୀ ତପସ୍ୱିନୀ ଅଦ୍ୱିତୀୟା, ମର୍ଯ୍ୟାଦାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି। ସେଥିପାଇଁ କବିଙ୍କ ଭାଷାରେ - ଲୋକ କୁତ୍ସାରଟନା କଲେ ବି ମହାନତା ପାଷାଣରୁ ଫୁଟି ବାହାରି ଆସିବ। ତପସ୍ୟାରୁ ମର୍ଯ୍ୟାଦାର ଗରିମା ଓ ନାରୀତ୍ୱର ମହତ୍ତ୍ୱ ଦର୍ଶାଇ :-

"ରାମ ସାମ୍ରାଜ୍ୟେ ଯେ ସୀତା
ଲୋକ ଲୋଚନେ ଦୂଷିତା
ହୋଇ ଚିର ନିର୍ବାସିତା ସେ ତୋର ମତେ
ନିଜ ପତିବ୍ରତା ଧର୍ମ ବଳେ ସ୍ଥାବର ଜଙ୍ଗମ
ପବିତ୍ରକରଣେ କ୍ଷମ ହେବ ଜଗତେ।

ପତିବ୍ରତାର ମୂର୍ତ୍ତି ଯାହାର ଉପସ୍ଥିତି ମାତ୍ରେ ଜଡ଼ ଚେତନ ସମସ୍ତଙ୍କୁ ପରଶମଣି ରୂପରେ କାୟାକଳ୍ପ କରିବାର ଶକ୍ତି ରଖିଛନ୍ତି ସୀତା। କାରଣ ଉଚ୍ଚସ୍ତରର ଭାବନା, ପବିତ୍ରତାରେ ତାଙ୍କର ତ୍ରିଗୁଣଊର୍ଦ୍ଧ୍ୱ ନାରୀସତ୍ତା ବିଶୁଦ୍ଧତାର ସ୍ରୋତ ହୋଇଯାଇଛି।

ସପ୍ତମ ସର୍ଗରେ ସଖୀଙ୍କ ଆଗରେ ମାୟାମୃଗ ପ୍ରସଙ୍ଗ କହିଲା ବେଳେ ନିଜର ଅନୁଭୂତି ବର୍ଣ୍ଣନା କରି ସୀତା କହିଛନ୍ତି ଛଦ୍ମବେଶୀ ରାବଣକୁ ଯୋଗୀବେଶରେ ଦେଖି ଆଶ୍ଚର୍ଯ୍ୟଚକିତ ସୀତା ମନରେ ଭାବିଛନ୍ତି: –

"ଯାବତ ଜୀବନେ ମୋ ଥିବ ସ୍ମରଣ
କୌଶ୍ୟା-ସୁତ ଏକା ମୋର ଶରଣ ଗୋ।"

ଯେ କେହି ହେଉ, ଯୋଗୀ, ଭୋଗୀ, ବନବାସ, ଅଶୋକ ବନ ସବୁଠି ସେହି ଗୋଟିଏ ସ୍ମରଣ। କୌଶଲ୍ୟା ସୁତ। କେବଳ ବିଶୁଦ୍ଧ ହୃଦୟରେ ଏପରି ନିର୍ବିକଳ୍ପ ଭାବନା ସୃଷ୍ଟି ହୋଇପାରେ। ଆଧୁନିକ ଯୁଗରେ ଏହି ମର୍ମ ବୋଧଗମ୍ୟ ହେବାକୁ କଷ୍ଟ ହୋଇପାରେ, କିନ୍ତୁ ଏକଥା ଅକାଟ୍ୟ ସତ୍ୟ । ନାରୀର ପବିତ୍ର ଓ ବିଶୁଦ୍ଧଭାବ ପୁରୁଷକୁ ପୁରୁଷୋତ୍ତମ କରେ। ସୀତାଙ୍କ ପ୍ରଭାବରୁ ଶ୍ରୀରାମଙ୍କର ବଡ଼ପଣ ଅକ୍ଷୁଣ୍ଣ। ତପସ୍ୱିନୀ ସୀତାଙ୍କ ବିଷୟରେ ଶେଷରେ ଏତିକି କୁହାଯାଇପାରେ:-

"ମନଃ ପ୍ରସାଦ ସୌମ୍ୟତ୍ୱଂ ମୌନ ମାତ୍ମବିନିଗ୍ରହଃ
ଭାବଃ ସଂସୁଦ୍ଧି ରିତ୍ୟେତଃ ତପୋ ମାନସ ମୁଚ୍ୟତେ।"


ମାନସିକ ତପସ୍ୟାରେ ଗରିୟସୀ ତପସ୍ୱିନୀ ସୀତା ନାରୀପ୍ରାଣର ମର୍ଯ୍ୟାଦା ଓ ବିଶୁଦ୍ଧ ଭାବରେ ମନ୍ଦାକିନୀ।

ପ୍ରଧାନଶିକ୍ଷିକା
ନିଗମାନନ୍ଦ ଉଚ୍ଚବିଦ୍ୟାଳୟ, ପୁରୀ

# ପୁସ୍ତକ ଓ ପତ୍ରିକା ପରିଚୟ

## ଏବେ ଫେରିବାର ବେଳ

ଡକ୍ଟର କବିତା ବାରିକ




ଏଥେନା ବୁକ୍‌ସ
ଭୁବନେଶ୍ୱର-୭୫୧୦୦୨
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୩୦୦ ଟଙ୍କା

ବିଶିଷ୍ଟ କଥାକାର, ସମାଲୋଚିକା ଡକ୍ଟର କବିତା ବାରିକଙ୍କ ଆତ୍ମଜୀବନୀ 'ଏବେ ଫେରିବାର ବେଳ'ର ତୃତୀୟ ଭାଗ ପ୍ରକାଶ ପାଇଛି। ନିଜ ଅବସର ଗ୍ରହଣ ପରର ବିଭିନ୍ନ ଘଟଣାକୁ ଅତି ଚମତ୍କାର ଭାବେ ଲେଖିକା ଡକ୍ଟର ବାରିକ ବର୍ଣ୍ଣନା କରିଛନ୍ତି। ଆତ୍ମଜୀବନୀକୁ ଅଧିକ ସୁଖପାଠ୍ୟ କରିବା ପାଇଁ ସେ କେତୋଟି ବିଭାଗରେ ବିଭକ୍ତ କରିଛନ୍ତି। 'ଏବେ ଫେରିବାର ବେଳ' ପୁସ୍ତକର 'ଷାଠିଏ ପାହାଚ ଚଢ଼ିଲି', 'ମାଝୀ ନ ଥିବା ନଉକା', 'ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଲେଖିବା', 'ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଷଠିଘର', 'ଜୀବନର ସ୍ଥିରଚିତ୍ର', 'କିଛି ବାକି ରହିଗଲା', 'ଏବେ ଫେରିବାର ବେଳ' ଆଦିରେ ଲେଖିକା ନିଜ ବ୍ୟକ୍ତିଗତ ଜୀବନର ଅନେକ ଅକୁହା କଥାକୁ ବର୍ଣ୍ଣନା କରିଛନ୍ତି। ଜଣେ ଲେଖିକାଙ୍କ ଅବସର ଜୀବନ କିଭଳି ସୃଜନକର୍ମରେ ବିତି ଯାଉଛି, ତାହା ପାଠକମାନେ ଉପଲବ୍ଧି କରିପାରିବେ ଏହି ଆତ୍ମଜୀବନୀ ପୁସ୍ତକ ପାଠ କଲାପରେ । ନିଜ ସଂଘର୍ଷମୟ ଜୀବନ ଓ ସୃଜନକୁ ଅତି ମାର୍ମିକ ଭାବେ ଲେଖିକା ଡକ୍ଟର ବାରିକ ଲିପିବଦ୍ଧ କରିଛନ୍ତି। ସରଳ ଭାଷା, ନିଜକୁ ମୁକ୍ତ ଭାବେ ପ୍ରକାଶ କରିବା ଆନ୍ତରିକତା ପୁସ୍ତକଟିକୁ ଅଧିକ ସୁଖପାଠ୍ୟ କରିଛି। ଓଡ଼ିଆ ଆତ୍ମଜୀବନୀ ସାହିତ୍ୟକୁ 'ଏବେ ଫେରିବାର ବେଳ' ସମୃଦ୍ଧ କରିବ ବୋଲି ଆଶା କରାଯାଏ।

## ଆଲୋକରେ ଶବ୍ଦନୃତ୍ୟ

ଭାଗବତ ପଧାନ (ଭାଗବତିଆ)




ଏମ୍. ଆର୍. ଏଣ୍ଟରପ୍ରାଇଜେସ୍
ଏମ୍. ଆର୍. ପ୍ରେସ୍, ବରଗଡ଼
ପିନ୍: ୭୬୮୦୨୮
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଓଡ଼ିଶାରେ ଅନେକ ପ୍ରାଚୀନ ନୃତ୍ୟ ରହିଛି। ସେଥିମଧ୍ୟରୁ କୁମ୍ଭାରୀର ଶବ୍ଦନୃତ୍ୟ ଅନ୍ୟତମ। ବରଗଡ଼ ଜିଲ୍ଲାର କଳାର ପୀଠ ହେଉଛି କୁମ୍ଭାରୀ ଗାଁରେ ପରମ୍ପରା କ୍ରମେ ବଞ୍ଚିରହିଛି 'ଶବ୍ଦନୃତ୍ୟ'। ଶବ୍ଦନୃତ୍ୟର ବିଭିନ୍ନ ଦିଗକୁ ନେଇ ପ୍ରକାଶ ପାଇଛି ଭାଗବତ ପଧାନଙ୍କ (ଭାଗବତିଆ) 'ଆଲୋକରେ ଶବ୍ଦନୃତ୍ୟ' ପୁସ୍ତକ। ଏହି ପୁସ୍ତକରେ ଶବ୍ଦନୃତ୍ୟର ଇତିହାସ, ପ୍ରକାର ଭେଦ, ଗୁରୁ-ଶିଷ୍ୟ ପରମ୍ପରା, ଶବ୍ଦନୃତ୍ୟର ଭାବ ଆଦି ସଂପର୍କରେ ତଥ୍ୟଭିତ୍ତିକ ଓ ଅତି ପ୍ରଭାବଶାଳୀ ଭାବେ ବର୍ଣ୍ଣନା କରାଯାଇଛି। ଲେଖକ ଶ୍ରୀଯୁକ୍ତ ପଧାନ ଶବ୍ଦ ନୃତ୍ୟର ଜଣେ ଗୁରୁ। ଏହି ପ୍ରାଚୀନ ନୃତ୍ୟ ସଂପର୍କରେ ସେ ଗବେଷଣା କରିଛନ୍ତି। ନିଜର ଅଭିଜ୍ଞତା, ଗବେଷଣା ଓ ସାଧନା ବଳରେ ଶବ୍ଦନୃତ୍ୟର ଗଭୀରତାକୁ ପ୍ରବେଶ କରିପାରିଛନ୍ତି। କେହି କେହି ଶବ୍ଦନୃତ୍ୟକୁ ଲୋକନୃତ୍ୟ ବୋଲି କହନ୍ତି। ତେବେ ପୌରାଣିକ ତଥ୍ୟ, ନୃତ୍ୟର ଅଙ୍ଗଭଙ୍ଗୀ, ବ୍ୟାକରଣ ଆଧାରରେ ଏହା ଏକ ଶାସ୍ତ୍ରୀୟ ନୃତ୍ୟ ବୋଲି ଲେଖକ ପ୍ରତିପାଦନ କରିଛନ୍ତି। ଏହି ପ୍ରାଚୀନ ନୃତ୍ୟକୁ ବଞ୍ଚାଇ ରଖିବା ଦିଗରେ କୁମ୍ଭାରୀ ଗ୍ରାମର କଳାପ୍ରାଣ ନୃତ୍ୟଶିଳ୍ପୀମାନଙ୍କ ଅବଦାନ ଏକାନ୍ତ ଉଲ୍ଲେଖନୀୟ। ଶବ୍ଦନୃତ୍ୟର ବିକାଶ, ପ୍ରଚାରପ୍ରସାର, ଗବେଷଣା ଦିଗରେ 'ଆଲୋକରେ ଶବ୍ଦନୃତ୍ୟ' ପୁସ୍ତକଟି ସହାୟକ ବୋଲି ଆଶା କରାଯାଏ।

## ଶୋଭନା

ସଂପାଦକ: ବିଧୁଭୂଷଣ ପଟ୍ଟନାୟକ




କ୍ୱାର୍ଟର ନଂ: ୨ଆର୍. ଏ.-୬୦
ରୋଡ୍-୭, ୟୁନିଟ୍- ୯
ଭୁବନେଶ୍ୱର-୨୨
ମୂଲ୍ୟ: ୪୦ ଟଙ୍କା

ମହିଳା ପତ୍ରିକାର ନବଦିଗନ୍ତ 'ଶୋଭନା'ର ମାର୍ଚ୍ଚ ସଂଖ୍ୟା 'ମହିଳା ବିଶେଷ-୨୦୨୬' ଭାବେ ପ୍ରକାଶ ପାଇଛି। 'ଶୋଭନା'ର ଚଳିତ ସଂଖ୍ୟାରେ 'ପ୍ରଚ୍ଛଦ ପ୍ରସଙ୍ଗ'ରେ ଜାନକୀଶ ବଡ଼ପଣ୍ଡାଙ୍କ 'ନାରୀ ଅନନ୍ତ ଆତ୍ମବଳର ଜୀବନ୍ତ କାବ୍ୟ' ରାଜନୀତିରୁ ଆରମ୍ଭ କରି କ୍ରୀଡ଼ା,ଅଭିନୟ, ସମାଜସେବା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ମହିଳାଙ୍କ ଜୀବନ ଓ କୃତିତ୍ୱ ସଂପର୍କରେ ଆଲୋଚନା କରାଯାଇଛି। ସେହିପରି ବନଜ ଦେବୀଙ୍କ 'କିଛି ନୂଆ ନୁହେଁ', ଜୟନ୍ତୀ ରଥଙ୍କ 'ଗନ୍ଧ', ସୁପ୍ରିୟା ପଣ୍ଡାଙ୍କ 'ନଦୀ', କମଳା ଶତପଥୀଙ୍କ 'ଏକ ବନ୍ଦୀ ରାଜକୁମାରର କାହାଣୀ', ମଞ୍ଜୁ ପଣ୍ଡାଙ୍କ 'ଇଲ୍ୟୁଜନ', ମନୋଲିସା ମିଶ୍ରଙ୍କ 'ମିଃ. ନାୟାର୍ ଏବଂ ଗୋଟେ ମୋତି ହାର', ସଞ୍ଜୁକ୍ତା ମହାନ୍ତିଙ୍କ 'ପ୍ରତିଛାୟା', ଗାୟତ୍ରୀ ଆର୍ଯ୍ୟଙ୍କ 'ତୋଳାକନିଆ', କମଳିନୀ ମଲ୍ଲିକଙ୍କ 'ଅସ୍ତରାଗର ଇସ୍ତାହାର' ପ୍ରଭୃତି ଗପ ବେଶ୍ ମନଛୁଆଁ ହୋଇଛି। ଏହି ଗପଗୁଡ଼ିକରେ ସାଂପ୍ରତିକ ମଣିଷର ଜୀବନ ଯନ୍ତ୍ରଣା, ସଂଘର୍ଷ,ଭାବାବେଗ ଅତି ଚମତ୍କାର ଭାବେ ଫୁଟି ଉଠିଛି। 'ସ୍ୱତନ୍ତ୍ର ପ୍ରସଙ୍ଗ'ରେ ଡକ୍ଟର ତୁଳସୀ ଓଝାଙ୍କ 'କେତକୀରୁ କମଳିନୀ'ରେ କେତକୀ, ବନମାଳତୀ, ନୀଳକଇଁ, ଶେଫାଳି, କମଳିନୀ ଆଦି ଫୁଲ ବିଶେଷତ୍ୱ ସଂପର୍କରେ ଆଲୋଚନା କରାଯାଇଛି। 'ଶୋଭନା' ମାର୍ଚ୍ଚ ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ।

# ରାସ୍ତାକଡ଼ରେ ଭିଜୁଛି ହଜାର ହଜାର ବସ୍ତା ଧାନ

- ମାସେ ହେଲା ରାତିସାରା ଉଜାଗର ରହି ଜଗି ରହିଛନ୍ତି ଶହଶହ ଚାଷୀ
- ଭଦ୍ରକ-ଆଖଣ୍ଡଳମଣି ରାସ୍ତାକଡ଼ରେ ପଡ଼ିଛି ହଜାର ହଜାର ଧାନବସ୍ତା
- ପ୍ରଶାସନ ନିରବ



ଭଦ୍ରକ/ଆରଡ଼ି, ୨୧।୩ (ସମିସ): ଭଦ୍ରକ ଜିଲ୍ଲାରେ ଗତ ଶୁକ୍ରବାର ବିଳମ୍ବିତ ରାତିରୁ ଶନିବାର ସକାଳ ଯାଏଁ ଅଦିନିଆ ବର୍ଷା ଲାଗି ରହିଥିବାରୁ ଚାନ୍ଦବାଲି ବ୍ଲକ୍‌ର ଆରଡି ସମବାୟ ସମିତି ଓ ସୁନ୍ଦରପୁର ସମବାୟ ସମିତିରେ ପଡ଼ି ରହିଥିବା ହଜାର ହଜାର ଧାନବସ୍ତା ୨ ଦିନ ହେଲା ଭିଜୁଛି। ଏହି ୨ଟି ସମବାୟ ସମିତିରେ ମାସ ମାସ ଧରି ଚାଷୀଙ୍କ ସମସ୍ୟା ଲାଗି ରହିଥିଲେ ମଧ୍ୟ ନା ବୁଝୁଛି ପ୍ରଶାସନ ନା ବୁଝୁଛନ୍ତି ସରକାର।

ସୂଚନାନୁଯାୟୀ, ଚାନ୍ଦବାଲି ବ୍ଲକ୍‌ର ଆରଡ଼ି, ନାନ୍ଦପୁର, ସୁନ୍ଦରପୁର, ଓଳଗ ୪ଟି ପଞ୍ଚାୟତର ୨୧ଟି ଗାଁର ଚାଷୀମାନଙ୍କର ୨ଟି ସମବାୟ ସମିତିରେ ଧାନ ଉଠୁନଥିବାରୁ ଧାରକରଜ କରି ଶହଶହ ଚାଷୀ ଅମଳ ହୋଇଥିବା ହଜାର ହଜାର ବସ୍ତା ଧାନ ମଣ୍ଡି ଓ ରାସ୍ତାରେ ପଡ଼ି ରହିଛି। ବିଶେଷକରି, ମଣ୍ଡିରେ ଆବଶ୍ୟକ ଅନୁଯାୟୀ ଜାଗା ନ ଥିବାରୁ ଆଖଣ୍ଡଳମଣି-ଭଦ୍ରକ ମୁଖ୍ୟ ରାସ୍ତାକଡ଼ରେ ହଜାର ହଜାର ଧାନବସ୍ତା ପଡ଼ି ରହିଛି। ଫଳରେ ଆଗନ୍ତୁକ ଭକ୍ତଙ୍କ ଗାଡ଼ି ସହ ଦୈନନ୍ଦିନ ବସ୍ ଓ ଛୋଟ ଗାଡ଼ି ଯାତାୟାତରେ ସମସ୍ୟା ଦେଖାଦେଉଛି। ଏପରିକି, ୫୦୦ ମିଟର ଯାଏଁ ରାସ୍ତାରେ ଧାନ ବସ୍ତା ପଡ଼ି ରହିଥିବାରୁ ଏକ ମାସରୁ ଊର୍ଦ୍ଧ୍ୱ ହେବ ଶହଶହ ଚାଷୀ ରାତି ଉଜାଗର ରହି ଧାନ ବସ୍ତାକୁ ଜଗି ରହୁଛନ୍ତି। ତେବେ ରାତି ଉଜାଗରକୁ ଅଦିନିଆ ବର୍ଷା ଚାଷୀଙ୍କୁ ତଳିତଳାନ୍ତ କରିବାକୁ ବସିଛି। ଗତ ଶୁକ୍ରବାରଠାରୁ ଲାଗି ରହିଥିବା ବର୍ଷାରେ ଭିଜୁଥିବା ଧାନ କିଏ ଫେରାଇ ନେଉଛି ତ ଆଉ କିଏ ଖରାରେ ଶୁଖାଉଛି। ଆଉ କେହି କେହି ଜରିପାଲ ଘୋଡ଼େଇ ବର୍ଷା ଦାଉରୁ ଧାନକୁ ରକ୍ଷା କରିବାକୁ ଉଦ୍ୟମ କରୁଛନ୍ତି। ଚାଷୀଙ୍କ ପାଖରେ ଆବଶ୍ୟକ ସୁରକ୍ଷିତ ଜାଗା ନ ଥିବାରୁ ବିକ୍ରି ପାଇଁ ଆଣିଥିବା ଧାନ ବସ୍ତାକୁ କିପରି ସୁରକ୍ଷିତ ରଖିବେ, ତାହାକୁ ନେଇ ଚିନ୍ତାରେ ପଡ଼ିଛି। ଏପରି ସମସ୍ୟା ଲାଗି ରହିଥିଲେ ମଧ୍ୟ ପ୍ରଶାସନ ନଜର ଦେବା ତ ଦୂରର କଥା, ଅଭିଯୋଗ କଲେ ଚାଷୀଙ୍କୁ ନାଲି ଆଖି ଦେଖାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

### ଚୋରାମଦ ବେପାରୀଙ୍କ ଭୂସ୍ୱର୍ଗ ଓଳାଭର

## ରାତିରେ ଭାଟିରୁ ଗାଁ ଗାଁକୁ ବୁହା ହେଉଛି ମଦ

ରାଜକନିକା,୨୧।୩(ସମିସ): ରାଜକନିକା ବ୍ଲକ ଓଳାଭର ଅଞ୍ଚଳରେ ଦିନକୁ ଦିନ ବଢ଼ି ଚାଲିଛି ବେଧଡକ ଚୋରାମଦ ଚାଲାଣ। ରାତି ହେଲେ ଗାଁ ଗାଁକୁ ଓଳାଭର ମଦଭାଟିରୁ ବୋଲେରୋରେ ବୁହା ହେଉଛି ମଦ। ଫଳରେ ଗାଁ ଗାଁରେ ଚୋରାମଦ କାରବାର ବଢ଼ିବାରେ ଲାଗିଛି। ଯେହେତୁ ରାତି ଅଧରେ ଘର ପାଖରେ ମଦ ପହଞ୍ଚି ଯାଉଛି, ତେଣୁ ଏଥିରେ ଡର ବା କାହାକୁ। ଅବକାରୀ ବିଭାଗ କର୍ମଚାରୀ ଅଧିକାରୀଙ୍କୁ ସନ୍ତୁଷ୍ଟ କରି ଭାଟି ମାଲିକ ବ୍ୟବସ୍ଥା କରିଦେଉଛି ବୋଲି ହାଟସାହିର ଜଣେ ଚୋରା ବେପାରୀ ନାମ ଗୋପନ ରଖି କହିଛନ୍ତି। ଯାହା ହେବ ଆମେ ବୁଝିବୁ, ତୁମେ କେବଳ ମାଲ ବିକି ଚାଲ। ଏଭଳି ଅଭୟ ପାଇବା ପରେ ପଶ୍ଚିମ କନିକାର ଗଳିକନ୍ଦିରେ ବଢ଼ିଛି ଚୋରାମଦ ବେପାର। ଅନାୟାସରେ ଘର ପାଖରେ ମଦ ମିଳୁଥିବାରୁ ଯୁବପିଢ଼ି ନିଶାସକ୍ତ ହୋଇ ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି। ମଦ ପ୍ରଭାବରେ ବହୁତ ପରିବାର ନଷ୍ଟ ହେବାକୁ ବସିଲାଣି। ଏହି ଚୋରାମଦ ଚାଲାଣ ଉପରେ ରୋକ ଲଗାଇବାକୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଦୃଷ୍ଟି ଦେବା ଦେବା ସହିତ ଗାଁ ଗାଁରେ ସ୍ୱତନ୍ତ୍ର ସ୍କ୍ୱାର୍ଡ ବୁଲାଇ ଚୋରା ମଦ ବିକ୍ରି କରୁଥିବା ଅସାଧୁ ବେପାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ସକାଳୁଆ ସ୍କୁଲ୍ ନିଷ୍ପତ୍ତି ଖୁବ୍‌ଶୀଘ୍ର

ଭୁବନେଶ୍ୱର, ୨୧।୩ (ସମିସ): ରାଜ୍ୟରେ କ୍ରମାଗତ ଭାବେ ଗ୍ରୀଷ୍ମ ପ୍ରବାହ ବଢ଼ୁଛି। କିଛି ଜିଲ୍ଲାରେ ପାରଦ ୪୦ଡିଗ୍ରୀ ଛୁଇଁଲାଣି। ଉପରମୁହାଁ ହେଉଥିବା ପାରଦକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟଗୁଡ଼ିକୁ ସକାଳୁଆ କରିବାକୁ ବିଚାର କରାଯାଉଛି ବୋଲି ଆଜି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ରଜ୍ୟରେ ଖୁବ୍‌ଶୀଘ୍ର ସକାଳୁଆ ପାଠପଢ଼ା ହେବ। ଗଣଶିକ୍ଷା ବିଭାଗ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀମାନେ ବସି ସକାଳୁଆ ସ୍କୁଲ୍ ସମ୍ପର୍କରେ ନିଷ୍ପତ୍ତି ନେବେ। ଖରାକୁ ଦେଖି ଆବଶ୍ୟକସ୍ଥଳେ ଜିଲ୍ଲାୱାରୀ ସକାଳୁଆ ସ୍କୁଲ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ଛାତରୁ ଡେଇଁଲେ ସ୍ତ୍ରୀ

କଣ୍ଟାବାଞ୍ଜି,୨୧।୩(ସମିସ): ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ଛାତରୁ ଡେଇଁପଡ଼ିଲେ ସ୍ତ୍ରୀ। ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା କପିଲାଭଟା ଗାଁରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁତର ମହିଳାଙ୍କୁ ଖଡ଼ିଆଳ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମହିଳାଜଣଙ୍କ ହେଲେ, କପିଲାଭଟା ଗାଁର ବୈଜୟନ୍ତୀ ବିଶି। ସୂଚନାନୁଯାୟୀ, ବୈଜୟନ୍ତୀଙ୍କ ସ୍ୱାମୀ ନୃପ ବିଶିଙ୍କ ପେଟ ସମସ୍ୟା ଥିବାରୁ ତାଙ୍କୁ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ସମୟରେ ଘରେ ଥିବା ବୈଜୟନ୍ତୀ ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ମାନସିକ ଭାରସାମ୍ୟ ହରାଇ ବସିଥିଲେ। ସେ ଘର ଛାତ ଉପରକୁ ଚଢ଼ି ଜୀବନ ହାରିବା ପାଇଁ ତଳକୁ ଡେଇଁ ପଡ଼ିଥିଲେ। ଖଡ଼ିଆଳ ହସ୍ପିଟାଲରୁ ନୃପଙ୍କ ମୃତଦେହ ଆଣିଥିବା ଆମ୍ବୁଲାନ୍ସରେ ଗୁରୁତର ବୈଜୟନ୍ତୀଙ୍କୁ ଖଡ଼ିଆଳ ହସ୍ପିଟାଲ ନିଆଯାଇଥିଲା।

## ପୁଅ ମୃତ୍ୟୁ ଖବର ଶୁଣି ମା’ ଆଖି ବୁଜିଲା




ଡୁଙ୍ଗୁରିପାଲି, ୨୧।୩(ସମିସ): ପୁଅ ମୃତ୍ୟୁ ଖବର ଶୁଣି ଆଖିବୁଜିଲା ମା’। ମାତ୍ର ଅଧଘଣ୍ଟା ବ୍ୟବଧାନରେ ମାଆ-ପୁଅ ଆରପାରିକୁ ଚାଲିଯାଇଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସହଲା ଗ୍ରାମରେ ଏପରି ଏକ ହୃଦୟ ବିଦାରକ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଗ୍ରାମର ରମେଶ ବାରିକ (୫୩) ଓ ତାଙ୍କ ମା’ବିଳାସ ବାରିକ (୭୬)। ଗାଁ ମଶାଣିରେ ଏକାଠି ଦୁହିଁଙ୍କ ଜୁଇ ଜଳିଛି। ସୂଚନାନୁଯାୟୀ, ଶନିବାର ଭୋର୍ ପ୍ରାୟ ସାଢ଼େ ୫ଟାରେ ରମେଶଙ୍କ ଅକାଳ ମୃତ୍ୟୁ ହୋଇଯାଇଥିଲା। ଏହାକୁ ମା’ ବିଳାସ ସହଜରେ ଗ୍ରହଣ କରିପାରିନଥିଲେ। ପୁଅ ମୃତ୍ୟୁର ଦୁଃଖରେ ସେ ଭାଙ୍ଗି ପଡ଼ିଥିଲେ। ମାତ୍ର ଅଧଘଣ୍ଟା ଭିତରେ ତାଙ୍କର ବି ମୃତ୍ୟୁ ହୋଇଯାଇଥିଲା।

## ଏପ୍ରିଲ ୮ରେ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ହେବ ରକ୍ତଦାନ ଶିବିର

ଭୁବନେଶ୍ୱର, ୨୧।୩(ସମିସ): ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଆସନ୍ତା ୮ ତାରିଖ ଦିନ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଆସନ୍ତା ଏପ୍ରିଲ ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ କରାଯିବ। ଏନେଇ ବିଶ୍ୱବିଦ୍ୟାଳୟର କୁଳସଚିବ ଓ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅବଗତ କରାଯାଇଛି। ଏନ୍‌ସିସି, ଏନଏସ୍‌ଏସ୍, ରେଡ୍‌କ୍ରସ, ରୋଭର୍ସ ରେଞ୍ଜର୍ସ ପକ୍ଷରୁ ଏହି କାର୍ଯ୍ୟକ୍ରମ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ଶିକ୍ଷାନୁଷ୍ଠାନରେ ପରୀକ୍ଷା ବା ଅନ୍ୟକୌଣସି କାରଣରୁ ଶିବିରର ଆୟୋଜନ କରି ନ ପାରିଲେ ଓଡ଼ିଆ ପକ୍ଷ ପାଳନ ଅବଧି ମଧ୍ୟରେ ଯେକୌଣସି ଦିନ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଶିବିରର ବିବରଣୀକୁ ହିମ୍ସ ପୋର୍ଟାଲରେ ଅପଲୋଡ଼ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ମାଓ କ୍ୟାମ୍ପ୍ ନଷ୍ଟ, ବିପୁଳ ସାମଗ୍ରୀ ଜବତ



ବାଲିଗୁଡ଼ା, ୨୧।୩ (ସମିସ): ସିଆରପିଏଫ୍ ୧୨୭ ବାଟାଲିୟନ ଓ କନ୍ଧମାଳ ପୁଲିସ ଦ୍ୱାରା ଆଣ୍ଟି-ନକ୍ସଲ ଅପରେସନ୍ ଜରିଆରେ ଏକ ମାଓ କ୍ୟାମ୍ପ ଧ୍ୱଂସ କରାଯାଇଛି। ସେଠାରୁ ବିପୁଳ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରାଯାଇଥିବା ସୂଚନା ମିଳିଛି। ସିଆର୍‌ପିଏଫ୍ କମାଣ୍ଡର୍ ଏସ୍.ଏଚ୍ ସଚିନଙ୍କ ତତ୍ତ୍ୱାବଧାନରେ ସିଆର୍‌ପିଏଫ୍ ଓ କନ୍ଧମାଳ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ କୋଟଗଡ଼ ବ୍ଲକ୍ ପାରିଗଡ଼ ପଞ୍ଚାୟତ ଗାଙ୍ଗେରିସରୁ ଜଙ୍ଗଲ ଅଞ୍ଚଳରେ ଅପରେସନ ଜୋରଦାର୍ କରିଥିଲେ। ଅପରେସନ୍ ବେଳେ ଘଞ୍ଚ ଜଙ୍ଗଲ ମଧ୍ୟରେ ମାଓ କ୍ୟାମ୍ପ୍ ଠାବ କରି ନଷ୍ଟ କରିଛନ୍ତି। ସେଠାରୁ ବିପୁଳ ପରିମାଣର ବିସ୍ଫୋରକ, ଔଷଧ, ବାସନ କୁସନ, ସୋଲାର ପ୍ୟାନେଲ ଓ ଅନ୍ୟାନ୍ୟ ମାଓ ସାମଗ୍ରୀ ଓ ଜରୁରୀ କାଗଜପତ୍ର ଜବତ ହୋଇଛି। କ୍ୟାମ୍ପ ଠାବ ପରେ ଅଞ୍ଚଳରେ ସିଆରପିଏଫ୍ ୧୨୭ ବାଟାଲିୟନ ପକ୍ଷରୁ କମ୍ବିଂ ଅପରେସନ୍ ଜୋରଦାର କରାଯାଉଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁନା ଦର...

ପାଇଁ ମୂଲ୍ୟ ପୁଣି ହ୍ରାସ ପାଇଛି। ଗତ ୨୭ ତାରିଖରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ମୂଲ୍ୟ ୧, ୬୨, ୧୦୪ ଟଙ୍କା ଥିବାବେଳେ ଗତ ଶୁକ୍ରବାର ଏହା ୧,୪୪, ୮୨୫ ଟଙ୍କାକୁ ଖସି ଆସିଛି। ଏଭଳି ସ୍ଥିତିରେ ୨୧ ଦିନରେ ସୁନା ୧୧ ପ୍ରତିଶତ ହ୍ରାସ ପାଇଲାଣି। ଅନ୍ୟପଟେ ରୁପା ମୂଲ୍ୟରେ ମଧ୍ୟ ଯୁଦ୍ଧ ପ୍ରଭାବ ପଡ଼ିଛି। ଗତ ୨୭ ତାରିଖରେ ରୁପା କେଜି ୨, ୮୨, ୬୪୪ ଟଙ୍କା ଥିଲା। ଏହା ହ୍ରାସ ପାଇଁ ଶୁକ୍ରବାର ୨, ୨୭, ୪୭୦ ଟଙ୍କାକୁ ଖସି ଆସିଛି। ଏହା ପଛରେ ତୈଳ ଦର ବୃଦ୍ଧି ମୁଖ୍ୟ କାରକ ସାଜିଛି। ଉତ୍ତେଜନା ଯୋଗୁଁ ବ୍ରେଣ୍ଟ କ୍ରୁଡ ୪୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇ ୧୦୦ ଡଲାର ପାର କରିଯାଇଛି। ଏଥିଯୋଗୁଁ ନିବେଶକ ସୁନା ଏବଂ ରୁପାରୁ ଧ୍ୟାନ ହଟାଇ ଶକ୍ତି ବଜାରକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ସେହିପରି ଦରଦାମ ବୃଦ୍ଧି ଏବଂ ଏହାକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ପ୍ରତିକ୍ରିୟା ଯୋଗୁଁ ମଧ୍ୟ ସୁନା ଓ ରୁପାର ମୂଲ୍ୟ ହ୍ରାସ ପାଇ ଚାଲିଛି।

### ଅଧିକାରୀଙ୍କ ଆତ୍ମହତ୍ୟା...

ଅମୃତସରର କଂଗ୍ରେସ ସାଂସଦ ଗୁରଜିତ ଔଜଲା ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। କହିଛନ୍ତି ଯେ ଫୁଡ କର୍ପୋରେସନ ଅଫ ଇଣ୍ଡିଆ (ଏଫସିଆଇ) ମନ୍ତ୍ରୀ ଭୁଲ୍ଲରଙ୍କ ଅଞ୍ଚଳରେ ଖାଦ୍ୟଶସ୍ୟ ରଖିବା ପାଇଁ ଓ୍ୟାର ହାଉସ ନିର୍ମାଣ କରିଥିଲା। ଓ୍ୟାରହାଉସ କର୍ପୋରେସନ ଏହାର ନୋଡାଲ ଏଜେନ୍ସି। ମନ୍ତ୍ରୀ ଲାଲଜିତ ନିଜ ବାପା ସୁଖଦେବ ସିଂହ ଭୁଲ୍ଲରଙ୍କ ନାମରେ ଏଥିପାଇଁ ଟେଣ୍ଡର ଦାଖଲ କରିଥିଲେ। ମାତ୍ର ନୀତି ହିସାବରେ ମନ୍ତ୍ରୀଙ୍କ ବାପାଙ୍କୁ ଟେଣ୍ଡର ମିଳି ନ ଥିଲା। ଏଥିପାଇଁ ଭୁଲ୍ଲର ଘରକୁ ଡାକି ଅଧିକାରୀଙ୍କୁ ମାଡ଼ ମାରିଥିଲେ। ଉଲଗ୍ନ କରି ଭିଡିଓ ସୁଟିଂ କରିଥିଲେ। ପତ୍ନୀ ଏବଂ ଶିଶୁଙ୍କୁ ଗ୍ୟାଙ୍ଗଷ୍ଟର ଦ୍ୱାରା ହତ୍ୟା କରାଇବାକୁ ରନ୍ଧାୱାଙ୍କୁ ଧମକ ଦେଇଥିଲେ। ଏଥିରେ ଅଧିକାର ମର୍ମାହତ ହୋଇ ଯାଇଥିଲେ। ଶେଷରେ ସେ ଜୀବନ ହାରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଘଟଣା ପଞ୍ଜାବର ଆମ ଆଦମୀ ପାର୍ଟି (ଆପ) ସରକାର ପାଇଁ ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ବିରୋଧୀ ଦଳ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ଚେଷ୍ଟା କରୁଛନ୍ତି। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ କହିବା ଅନୁଯାୟୀ, ତଦନ୍ତ ପ୍ରକ୍ରିୟାରେ ଯେପରି କୌଣସି ପ୍ରଭାବ ନ ପଡ଼ିବ ସେଥିପାଇଁ ମନ୍ତ୍ରୀଙ୍କ ଇସ୍ତଫା ନିଆଯାଇଛି।

### ବିଜେଡିରୁ ୬...

ଦଳ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ରହି କ୍ରସ୍ ଭୋଟିଂ କରିବା ବିଜେଡିର ସମ୍ବିଧାନ ମୂଳ ସିଦ୍ଧାନ୍ତର ଅବମାନନା କରୁଛି। ତେଣୁ ସେମାନଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ ରାଜ୍ୟ ରାଜନୀତିକୁ ସରଗରମ କରି ରଖିଛି। ପୂର୍ବରୁ କଂଗ୍ରେସ ମଧ୍ୟ କ୍ରସ୍ ଭୋଟିଂରେ ସଂପୃକ୍ତ ଥିବା ନିଜର ୩ ବିଧାୟକ ରମେଶ ଜେନା, ସୋଫିଆ ଫିର୍‌ଦୋସ ଓ ଦାଶରଥି ଗମାଙ୍ଗୋଙ୍କୁ ନିଲମ୍ବନ କରିସାରିଛି। ତେବେ ବିଜେଡି ନିଜର ୬ ବିଧାୟକଙ୍କ ଉପରୁ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ସେମାନେ ଏମିତି ପଦକ୍ଷେପ କାହିଁକି ନେଲେ, ସେନେଇ ସନ୍ତୋଷଜନକ ଉତ୍ତର ଜାଣିବାକୁ ଚାହିଁଥିଲା। ସେମାନଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ସେନଇ ଉତ୍ତର ରଖିବାକୁ ନୋଟିସ ଜାରି କରାଯାଇଥିଲା। ବିଧାୟକମାନେ ନିଜର ଭୁଲ୍ ବୁଝି ସମୁଚିତ ଉତ୍ତର ଦେବା ପରିବର୍ତ୍ତେ ଓଲଟି ବିଜେଡି ମୁଖ୍ୟ ସଚେତିକାଙ୍କୁ କୋର୍ଟରେ ମାମଲା ରୁଜୁ କରିବା ନେଇ ଆଣ୍ଟ ଦେଖାଇଥିଲେ। ଖାଲି ଏମିତି ନୁହେଁ; କ୍ରସ୍ ଭୋଟିଂ ପରଠାରୁ ବିଧାୟକମାନେ ନିୟମିତ ଭାବରେ ଗଣମାଧ୍ୟମରେ ଦଳ, ଦଳର ନେତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ ହେବା ପରି ମତ-ମନ୍ତବ୍ୟମାନ ଦେଇ ଆସୁଥିଲେ। ଯାହାକୁ ନେଇ ଶୃଙ୍ଖଳା କମିଟିର ସଦସ୍ୟମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନବୀନଙ୍କୁ ସୁପାରିସ କରିଥିଲେ। ପିଏସି କମିଟିରେ ମଧ୍ୟ ଉପସ୍ଥିତ ସଦସ୍ୟମାନେ ଏପରି ବିଶୃଙ୍ଖଳାକୁ ଆଦୌ ବରଦାସ୍ତ ନ କରି ତୁରନ୍ତ ସେମାନଙ୍କୁ ଦଳରୁ ନିଲମ୍ବନ କରିବାକୁ ନବୀନଙ୍କ ଆଗରେ ଦାବି ରଖିଥିଲେ। ପିଏସି ବୈଠକରେ ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ସୁଦାମ ମାର୍ଣ୍ଡି ଓ ଟୁକୁନି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ନବୀନଙ୍କ ଏହି ପଦକ୍ଷେପକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜନୈତିକ ସମୀକ୍ଷକ। ବିଜେଡି ପ୍ରତିଷ୍ଠା ଦିନଠାରୁ ଆଜି ପର୍ଯ୍ୟନ୍ତ ନବୀନ କେବେବି ଦଳରେ ବିଶୃଙ୍ଖଳାକୁ ବରଦାସ୍ତ କରିନାହାନ୍ତି। ଦଳର ନିଷ୍ପତ୍ତିକୁ ଅବମାନନା କରି ଟଙ୍କା ଲୋଭରେ କ୍ରସ୍ ଭୋଟିଂ କରିବା ପରେ କାର୍ଯ୍ୟାନୁଷ୍ଠାନ ନିହାତି ଜରୁରୀ ହୋଇ ପଡ଼ିଥିଲା। ତେଣୁ ସ୍ୱାଭାବିକ ପ୍ରିୟାରେ ଦଳର ଶୃଙ୍ଖଳା, ବିଜେଡି ସମ୍ବିଧାନର ମୂଳ ସିଦ୍ଧାନ୍ତ ତଥା ଭବିଷତକୁ ଦୃଷ୍ଟିରେ ରଖି ନବୀନ ଠିକଣା ସମୟରେ ସଠିକ୍ ନିଷ୍ପତ୍ତି ନେଇଛନ୍ତି ବୋଲି ବିଜେଡିର ଶୁଭେଚ୍ଛୁମାନେ ମତପ୍ରକାଶ କରିଛନ୍ତି। କେବଳ ନିଲମ୍ବନ ନୁହେଁ; ବିଧାୟକ ଭାବେ ସେମାନଙ୍କର ସଦସ୍ୟତା ପଦ ରଦ୍ଦ ହେବା ଅ।।ବଶ୍ୟକ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

### ଆଇନଗତ ଲଢ଼େଇକୁ...

ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରଥମେ ମତଦାନ ପାଇଁ ଗୋଟିଏ ଲେଖାଏଁ ବାଲାଟ ପେପର୍ ନେଲେ। ମାତ୍ର ସେଥିରେ ଦୁଇଟି, ତିନୋଟି ଗାର ପକାଇଛନ୍ତି ବୋଲି କହି ଦ୍ୱିତୀୟ ବାଲାଟ ପେପର ନେଇ ମତଦାନ କରିଥିଲେ। ମୁଁ ସେଠାରେ ଦଳ ପକ୍ଷରୁ ଏଜେଣ୍ଟ ଥିଲି। ଏହା ନିୟମ ବହିର୍ଭୂତ କହି ଏହି ନିଷ୍ପତ୍ତିର କଡ଼ା ବିରୋଧ ମଧ୍ୟ କରିଥିଲି। ଯଦି ମେସିନରେ ମତଦାନ ହେଉଥାନ୍ତା, ତାହେଲେ ଆପଣ କ’ଣ ଦ୍ୱିତୀୟ ଥର ମେସିନ ବଟନ ଚିପି ମତଦାନ କରିବାକୁ ଅନୁମତି ଦେଇଥାନ୍ତେ କି ବୋଲି ମୁଁ ପ୍ରଶ୍ନ କରିଥିଲି। ମାତ୍ର ଏହାକୁ ନିର୍ବାଚନ କମିଶନ ଆଦୌ ଶୁଣିଲେ ନାହିଁ। ତେଣୁ ଏନେଇ ଦଳ ଆଇନଗତ ଲଢ଼େଇ ଲଢ଼ିବାକୁ ନିଷ୍ପତ୍ତି ନେଇଛି ବୋଲି ଶ୍ରୀମତି ମଲ୍ଲିକ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟସଭା ନିର୍ବାଚନ ପ୍ରକ୍ରିୟାରେ ଦ୍ୱିତୀୟ ବାଲାଟ ପ୍ରଦାନ ନେଇ କୌଣସି ବ୍ୟବସ୍ଥା ନାହିଁ। ମାତ୍ର ବିଜେପିର ଦୁଇ ବିଧାୟକ ଯେଉଁଭଳି ଭାବେ ଦ୍ୱିତୀୟ ବାଲାଟରେ ଭୋଟ ଦେଇଛନ୍ତି, ତାହା ବୈଧ ଭୋଟ ନୁହେଁ। ଭାରତବର୍ଷରେ ଏପରି କେଉଁଠି ହୋଇନଥିବା ବେଳେ ଏହା ସମ୍ପୂର୍ଣ୍ଣ ଅବୈଧ ଭୋଟ। ଏହାକୁ ନାକଚ କରିବାର ଆବଶ୍ୟକତା ଥିଲା। ମାତ୍ର ଯେଉଁଭଳି ଭାବେ ନିର୍ବାଚନ କମିଶନ ଦୁଇଟି ଭୋଟକୁ କାଏମ ରଖିଛନ୍ତି, ସେନେଇ ଦଳ ଆଇନଗତ ଲଢ଼େଇ ନିଶ୍ଚିତ କରିବ। ଏହି ଭୋଟ ଦୁଇଟି ଭୋଟ ନାକଚ ପାଇଁ ଦଳ ଆଇନଗତ ଲଢ଼େଇ କରିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

### ୪,୦୦୦ କିମି ଦୂରଭେଦୀ...

ଏହା ଦ୍ୱାରା ସାରା ବିଶ୍ୱକୁ ନିଜର ସାମରିକ କ୍ଷମତା ନେଇ ଏକ ନୂଆ ବାର୍ତ୍ତା ଦେବାକୁ ଚେଷ୍ଟା କରିଛି ଓ ଏଥିରେ ଏହି ଦେଶ ଅନେକାଂଶରେ ସଫଳ ହୋଇଛି। ଡିଏଗୋ ଗାର୍ସିଆ ଦ୍ୱୀପ ଆମେରିକାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି, ଯେଉଁଠାରେ ସେମାନଙ୍କର ବଡ଼ ବଡ଼ ବୋମାବର୍ଷୀ ବିମାନ ଅର୍ଥାତ ହେଭି ବମ୍ବର୍ସ ଓ ଗୁଇନ୍ଦା ବିମାନ ରହୁଛି। ଇରାନର କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କରିବାରେ ସଫଳ ହେଲା କି ନାହିଁ, ତାହା ଅପେକ୍ଷା ଇରାନ ପାଇଁ ଏହା ଏକ ବଡ଼ ସଙ୍କେତ ଯେ ଆମେରିକାର କୌଣସି ବି ଆଶ୍ରୟସ୍ଥଳୀ ଏବେ ସୁରକ୍ଷିତ ନୁହେଁ। ଇରାନର ଏହି ଅପ୍ରତ୍ୟାଶିତ ପଦକ୍ଷେପ ମଧ୍ୟପ୍ରାଚ୍ୟର ସଂଘର୍ଷକୁ ଭାରତ ମହାସାଗର ଅଞ୍ଚଳକୁ ବ୍ୟାପ୍ତ କରିଛି। ଫଳରେ ପାଶ୍ଚାତ୍ୟ ଦେଶଗୁଡ଼ିକର ସାମରିକ ଯୋଜନାକୁ ଦ୍ୱନ୍ଦ୍ୱରେ ପକାଇଛି। ଇରାନର ଅର୍ଦ୍ଧ-ସରକାରୀ ସମ୍ବାଦ ସଂସ୍ଥା ମେହେର କହିଛି ଯେ, ଏହି ପଦକ୍ଷେପ ଦର୍ଶାଉଛି ଯେ, ଇରାନର ମିସାଇଲ କ୍ଷମତା ଶତ୍ରୁର କଳ୍ପନା ବାହାରେ।

ତେବେ ଡିଏଗୋ ଗାର୍ସିଆ ବେସ୍ ଉପରେ ଇରାନର ଏହି ଆକ୍ରମଣ ଉଦ୍ୟମ ବିଫଳ ହୋଇଛି। ଏହି ଘଟଣା ପରେ ବ୍ରିଟେନ ସରକାର ଇରାନକୁ କଡ଼ା ଚେତାବନୀ ଦେଇଛି। ଇରାନର ଏହି ଆକ୍ରମଣ ବିଫଳ ହେବା ସତ୍ତ୍ୱେ ଏହା ସହଯୋଗୀ ଦେଶଗୁଡ଼ିକ ପାଇଁ ଏକ ବିପଦ ବୋଲି ବ୍ରିଟେନ କହିଛି। ବ୍ରିଟେନ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଇରାନ ସାରା ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରୁଛି। ବିଶେଷ କରି ହର୍ମୁଜ ପ୍ରଣାଳୀକୁ କବ୍‌ଜାରେ ରଖି ବାଣିଜ୍ୟିକ ପଥକୁ ବନ୍ଦ କରିବା ବ୍ରିଟେନ ଓ ତା’ର ସହଯୋଗୀ ଦେଶଗୁଡ଼ିକର ସ୍ୱାର୍ଥ ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ।

### ପ୍ରତାପ ଜେନାଙ୍କ...

କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାପରେ ଶନିବାର ପ୍ରତାପଙ୍କ ଘରର ସୁରକ୍ଷାକୁ ବୃଦ୍ଧି କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ସିକ୍ୟୁରିଟି ଗାର୍ଡ ସୁଜିତ ମିଶ୍ର କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲ ରୁଜୁ କରି ମାତ୍ର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଜାଗମରା ଜଗମୋହନ ନଗର ଅଞ୍ଚଳର ସିଦ୍ଧାର୍ଥ ସ୍ୱାଇଁ ଏବଂ ବରମୁଣ୍ଡା ଜଗନ୍ନାଥ ବିହାର ଅଞ୍ଚଳର ଦେବୀ ପ୍ରସାଦ ଲେଙ୍କା। ସେମାନଙ୍କଠାରୁ ବାଣର ଅବଶିଷ୍ଟାଂଶ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବା ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କ ବିରୁଦ୍ଧରେ ବିସ୍ଫୋରକ ଆଇନ ଏବଂ ହତ୍ୟା ଉଦ୍ୟମ ଦଫାରେ ମାମଲା ରୁଜୁ ହୋଇଥିବା ପୁଲିସ କହିଛି। ଅନ୍ୟପକ୍ଷରେ ଏଭଳି ଆକ୍ରମଣ ଘଟଣାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ଏହାସହ ରାଜଧାନୀରେ ଆଇନଶୃଙ୍ଖଳ ସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ଗଲାଣି ବୋଲି ଚର୍ଚ୍ଚା ହେବାରେ ଲାଗିଛି।

### କୁଶାସନ ଓ ବିପର୍ଯ୍ୟସ୍ତ...

ନଗ୍ନ ଉଦାହରଣ। ତୁରନ୍ତ ଏହି ଘଟଣାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅପରାଧୀଙ୍କୁ ଗିରଫ କରାଯାଉ। ରାଜ୍ୟରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଆଇନଶୃଙ୍ଖଳା ସ୍ଥିତିକୁ ସଜାଡ଼ିବାକୁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।

### ଇରାନ ତୈଳ...

ମୂଲ୍ୟକୁ ନିୟନ୍ତ୍ରଣ ପାଇଁ ଏହି ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ଭାରତକୁ ତୈଳ ଯୋଗାଣ ବୃଦ୍ଧି ପାଇବ। ଦେଶରେ ତୈଳ ମୂଲ୍ୟ ସ୍ଥିର ରହିବ ବୋଲି କୁହାଯାଉଛି। ଆମେରିକା ଦେଇଥିବା ଆଶ୍ୱସ୍ତି କେବଳ ସମୁଦ୍ରରେ ଥିବା ଇରାନ ତୈଳ ଟ୍ୟାଙ୍କରରୁ କ୍ରୟ ପାଇଁ ଉଦ୍ଦିଷ୍ଟ। ଆମେରିକା ଟ୍ରେଜେରି ମନ୍ତ୍ରୀ ସ୍କଟ ବେସେଣ୍ଟ ଏହି ଘୋଷଣା କରିଛନ୍ତି। ମାର୍ଚ୍ଚ ୨୦ରୁ ଏପ୍ରିଲ ୧୯ ପର୍ଯ୍ୟନ୍ତ ଏହି ଆଶ୍ୱସ୍ତି ମିଳିଛି। ବିଶ୍ୱ ବଜାରରେ ତୈଳ ଯୋଗାଣ ବୃଦ୍ଧି ଏବଂ ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଇରାନ ଯୁଦ୍ଧ ଯୋଗୁଁ ଅଶୋଧିତ ତୈଳ ମୂଲ୍ୟ ୧୧୦ ଡଲାର ପାର କରିଯାଇଛି। ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ପ୍ରାୟ ୭୦ ଡଲାର ଥିଲା। ବେସେଣ୍ଟ କହିଛନ୍ତି ଯେ ଏହି ଯୋଗାଣର ମାର୍ଗ ଖୋଲିବା ଦ୍ୱାରା ବଜାରକୁ ୧୪ କୋଟି ବ୍ୟାରେଲ ତୈଳ ଆସିବ। ଏହା ଦ୍ୱାରା ବିଶ୍ୱରେ ଶକ୍ତି ଯୋଗାଣ ବଢ଼ିବ। ସୂଚନାଯୋଗ୍ୟ ଯେ ବିଶ୍ୱର ମନୋରଞ୍ଜନ ଏବଂ ପର୍ଯ୍ୟଟନ ସ୍ଥଳ ଉପରେ ଜବାବୀ ଆକ୍ରମଣ କରିବାକୁ ଇରାନ ଧମକ ଦେବା ପରେ ଆମେରିକା ଏଭଳି ପଦକ୍ଷେପ ନେଇଛି। ଏହା ସହିତ ମଧ୍ୟପ୍ରାଚ୍ୟକୁ ଅଧିକ ଯୁଦ୍ଧ ଜାହାଜ ପଠାଇଛି।

### ଆମେରିକା ବଜାର...

ଅର୍ଥାତ ୯୪ ଲକ୍ଷ କୋଟିରୁ ଅଧିକ ଟଙ୍କା ବୁଡ଼ି ଯାଇଛି।

ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏସଆଣ୍ଡପି୫୦୦ ଚାପରେ ରହିଛି। ଗତ ମାସେ ମଧ୍ୟରେ ଏହି ସୂଚକାଙ୍କ ୫.୮୩ ପ୍ରତିଶତ ଖସି ଆସିଛି। ଏହା ଦ୍ୱାରା ବଜାର ପୁଞ୍ଜି ପ୍ରାୟ ୩ ଟ୍ରିଲିୟନ ଡଲାର ଅର୍ଥାତ ପ୍ରାୟ ୨୮୨ ଲକ୍ଷ କୋଟି ଟଙ୍କା ବୁଡ଼ି ଗଲାଣି। ଇରାନ ଯୁଦ୍ଧ ବନ୍ଦ ହେବାର ନା ଧରୁନଥିବାରୁ ସେୟାରେ ଏଭଳି ବଡ଼ ହ୍ରାସ ଦେଖାଯାଇଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଯୁଦ୍ଧ ଜାରି ରହିଥିବାରୁ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇଚାଲିଛି। ଏହା ଦ୍ୱାରା ଦରଦାମ ମଧ୍ୟ ବଢ଼ି ଚାଲିଛି। ତେଣୁ ଏ ସବୁର ନକରାତ୍ମକ ପ୍ରଭାବ ସେୟାର ବଜାର ଉପରେ ପଡ଼ିଛି।

### ଫାଟିଲା ଏକାଧିକ ଟାଙ୍କି...

ବାତାବରଣ ଖେଳିଯାଇଥିଲା। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ନିକଟରେ ଥିବା ଆପାର୍ଟମେଣ୍ଟ ଗୁଡିକ ମଧ୍ୟ ଥରି ଉଠିଥିଲା। ରାସ୍ତାରେ ଯାଉଥିବା ଲୋକ ବିସ୍ଫୋରଣ ଦେଖି ଭୟଭୀତ ହୋଇ ଏଣେତେଣେ ଦୌଡ଼ିଥିଲେ। ସେଠାରେ କାମ କରୁଥିବା ଲୋକ ଓ ଖାଇବାକୁ ଆସିଥିବା ଲୋକମାନେ ଭୟରେ ଦୌଡିଥିଲେ। ସେଠାରେ ଥିବା ଦୁଇଟି ସ୍କୁଟି ଓ ଗୋଟିଏ ବାଇକ ପୋଡି ଯାଇଥିଲା।

ତମାଣ୍ଡୋ ଫାୟାର ଷ୍ଟେସନ ଅଫିସର ଜ୍ଞାନେନ୍ଦ୍ର କୁମାର ବେହେରା କହିଛନ୍ତି, ଆମକୁ ଅଘଟଣ ନେଇ ଦିନ ପ୍ରାୟ ୧୧ଟା ୪୦ ବେଳେ ଖବର ଆସିଥିଲା। ୪ଟି ଦମକଳ ଗାଡି ନିଆଁ ଲିଭାରେ ଲାଗିଥିଲା। ୨୦ରୁ ଅଧିକ କର୍ମଚାରୀ ନିୟୋଜିତ ହୋଇଥିଲେ। ତମାଣ୍ଡୋ, ଚନ୍ଦ୍ରଶେଖର, ଭୁବନେଶ୍ୱର(କଳ୍ପନା) ଅଗ୍ନିଶମ କେନ୍ଦ୍ର ଓ ଷ୍ଟ୍ରାଇକିଙ୍ଗ ଫୋର୍ସ ଟିମ୍ ନିଆଁ ଲିଭାରେ ନିୟୋଜିତ ହୋଇଥିଲା।


**OFFICE OF THE SUPERINTENDING ENGINEER** 25001/354/2526
**RURAL WATER SUPPLY AND SANITATION DIVISION, BHUBANESWAR**
**Plot No.-1214 (Part), Tapovan Road, Khandagiri, Bhubaneswar-30.**
**Short Quotation Call Notice No - 45 of 2025-26**

Sealed quotationers are invited from reputed Authorized Dealer/ Distributor/ Supplier for **fixation of rates** for the items of the work "Supply & Installation of one Laboratory Fume Hood at State Water Testing Laboratory, RWS&S Khandagiri, Bhubaneswar"

| | |
|---|---|
| Availability of Bid Document : | 24.03.2026 to 26.03.2026 up to 1.00 PM |
| Last date of submission of Bids : | 26.03.2026 by 03:00 P.M. |
| Opening of Bids : | 26.03.2026 at 4.00 P.M. |

The Quatation details with matrerials description can be collected from Office of the Superintending Enginner, RWS&S Division, Bhubaneswar. The superintending Engineer, RWS&S Division, Bhubaneswar reserves the right to accept/reject/modify & cancel the full tender or part thereof at any time without assigning any reason thereof.

*Superintending Engineer*
*RWS&S Division, Bhubaneswar*

OIPR-25001/25011/1/25-26/0042



**AFFIDAVIT**

I Girija Sankar Das / S S (Shanti Shyam) Girija Shankar Das S/o. Radhashaym Das, resident of At-Kalikapur, P/s- Jaleswar, Dist-Balasore,Pin-756079, Odisha declare by this affidavit No. 538 vol-1, Dtd 18.03.2026 that now onwards I shall be known as **GIRIJA SHANKAR DAS** for all future purposes.

**AFFIDAVIT**

I Mamata Rani Das w/o. Girija Shankar Das, resident of At-Kalikapur, P/s- Jaleswar, Dist-Balasore,Pin-756079, Odisha declare by this affidavit No. 532 vol-1, Dtd 18.03.2026 that now onwards I shall be known as **MAMATA RANI MOHANTY** for all future purposes.

**AFFIDAVIT**

By virtue of an affidavit no. 605 before the **Executive Magistrate, Phulbani, dtd.20.03.2026.** I, Sushant Kanhar, At-Talatamatingia, P.o.- Sripalla, P.S.-Phiringia, Dist- Kandhamal - 762011, do hereby declare that I have changed the name of my minor daughter from **Prangya Kanhar to Prangyasini Kanhar.** Henceforth, she shall be known as **Prangyasini Kanhar** for all purposes.

**Sd/- Sushant Kanhar**

**AFFIDAVIT**

I, **Manoja Kumar Panigrahi,** son of Kishore Chandra Panigrahi, resident of Ward Number 61, QR Number LB 60, Bhimtangi HB Colony, Kapila Prasad Phase 2, Bhubaneswar, Dist-khordha, Odisha, Pin-751002 declare that by this virtue of **Affidavit number 104** dated **17-03-2026** that now onwards I shall be known as "**MANOJ KUMAR PANIGRAHI**" for all future Purpose.

**AFFIDAVIT**

I, Sreyase Chhotaray, aged about 52 years, W/o-Debadatta Parija, resident of At: Plot No-31/1014, Rajarani Colony, Tankapani Road, Ps-Badagada, Bhubaneswar, Dist- Khurda, Pin- 751014, Odisha do hereby declare by this affidavit No. 591, dtd- 21.03.2026, that now onwards I shall be known as **SHREYASI PARIJA** for all future purposes.

**AFFIDAVIT**

I, Santosh Jena, S/o-Kelu Jena, resident of At - Krushnapur, Po-Narendrapur, Dist-Khurda, PIN- 752031, Odisha declared by this affidavit No. 195, dtd- 20/03/2026 that now onwards I shall be known as **SANTOSH KUMAR JENA** for all future purposes

**AFFIDAVIT**

By virtue of an affidavit Regd. No.2288 sworn before the Notary Public, Dhenkanal, dated: 28.11.2025, I **Rama Behera,** aged about 69 years, W/o. Raj Behera, At/PO: Barada, PS: Dhenkanal Sadar, Dist: Dhenkanal-759013 declare that my name has been mentioned wrongly as **Rama** instead of **Rama Behera** on Service Book of my son namely Suresh Kumar Behera, who is serving in Indian Army in the Rank-SUB, No. JC283836X, Unit-22Med Regt, C/0.56APO. That I am known as **Rama Behera** as per my Aadhar record in everywhere. Henceforth, I shall be known as **Rama Behera** for all purposes.

ସକାଳ THE SAKALA



www.sakalaepaper.com



## ଚନ୍ଦ୍ରଘଣ୍ଟା ବେଶରେ ମା'ବୁଢ଼ୀ ମଙ୍ଗଳା

**ତିଗିରିଆ,୨୧।୩(ସମିସ):** ତିଗିରିଆ ବ୍ଲକ ବିନ୍ଧାଣିମା ପଞ୍ଚାୟତର ଆରାଧ୍ୟା ଠାକୁରାଣୀ ମା' ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଚାଲିଥିବା ବାସନ୍ତିକ ଦୁର୍ଗାପୂଜାର ତୃତୀୟ ଦିବସରେ ମା' ଆଜି ନିଜର ଭକ୍ତମାନଙ୍କୁ ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଛନ୍ତି। ଏହି ଅବସରରେ ମା'ଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମଙ୍ଗଳ ଆଳତି, କଳସ ପୂଜା, ଅଗ୍ନି ସ୍ଥାପନ, ଚଣ୍ଡୀ ପାଠ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଆଳତି ଆଦି ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ମା'ଙ୍କ ପୀଠରେ ଭଜନ, କୀର୍ତ୍ତନ କରାଯାଇଥିଲା।

## ବେଆଇନ ଜାଳେଣି କାଠ ଜବତ

**ଆଠଗଡ଼,୨୧।୩(ସମିସ):** ରନ୍ଧନ ଗ୍ୟାସ ସମସ୍ୟା ସୃଷ୍ଟି ହୋଇଥିବା ବେଳେ କାଠ ଚୁଲିରେ ରୋଷେଇ ପାଇଁ ଏବେ ପର୍ଯ୍ୟାପ୍ତ ପରିମାଣର କାଠ ଆବଶ୍ୟକ ଦୃଷ୍ଟିରୁ ଜାଳେଣି କାଠର ଚୋରା ଚାଲାଣ ମଧ୍ୟ ହେଉଛି। ବେଆଇନ୍ ଭାବେ ଜାଳେଣି କାଠ ଚୋରାଚାଲାଣ ବେଳେ ଆଜି ଆଠଗଡ଼ ଥାନା ରାଧାଗୋବିନ୍ଦପୁର ଛକ ନିକଟରେ ଗୋଟିଏ ଟ୍ରାକ୍ଟର ଆଠଗଡ଼ ବନବିଭାଗ ପକ୍ଷରୁ ଜବତ କରାଯାଇଛି। ଟ୍ରାକ୍ଟରରେ ୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଜାଳେଣି କାଠ କଟକ ଅଞ୍ଚଳକୁ ଚୋରା ଚାଲାଣ ହେଉଥିବା ବିଭାଗ ପକ୍ଷରୁ କୁହାଯାଇଛି। ରାଧାଗୋବିନ୍ଦପୁର ପଞ୍ଚାୟତ ସୁଧାଂଶୁମୋହନପୁରରୁ ଏହି ଜାଳେଣି କାଠ କଟାଯାଇ ଚାଲାଣ କରାଯାଉଥିଲା। ଏହି ଚଢଉରେ ଆଠଗଡ଼ ସଦର ବନପାଳ ଆଶିଷ ନାଏକ, ବନରକ୍ଷୀ ପ୍ରଶାନ୍ତ ବେହେରା, ପ୍ରିୟମ୍ବଦା ମହାନ୍ତିଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।

## ମିଳିତ ଚଢ଼ଉ; ମଦ ଜବତ

**ତିଗିରିଆ,୨୧।୩(ସମିସ):** ଶନିବାର ତିଗିରିଆ ଥାନା ଭୀରୁଡ଼ା, ଉପରଗଡ, ଗରପଡ଼ା, ପାଇକସାହି, ପଣସ ପାଟଣା ଗ୍ରାମ ସନ୍ନିକଟ ସଂରକ୍ଷିତ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ନରସିଂହପୁର ଅବକାରୀ ବିଭାଗ, କଟକ ସଦର ଅବକାରୀ ବିଭାଗ ଏବଂ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ଉ କରି ୨୪୫୭ ଲିଟର ରନ୍ଧା ଦେଶୀ ମଦ ସହ ୨୧୯୧୦ ଲିଟର ଗୁଡ ପୋଚ ନଷ୍ଟ କରିଛନ୍ତି। କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ ତଥା ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ଚଢଉ କରାଯାଇଥିଲା। ଅବକାରୀ ବିଭାଗ ପକ୍ଷରୁ ୬ଟି ମାମଲା ରୁଜୁ କରାଯାଇଥିବା ବେଳେ କାହାରିକୁ ଗିରଫ କରାଯାଇପାରିନାହିଁ। ଚଢଉରେ ଅବକାରୀ ବିଭାଗ କର୍ମଚାରୀ ସାମିଲ ଥିଲେ।

## ପ୍ରବୋଧନ ତାଲିମ ଶିବିର ଉଦ୍‌ଯାପିତ

**ବଡମ୍ବା,୨୧।୩(ସମିସ):** ବଡମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ମୋହନ ସୁବୁଦ୍ଧି ଉଚ୍ଚବିଦ୍ୟାଳୟରେ ଗତ ୧୬ ତାରିଖଠାରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ପଞ୍ଚମ ପର୍ଯ୍ୟାୟର ୧୦୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ନେଇ "ପ୍ରବୋଧନ' ତାଲିମ ଶିବିର ଉଦଯାପିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ତତ୍ତ୍ୱାବଧାନ, ଶିକ୍ଷାଧିକାରୀ ଶିବପ୍ରସାଦ ବ୍ରହ୍ମାଙ୍କ ସଂଯୋଜନା ତଥା ସହ ଶିକ୍ଷାଧିକାରୀ କୈଳାଶଚନ୍ଦ୍ର ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସାରଦା କବି ଶତପଥୀଙ୍କ ସହଯୋଗରେ ସମ୍ବଳ ଶିକ୍ଷକ ଭାବେ ଗୋବିନ୍ଦଚନ୍ଦ୍ର ଗୋଛି, ରାଜେଶ ମହାପାତ୍ର, ରମେଶଚନ୍ଦ୍ର ନାୟକ ଓ ବଳଭଦ୍ର ଜେନା ପାଞ୍ଚ ଦିନ ଧରି ଅତି ସୁନ୍ଦର ଓ ସାବଲୀଳ ଢଙ୍ଗରେ ତାଲିମ ପ୍ରଦାନ କରିଥିଲେ।

## ସହିଦ ଦିବସ ପାଳନ ପ୍ରସ୍ତୁତି

**ଟାଙ୍ଗୀ,୨୧।୩(ସମିସ):** ମାଇଁ ଭାରତ କଟକ ପକ୍ଷରୁ ଜିଲ୍ଲାସ୍ତରୀୟ ସହିଦ ଦିବସ ପାଳନ ନିମନ୍ତେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷ ତ୍ରିଦେବ ବେହେରା ଯୋଗଦେଇ ମାଇଁ ଭାରତ କଟକ ପକ୍ଷରୁ ସହିଦ ଦିବସ ସୋମବାର ପାଳିତ ହେବ ବୋଲି କହିଥିଲେ। ଏଥିପାଇଁ ଟେଟ୍ରାହେଡ୍ରନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପୁରୁଣା କ୍ୟାମ୍ପସରୁ ପଦଯାତ୍ରା କରି ତ୍ରିମସ ବିଶ୍ୱବିଦ୍ୟାଳୟ ଛକ ପର୍ଯ୍ୟନ୍ତ ଯିବେ। ଏହାପରେ ଏକ ସଭା ହୋଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବ ବୋଲି ସେ ସୂଚନା ପ୍ରଦାନ କରିଥିଲେ। ରବିବାର ସହିଦ ଦିବସ ପାଳନ ଉପଲକ୍ଷେ ଏକ ଶ୍ରମଦାନ କାର୍ଯ୍ୟକ୍ରମ ବିଶ୍ୱନାହାକାଣୀ ସରକାରୀ ହାଇସ୍କୁଲରେ ହେବ ବୋଲି ସମାଜସେବୀ ଗଙ୍ଗାଧର ବେହେରା ସୂଚନା ଦେଇଛନ୍ତି।

## ଶ୍ରୀରାମ ଚରିତ ମାନସ ଓ ପ୍ରବଚନ

**ନିଶ୍ଚିନ୍ତକୋଇଲି,୨୧।୩(ସମିସ):** ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟରେ ଥିବା ଶ୍ରୀ ଶ୍ରୀ ସିଦ୍ଧ ମହାବୀରଜୀଉଙ୍କ ବିଜେସ୍ଥଳୀ ମାନସ ମଣ୍ଡପରେ ୩୭ତମ ବାର୍ଷିକ ଶ୍ରୀରମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ୯ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଛି। ଶ୍ରୀ ଶ୍ରୀ ରଘୁନାଥ ଅନୁକମ୍ପା ପରିଷଦ ଆନୁକୂଲ୍ୟରେ ପ୍ରତ୍ୟେକ ଦିନ ସଂଧ୍ୟାରେ ରାଜ୍ୟର ସୁପ୍ରତିଷ୍ଠିତ ପ୍ରବଚକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଷଦର ମୁଖ୍ୟ ଉପଦେଷ୍ଟା ବଂଶୀଧର ପଣ୍ଡା, ଶଙ୍କରଲାଲ ଚଣ୍ଡାକ ଓ ନିବାସଚନ୍ଦ୍ର ସ୍ୱାଇଁଙ୍କ ମାର୍ଗ ଦର୍ଶନରେ ସମସ୍ତ କାର୍ଯ୍ୟକ୍ରମ କରାଯାଇଥିଲା। ପରିଷଦର ସଭାପତି ସଂଗ୍ରାମ କିଶୋର ମହାନ୍ତି, ଉପସଭାପତି ଅଶୋକ କୁମାର ମହାପାତ୍ର, ସଂପାଦକ ସାନ୍ତନୁ ସାହୁ, ସହସଂପାଦକ ସୁଶୀଳ ସେନାପତି, କୋଷାଧ୍ୟକ୍ଷ ସୁମନ୍ତ ରଥ, ସଭ୍ୟ ରଂଜନ ଦାସ, ଗନ୍ଧର୍ବ ବେହେରା, ପଞ୍ଚାନନ ବେହେରା, ଅଲେଖ ହୋତା, ରଂଜନ ସାହୁ, ସତ୍ୟରଂଜନ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ହର୍ଷୋଲ୍ଲାସରେ ପାଳନ ହେଲା ପବିତ୍ର ଇଦ୍-ଉଲ୍-ଫିତର୍

# ବାଣ୍ଟିଲେ ସଦ୍‌ଭାବ ଓ ଭାଇଚାରାର ଶୁଭେଚ୍ଛା

**କନ୍ଦରପୁର, ୨୧।୩ (ସମିସ):** ମୁସଲିମ୍ ସମ୍ପ୍ରଦାୟର ପବିତ୍ର ଇଦ୍ ଉଲ୍ ଫିତର୍ ପର୍ବ ଶନିବାର କଟକ ସଦର ଅଞ୍ଚଳରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରାଯାଇଛି। ଗତ ଫେବୃଆରୀ ୧୯ ତାରିଖରୁ ପବିତ୍ର ରମଜାନ୍ ମାସ ଆରମ୍ଭ ହୋଇଥିଲା। ଏହାପରଠାରୁ ମାସଟିଏ ଧରି ମୁସଲିମ୍ ସମ୍ପ୍ରଦାୟର ଲୋକମାନେ ଦିନତମାମ କାଷ୍ଠା ଉପବାସ କରିଥିଲେ। ପରମ୍ପରା ଅନୁସାରେ ଚାନ୍ଦ ଦେଖିବା ପରଦିନ ପବିତ୍ର ଇଦ୍ ପର୍ବ ପାଳନ ହୋଇଥାଏ। ଏହିକ୍ରମରେ ଗୁରୁବାର ଚାନ୍ଦ ଦେଖିବାକୁ ମିଳି ନଥିବାରୁ ଗତକାଲି ଶୁକ୍ରବାର ସମସ୍ତେ ରମଜାନ୍ ମାସର ଶେଷ ଉପବାସ ରଖି ଆଜି ଶନିବାର ଭାଇଚାରାର ପବିତ୍ର ଇଦ୍ ପର୍ବ ପାଳନ କରୁଥିବା ଜଣାପଡିଛି। ଏଥିପାଇଁ ବୟାଲିସମୌଜା ରାଉତ୍ରାପୁର, ଦେଓପୁର, ଆୟତପୁର, ସୋମପୁର, ଥୋରିଆପଡା, ବାଲିସୁକ୍ରି, ନାରଦା, ପୋଖରୀହୁଡା, ନମାଜ ପଡିଆ, ପ୍ରହରାଜପୁର, ଗଡମା, ସିର୍ଲୋ, ନେମାଳ, ବାବୁଜଙ୍ଗ, ମହମଦପୁର ପ୍ରଭୃତି ଅଞ୍ଚଳରେ ଇଦଗାହ ସମେତ ମସଜିଦଗୁଡ଼ିକରେ ସମୂହ ନମାଜ ପାଠ କରାଯାଇଛି। ବିଭିନ୍ନ ମୁସଲିମ ସାହି ବସ୍ତିରେ ଭୋଜିଭାତ ସାଙ୍ଗକୁ ବିଭିନ୍ନ ଆୟୋଜନ ଆୟୋଜିତ ହୋଇଥିବା ବେଳେ ସଜେଇ ହୋଇଥିଲା ସାହି, ବସ୍ତି ଓ ଧର୍ମାନୁଷ୍ଠାନ।









### ଚୌଦ୍ୱାର

ଚୌଦ୍ୱାର ମୁସଲିମ୍ ପଞ୍ଚାୟତ ଆନୁକୂଲ୍ୟରେ ଆୟୋଜିତ ଇଦ୍-ଉଲ୍-ଫିତର କାର୍ଯ୍ୟକ୍ରମରେ ମୁସଲିମ୍ ସମ୍ପ୍ରଦାୟର ଲୋକମାନେ ଦିନ ୯ଟାରେ ଚାଟେଶ୍ୱରସ୍ଥିତ ଇଦଘା ପଡ଼ିଆରେ ଏକତ୍ରିତ ହୋଇ ସମୂହ କଲମା ପଢ଼ିଥିଲେ। ଚୌଦ୍ୱାର ମସଜିଦ୍‌ର ମୌଲବୀ ସେକ୍ ଅରବାଜ ନମାଜ ପାଠ କରାଇବା ସହିତ ପବିତ୍ର କୋରାନ୍ ପାଠ କରିଥିଲେ। ମହିଳା ମାନେ ନିଜ ନିଜ ଘରେ କଲମା ପଢ଼ିଥିଲେ। ପରେ ପରେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ ପରସ୍ପରକୁ ଇଦ୍ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଚୌଦ୍ୱାର ଥାନା ପକ୍ଷରୁ ସମସ୍ତଙ୍କୁ ଇଦ୍ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କର ମଙ୍ଗଳ କାମନା କରାଯାଇଥିଲା। ମୁସଲିମ ପଞ୍ଚାୟତ ସଭାପତି ସେକ୍ ସାଜିଦ୍ ଚାନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ନସିମ୍ ଖାନଙ୍କ ସମେତ ସ୍ଥାନୀୟ ଯୁବଗୋଷ୍ଠୀ ପରିଚାଳନା କରିଥିଲେ। ସଂଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିଭଳି ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବ୍ରହ୍ମପୁର ପଞ୍ଚାୟତର ମୁସଲିମ୍ ସମ୍ପ୍ରଦାୟ ଆନୁକୂଲ୍ୟରେ ଇଦ୍ ପର୍ବ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅତିଥି ଭାବେ ସମସ୍ତଙ୍କୁ ଇଦ୍ ଅଭିନନ୍ଦନ ଜଣାଇବା ସହ ଭାଇଚାରା ଓ ସଂହତି ରକ୍ଷା ଦିଗରେ ଏହି ମହତ୍ ଭୂମିକା ଗ୍ରହଣ କରିଥାଏ ବୋଲି ମତ ବ୍ୟକ୍ତ କରିଥିଲେ। ସ୍ଥାନୀୟ ମସଜିଦ୍ ସମ୍ମୁଖରେ ସଭାପତି ସେକ୍ ସୋବାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଯୁବନେତା ସେକ୍ ସାହାଜାନ୍, ଡ.ଦୀପକ କୁମାର ସ୍ୱାଇଁ, ଅଜୟ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

### ନିଶ୍ଚିନ୍ତକୋଇଲି

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଚଉଦ ମହଲ୍ଲା ଅଧୀନରେ ଥିବା ୨୬ଟି ମୁସଲମାନ ବସ୍ତିର ଇସ୍‌ଲାମ୍ ଧର୍ମାବଲମ୍ବୀଙ୍କୁ ନେଇ ଜୁଲିକିପଡା ଇଦ୍‌ଘାଠାରେ ଇଦ୍-ଉଲ୍-ଫିତର ପର୍ବ ପାଳିତ ହୋଇଛି। ଚଉଦ ମହଲାର କାର୍ଯ୍ୟକାରୀ ସଭାପତି ସେକ୍ ମହମ୍ମଦ ଇଦ୍ରିଶଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ୮ ହଜାରରୁ ଉର୍ଦ୍ଧ୍ୱ ଇସ୍‌ଲାମୀ ପର୍ବ ପାଳନ କରିଛନ୍ତି। ମୌଲାନା ବେଲାଲ ସାହେବ କାଶୀମ୍‌ଙ୍କ ଦ୍ୱାରା ପୂର୍ବାହ୍ନରେ ସମୂହ ନମାଜ ପାଠ କରାଯାଇ ସେବା, ସମର୍ପଣ ଓ ତ୍ୟାଗ ମନୋଭାବ ରଖିବା ପାଇଁ ପରାମର୍ଶ ଦିଆଯାଇଛି। ଚଉଦ ମହଲାର ସଂପାଦକ ଇମ୍ରାନ୍ ଖାଁ, ସଭ୍ୟ ମୋତି ଖାଁ, ମୌଲାନା ୟୁସୁଫ, ନସିରୁଦ୍ଦିନ ଖାଁ, ସେକ୍ ଅବଦୁଲ କରିମ, କଲାମୁଦ୍ଦିନ ଖାଁ, ମିର୍ଜା ଅକ୍ତର, ସରାଜୁଦ୍ଦିନ ଖାଁ, ସେକ୍ ବୋରାନ୍, ହାପିଜ୍ ମୁସ୍ତକିମ୍, ହାପିଜ୍ ବେଲାଲ, ମୌଲାନା ଖଇରୁଦ୍ଦିନ, ଜାନି ଖାଁ କୋରାନରୁ ମହତ୍ ବାଣୀଗୁଡିକୁ ପ୍ରଚାର କରିଥିଲେ।

ସେହିପରି ଜୟରାମପୁର ପଞ୍ଚାୟତ କାଜିହାଟଠାରେ ଥିବା ମଦ୍ରାସାରେ ମୌଲାନା ସୟଦ୍ ନକିବୁଲ ଅମିନ୍ ବର୍କୀଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରୁ ୧୦ହଜାରରୁ ଉର୍ଦ୍ଧ୍ୱ ଇସ୍‌ଲାମ୍ ଧର୍ମାବଲମ୍ବୀ ପୂର୍ବାହ୍ନରେ ସମୂହ ନମାଜପାଠ କରିଥିଲେ। ମୌଲାନା ଜୟମୁଲ୍ଲ ଇସ୍‌ଲାମ୍ କାଶୀମ୍, ମୌଲାନ ସୟଦ୍ ଆଞ୍ଜର ନକି କାଶୀମ୍‌ଙ୍କ ସମେତ ବିଭିନ୍ନ ମାଦ୍ରାସାର ବହୁ ମୌଲବୀ ଏଥିରେ ଯୋଗ ଦେଇଥିଲେ। ବହୁ ହିନ୍ଦୁ ଭାଇମାନେ ମଧ୍ୟ ମୁସଲମାନ ଭାଇମାନଙ୍କୁ ଇଦ୍ ମୁବାରକ ଜଣାଇଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ, ବରିଷ୍ଠ କଂଗ୍ରେସ ନେତା ନାରାୟଣ ଦ୍ୱିବେଦୀ, ଆଇନଜୀବୀ ଭାସ୍କର ବେହେରା, ପୂର୍ବତନ ସରପଞ୍ଚ ପ୍ରାଣକୃଷ୍ଣ ସେଠୀ, ପୂର୍ବତନ ସମିତିସଭ୍ୟ ରମେଶ ସ୍ୱାଇଁ, ପ୍ରଫୁଲ୍ଲ ରାଉତ, ମାହାଙ୍ଗା ବ୍ଲକର ପ୍ରାକ୍ତନ ଯୁବ କଂଗ୍ରେସ ସଭାପତି ସୌକତ ଅଲୀ, ସୟଦ ନୟର ଫାଏକ୍, ସେକ୍ ସନ୍ନାଉଲ୍ଲା, ସେକ୍ ସଇଫୁଲ ରହେମାନ ଓ ତଫିମୁଲ୍ଲ କନିୟନ ପ୍ରମୁଖ ଯୋଗ ଦେଇଥିଲେ।

### ଆଠଗଡ଼

ଶନିବାର ମୁସଲମାନ ଧର୍ମାବଲମ୍ବୀ ଭାଇଭଉଣୀଙ୍କର ପବିତ୍ର ଇଦୁଲଫିତର ପର୍ବ ଆଠଗଡର ବିଭିନ୍ନ ମସଜିଦରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ୪୦୦ରୁ ଅଧିକ ମୁସଲମାନ ଧର୍ମାବଲମ୍ବୀ ସାମୂହିକ ନମାଜ ପାଠ କରିଥିଲେ। ମୌଲାନା ମହମ୍ମଦ ମୁଜାହିଦ୍ ରଜା ନମାଜ ପାଠ କରାଇଥିଲେ। ମହମ୍ମଦ ଅମିନ୍, ମହମ୍ମଦ ମୁସ୍ତାକ ହୁସେନ୍, ମହମ୍ମଦ୍ ଖାଲିଦ୍, ମହମ୍ମଦ ସଇଦ୍ ପ୍ରମୁଖ ସହଯୋଗ କରିଥିଲେ।

### ତିଗିରିଆ

ତିଗିରିଆ ବ୍ଲକ ଦୁଇ ମୁସଲମାନ ଗ୍ରାମ ଜମାତ ଅହେମ୍ମଦିୟା କରଡାପଲ୍ଲୀ ଓ ପଙ୍କାଳ ଗ୍ରାମରେ ଶନିବାର ପବିତ୍ର ଇଦୁଲଫିତର ଉତ୍ସବ ପାଳିତ ହୋଇଯାଇଛି। ଜମାତ ଅହେମ୍ମଦିୟା କରଡାପଲ୍ଲୀ ଗ୍ରାମର ଜାମା ମସଜିଦରେ ମୋବଲିକ ଇନଚାର୍ଜ ମୌଲାନା ସେକ ଇସିହାକ ସାମୂହିକ ନମାଜ ପାଠ କରାଇଥିବା ବେଳେ ପଙ୍କାଳସ୍ଥିତ ଜାମା ମସଜିଦ ପରିସରରେ ମୌଲାନା ସେକ ନାସିରୁଦ୍ଦିନ ନମାଜ ପାଠ କରାଇଥିଲେ। ପରେ ପରସ୍ପର ପରସ୍ପରକୁ ଆଲିଙ୍ଗନ କରି ଇଦୁଲଫିତରର ଅଭିନନ୍ଦନ ଜଣାଇଥିଲେ। ସୁରକ୍ଷା ଦୃଷ୍ଟିରୁ କଟକ ଜିଲ୍ଲା ଅତିରିକ୍ତ ଏସପି ପ୍ରଦୀପ ସାହୁ, ଆଠଗଡ ଏସଡିପିଓ ବିଶ୍ୱଜିତ ମହାନ୍ତି, ଜିଲ୍ଲା ପୁଲିସ ମୁଖ୍ୟାଳୟ ଆଇଆଇସି ରମାକାନ୍ତ ନାୟକ, ତିଗିରିଆ ଥାନାଧିକାରିଣୀ ଇପ୍ସିତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

### ସାଲେପୁର

ବାଲିସାହି ପଞ୍ଚାୟତର ରୋଧପୁର, ବାଲିଆ ଶଙ୍କରପୁର, ବାରିଗୋଳ, ସାଇଁପଡ଼ା, ତିଳିଦା, ମହାସିଂହପୁର, ବିଶ୍ୱନାଥପୁର, ଚମ୍ପତି, ମୁତାରିଫା, କାଜିହାଟ, ପୀରବଜାର, ରାଇସୁଙ୍ଗୁଡ଼ା, ମିର୍ଜାପୁର ସମେତ ବିଭିନ୍ନ ଅଞ୍ଚଳରେ ହଜାର ହଜାର ମୁସ୍‌ଲିମ୍ ଭାଇ ଭଉଣୀ ଏହି ପର୍ବରେ ସାମିଲ ହୋଇଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ବିଭିନ୍ନ ସ୍ଥାନକୁ ଯାଇ ମୁସ୍‌ଲିମ୍ ଭାଇ ଭଉଣୀମାନଙ୍କୁ ଇଦ୍ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ବିଧାୟକଙ୍କ ସହ ଗୁଲରେଜ ଅଲ୍ଲି, ନବକିଶୋର କର, ଅଶ୍ୱିନୀ କୁମାର ଦାସ, ଯୁବ ବିଜେଡି ସଭାପତି ସଂଜିତ୍ ଦାଶ, ବିରଞ୍ଚିନାରାୟଣ କରଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲା ବେଳେ କଂଗ୍ରେସ ପକ୍ଷରୁ ହରିବନ୍ଧୁ ଶତପଥୀ ବିଭିନ୍ନ ମୁସ୍‌ଲିମ୍ ବସ୍ତି ପରିଦର୍ଶନ କରିଥିଲେ। ପୁଲିସ ଏସ୍‌ଡିପିଓ ବିରଞ୍ଚିନାରାୟଣ ପତି, ଆଇଆଇସି ମହେଶ୍ୱର ବେହେରାଙ୍କ ସମେତ ବିଭିନ୍ନ ପୁଲିସ କର୍ମଚାରୀ ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ କଡ଼ା ନଜର ରଖିଥିଲେ।

## ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କ ତାଲିମ ଶିବିର



**ତିଗିରିଆ,୨୧।୩(ସମିସ):** ପବିତ୍ର ମୋହନ ସରକାରୀ ବିଦ୍ୟାପୀଠରେ ଅଷ୍ଟମ ଜନଗଣନା ଉପଲକ୍ଷେ ଶନିବାର ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କ ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ତିଗିରିଆ ତହସିଲଦାର ଧର୍ମରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନ ଏବଂ ସହକାରୀ ତହସିଲଦାର ଗଙ୍ଗାଧର ନାୟକଙ୍କ ପରିଚାଳନରେ ଅନୁଷ୍ଠିତ ହୋଇଥିବା ଏହି ତାଲିମ ଶିବିରର ପ୍ରଥମ ପ୍ରର୍ଯ୍ୟାୟରେ ୪୨ ଜଣ ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କୁ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ସମ୍ମାନିତ ଅତିଥି ଭାବେ ବ୍ଲକଶିକ୍ଷା ଅଧିକାରୀ ଅମର ମହାରଣା ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସିଂଗୋ ହାଁସଦା ଯୋଗ ଦେଇଥିଲେ। ପ୍ରସନ୍ନପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ଅଧ୍ୟାପକ କ୍ୟାପଟେନ ଲକ୍ଷ୍ମୀଧର ସାହୁ ଏବଂ ତିଗିରିଆ ବ୍ଲକ ବିଏସଏସଓ ଦିଲ୍ଲୀପ ପ୍ରଧାନ ସଂଚାଳନ କରିଥିଲେ। ୪ଟି ପର୍ଯ୍ୟାୟରେ ମୋଟ ୧୬୯ ଜଣ ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକ ତାଲିମ ନେବେ ବୋଲି ସୂଚନା ମିଳିଛି। ପର୍ଯ୍ୟବେକ୍ଷକ ଚନ୍ଦ୍ରକାନ୍ତ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଦୁର୍ଘଟଣାରେ ଶିକ୍ଷକଙ୍କ ପତ୍ନୀ ମୃତ



**ସାଲେପୁର, ୨୧।୩ (ସମିସ):** ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିଷ୍ଠାର ସହ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାଇ ଆସୁଥିବା ଗୁରୁଜୀ ରମେଶ ବେହେରାଙ୍କ ପତ୍ନୀ ସୌଦାମିନୀ ବେହେରା (୫୧) ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ରମେଶ ବେହେରା ତାଙ୍କ ବାଇକ୍‌ରେ ତାଙ୍କ ପତ୍ନୀଙ୍କୁ ବସାଇ ସାଲେପୁରରୁ ବଡ଼ଚଣା ଅଞ୍ଚଳକୁ ଯାଇଥିବାବେଳେ ସେଠାରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କ ପତ୍ନୀଙ୍କ ପରଲୋକ ହୋଇଛି। ରମେଶ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୀର୍ଘବର୍ଷ ଧରି ରମେଶ ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷକତା କରି ଆସୁଛନ୍ତି। ସୌଦାମିନୀଙ୍କର ଶବ ଆସି ବାସୁଦେବପୁରରେ ପହଞ୍ଚିବାପରେ ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିଲା। ଖବର ପାଇ ଶତାଧିକ ଅଭିଭାବକ ଓ ଛାତ୍ରଛାତ୍ରୀ ତାଙ୍କର ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ୩ ଦିନିଆ ଉତ୍କଳ ଦିବସ ପାଳନ ପ୍ରସ୍ତୁତି



**ସାଲେପୁର, ୨୧।୩ (ସମିସ):** ତିନି ଦିନ ଧରି ସାଲେପୁର ହାଇସ୍କୁଲ ପଡ଼ିଆରେ ଉତ୍କଳ ଦିବସ ପାଳନ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସାଲେପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ଚିତ୍ରୋତ୍ପଳା ଅତିଥି ଭବନରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଟାଙ୍ଗୀ ସାଲେପୁର ବିଜେପି ନେତା ଅରିନ୍ଦମ ରାୟ, ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ, ସାଲେପୁର ଏସ୍‌ଡିପିଓ ବିରଞ୍ଚିନାରାୟଣ ପତି, ସାଲେପୁର ବିଡ଼ିଓ ଲୋପାମୁଦ୍ରା ନାୟକ, ସାଲେପୁର ଥାନା ଆଇଆଇସି ମହେଶ୍ୱର ବେହେରା ଆଲୋଚନା କରିଥିଲେ। ଚଳଚ୍ଚିତ୍ର ପ୍ରଯୋଜକ ଦିଲ୍ଲୀପ ଦାଶ, ଆଞ୍ଚଳିକ ସାମ୍ବାଦିକ ସଂଘର ସଂପାଦକ ହୃଷୀକେଶ ମଲ୍ଲିକ, ମହାସଚିବ ମନୋଜ ଆଚାର୍ଯ୍ୟ, ଉପସଭାପତି ଦୀପକ ଦାସ, କୋଷାଧ୍ୟକ୍ଷ ସୁଧିର ଶତପଥୀ, ସଂପାଦକ ଅରବିନ୍ଦ ଭୂୟାଁ, କାର୍ଯ୍ୟାଳୟ ସଂପାଦକ ହେମନ୍ତ ଭୂୟାଁ, ବରିଷ୍ଠ ସାମ୍ବାଦିକ ଅଭୟ ଜେନା, ରତ୍ନାକର ବାରିକ, ପ୍ରତ୍ୟୁଷ ମହାନ୍ତି, ବିଭୁତିଭୂଷଣ କର, ପ୍ରଦୀପ୍ତ କର, ମହେଶ୍ୱର ବେହେରା, ଯଜ୍ଞେଶ୍ୱର ବିଶ୍ୱାଳ, ଅକ୍ଷୟ ଦାସ, ପ୍ରିୟଦର୍ଶିନୀ ପ୍ରଧାନ, ଲୋକନାଥ ପାତ୍ର, କେଦାର ନାୟକ, ରଞ୍ଜନ ଦାସ, ଲକ୍ଷ୍ମଣ ଦାସ, ପ୍ରବୀରଚନ୍ଦ୍ର ଦାସ, ଅନନ୍ତ ଚରଣ ଦାଶ, ବିଶ୍ୱଜିତ୍ ଭୂୟାଁ, ଅଜୟ ସାହୁଙ୍କ ସମେତ ବହୁ ସାମ୍ବାଦିକ ତଥା ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ଅଗ୍ନିକାଣ୍ଡ ପୀଡ଼ିତ ପରିବାରକୁ ଟେଟ୍ରାହେଡ୍ରନ ପକ୍ଷରୁ ସହାୟତା



**ଟାଙ୍ଗୀ,୨୧।୩(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ କିଆଝରଗ୍ରାମର ସନାତନ ବାନରା ଓ ତିନି ପୁଅଙ୍କ ଛଅ ବଖରା ଘର ଶୁକ୍ରବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡରେ ଭସ୍ମୀଭୂତ ହୋଇଯାଇଛି। ଏ ବିଷୟରେ ଦୈନିକ ସକାଳରେ ଏକ ଖବର ପ୍ରକାଶ ପାଇବା ପରେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ପୀଡ଼ିତଙ୍କ ଘରେ ପହଞ୍ଚି ଏକ ମାସର ରେସନ, ସମସ୍ତ ପରିବାର ସଦସ୍ୟଙ୍କ ପୋଷାକ, ଜରିପାଲ ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହିତ ଘର ନିର୍ମାଣ ପାଇଁ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ତହସିଲଦାର ଓ ଆରଆଇଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଫୋନ୍ ମାଧ୍ୟମରେ ଅନୁରୋଧ କରିଥିଲେ। ଉକ୍ତ ସମୟରେ ସ୍ଥାନୀୟ ସରପଞ୍ଚ ଦୀପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ କୁମାର ସାମଲ, ସମାଜସେବୀ ହୃଷୀକେଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁସାରେ ସନାତନ ବାନରାଙ୍କ ସମେତ ତିନି ପୁଅ କୁଆଁର ବାନରା, କାର୍ତ୍ତିକ ବାନରା ଓ କରୁଣାକର ବାନରାଙ୍କ ଘର ପୋଡି ଭସ୍ମୀଭୂତ ହୋଇଯାଇଛି।

## ନଗସପୁର ସମବାୟ ସମିତିରେ ଅନିୟମିତତା ଅଭିଯୋଗ

### ତଦନ୍ତ କରି ରିପୋର୍ଟ ଦେବେ ସମବାୟ ଉପନିବନ୍ଧକ

**ନିଶ୍ଚିନ୍ତକୋଇଲି,୨୧।୩(ସମିସ):** କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିଶ୍ଚିନ୍ତକୋଇଲି ଶାଖା ଅଧୀନରେ ଥିବା ନଗସପୁର କୃଷି ଋଣ ସେବାସମବାୟ ସମିତିରେ ଅନିୟମିତତା ନେଇ ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ସମିତିର ସଂପାଦକ ଓ ଡାଟା ଏଣ୍ଟ୍ରି ଅପରେଟର (ଡିଇଓ)ଙ୍କ ମନମାନୀ ଯୋଗୁ ବହୁ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଥିଲା ବେଳେ ଅନେକ ଚାଷୀ ସଠିକ୍ ପରିମାଣରେ ଧାନ ବିକ୍ରି କରିନପାରି ଆର୍ଥିକ କ୍ଷତି ସହିଥିବା ଜଣାଯାଇଛି। ଏହି ସମିତିରେ ଭଉଣୀ ଓ ଭାଇ ଯଥାକ୍ରମେ ସଂପାଦିକା ଓ ଡିଇଓ ଥିବାରୁ ଅନିୟମିତତା ହେଉଥିବା ଅଭିଯୋଗ କରାଯାଇଛି। କଟକ ଜିଲ୍ଲାପାଳ ସମ୍ପୃକ୍ତ ସେବା ସମବାୟ ସମିତିର ଉପନିବନ୍ଧକଙ୍କୁ ୧୫ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

ଗତ ଜୁଲାଇରେ ଚାଷୀମାନେ ଧାନ ବିକ୍ରି କରିବା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ନାମ ପଞ୍ଜିକୃତ କରିବାକୁ ସଂପାଦକଙ୍କୁ ସମସ୍ତ କାଗଜପତ୍ର ଦେଇଥିଲେ। ହେଲେ ସମିତିରେ ସଠିକ୍ ଭାବେ ଚାଷୀମାନଙ୍କର ନାମ ଅନ୍‌ଲାଇନ୍ ପଞ୍ଜିକୃତ ହେଲା ନାହିଁ କି ଆଖି ସ୍କାନ କରାଗଲା ନାହିଁ। ୪/୫ ଏକର ଚାଷ ଜମି ଥିବା ଚାଷୀଙ୍କର ନିର୍ଭୁଲ ପଞ୍ଜୀକରଣ ନହେବାରୁ ସେମାନଙ୍କର ମାତ୍ର ୮/୯ କୁଇଣ୍ଟାଲ ମଧ୍ୟରେ ଧାନ ବିକ୍ରି ପାଇଁ ଟୋକନ ଆସିଥିଲା। ଅପରପକ୍ଷରେ ସଂପାଦକଙ୍କ ସ୍ୱାମୀ ଓ ପିତାଙ୍କ ନାମରେ ଥିବା ଚାଷ ଜମି ପଡିଆ ପଡିଥିଲେ ମଧ୍ୟ ସ୍ୱାମୀଙ୍କ ନାଁରେ ୨୮ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ଆସିଥିବା ଅଭିଯୋଗ ହୋଇଛି। ନଗସପୁର, ଝାଡେଶ୍ୱରପୁର, ପାଳଦା ଆଦି ପଞ୍ଚାୟତ ସମବାୟ ସମିତି ଅଧୀନରେ ଯାଉଥିଲେ ମଧ୍ୟ ଓରତି ପଞ୍ଚାୟତର ତାଙ୍କ ଭାଇଙ୍କୁ ଡିଇଓ ଭାବେ ଏଠାରେ ନିଯୁକ୍ତି କରାଯାଇଛି। ଏହି ନିଯୁକ୍ତି ନିମନ୍ତେ କୌଣସି ବିଜ୍ଞାପନ କିମ୍ବା ପ୍ରଚାର ପ୍ରସାର ନ କରାଯାଇ କିଭଳି ବେଆଇନ ନିଯୁକ୍ତି କରାଯାଇଛି ସେନେଇ ଅଭିଯୋଗ ହୋଇଛି। ଏ ସମସ୍ତ ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଚାଷୀ ଭିକାରୀ ଚରଣ ଖୁଣ୍ଟିଆ, ସତ୍ୟରଂଜନ ଖୁଣ୍ଟିଆ, ଶିବପ୍ରସାଦ ସ୍ୱାଇଁ, ରମେଶଚନ୍ଦ୍ର ମହାନ୍ତିଙ୍କ ସମେତ ବହୁ ଚାଷୀ ଅଭିଯୋଗ କରିଛନ୍ତି।



# ନିବେଶ ଆଳରେ ୫୦ ଲକ୍ଷ ଠକିନେଲେ ଦମ୍ପତି

■ ନିବେଶ ଅର୍ଥ ଫେରସ୍ତ ମାଗିବାରୁ ଧମକ
■ ହତ୍ୟା ଧମକ ପରେ ଅଂଶୀଦାର ଥାନାର ଦ୍ୱାରସ୍ଥ

କଟକ, ୨୧।୩(ସମିସ): ସ୍ୱାସ୍ଥ୍ୟସେବା ଜନିତ ବ୍ୟବସାୟରେ ନିବେଶ କରି ଠକାମୀରେ ପଡ଼ିଛନ୍ତି ଜଣେ ଅଂଶୀଦାର। ସଂସ୍ଥାର ଅନ୍ୟ ୨ଜଣ ଅଂଶୀଦାର ଜାଲିଆତି କରି ଲକ୍ଷାଧିକ ଟଙ୍କା ହଡପ କରି ନେଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରିବାରୁ ଉଭୟ ଅଂଶୀଦାର ଧମକ ଦେଉଥିବାରୁ ଅଭିଯୋଗକାରୀ ଚାଉଳିଆଗଞ୍ଜ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ବିଡାନାସୀ କୁଶିଆ ଲେନର ସୁଶାନ୍ତ କୁମାର ଜେନା ଥାନାରେ ଅଭିଯୋଗ କରିଛନ୍ତି ଯେ କିଛି ବର୍ଷ ପୂର୍ବେ ସେ ମଧୁପାଟଣାସ୍ଥିତ ସିଲଭର ସିଟି ହସ୍ପିଟାଲରେ ମାର୍କେଟିଂ ମ୍ୟାନେଜର ଭାବେ କାମ କରୁଥିଲେ। ୨୦୧୮-୧୯ ମସିହାରେ ଉକ୍ତ ହସ୍ପିଟାଲ ଚାଉଳିଆଗଞ୍ଜ ଅଞ୍ଚଳକୁ ସ୍ଥାନାନ୍ତର ହୋଇଥିଲା। ନୂଆ ସ୍ଥାନରେ ହସ୍ପିଟାଲ କାର୍ଯ୍ୟକ୍ଷମ ହେବା ପରେ ହଠାତ ଆର୍ଥିକ ସମସ୍ୟା ଦେଖାଦେଇଥିଲା। ତେଣୁ ସୁଶାନ୍ତ ୫୦ ହଜାର ଟଙ୍କା ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଦେଇଥିଲେ। ସଂସ୍ଥା ପ୍ରତି ଏଭଳି ନିଷ୍ଠା ଦେଖି ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କର ଦରମା ମଧ ବୃଦ୍ଧି କରିଥିଲେ। ପରେ ସୁଶାନ୍ତଙ୍କୁ ନେଇ ନୂଆକରି ଅନ୍ୟ କିଛି ବ୍ୟବସାୟ ଆରମ୍ଭ କରିବାକୁ ଉକ୍ତ ହସ୍ପିଟାଲର ୩ ଜଣ ଅଂଶୀଦାରଙ୍କ ମଧ୍ୟରୁ କଲ୍ୟାଣୀ ଦାସ ଓ ତାଙ୍କ ସ୍ୱାମୀ ବିଚିତ୍ରାନନ୍ଦ ଯୋଜନା କରିଥିଲେ। ଏ ସମ୍ପର୍କରେ ବହୁ ବିଚାରବିମର୍ଷ ହୋଇଥିଲା। ଶେଷରେ ୩ ଜଣଙ୍କ ସହଭାଗିତାରେ ୨୦୨୩ ଫେବୃଆରୀ ୧୯ରେ 'ଦିକ୍ଷାନ୍ତ ହେଲଥ କେୟାର ପ୍ରାଇଭେଟ ଲିମିଟେଡ' ନାମରେ ଏକ ନୂଆ ସଂସ୍ଥା ଆରମ୍ଭ ହୋଇଥିଲା। ଏହି ନୂଆ ସଂସ୍ଥାରେ କଲ୍ୟାଣୀ ଓ ବିଚିତ୍ରାନନ୍ଦ ୬୬ ପ୍ରତିଶତ ଏବଂ ଅବଶିଷ୍ଟ ୩୩ ପ୍ରତିଶତ ସୁଶାନ୍ତ ଜେନା ନିବେଶ କରିଥିଲେ। ଚାଉଳିଆଗଞ୍ଜ ଅପର୍ଣ୍ଣାନଗରରେ ସଂସ୍ଥାର କାର୍ଯ୍ୟାଳୟ ରହିଛି। ବିଭିନ୍ନ ବେସରକାରୀ ହସ୍ପିଟାଲକୁ ଚିକିତ୍ସା ଉପକରଣ, ଆମ୍ବୁଲାନ୍ସ ଏବଂ ମାନବ ସମ୍ବଳ ଯୋଗାଇଦେବା ସଂସ୍ଥାର ମୁଖ୍ୟ କାର୍ଯ୍ୟ। ତିନି ଜଣ ନିବେଶକଙ୍କୁ ନେଇ ସଂସ୍ଥାର ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି। ଆରମ୍ଭରୁ ସଂସ୍ଥା ଠିକଠାକ କାର୍ଯ୍ୟ କରିଆସୁଥିଲା। କିନ୍ତୁ ସଂସ୍ଥାରୁ ଆୟ ହେଉଥିବା ଲାଭାଂଶ ସୁଶାନ୍ତଙ୍କୁ ସଠିକ ଭାବେ ମିଳୁନଥିଲା। ଏହା ମଧ୍ୟରେ ସୁଶାନ୍ତ ଜାଣିବାକୁ ପାଇଲେକି, ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟରେ ବହୁତ କମ ଟଙ୍କା ରହିଛି। ବିଗତ ୩ ବର୍ଷର ବ୍ୟବସାୟ ହିସାବରେ ପ୍ରାୟ ୫୧ ଲକ୍ଷ ଟଙ୍କା ରହିବା କଥା। କିନ୍ତୁ ଆକାଉଣ୍ଟରେ ମାତ୍ର ୫୬ ହଜାର ଟଙ୍କା ରହିଛି। ଏହା ଜାଣି ସୁଶାନ୍ତ ଚକିତ ହୋଇପଡ଼ିଥିଲେ। ଅଧିକ ଖୋଳତାଡ କରିବା ପରେ ସେ ଜାଣିବାକୁ ପାଇଲେଯେ, ଅଂଶୀଦାର ଥିବା ଦମ୍ପତି କଲ୍ୟାଣୀ ଦାସ ଓ ବିଚିତ୍ରାନନ୍ଦ ସଂସ୍ଥାର ଆକାଉଣ୍ଟରୁ ମନଇଚ୍ଛା ଟଙ୍କା ଉଠାଣ କରି ଖର୍ଚ୍ଚ କରିଛନ୍ତି। ଆଉ ତାହାର କୌଣସି ହିସାବପତ୍ର ନାହିଁ। ଦମ୍ପତି ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟକୁ ବ୍ୟକ୍ତିଗତ ଭାବେ ବ୍ୟବହାର କରୁଥିଲେ। ବେଆଇନ ଭାବେ ଆକାଉଣ୍ଟରେ କାରବାର ହେଉଥିବାରୁ ସଂସ୍ଥା ନାଁରେ ଜାଲିଆତି ମାମଲା ହେବା ଭଳି ସ୍ଥିତି ରହିଛି। ଏ ସମ୍ପର୍କରେ ସୁଶାନ୍ତ ପଚାରିବାରୁ କଲ୍ୟାଣୀ ଦାସ ଓ ବିଚିତ୍ରାନନ୍ଦ ପାଲଟା ତାଙ୍କୁ ଧମକଚମକ ଦେଇଥିଲେ। ତେଣୁ ଉକ୍ତ ସଂସ୍ଥାରୁ ଓହରିଯିବାକୁ ନିଷ୍ପତ୍ତି ନେଇ ନିଜର ନିବେଶ ଅର୍ଥ ଫେରସ୍ତ ମାଗିଥିଲେ। କିନ୍ତୁ ଦମ୍ପତି ତାଙ୍କୁ ଟଙ୍କା ଫେରାଇବା ପରିବର୍ତ୍ତେ ସୁଶାନ୍ତଙ୍କୁ ହତ୍ୟା ଧମକ ଦେଇଥିଲେ। ବହୁ ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ପରିଚୟ ଦେଇ ସେମାନେ ଧମକଚମକ ଦେଉଥିବା ନେଇ ସୁଶାନ୍ତ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ କେସ ନଂ ୧୪୫/୨୬, ବିଏନଏସର ଧାରା ୩୧୬(୫), ୩୧୮(୪), ୩୧୯(୨), ୩(୫)ରେ ମାମଲା ରୁଜୁ କରିଛି। ତଦନ୍ତକ୍ରମେ ପୁଲିସ ଉକ୍ତ ଅଫିସକୁ ଯାଇ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ କିଛି କର୍ମଚାରୀଙ୍କୁ ପଚରାଉଚରା କରିଛି। ତତସହିତ ବ୍ୟାଙ୍କରୁ ଆର୍ଥିକ ଦେଣନେଣ ସମ୍ପର୍କିତ ତଥ୍ୟ ମଗାଯାଇଛି। ଏହା ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

# ନିଶା ଛାଡ଼ିବାକୁ ଆସି ପ୍ରାଣ ହରାଇଲେ

■ ହତ୍ୟା ଅଭିଯୋଗ ଆଣିଲେ ପରିବାର
■ ମାମଲା ରୁଜୁ କରି ପୁଲିସର ତନାଘନା

ଭୁବନେଶ୍ୱର, ୨୧।୩ (ସମିସ): ନିଶା ଛାଡ଼ିବାକୁ ଆସିଥିବା ଯୁବକ ପ୍ରାଣ ହରାଇଛନ୍ତି। ନିଶା ନିବାରଣ କେନ୍ଦ୍ର କର୍ତ୍ତୃପକ୍ଷ ଏହାକୁ ଅସ୍ୱାଭାବିକ ମୃତ୍ୟୁ ବୋଲି କହୁଥିବାବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ସରକାନ୍ତରା ଘଟିଥିବା ଏହି ଘଟଣାରେ ହତ୍ୟା ମାମଲା ରୁଜୁ କରିଛି ଖଣ୍ଡଗିରି ଥାନା ପୁଲିସ। ମୃତକ ହେଉଛନ୍ତି ଦାମୋଦରପୁରରେ ରହୁଥିବା କଟକ ଜିଲ୍ଲା ବାଙ୍କୀର ବିଜୟ ବାରିକ ଓରଫ୍ ବିଜୁ (୪୪)।

ଅଭିଯୋଗ ଅନୁଯାୟୀ, ବିଜୁ ଏମ୍ସ ଡାକ୍ତରଖାନା ସାମ୍ନାରେ ଏକ ସେଲୁନ କରିଥିଲେ। ହେଲେ ସେ ନିଶା ସେବନ କରୁଥିବାରୁ ପାରିବାରିକ ଅଶାନ୍ତି ଲାଗି ରହିଥିଲା। ପ୍ରାୟ ୧୫ ଦିନ ତଳେ ପରିବାର ଲୋକେ ତାଙ୍କୁ ସରକନ୍ତରାରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେବେଠାରୁ ସେ ନିଶା ନିବାରଣ କେନ୍ଦ୍ରରେ ରହୁଥିଲେ। ଗତକାଲି ଦିନରେ ସେ ଅସୁସ୍ଥ ଅନୁଭବ କରିବାରୁ, ନିଶା ନିବାରଣ କେନ୍ଦ୍ର କର୍ତ୍ତୃପକ୍ଷ ତାଙ୍କୁ ଏମ୍ସରେ ଚିକିତ୍ସା କରାଇ ପୁଣି ଫେରାଇ ଆଣିଥିଲେ। ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପୁଣିଥରେ ଏମ୍?ସକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବିଜୁଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୁଲିସ ମଧ ଏକ ହତ୍ୟା ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

# ଦୁର୍ଘଟଣାରେ ୱାଟ୍‌କୋ କର୍ମଚାରୀ ମୃତ

ଭୁବନେଶ୍ୱର, ୨୧।୩(ସମିସ): ସାମନ୍ତରାପୁର ଲୁଇସ୍ ରୋଡ୍‌ରେ ଶନିବାର ଦୁର୍ଘଟଣା ଘଟିଛି। ଏକ ଘରୋଇ ବସ୍ ଧକ୍କାରେ ଭୁବନେଶ୍ୱର ୱାଟକୋର ଜଣେ କର୍ମଚାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକଙ୍କ ନାମ ମନମୋହନ ମଲ୍ଲିକ। ସୂଚନା ଅନୁସାରେ, ଦୁର୍ଘଟଣା ପରେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଘରୋଇ ବସକୁ ଜବତ କରିଛି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଦୁର୍ଘଟଣା କେଉଁ ପରିସ୍ଥିତିରେ ଘଟିଥିଲା ଏବଂ କାହାର ଦୋଷ ଥିଲା ତାହା ପୋଲିସ ଖୋଜୁଛି। ଏହି ଦୁର୍ଘଟଣା ଖବର ପାଇ ସ୍ଥାନୀୟ ଲୋକେ ଶୋକ ପ୍ରକାଶ କରିଛନ୍ତି। ଏଭଳି ଦୁର୍ଘଟଣା ରୋକିବା ପାଇଁ ରାସ୍ତାରେ ଯାତ୍ରୀ ଓ ଚାଳକମାନେ ଅଧିକ ସତର୍କ ହେବା ସହ ଟ୍ରାଫିକ୍ ନିୟମ ପାଳନ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ କରିଛନ୍ତି।

# ୟୁକେ ଗଲା କଟକର ରୁପା ତାରକସି

କଟକ, ୨୧।୩(ସମିସ): ପଦ୍ମେଶ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ୍ ଲିମିଟେଡ୍ ଅଧ୍ୟକ୍ଷ ଦିଲ୍ଲୀପ କୁମାର ପୃଷ୍ଟି ଓ ସିଇଓ ଶୁଭ ପୃଷ୍ଟିଙ୍କ ନେତୃତ୍ୱରେ, ଜିଆଇ ଟ୍ୟାଗପ୍ରାପ୍ତ କଟକର ପ୍ରସିଦ୍ଧ 'ରୁପା ତାରକସି' କଳାକୁ ଅନ୍ତର୍ଜାତୀୟ ମଞ୍ଚ ମିଳିଛି। ଭାରତ ସରକାରଙ୍କ ଗଠିତ ଜେମ୍ସ ଏଣ୍ଡ ଜ୍ୱେଲେରୀ ଏକ୍ସପୋର୍ଟ ପ୍ରମୋସନ୍ କାଉନସିଲ୍ (ଜିଜେଇପିସି) ପକ୍ଷରୁ ବେଙ୍ଗାଲୁରୁ ଇଣ୍ଟରନ୍ୟାସନାଲ୍ ଏକ୍‌ଜିବିସନ୍ ସେଣ୍ଟରରେ ଆୟୋଜିତ ତୃତୀୟ ଭାରତ ମେଳାରେ ଏହା ପ୍ରଦର୍ଶିତ ହୋଇଛି। 'ସିଲଭର ସିଟି ଅଫ ଇଣ୍ଡିଆ' ବୋଲି କଟକକୁ କୁହାଯାଉଥିବାରୁ ସେଠାରୁ ଉତ୍ପନ୍ନ ଏହି ପାରମ୍ପରିକ ରୁପା ତାରକସି କଳା ଅସ୍ତିତ୍ୱ ସଙ୍କଟରେ ରହିଛି। ଏହାକୁ ନୂତନ ଜୀବନ ଦେବା ପାଇଁ ପଦ୍ମେଶ ଇଣ୍ଡଷ୍ଟ୍ରିଜର ଏହି ପ୍ରୟାସକୁ ବିଶେଷ ମହତ୍ୱ ଦିଆଯାଉଛି। ଏହାସହିତ, ଜେମ୍ସ ଏଣ୍ଡ ଜ୍ୱେଲେରୀ ଏକ୍ସପୋର୍ଟ ପ୍ରମୋସନ୍ କାଉନସିଲଙ୍କ ସହଯୋଗରେ ପଦ୍ମେଶ ଇଣ୍ଡଷ୍ଟ୍ରିଜ କଟକ ରୁପା ତାରକସିକୁ ୟୁନାଇଟେଡ୍ କିଙ୍ଗଡ଼ମ୍‌କୁ ରପ୍ତାନି କରିଥିବା ପ୍ରଥମ କମ୍ପାନୀ ଭାବେ ଇତିହାସ ସୃଷ୍ଟି କରିଛି। ୨୦୨୫ ଜୁଲାଇ ୨୪ ତାରିଖରେ ସାଇନ୍ ହୋଇଥିବା ଭାରତ-ୟୁକେ ମୁକ୍ତ ବାଣିଜ୍ୟ ଚୁକ୍ତି ଫଳରେ ବ୍ୟବସାୟ କରିବାର ସୁବିଧା ବଢ଼ିଥିବାରୁ ଏହି ରପ୍ତାନି ସମ୍ଭବ ହୋଇଛି। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ପାରମ୍ପରିକ କଳାକୁ ବିଶ୍ୱ ମଞ୍ଚରେ ନୂତନ ପରିଚୟ ମିଳିବ ବୋଲି ଆଶା କରାଯାଉଛି।

# ପ୍ରଫେସର ବୈରାଗୀ ଚରଣ ଜେନାଙ୍କ ପରଲୋକ

କଟକ, ୨୧।୩(ସମିସ): ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ବୈରାଗୀ ଚରଣ ଜେନାଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ହୋଇଥଲା। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କଟକର ସତୀଚଉରା ଶ୍ମଶାନରେ ପ୍ରଫେସର ଜେନାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶବଧାରରେ ପ୍ରଫେସର ନଟବର ଶତପଥୀ, ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ, ପ୍ରଫେସର ରଘୁନାଥ ମେହେର, ପ୍ରଫେସର ସନ୍ତୋଷ ତ୍ରିପାଠୀ, ପୂର୍ବତନ ନୟାଗଡ଼ ଜିଲ୍ଲାପାଳ ସରୋଜକାନ୍ତ ଚୌଧୁରୀ, ଚିତ୍ରସେନ ଜଗଦେବ, ଶରତ ନାୟକ, ଜାମାତା ଅକ୍ଷୟ କୁମାର ସ୍ୱାଇଁ, ନାତି ଅୟସକାନ୍ତ ସ୍ୱାଇଁ, ନ୍ୟାୟରଞ୍ଜନ ନାୟକ, ଝିଅ କାବ୍ୟଶ୍ରୀ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ୱର୍ଗତଃ ଜେନାଙ୍କ ଜନ୍ମ ସେପ୍ଟେମ୍ବର ୯ ତାରିଖ ୧୯୩୯ ମସିହାରେ ଯାଜପୁର ଜିଲ୍ଲାର ବିଂଝାରପୁର ବ୍ଲକ କରପଦା ଗ୍ରାମରେ ହୋଇଥିଲା।



ଓଡ଼ିଆ ଅଧ୍ୟାପକ ରୂପେ ୧୯୬୪ରେ ଫକୀର ମୋହନ ମହାବିଦ୍ୟାଳୟ, ଏହାପରେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଏବଂ ୧୯୭୧ରେ ସମ୍ବଲପୁରର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ, ପ୍ରାଧ୍ୟାପକ ଓ ପ୍ରଫେସର ଭାବରେ କାର୍ଯ୍ୟକରି ୧୯୯୯ରେ ଅବସର ଗ୍ରହଣ କରିଥିଲେ। ତାଙ୍କ ଦ୍ୱାରା ସୌନ୍ଦର୍ଯ୍ୟ ତତ୍ତ୍ୱ ଓ ଓଡିଆ କବିତାରେ ସୌନ୍ଦର୍ଯ୍ୟ ଚେତନା, ନନ୍ଦନ ତାତ୍ତ୍ୱିକ ପ୍ରବନ୍ଧାବଳୀ, ଗାଥା ସପ୍ତଶତୀ ଭଳି ଓଡ଼ିଆ ଅନୁବାଦ ଆଦି ଅନେକ ପୁସ୍ତକ ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଯାଇଛନ୍ତି। ସେ ସାହିତ୍ୟ ଅଧ୍ୟାପନା ସହ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଓ ଉତ୍ସାହ ପ୍ରଦାନ କରୁଥିଲେ ବୋଲି ତାଙ୍କ ବିୟୋଗରେ କଳା ବିକାଶ କେନ୍ଦ୍ରର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ଶୋକବାର୍ତ୍ତା ପ୍ରକାଶ କରିଛନ୍ତି।

# ସାତପଡ଼ା ଘାଟରେ ଯାତ୍ରୀଙ୍କଠୁ ମନଇଚ୍ଛା ଟଙ୍କା ଆଦାୟ

**ଜିଲ୍ଲାପାଳଙ୍କୁ ଫେରାଦ ହେଲେ ବୁଦ୍ଧିଜୀବୀ**

ପୁରୀ, ୨୧।୩(ସମିସ): ଚିଲିକା ଉପରେ ସେତୁ ନିର୍ମାଣ ଦାବି ଦୀଘ ବର୍ଷ ହେଲା ହୋଇଆସୁଛି। ହେଲେ ଏହା ବାସ୍ତବତାର ରୂପ ନେଇପାରିନି। ଫଳରେ ସାତପଡ଼ାରୁ ଜହ୍ନିକୁଦାର ଯୋଗାଯୋଗର ମାଧ୍ୟମ ହେଉଛି ଚିଲିକାର ଜଳପଥ। ଆଉ ଯାତାୟାତର ମୁଖ୍ୟ ମାଧ୍ୟମ ହେଉଛି ଡଙ୍ଗା। କିନ୍ତୁ ଡଙ୍ଗା ମାଲିକମାନେ ମନଇଚ୍ଛା ଯାତ୍ରୀଙ୍କଠାରୁ ଟଙ୍କା ଆଦାୟ କରୁଥିବା ନେଇ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛି ସ୍ୱଦେଶୀ ଜାଗ୍ରତ ମଞ୍ଚ। ମଞ୍ଚର ଆବାହକ ଟୁନା ସ୍ୱାଇଁ ଶନିବାର ଜିଲ୍ଲାପାଳ ଏବଂ ବିଡିଓଙ୍କୁ ଦେଇଥିବା ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକବାସୀ ସାତପଡ଼ା ଘାଟ ଦେଇ ବ୍ଲକ କାର୍ଯ୍ୟାଳୟ, ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ, ଜଗନ୍ନାଥ ଦର୍ଶନ, ବ୍ରହ୍ମପୁର ବଜାରକୁ କିଣାବିକା ପାଇଁ ଡଙ୍ଗାରେ ଯାତାୟାତ କରିଥା'ନ୍ତି। ଘାଟ ଲିଜ୍‌ଧାରୀ ଦୁଇଟି ବଡ଼ ଡଙ୍ଗା ସମେତ ଅନେକ ଡଙ୍ଗାରେ ଯାତ୍ରୀମାନଙ୍କୁ ସକାଳୁ ସଞ୍ଜ ଯାଏ ସେବା ଯୋଗାଇଥା'ନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଲିଜ୍‌ଧାରୀମାନେ ଦୁଇଟି ବଡ଼ ଡଙ୍ଗା ବ୍ୟତୀତ ଅନ୍ୟ ଡଙ୍ଗାରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କଠାରୁ ମନଇଚ୍ଛା ଜୋର୍ ଜୁଲମ୍ କରି ଆଦାୟ କରୁଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ହଇରାଣ ହୋଇ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢୁଛି। ଫଳରେ ଏହି ଅଞ୍ଚଳର ସମ୍ମାନ, ଗରିମା ନଷ୍ଟ ହେଉଛି। ସେହିପରି ବ୍ଲକରେ ବିଭିନ୍ନ କାର୍ଯ୍ୟ ପାଇଁ ଡଙ୍ଗାରେ ପାର୍ ହୋଇ କିମ୍ବା ଦୂର ପଞ୍ଚାୟତରୁ ଆସୁଥିବା ଲୋକେ ଅନେକ ସମୟରେ ଅଧିକାରୀମାନଙ୍କୁ ନ ପାଇ ଖର୍ଚ୍ଚାନ୍ତ ହୋଇ ଫେରୁଛନ୍ତି। ଏପରିକି ବହୁବାର ଦଲାଲଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ତେଣୁ ଏହାର ସମାଧାନ ପାଇଁ ମଞ୍ଚ ଦୁଇଟି ଦାବି କରିଛି। ପ୍ରଥମେ ସକାଳୁ ସଞ୍ଜ ଯାଏଁ ନିୟମ ଭିତରେ ଘାଟରେ ଯାତ୍ରୀମାନଙ୍କ ସୁବିଧା ପାଇଁ ଯେତେ ଡଙ୍ଗା ଆବଶ୍ୟକ ତାହାକୁ ଯୋଗାଇବା ସହିତ ସମାନ ଦରରେ ସବୁ ଡଙ୍ଗାରୁ ଭଡ଼ା ଆଦାୟ କରିବାକୁ ସର୍ତ୍ତରେ ରାଜି ହେଉଥିବା ଲୋକଙ୍କୁ ଘାଟ ଲିଜ୍ ଦିଆଯାଉ। ଦ୍ୱିତୀୟରେ ପ୍ରତି ସପ୍ତାହରେ ମଣ୍ଡଳ ଉନ୍ନୟନ ଅଧିକାରୀ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଆଗରୁ ବିଜ୍ଞପ୍ତି ପ୍ରକାଶ କରି ଗୋଟିଏ କିମ୍ବା ଦୁଇଟି ପଞ୍ଚାୟତରେ ଅଭିଯୋଗ ଶୁଣାଣି କରିବା ସହ ସରକାରୀ ଯୋଜନାର ତଦାରଖ କରିବା ବ୍ୟବସ୍ଥା କରନ୍ତୁ।

## ବରିଷ୍ଠ ନାଗରିକଙ୍କୁ ସାମାଜିକ ନ୍ୟାୟ

# ପିତାଙ୍କୁ ପୈତୃକ କୋଠାର ତଳମହଲା ହସ୍ତାନ୍ତର କରିବେ ପୁଅ

କଟକ, ୨୧।୩(ସମିସ): ବରିଷ୍ଠ ନାଗରିକ ତଥା ଅଭିଭାବକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା ତଥା ସମ୍ମାନର ସହ ବଞ୍ଚିବା ପାଇଁ ବ୍ୟବସ୍ଥା କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ମାତା-ପିତା, ବରିଷ୍ଠ ନାଗରିକଙ୍କ ଭରଣପୋଷଣ, କଲ୍ୟାଣ ଅଧିନିୟମ, ୨୦୦୭ ଓ ଏ ସମ୍ପର୍କିତ ୨୦୦୯ର ନିୟମାବଳୀର ଏହା ପ୍ରାଥମିକ ଉଦ୍ଦେଶ୍ୟ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହିତ ଭୁବନେଶ୍ୱର ବରମୁଣ୍ଡାର ଜଣେ ବରିଷ୍ଠ ନାଗରିକଙ୍କୁ ସୁରକ୍ଷିତ ଭାବେ ରହିବା ପାଇଁ ପୈତୃକ ଜାଗାରେ ନିର୍ମିତ ଦୁଇ ମହଲା କୋଠାର ତଳ ମହଲା ହସ୍ତାନ୍ତର ପାଇଁ ଉପ ଜିଲ୍ଲାପାଳ ତଥା ସବଡିଭିଜନାଲ ଟ୍ରିବ୍ୟୁନାଲ ପ୍ରଦାନ କରିଥିବା ଆଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ଜଷ୍ଟିସ ଆନନ୍ଦଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ଦେବା ସହ ପୁଅଙ୍କ ପକ୍ଷରୁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ବିରୋଧରେ ଦାୟର ମାମଲାକୁ ଖାରଜ କରିଛନ୍ତି।

ପ୍ରକାଶ ଯେ ଆବେଦନକାରୀ ୮୬ ବର୍ଷୀୟ ବରିଷ୍ଠ ନାଗରିକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବରମୁଣ୍ଡା ଗ୍ରାମରେ ଥିବା ପୈତୃକ ଘରେ ସାନପୁଅ ସହିତ ରହୁଥିଲେ। କିଛି ଦିନ ତଳେ ସାନ ପୁଅ ତାଙ୍କୁ ଏହି ଘର ଛାଡିବାକୁ ବାଧ କରିଥିଲା। ଏହାପରେ ଅନ୍ୟ ଦୁଇ ପୁଅଙ୍କ ପାଖକୁ ସେ ରହିବାକୁ ଯାଇଥିଲେ। ସାନ ପୁଅ ବିରୋଧରେ ନିର୍ଯାତନା ଓ ଅପାମନିତ କରିବା ଅଭିଯୋଗ ଆଣିବା ସହିତ ଉପଜିଲ୍ଲାପାଳଙ୍କ ନିକଟରେ ବାପା ଆବେଦନ କରିଥିଲେ। ଏହି ମାମଲାର ଶୁଣାଣି କରି ଗତ ୨୦୨୫, ଅଗଷ୍ଟ ୭ରେ ବାପା ସୁରକ୍ଷିତ ଭାବେ ରହିବା ପାଇଁ ଦୁଇ ମହଲା କୋଠାର ତଳ ମହଲାକୁ ପୁଅ ଖାଲି କରି ବାପାଙ୍କୁ ହସ୍ତାନ୍ତର କରିବେ ବୋଲି ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ପୁଅ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଅହମ୍ମଦାବାଦରେ 'ଓଡ଼ିଶା ପର୍ବ' ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୩(ସମିସ): ଅହମ୍ମଦାବାଦର ଗୁଜରାଟ ବିଶ୍ୱବିଦ୍ୟାଳୟ କନଭେନସନ ଏବଂ ପ୍ରଦର୍ଶନୀ କେନ୍ଦ୍ରଠାରେ ଶନିବାର ତିନି ଦିନିଆ 'ଓଡ଼ିଶା ପର୍ବ ୨୦୨୬'କୁ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦଘାଟିତ କରିଥିଲେ। ଏହି ଅବସରରେ ଗୁଜରାଟର ଉପମୁଖ୍ୟମନ୍ତ୍ରୀ ହର୍ଷ ରମେଶକୁମାର ସାଙ୍ଘଭି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡ଼ା ସଭାକୁ ସମ୍ବୋଧିତ କରି ଓଡ଼ିଶା ପର୍ବକୁ ଏକ ପ୍ରମୁଖ ସାଂସ୍କୃତିକ ପ୍ରସାର କାର୍ଯ୍ୟକ୍ରମ ଭାବେ ଅଭିହିତ କରିଥିଲେ। ଅନ୍ୟପଟେ, ଉପମୁଖ୍ୟମନ୍ତ୍ରୀ ସାଙ୍ଘଭୀ ପର୍ଯ୍ୟଟନ କ୍ଷେତ୍ରରେ ଆନ୍ତଃ-ରାଜ୍ୟ ସହଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ସାଂସ୍କୃତିକ ବିଭବକୁ ଗୁଜରାଟରେ ପ୍ରଦର୍ଶିତ କରିବା ପାଇଁ ହୋଇଥିବା ଏହି ପ୍ରୟାସକୁ ସେ ପ୍ରଶଂସା କରିବା ସହ ଏହା ଦୁଇ ରାଜ୍ୟ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି କହିଥିଲେ। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ପରମ୍ପରା, ହସ୍ତଶିଳ୍ପ, ହସ୍ତତନ୍ତ, ସୁଆଦିଆ ବ୍ୟଞ୍ଜନ ଏବଂ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ପ୍ରଦର୍ଶିତ କରାଯାଉଛି। ଏହି ପର୍ବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓର୍ମାସ ଏବଂ ମିଶନ ଶକ୍ତି ବିଭାଗର ସହଯୋଗରେ ଆୟୋଜିତ ହେଉଛି। ଏହି ଉଦଘାଟନୀ ସମାରୋହରେ ଅହମ୍ମଦାବାଦ ମ୍ୟୁନିସିପାଲ କମିଶନର ବାଞ୍ଛାନିଧି ପାଣି, ପର୍ଯ୍ୟଟନ ବିଭାଗର ଶାସନ ସଚିବ ବଲବନ୍ତ ସିଂ ଏବଂ ପର୍ଯ୍ୟଟନ ବଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ତିନି ଦିନ ମଧ୍ୟରେ ପରିଦର୍ଶକମାନେ ଓଡ଼ିଶାର ପ୍ରସିଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପର ପ୍ରଦର୍ଶନୀ, ଓଡ଼ିଶୀ ନୃତ୍ୟ ସମେତ ପାରମ୍ପରିକ ଲୋକନୃତ୍ୟ ଓ ଜନଜାତି ନୃତ୍ୟର ପ୍ରଦର୍ଶନ, ଓଡ଼ିଶାର ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ତଥା ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ବି୨ବି ଏବଂ ଜି୨ବି ବୈଠକ ଆଦିର ଅନୁଭୂତି ପାଇପାରିବେ। ଏହି କାର୍ଯ୍ୟକ୍ରମ ଆସନ୍ତା ସୋମବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।



# ୱି ଫର୍ ଭୁବନେଶ୍ୱର ପକ୍ଷରୁ ପଖାଳ ଦିବସ



ଭୁବନେଶ୍ୱର, ୨୧।୩(ସମିସ): ୱି ଫର ଭୁବନେଶ୍ୱର ପକ୍ଷରୁ ମାଷ୍ଟରକ୍ୟାଣ୍ଟିନସ୍ଥିତ ବୁଲନ ଭାଇ ହଲରେ ପଖାଳ ଦିବସ ପାଳିତ ହୋଇଛି। ଓଡ଼ିଶାର ଲୋକଖାଦ୍ୟ ପଖାଳ ଉପରେ ଏକ ଆଲେଖ୍ୟ ଆଲୋଚନା ହୋଇଥିଲା। ସର୍ବୋପରି ୱି ଫର ଅନୁଷ୍ଠାନ ଭୁବନେଶ୍ୱରର ଓଡିଆ ସଂସ୍କୃତି ପରମ୍ପରାକୁ ଜାଗରଣ କରିବାର ଭୂମିକାକୁ ମୁଖ୍ୟବକ୍ତା ପଦ୍ମନାଭ ଦାସ ପ୍ରଶଂସା କରିଥିଲେ। ପ୍ରତିବର୍ଷ ଭଳି ନିଆରା ପରମ୍ପରାରେ ଟେରାକୋଟା ପ୍ରସ୍ତୁତ ପଖାଳ ଥାଳି ସମସ୍ତଙ୍କୁ ଆକର୍ଷିତ କରିଥିଲା। ଓଡିଆ ମାଟି ଅସ୍ମିତାର ଖାଦ୍ୟକୁ ମାଟି ପାତ୍ରରେ ଖାଇବା ମଜା ନିଆରା ଥିଲା। ଏହି ଅବସରରେ ବିଜୟ ପରିଡ଼ା, ସଂଯୁକ୍ତ ମହାନ୍ତି, ଲକ୍ଷ୍ମୀଧର ବେହେରା, ଆବାହକ ଅମରେଶ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହା ସହ ଆବାହକ ଅମରେଶ ଜେନା, ସମ୍ପାଦକ ନରେନ୍ ସାହୁ, ସହ ସମ୍ପାଦକ ଉମାନାଥ ମିଶ୍ର ପ୍ରମୁଖ ପଖାଳ ଦିବସକୁ ପରିଚାଳନା କରିଥିଲେ।

# ୧୩୨ ବୋତଲ କଫ୍ ସିରପ୍ ଜବତ, ୨ ଗିରଫ

ପୁରୀ, ୨୧।୩(ସମିସ): ପୁରୀ ସହରରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ଜାରି ରହିଛି ଅପରେସନ ଚକ୍ର। ଏହି ଅଭିଯାନରେ ଟାଉନ ଥାନା ପୁଲିସକୁ ମିଳିଛି ବିଶେଷ ସଫଳତା। ୨ ଜଣ କୋରେକ୍ସ ବେପାରୀଙ୍କୁ ପୁଲିସ ଗିରଫ କରିଛି। ଦୁଇ ଅଭିଯୁକ୍ତ ହେଲେ ମାର୍କଣ୍ଡେଶ୍ୱର ସାହି ଯମୁନା ଲେନ୍‌ର ରାଜେଶ ସିଂ (୪୬) ଓ ପ୍ରିୟାଂଶୁ ନାୟକ(୨୪)। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଲୁଚିଛପି ବୁଢ଼ୀ ମା' ତୋଟାରେ ନିଶାଗ୍ରସ୍ତ ଯୁବକମାନଙ୍କୁ କୋରେକ୍ସ ବିକ୍ରି କରୁଥିବାବେଳେ ଟାଉନ ଥାନା ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ଚଢ଼ଉ କରିଥିଲା। ଏହି ଚଢ଼ଉବେଳେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ୧୩୨ଟି ଏସ୍‌କଫ କଫ୍ ସିରପ୍ ବୋତଲ, ୨ଟି ମୋବାଇଲ ଫୋନ୍, ୩, ୬୦୦ ଟଙ୍କା ଏବଂ ଗୋଟିଏ ସ୍କୁଟି ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୯୧/୨୬) ରୁଜୁ କରାଯାଇ ଶନିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ମାତ୍ର ଜାମିନ ନାମଞ୍ଜୁର ହେବାରୁ ଦୁଇ ଅଭିଯୁକ୍ତଙ୍କୁ ଜିଲ୍ଲା କାରାଗାରକୁ ପଠାଯାଇଛି। ଅଭିଯୁକ୍ତ ନଣ୍ଡା ନାମରେ ପୂର୍ବରୁ ମଧ ଆକ୍ରମଣ ଓ ହତ୍ୟା ଉଦ୍ୟମ ପରି ସଙ୍ଗୀନ ମାମଲା ବିଭିନ୍ନ ଥାନାରେ ରହିଥିବା ପୁଲିସ କହିଛି।

**ନାବାଳକ ହାତ ବାନ୍ଧି ରାସ୍ତାରେ ଚଲାଇ ଚଲାଇ ନେବା ଘଟଣା**

# ଚାପରେ ପୁଲିସ୍; ଅଭିଯୁକ୍ତଙ୍କୁ ଗିରଫ ଦାବି

ପୁରୀ/ବ୍ରହ୍ମଗିରି, ୨୧।୩(ସମିସ): ପୁରୀ ଜିଲ୍ଲା ବ୍ରହ୍ମଗିରିରେ ଭୁଶୁଡ଼ି ପଡ଼ିଲାଣି ଆଇନ ଶୃଙ୍ଖଳା ବ୍ୟବସ୍ଥା। ଅପରାଧିକ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି। ଦିନ ଦ୍ୱିପ୍ରହରରେ ବିଚ୍ ରାସ୍ତାରେ ଜଣେ ନାବାଳକ ବେକରେ 'ମୁଁ ଚୋର' ଲେଖାଥିବା ପ୍ଲାକାର୍ଡ ଝୁଲାଇ ତା' ଦୁଇହାତ ପଛପଟେ ବାନ୍ଧି ଚଲାଇ ଚଲାଇ ନେବା ଆଇନ ଶୃଙ୍ଖଳା ବ୍ୟବସ୍ଥାର ସ୍ଥିତି କ'ଣ ତାହା ସ୍ପଷ୍ଟ କରୁଛି। ସବୁଠୁ ବଡ଼ କଥା ହେଉଛି ଆମେ ଶିଶୁ ସୁରକ୍ଷା ଏବଂ ଶିଶୁ ଅଧିକାର କଥା କହି ବଡ଼ ବଡ଼ ଭାଷଣ ମାରୁଛେ। ବିଭାଗୀୟ ଅଧିକାରୀମାନେ ଶିଶୁଙ୍କ ପାଇଁ ଥିବା ସରକାରୀ ଯୋଜନାର ଗୁଣଗାନ କରୁଛନ୍ତି। ହେଲେ ବାସ୍ତବରେ ଏହା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ କେହି ନାହିଁ। ରାସ୍ତାରେ ଶିଶୁ ସୁରକ୍ଷା ଆଇନର ଧଜ୍ଜିଆ ଉଡୁଥିଲେ ବି ସମସ୍ତେ ଚୁପ୍। ପ୍ରଶ୍ନ ଉଠୁଛି କୁଆଡ଼େ ଗଲେ ଜିଲ୍ଲା ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟିର ବାବୁମାନେ। କାହିଁକି ନିରବ ସାଜିଛି ପୁଲିସ। ଏଭଳି ପ୍ରଶ୍ନବାଣ ଭିତରେ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଶନିବାର ଆପ୍ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଶୁକ୍ରବାର ବ୍ରହ୍ମଗିରି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଜଣେ ନାବାଳକ ବ୍ରହ୍ମଗିରି ବଜାରରେ ଥିବା ଏକ ମେଡିସିନ ଦୋକାନରୁ ଟଙ୍କା ଚୋରି ଅଭିଯୋଗରେ ତାଙ୍କୁ ରାସ୍ତାରେ ଅକଥନୀୟ ନିର୍ଯାତନ ଦିଆଯାଇଥିଲା। ଏ ନେଇ ବ୍ରହ୍ମଗିରି ଥାନାରେ ନାବାଳକର ମାଆ ଅଭିଯୋଗ କରିଛନ୍ତି ଯେ, ଶୁକ୍ରବାର ଅପରାହ୍ନ ୧ଟା ସମୟରେ ତାଙ୍କ ସ୍ୱାମୀ ଘରେ ନ ଥିଲେ। ଏହି ସମୟରେ ସାହୁପଡ଼ାର ମନୋରଞ୍ଜନ ତ୍ରିପାଠୀ ତାଙ୍କର କିଛି ସହଯୋଗୀ ଘରେ ପଶିଥିଲେ। ତାଙ୍କର ୧୪ ବର୍ଷର ପୁଅକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ତଣ୍ଟିକୁ ଚିପି ଧରି ମୁଣ୍ଡ, ଗାଲ ଏବଂ ପେଟ କଙ୍କାଳକୁ ମୁଥ, ଜାବୁଡ଼ା, ଗୋଇଠା ମାରିଥିଲେ। ଜୋର୍ ଜବରଦସ୍ତି ପୁଅକୁ ଘରୁ ଉଠାଇ ନେଉଥିବାବେଳେ ମହିଳା ଜଣକ ପ୍ରତିବାଦ କରିଥିଲେ। ତାଙ୍କୁ ମଧ ଗାଳିଗୁଲଜ କରିବା ସହ ଟଣାଘୋଷରା କରି ମାଡ଼ ମରାଯାଇଥିଲା। ଏପରିକି ତାଙ୍କ ଘରର ଆସବାବପତ୍ର ଫୋପଡ଼ାଫିଙ୍ଗା କରି ତାଙ୍କ ନାବାଳକ ପୁଅକୁ ଗାଡ଼ିରେ ବସାଇ ନେଇଯାଇଥିଲେ। ବ୍ରହ୍ମଗିରି ବଜାର ଗ୍ରାମ୍ୟ ବ୍ୟାଙ୍କ ନିକଟରୁ ତାଙ୍କ ପୁଅର ଦୁଇହାତକୁ ପଛପଟୁ ବାନ୍ଧି ଚାପୁଡ଼ା ବିଧା ମାରି ବେକରେ ଲେଖାଯାଇଥିବା 'ମୁଁ ଚୋର' ପ୍ଲାକାର୍ଡ ପକାଇ ଥାନାକୁ ନେଇଥିଲେ।

ତେବେ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ହେଁ ପୁଲିସ ନିରବଦ୍ରଷ୍ଟା ସାଜିଛି। ଏହି ଘଟଣାରେ ସମ୍ପୃକ୍ତ ମନୋରଞ୍ଜନ ତ୍ରିପାଠୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛି ଆପ୍। ଆପ୍ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି, ବ୍ରହ୍ମଗିରି ଅଞ୍ଚଳରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଖୁଲମ୍‌ଖୁଲା ଅପରାଧ କରିବାକୁ ଭୟ କରୁନାହାନ୍ତି ଅପରାଧୀ। ଶୁକ୍ରବାର ମାନବିକତାକୁ ଲଜ୍ଜିତ କରିବା ଭଳି ଘଟଣା ଘଟିଛି ବ୍ରହ୍ମଗିରିରେ। ଏକ ଚୋରି ସନ୍ଦେହରେ ସାହୁପଡ଼ାର ମନୋରଞ୍ଜନ ତ୍ରିପାଠୀ ଜଣେ ନାବାଳକକୁ ରାସ୍ତାରେ ହାତ ବାନ୍ଧି ଚଲେଇ ଚଲେଇ ନେଉଥିବାର ଦୃଶ୍ୟ ଗଣମାଧ୍ୟମରେ ଭାଇରାଲ ହେଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେହି ନାବାଳକଙ୍କ ବେକରେ 'ମୁଁ ଚୋର' ବୋଲି ଏକ ପ୍ଲାକାର୍ଡ ମଧ ଝୁଲାଇ ଦିଆଯାଇଥିଲା। ଏପରି କାର୍ଯ୍ୟ କରିବାକୁ ତାଙ୍କୁ ଅଧିକାର ଦେଲା କିଏ? ଲୋକେ ତାଙ୍କୁ ଏଥିରୁ ନିବୃତ୍ତ ରହିବାକୁ କହିଥିଲେ। ଯଦି ସେ କିଛି ଭୁଲ୍ କରିଛି ଆଇନ ତା'ର ବିଚାର କରି ଯାହା ଦଣ୍ଡ ଦେବା କଥା ଦେବ। ଆପଣ କାହିଁକି ପିଲାଟିର ହାତବାନ୍ଧି ବେକରେ 'ମୁଁ ଚୋର' ଲେଖା ଝୁଲାଇ ନେଉଛନ୍ତି ବୋଲି ମନୋରଞ୍ଜନଙ୍କୁ ପ୍ରଶ୍ନ କରିଥିଲେ ମଧ ସେ ଶୁଣୁ ନ ଥିବା ଭିଡିଓରେ ଦେଖିବାକୁ ମିଳୁଛି। ଏହା ଖୋଲାଖୋଲି ରୂପେ ଆଇନର ଉଲ୍ଲଂଘନ। ଶିଶୁ ସୁରକ୍ଷା ଅଧିକାରୀ କ'ଣ ଏହା ଦର୍ଶାଉଛି ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୀବ। ଶିଶୁଙ୍କ ସୁରକ୍ଷା ଏବଂ ଅଧିକାରୀ କିପରି କ୍ଷୁଣ୍ଣ ନ ହେବ ସେ ନେଇ ସରକାରୀ ବାବୁମାନେ ବଡ଼ ବଡ଼ କଥା କହୁଛନ୍ତି। ହେଲେ ବ୍ରହ୍ମଗିରିରେ ଯେଉଁଭଳି ମାନବିକତାକୁ ଲଜ୍ଜିତ କଲାଭଳି ଘଟଣା ଘଟିଛି ତାହା କ'ଣ ଆମ ସଭ୍ୟ ସମାଜ ପାଇଁ ଠିକ୍ କି? ଏ ନେଇ ନାବାଳକର ମାଆ ବ୍ରହ୍ମଗିରି ଥାନାରେ ଅଭିଯୋଗ କରିବାର ୨୪ ଘଣ୍ଟା ବିତିଥିଲେ ବି ଏପର୍ଯ୍ୟନ୍ତ ମନୋରଞ୍ଜନ ତ୍ରିପାଠୀଙ୍କୁ କାହିଁକି ଗିରଫ କରାଯାଇନାହିଁ ବୋଲି ସଞ୍ଜୀବ ପ୍ରଶ୍ନ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ବିଜେପି ନେତାଙ୍କ ଭାଇ ବୋଲି ପୁଲିସ ଉପରେ ଚାପ ରହୁଥିବା ସାଧାରଣରେ ଚର୍ଚ୍ଚା ହେଉଥିବା କହିଛନ୍ତି ସଞ୍ଜୀବ। ଆପ୍ ଜିଲ୍ଲା ସମ୍ପାଦକ ସତ୍ୟଜିତ୍ ମହାନ୍ତି, କୃଷକ ନେତା ଦେବ ପ୍ରଧାନ ଏବଂ ଉପସଭାପତି ଅନୀଲ ସେନାପତି ଏହି ଦାବିପତ୍ର ପ୍ରଦାନ କରିଥିଲେ।

ସକାଳ
THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୨.୬୪ ● ପାଉଣ୍ଡ ୧୨୪.୫୨
- ୟୁରୋ ୧୦୭.୩୬ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୬,୫୫୦ (ଭୁବନେଶ୍ୱର)
- ରୁପା : ୨,୪୪୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୫୩୨.୦୦
- ନିଫ୍ଟି ୨୩,୧୧୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଏଲ୍‌ପିଜି ସଙ୍କଟ | ରାଜ୍ୟଙ୍କୁ ମିଳିବ ୨୦% ଅଧିକ ଗ୍ୟାସ୍

ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ଭାରତରେ ଗ୍ୟାସ୍ ସଙ୍କଟ ଜାରି ରହିଥିବାବେଳେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଏଲ୍‌ପିଜି ଯୋଗାଣ ବଢ଼ାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୩ରୁ ରାଜ୍ୟଗୁଡ଼ିକୁ ଏବେ ପୂର୍ବ ଅପେକ୍ଷା ୨୦% ଅଧିକ ଗ୍ୟାସ୍ ମିଳିବ। ଏହାଫଳରେ ମୋଟ ଯୋଗାଣ ପରିମାଣ ସଙ୍କଟ ପୂର୍ବ ସ୍ତରର (ପ୍ରି-କ୍ରାଇସିସ୍ ଲେଭଲ୍)ର ୫୦%ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିଯିବ। ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ସଚିବ ଡ. ନୀରଜ ମିତ୍ତଲ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କୁ ଚିଠି ଲେଖି ଏହି ସୂଚନା ଦେଇଛନ୍ତି। ଏଥିରେ ଗୋଷ୍ଠୀ ରୋଷେଇ ଶାଳ, ରେସ୍ତୋରାଁ, ଢାବା, ହୋଟେଲ ଏବଂ ଶିଳ୍ପ ସଂସ୍ଥାର କ୍ୟାଣ୍ଟିନଗୁଡ଼ିକୁ ପ୍ରାଥମିକତା ଦେବାକୁ କୁହାଯାଇଛି। ଏହାସହିତ ପ୍ରବାସୀ ଶ୍ରମିକମାନଙ୍କୁ ପ୍ରାଧାନ୍ୟ ଦେଇ ୫ କେଜି ବିଶିଷ୍ଟ ଫ୍ରି ଟ୍ରେଡ୍ ଏଲପିଜି (ଏଫଟିଏଲ) ସିଲିଣ୍ଡର ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ୟାସର କଳାବଜାରୀ କିମ୍ବା ଅପବ୍ୟବହାର ରୋକିବା ପାଇଁ ପଦକ୍ଷେପ ନେବାକୁ ମଧ୍ୟ କୁହାଯାଇଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଯୋଗୁଁ ମଧ୍ୟପ୍ରାଚ୍ୟରୁ ଅଶୋଧିତ ତୈଳ ଏବଂ ଗ୍ୟାସ୍ ଯୋଗାଣ ପ୍ରାୟତଃ ବନ୍ଦ ହୋଇଯାଇଛି। ଏଥିପାଇଁ ପ୍ରଥମେ ହୋଟେଲ ପରି ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଏଲପିଜି ଯୋଗାଣ ହ୍ରାସ କରାଯାଇଥିଲା। ଘରୋଇ ସିଲିଣ୍ଡର ଯୋଗାଣକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିଲା। ଏହି ଅତିରିକ୍ତ ୨୦% ଗ୍ୟାସ୍ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ପ୍ରାଥମିକତା ଦେଇ ଯୋଗାଇ ଦିଆଯିବ।

## ୨୦% ଲୋକ ବ୍ଲାକ୍‌ରେ କିଣୁଛନ୍ତି ସିଲିଣ୍ଡର

ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ରୋଷେଇ ଗ୍ୟାସର ଅଭାବ ଯୋଗୁଁ ଦେଶରେ ସିଲିଣ୍ଡରର କଳାବଜାରୀ ବୃଦ୍ଧି ପାଇଛି। ଗ୍ୟାସର ଅଭାବ ଏବଂ ଡେଲିଭରିରେ ବିଳମ୍ବ ହେତୁ ଦେଶର ପ୍ରାୟ ୨୦% ପରିବାରକୁ ବ୍ଲାକ୍‌ରେ ସିଲିଣ୍ଡର କିଣିବାକୁ ପଡୁଛି। ଏଥିପାଇଁ ଲୋକଙ୍କୁ ଗୋଟିଏ ଘରୋଇ ସିଲିଣ୍ଡର ପିଛା ୪୦୦୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଦେବାକୁ ପଡୁଛି। 'ଲୋକାଲସର୍କିଲ୍ସ' ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହି ଦାବି କରାଯାଇଛି। ରିପୋର୍ଟ ଅନୁଯାୟୀ, ବ୍ଲାକ୍‌ରେ ସିଲିଣ୍ଡର କିଣୁଥିବା ଲୋକଙ୍କ ସଂଖ୍ୟା ଗତ ସପ୍ତାହ ତୁଳନାରେ ୬% ବୃଦ୍ଧି ପାଇଛି। ସର୍ବେକ୍ଷଣରୁ ଜଣାପଡିଛି ଯେ, ଚଳିତ ସପ୍ତାହରେ ୬୮% ଭାରତୀୟ ପରିବାର ଗ୍ୟାସ୍ ଡେଲିଭରିରେ ବିଳମ୍ବର ସମ୍ମୁଖୀନ ହୋଇଛନ୍ତି। ଗତ ସପ୍ତାହରେ ଏହା ୫୭% ଥିଲା।

### ଇରାନରେ ଭୟଙ୍କର ଆର୍ଥିକ ସଙ୍କଟ: ମୁହଁମାଡ଼ି ପଡ଼ିଛି ଘରୋଇ ମୁଦ୍ରା

# ଏକ କୋଟି ରିଆଲର ମୂଲ୍ୟ ମାତ୍ର ୬୫୦ ଟଙ୍କା

ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି)

ଯୁଦ୍ଧର ସମ୍ମୁଖୀନ ହୋଇଥିବା ଇରାନ ଭୟଙ୍କର ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ଏହାର ସର୍ବାଧିକ ପ୍ରଭାବ ପ୍ରଭାବ ଦେଶର ମୁଦ୍ରା ଉପରେ ପଡ଼ିଛି। ଏଭଳି ସ୍ଥିତିର ମୁକାବିଲା ପାଇଁ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ଏହି କ୍ରମରେ ୧୦ ମିଲିୟନ୍

**୧୦ ନିୟୁତ ରିଆଲର ନୋଟ ଆଣିଲେ ସରକାର**

ରିଆଲର ଏକ ନୂଆ ନୋଟ୍ ପ୍ରଚଳନ କରିଛନ୍ତି। ଏ ପର୍ଯ୍ୟନ୍ତ ଦେଶର ଇତିହାସରେ ଆସିଥିବା ଏହା ସର୍ବୋଚ୍ଚ ମୂଲ୍ୟର ନୋଟ୍। ମାତ୍ର ରିଆଲର ମୂଲ୍ୟ ଦିନକୁ ଦିନ ତଳକୁ ତଳକୁ ଖସି ଚାଲିଛି। ତେଣୁ ୧ କୋଟି ରିଆଲ୍ ନୋଟ୍‌ର ପ୍ରକୃତ ମୂଲ୍ୟ ବହୁତ କମ୍ ରହିଛି। ଭାରତୀୟ ମୁଦ୍ରାରେ ଏହା ମାତ୍ର ୬୫୦ ଟଙ୍କା ହେଉଛି। ସେହିପରି ଡଲାର ତୁଳନାରେ ଏହା




ମାତ୍ର ୭ ଡଲାର ରହିଛି। ନୋଟ୍ ଉପରେ ଥିବା ବଡ଼ ସଂଖ୍ୟା ଦର୍ଶାଉଛି ଯେ ସମୟ ସହିତ ଇରାନର ମୁଦ୍ରା ଅତି ଶୋଚନୀୟ ଭାବେ ଦୁର୍ବଳ ହୋଇଚାଲିଛି। ଚଳିତ ସପ୍ତାହରେ ଏହି ନୋଟ୍ ବ୍ୟାଙ୍କରେ ପହଞ୍ଚିବା ମାତ୍ରେ ଏଟିଏମ୍ ଏବଂ ବ୍ୟାଙ୍କ ଶାଖାଗୁଡ଼ିକ ବାହାରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ନଗଦ ଟଙ୍କା ଶେଷ ହୋଇଯିବା ଭୟରେ ଅନେକ ସ୍ଥାନରେ ବ୍ୟାଙ୍କଗୁଡ଼ିକ ଟଙ୍କା ଉଠାଣ ଉପରେ ସୀମା ଧାର୍ଯ୍ୟ କରିଛନ୍ତି।

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇରାନ ଅନୁଯାୟୀ, ଦେଶରେ ଦେଖାଦେଇଥିବା ନଗଦ ସଙ୍କଟ ଦୂର କରିବା ଏବଂ ବଢୁଥିବା ମୁଦ୍ରାସ୍ଫୀତି ମଧ୍ୟରେ ଦୈନନ୍ଦିନ କାରବାରକୁ ସହଜ କରିବାକୁ ଏହି ନୋଟ୍ ଅଣାଯାଇଛି। ଆକାଶଛୁଆଁ ଦରଦାମ ଯୋଗୁଁ ସାମାନ୍ୟ ଜିନିଷ କିଣିବା ପାଇଁ ମଧ୍ୟ ଲୋକଙ୍କୁ ବିଡ଼ା ବିଡ଼ା ନୋଟ୍ ବୋହିବାକୁ ପଡୁଥିଲା। ଏହି ନୂଆ ଗୋଲାପୀ ରଙ୍ଗର ନୋଟ୍‌ର ସମ୍ମୁଖ ଭାଗରେ ୟଜଦର ଐତିହାସିକ ଜାମେ ମସଜିଦ୍ ଏବଂ ପଛ ଭାଗରେ ୨,୫୦୦ ବର୍ଷ ପୁରୁଣା ଅର୍ଗ-ଇ-ବାମ୍ ଦୁର୍ଗର ଚିତ୍ର ରହିଛି। ସରକାରୀ ଆଶ୍ୱାସନା ସତ୍ତ୍ୱେ ବ୍ୟାଙ୍କଗୁଡ଼ିକ ତରଳ (ଲିକ୍ୟୁଡିଟି) ପାଣ୍ଠି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାହକମାନେ ଚାହୁଁଥିବା ପରିମାଣର ଟଙ୍କା ଉଠାଇ ପାରୁନାହାନ୍ତି। ଆମେରିକାର କଟକଣା, ତୈଳ ରପ୍ତାନିରୁ ହ୍ରାସ ପାଉଥିବାରୁ ଆୟ ଖସୁଛି, ଦୁର୍ନୀତି ଏବଂ ଆଞ୍ଚଳିକ ଉତ୍ତେଜନା ଯୋଗୁଁ ଇରାନର ଅର୍ଥନୀତି ଭୁଶୁଡ଼ି ପଡ଼ିଛି। ଗତ ଏକ ବର୍ଷ ମଧ୍ୟରେ ରିଆଲ୍‌ର ମୂଲ୍ୟ ପ୍ରାୟ ୪୦ ପ୍ରତିଶତ ହ୍ରାସ ପାଇଛି। ଇରାନର ସାଧାରଣ ଜନତାଙ୍କ ପାଇଁ ଏହି ନୂଆ ନୋଟ୍ କେବଳ ଏକ କାଗଜର ଖଣ୍ଡ ନୁହେଁ, ବରଂ ବଢୁଥିବା ଦରଦାମ ଏବଂ ଅନିଶ୍ଚିତ ଭବିଷ୍ୟତର ଏକ ପ୍ରତିଫଳନ ବୋଲି କୁହାଯାଉଛି।

# ବେଦାନ୍ତ ଝାରସୁଗୁଡ଼ାରେ କିରଣ ବେଦୀ



ଝାରସୁଗୁଡା, ୨୧।୩ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଶନିବାର ଝାରସୁଗୁଡାସ୍ଥିତ ମେଗା ଆଲୁମିନିୟମ ପ୍ଲାଣ୍ଟକୁ ଭାରତର ପ୍ରଥମ ମହିଳା ଆଇପିଏସ ତଥା ପୂର୍ବତନ ଉପରାଜ୍ୟପାଳ ଡକ୍ଟର କିରଣ ବେଦୀଙ୍କୁ ସ୍ୱାଗତ କରିଛି। ଡ.ବେଦୀ କମ୍ପାନୀର ମହିଳା ଦିବସ ପାଳନର ପରିପ୍ରେକ୍ଷୀରେ ବେଦାନ୍ତ ଝାରସୁଗୁଡ଼ା ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଟାଉନ ହଲ୍ ବୈଠକରେ ୧୦୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିଛନ୍ତି। ସେ ଉଦବୋଧନ ଦେଇ ଜୀବନରେ ଏକ ସ୍ପଷ୍ଟ ଉଦ୍ଦେଶ୍ୟ ରଖିବା, ସଚ୍ଚୋଟତାର ସହ ଜିଇଁବା ଏବଂ କାର୍ଯ୍ୟସ୍ଥଳରେ ଜଣେ କରୁଥିବା ପସନ୍ଦଗୁଡ଼ିକ ଆମର ନିକଟତମ ପରିବେଶଠାରୁ ବହୁ ଦୂରରେ ପ୍ରବାହିତ ହୁଏ ବୋଲି ସ୍ୱୀକାର କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ଡ.ବେଦୀ କହିଥିଲେ, ବେଦାନ୍ତ ଲିମିଟେଡ୍ ଦେଶର ଏକ ହୀରା। ଦେଶକୁ ଏପରି ଅଧିକ ଅନୁଷ୍ଠାନର ଆବଶ୍ୟକତା ଅଛି। ଏଭଳି ଅନୁଷ୍ଠାନ ଦାୟିତ୍ୱର ସହ ସମ୍ବଳ ବ୍ୟବହାର କରନ୍ତି ଏବଂ ଉଦ୍ଦେଶ୍ୟମୂଳକ ଭାବରେ ଅଭିବୃଦ୍ଧିକୁ ଆଗେଇ ନିଅନ୍ତି। ଶିକ୍ଷା ପ୍ରତି ପ୍ରତିବଦ୍ଧ ରୁହନ୍ତୁ, ସହାନୁଭୂତି ସହ ନେତୃତ୍ୱ ନିଅନ୍ତୁ ଏବଂ ସଂଶୋଧନ ପୂର୍ବରୁ ଶୁଣି ଏବଂ ବୁଝି ଲୋକଙ୍କ ସହିତ ସଂଯୋଗ ସ୍ଥାପନ କରନ୍ତୁ। ଏକ ଶକ୍ତିଶାଳୀ କର୍ମଶକ୍ତି ପାଇଁ ଅଧିକ ମହିଳା ଆବଶ୍ୟକ, ଯେଉଁମାନେ ଏକ ସ୍ଥିର ମାନସିକତା, ସହାନୁଭୂତି ଏବଂ ପ୍ରଦାନ କରିବାର ପ୍ରେରଣା ଆଣିଥାନ୍ତି। ପୁରସ୍କାର ପାଇଁ କାମ କରନ୍ତୁ ନାହିଁ। ଉଦ୍ଦେଶ୍ୟ ସହିତ କାମ କରନ୍ତୁ, ମାଲିକାନା ନିଅନ୍ତୁ ଏବଂ ସ୍ୱୀକୃତିର ଭାବନା ସୃଷ୍ଟି କରନ୍ତୁ ଯାହା ଅର୍ଥପୂର୍ଣ୍ଣ କାର୍ଯ୍ୟ ପରେ ଆସିବ।

ସେହିପରି ବେଦାନ୍ତ ଲିମିଟେଡର ଅଣ-କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ହିନ୍ଦୁସ୍ତାନ ଜିଙ୍କ୍ ଲିମିଟେଡର ଅଧ୍ୟକ୍ଷା ଶ୍ରୀମତୀ ପ୍ରିୟା ଅଗ୍ରୱାଲ ଏବଂ ବେଦାନ୍ତ ଝାରସୁଗୁଡାର ସିଇଓ ଶ୍ରୀଯୁକ୍ତ ସି ଚନ୍ଦ୍ରୁ ଏହି ବୈଠକକୁ ସମ୍ବୋଧନ କରିଥିଲେ। ଏହି ଅବସରରେ ଡ. ବେଦୀ ପଶ୍ଚିମ ଓଡ଼ିଶାର ସର୍ବବୃହତ ସ୍ୱୟଂ ସହାୟକ ଗୋଷ୍ଠୀ ସମବାୟ ପ୍ରୋଜେକ୍ଟ ଶୁଭଲକ୍ଷ୍ମୀ ଏବଂ ବେଦାନ୍ତର ଏକ ସାମୁଦାୟିକ ବିକାଶ ପ୍ରକଳ୍ପର ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ।

# ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବାଣ୍ଟିଲା ନାଲ୍‌କୋ




ଭୁବନେଶ୍ୱର, ୨୧।୩ (ସମିସ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ କମ୍ପାନୀ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲକୋ) ର ସିଏସଆର ଶାଖା 'ନାଲକୋ ଫାଉଣ୍ଡେସନ' ମାଧ୍ୟମରେ ଭୁବନେଶ୍ୱର ସ୍ଥିତ ନାଲକୋନଗରରେ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟା ଯାଇଛି। ଏହି ଶିବିରରେ ଭୁବନେଶ୍ୱରସ୍ଥିତ ନାଲକୋ କର୍ପୋରେଟ୍ କାର୍ଯ୍ୟାଳୟ ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ସାଲିଆସାହି ବସ୍ତିରୁ ଚିହ୍ନଟ ହୋଇଥିବା ୬୪ ଜଣ ହିତାଧିକାରୀଙ୍କୁ ମୋଟ ୧୦୦ଟି ସହାୟକ ଉପକରଣ ବଣ୍ଟନ କରାଯାଇଛି। ଡ.ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ) ଏହି ଶିବିରର ଉଦ୍‌ଘାଟନ କରିଥିଲେ। ଆଶୁତୋଷ ରଥ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ), ନାଲକୋ ତଥା ନାଲକୋ ଫାଉଣ୍ଡେସନ ଏବଂ ଭାରତୀୟ କୃତ୍ରିମ ଅଙ୍ଗ ଉତ୍ପାଦନ ନିଗମ (ଆଲିମକୋ) ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

କମ୍ପାନୀ ପକ୍ଷରୁ ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ୟୁନିଟଗୁଡ଼ିକରେ ସହାୟକ ଉପକରଣ ବଣ୍ଟନ ଶିବିର ମଧ୍ୟ ଆୟୋଜିତ ହୋଇଯାଇଛି। ଏହା ମାଧ୍ୟମରେ ମୋଟ ୪୯୦ ଜଣଙ୍କୁ ୭୫ ଲକ୍ଷ ଟଙ୍କାର ପ୍ରାୟ ୮୨୦ଟି ସହାୟକ ଉପକରଣ ବଣ୍ଟନ କରାଯାଇଛି। ଦିବ୍ୟାଙ୍ଗଜନଙ୍କ ଗତିଶୀଳତା, ସୁଗମତା ଏବଂ ଜୀବନ ଧାରଣର ମାନକୁ ଉନ୍ନତ କରିବା ଏବଂ ସ୍ୱତନ୍ତ୍ର ସିଏସଆର ହସ୍ତକ୍ଷେପ ମାଧ୍ୟମରେ ନାଲକୋ ଏହାର ପାରିପାର୍ଶ୍ୱିକ ଅଂଚଳରେ ବସବାସ କରୁଥିବା ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବାକୁ ଏହି ପଦକ୍ଷେପ ନିଆଯାଇଛି।

### ପ୍ରତାପ ଜେନାଙ୍କ ବାସଭବନ ଉପରେ ଆକ୍ରମଣ ଘଟଣା

# ଦେବୀ ରଞ୍ଜନ ତ୍ରିପାଠୀଙ୍କ ଦେହରେ ବେଇମାନୀ ରକ୍ତ ବୋହୁଛି: ବିଜେଡି

ଭୁବନେଶ୍ୱର,୨୧।୩(ସମିସ): ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ଉପସଭାପତି ପ୍ରତାପ ଜେନାଙ୍କ ବାସଭବନ ଉପରେ ଶୁକ୍ରବାର ରାତିରେ ଆକ୍ରମଣ ଘଟଣାରେ ଦୃଢ଼ ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ଏପରିକି



ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ଦେହରେ ବେଇମାନୀ ରକ୍ତ ବୋହୁଛି ବୋଲି ଦଳ ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଥିଲେ ଯେ ନିକଟରେ ରାଜ୍ୟସଭା ନିର୍ବାଚନରେ ଦଳକୁ ବେଇମାନୀ କରିଥିବା ବାଙ୍କୀର ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଜଣେ ଭୀରୁ, କାପୁରୁଷ ଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି। ଦଳ ସହିତ କରିଥିବା ବେଇମାନୀ କାର୍ଯ୍ୟକୁ ଲୋକଙ୍କ ମନରୁ ହଟାଇବା ପାଇଁ କିଛି ମଦ୍ୟପ ଯୁବକଙ୍କୁ ପ୍ରବର୍ତ୍ତାଇ ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନାଙ୍କ ବାସଭବନରେ ଗତକାଲି ରାତିରେ ଯେଉଁ ଉନ୍ମତ୍ତକାଣ୍ଡ ଘଟାଇଥିଲେ, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ତାଙ୍କ ବାପା ପ୍ରଭାତ ତ୍ରିପାଠୀ ଯେଉଁଭଳି ଭାବେ ୧୯୯୬ ମସିହାରେ ବିଜୁ ବାବୁଙ୍କ ସହିତ ବେଇମାନୀ କରି ରାଜ୍ୟସଭା ନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପତ୍ନୀ ଜୟନ୍ତୀ ପଟ୍ଟନାୟକଙ୍କୁ ଭୋଟ

- ନିଜର କୃତଘ୍ନ କାର୍ଯ୍ୟ ଲୁଚାଇବା ପାଇଁ ଅପରାଧୀଙ୍କ ସାହାରା ନେଉଛନ୍ତି
- ବିଜୁ ଲିଗାସୀ କଥା କହୁଥିବା ଦେବୀ ରଞ୍ଜନଙ୍କ ଏଭଳି ଘୃଣ୍ୟ କାର୍ଯ୍ୟ ନିନ୍ଦନୀୟ
- ଆଗାମୀ ଦିନରେ ବାଙ୍କୀବାସୀ ତାଙ୍କୁ ଉଚିତ୍ ଜବାବ ଦେବେ

ଦେଇଥିଲେ, ଆଜି ଦେବୀ ରଞ୍ଜନ ତ୍ରିପାଠୀ ଅନୁରୂପ ଭାବେ ତାଙ୍କ ଦେହରେ ବେଇମାନୀର ରକ୍ତ ପ୍ରଭାବିତ ହେଉଛି ବୋଲି ପ୍ରମାଣିତ କରିଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ବଜାୟ ରଖିବା ପୁଲିସର ଦାୟିତ୍ୱ। ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ବାସଭବନଠାରୁ ଅଳ୍ପ ଦୂରରେ ଅବସ୍ଥିତ ପ୍ରତାପ ଜେନାଙ୍କ ବାସଭବନରେ ଯେଉଁଭଳି ଭାବେ ଅଭାବନୀୟ କାଣ୍ଡ ଘଟିଲା, ଏଥିରୁ ସ୍ପଷ୍ଟ ଯେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଯଦି ଅଭିଯୁକ୍ତ ମାନଙ୍କୁ ପୁଲିସ ତୁରନ୍ତ ଗିରଫ କରି ଦଣ୍ଡ ବିଧାନ ନକରେ, ତେବେ ଆଗାମୀ ଦିନରେ ପୋଲିସକୁ ବିଜୁ ଯୁବ ଜନତା ଦଳ ଉପଯୁକ୍ତ ଜବାବ ଦେବ।

ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଛନ୍ତି ଯେ, ଘୋଡ଼ା ବେପାରରେ ସାମିଲ ହୋଇ ଦେବୀ ରଞ୍ଜନ ତ୍ରିପାଠୀ ଯେଉଁ ଟଙ୍କା ପାଇଥିଲେ, ସେଥିରୁ କିଛି ମାତ୍ରାରେ ଅସାମାଜିକ ଯୁବକ ମାନଙ୍କୁ ଦେଇ ପ୍ରତାପ ଜେନାଙ୍କ ବାସଭବନରେ ଏଭଳି କାଣ୍ଡ ଭିଆଇଛନ୍ତି। ଦେବୀ ରଞ୍ଜନ ତ୍ରିପାଠୀ ଭାବୁଛନ୍ତି, ଓଡ଼ିଶାର ଯୁବ ଛାତ୍ର ନେତାମାନେ ତାଙ୍କୁ ବ୍ୟକ୍ତିଗତ ଭାବେ ଭଲ ପାଉଥିଲେ। କିନ୍ତୁ ରାଜ୍ୟସଭା ନିର୍ବାଚନରେ ସେ ଯେଉଁଭଳି ଭାବେ ଦଳ ସହିତ ବିଶ୍ୱାସଘାତକତା କଲେ, ସେହିଦିନ ଠାରୁ ରାଜ୍ୟର ଯୁବ ଛାତ୍ର ନେତାମାନେ ସାମାଜିକ ଗଣମାଧ୍ୟମରେ ତାଙ୍କୁ ଛିଛାକର କରୁଛନ୍ତି। ଆଜି ବି ନବୀନ ବାବୁଙ୍କ ପ୍ରତି ଯୁବ ଛାତ୍ର ସମାଜର ସମର୍ଥନ ଅତୁଟ ରହିଛି। ସର୍ବଦା ବିଜୁ ଲିଗାସୀ କଥା କହୁଥିବା ଦେବୀ ରଞ୍ଜନ ତ୍ରିପାଠୀଙ୍କ ଏଭଳି ଆଚରଣ ପାଇଁ ଆଗାମୀ ଦିନରେ ବାଙ୍କୀବାସୀ ତାଙ୍କୁ ଉଚିତ୍ ଜବାବ ଦେବେ ବୋଲି ଇପ୍ସିତା ସାହୁ କହିଥିଲେ।

### 'ଫାର୍ମ ବି ଇଉନିଟି ସମ୍ମିଟ୍-୨୦୨୬'

# ନୂଆ ଲୋଗୋ ଓ ପ୍ୟାକେଜିଙ୍ଗ ଉନ୍ମୋଚିତ




ଭୁବନେଶ୍ୱର, ୨୧।୩ (ସମିସ): ଓଡ଼ିଶାର ଅଗ୍ରଣୀ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ଫାର୍ମ-ବି' ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲରେ 'ଇଉନିଟି ସମ୍ମିଟ୍-୨୦୨୬' ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ରୁଚି ଫୁଡ୍‌ଲାଇନ୍‌ର ଅଧ୍ୟକ୍ଷା ସଙ୍ଗୀତା ସାହୁ, ଫାର୍ମ-ବି'ର ପ୍ରତିଷ୍ଠାତା ରଶ୍ମି ସାହୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଜାତୀୟ ସେଲ୍ସ ମୁଖ୍ୟ ରବୀନ୍ଦ୍ର କୁମାର, ଜୋନାଲ ସେଲସ୍ ମୁଖ୍ୟ ବିଭେକ୍ ଚନ୍ଦ୍ରା, ବ୍ରାଣ୍ଡ ଡେଭଲପମେଣ୍ଟ ସହଯୋଗୀ ବିଜିତେଶ୍ ମଲ୍ଲିକ ଓ ବାଚାସ୍ପତି ଶୁକ୍ଲା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ଫାର୍ମ-ବି'ର ପରିଚାଳନା ନିର୍ଦ୍ଦେଶିକା ତଥା ଓଡ଼ିଶାର ମହିଳା ଉଦ୍ୟୋଗପତି ରଶ୍ମି ସାହୁ ସ୍ୱତନ୍ତ୍ର ଲେଗୋ ଓ ପ୍ୟାକେଜିଙ୍ଗ ଉନ୍ମୋଚନ କରିଥିଲେ। ଓଡ଼ିଶାରେ ୫ବର୍ଷ ଧରି ବିଭିନ୍ନ ସ୍ୱାସ୍ଥ୍ୟପଯୋଗୀ ଉତ୍ପାଦ ତିଆରି କରୁଥିବା ଫାର୍ମ-ବି' ଆଧୁନିକ ଭାରତ ପାଇଁ ସ୍ୱାସ୍ଥ୍ୟକର ଓ ସ୍ୱାଦିଷ୍ଟ ଖାଦ୍ୟ ତିଆରି କରିବାର ସଂକଳ୍ପ ରଖିଥିବା ବେଳେ ତାର ବିଶେଷତା, ନବୀନତା ଓ ପାରମ୍ପରିକ ଶୈଳୀକୁ ସର୍ବଭାରତୀୟସ୍ତରରେ ପରିଚୟ କରିବା ପାଇଁ ଲକ୍ଷ୍ୟ ରଖିଛି। ୫୦ ବର୍ଷର ବିଶ୍ୱାସ ଓ ଗୁଣବତ୍ତାର ପାରମ୍ପରିକତାକୁ ଅଧାର କରି ଫାର୍ମ-ବି' ଏବେ ଏକ ଶକ୍ତିଶାଳୀ ପରିଚୟ ସହ ଅଗ୍ରସର ହେଉଛି ଏବଂ ଏହା ସ୍ୱାସ୍ଥ୍ୟ ସଚେତିତ ଗ୍ରାହକମାନଙ୍କ ପାଇଁ ସଚେତନା ସୃଷ୍ଟି କରିପାରିଛି। ସୁପର ହେଲଦି, ସୁପର ଟେଷ୍ଟି - ଏହା ଫାର୍ମ-ବି'ର ନୂତନ ପ୍ରତିଶ୍ରୁତି, ଯେଉଁଥିରେ ପୋଷଣ ଓ ସ୍ୱାଦର ସଂପୂର୍ଣ୍ଣ ସମନ୍ୱୟ ରହିଛି। ଏହା ଆଧୁନିକ ବ୍ୟସ୍ତ ଜୀବନ ପାଇଁ ମଧ୍ୟ ଉପଯୋଗୀ। ଏହା ସବୁବେଳେ ଖାଉଟିମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଶୁଦ୍ଧତା ପାଇଁ ଉତ୍ସର୍ଗୀକୃତ ବୋଲି ସେ କହିଥିଲେ।

### ପରିବହନ ବିଭାଗର ସଡ଼କ ସୁରକ୍ଷା ଅଭିଯାନ

# ପ୍ରଥମ ଦିନରେ ୧୭ ହଜାର ୮୩୧ ଚାଲାଣ ଓ ୯.୫୭ କୋଟି ଟଙ୍କା ଜରିମାନା

କଟକ, ୨୧।୩ (ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ଓ ତତ୍‌ଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ଚିନ୍ତାଜନକ ହୋଇଥିବା ବେଳେ ଏହାକୁ ହ୍ରାସ ଲକ୍ଷ୍ୟରେ ପରିବହନ ବିଭାଗ ପକ୍ଷରୁ ଆଜି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ସଡ଼କ ସୁରକ୍ଷାକୁ ନେଇ ଏହି ସ୍ୱତନ୍ତ୍ର ଅଭିଯାନ ଆସନ୍ତା ୩୧ତାରିଖ ଯାଏଁ ଚାଲିବ। ଏହି ଅଭିଯାନର ପ୍ରଥମ ଦିନରେ ମୋଟର ଯାନ ଆଇନ ଉଲ୍ଲଙ୍ଘନ ଯୋଗୁଁ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଜାରି ହୋଇଛି ୧୭ ହଜାର ୮୩୧ ଟି ଇ-ଚାଲାଣ। ଏହି ଚାଲାଣଗୁଡ଼ିକ ବାବଦରେ ୯ କୋଟି ୫୭ ଲକ୍ଷ ୫୯ହଜାର ୫୦୪ ଟଙ୍କାର ଜରିମାନା ସ୍ଥିର କରାଯାଇଛି। ସଡ଼କ ସୁରକ୍ଷା ନିୟମର ଗୁରୁତ୍ୱର ଉଲ୍ଲଙ୍ଘନ ଯୋଗୁଁ ୬୪ଟି ଗାଡ଼ିକୁ ଅଟକ ରଖାଯାଇଛି। ପ୍ରତିଦିନ ଉଭୟ ସକାଳେ ଓ ସନ୍ଧ୍ୟାରେ ଏଭଳି ଏନଫୋର୍ସମେଣ୍ଟ ଜାରି ରହିବ ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କେବଳ ଏନ୍‌ଫୋର୍ସମେଣ୍ଟ ନୁହେଁ, ଏହି ସମୟ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଇଛନ୍ତି ଆରଟିଓ। ବିଭିନ୍ନ ସ୍ଥାନରେ ଗାଡ଼ି ଚାଳକମାନଙ୍କ ସହ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରାଯାଇଛି। ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ନିୟମ ପାଳନର ଆବଶ୍ୟକତା ସମ୍ପର୍କରେ ସଚେତନ କରାଯାଇଛି। ଦୂରଗାମୀ ବସ୍ ଚାଳକ ଓ କର୍ମଚାରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିଭଳି ଯାଜପୁରରେ ପରିବେଶ ସୁରକ୍ଷା ପାଇଁ ଯାନବାହନ ପ୍ରଦୂଷଣ ରୋକିବାକୁ ଏକ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଢେଙ୍କାନାଳରେ ନିୟମ ଉଲ୍ଲଙ୍ଘନକାରୀଙ୍କୁ ଚକୋଲେଟ୍, ଫୁଲ ଦେଇ ସଚେତନ କରାଯାଇଥିଲା। ଏହାବ୍ୟତୀତ, ରାଜ୍ୟର ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ସହ ସଡ଼କ ସୁରକ୍ଷା ଆଲୋଚନା କାର୍ଯ୍ୟକ୍ରମ କରାଯାଇଛି। ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା, ମଦ୍ୟପାନ କରି ଡ୍ରାଇଭିଂ କରିବା, ବିନା ହେଲମେଟରେ ବାଇକ୍ ଚଳାଇବା, ଭୁଲ୍ ଦିଗରେ ଗାଡ଼ି ଚଳାଇବା ଏବଂ ଓଭରଲୋଡିଂ ଭଳି ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ଏନଫୋର୍ସମେଣ୍ଟ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଖ୍ୟତଃ ଦୁର୍ଘଟଣାପ୍ରବଣ ସ୍ଥାନ, ଜାତୀୟ ଓ ରାଜ୍ୟ ରାଜପଥ, ଖଣି ଓ ଶିଳ୍ପାଞ୍ଚଳ, ସହର ଓ ଗାଁର ମୁଖ୍ୟ ରାସ୍ତା, ପ୍ରମୁଖ ଛକ, ବଜାର ଅଞ୍ଚଳ ଏବଂ ବସ୍ଷ୍ଟାଣ୍ଡ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ କରାଯାଉଛି। ପରିବହନ ବିଭାଗ ଦ୍ୱାରା ଜିଲ୍ଲା ପ୍ରଶାସନ ଓ ପୁଲିସ ସହଭାଗିତାରେ ଏହି ଅଭିଯାନ କରାଯାଉଛି।

# ଓଡ଼ିଆରେ 'କୁହୁକିନୀ'...

ବର୍ତ୍ତମାନ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି "କୁହୁକିନୀ କୁହୁକ କୁହୁ ତୁ... ସାଧବ ବୋହୂ ତୁ... ମନ ଉଆଁସରେ...ଏମିତି ରହିଥା...ହୃଦୟ ଭିତରେ ... ।" ମୁକ୍ତିଲାଭ ଅପେକ୍ଷାରେ ଥିବା ନୂଆ ଓଡ଼ିଆ ସିନେମା 'କାଙ୍ଗୁଲା'ର ଏହା ହେଉଛି ଏକ ସୁନ୍ଦର, ମନଛୁଆଁ ରୋମାଣ୍ଟିକ୍ ଗୀତ । ଗୀତଟିରେ କଣ୍ଠଦାନ କରିଛନ୍ତି କୁଲଦୀପ ପଟ୍ଟନାୟକ । ସମ୍ବିତ ଓ ସୂର୍ଯ୍ୟମୟୀଙ୍କ ଉପରେ ଏହା ଦୃଶ୍ୟାୟିତ ହୋଇଛି । ଗୀତ ସହିତ ଦୁହିଁଙ୍କ ଯୋଡ଼ିକୁ ବି ଲୋକେ ଖୁବ୍ ପସନ୍ଦ କରିଛନ୍ତି । କେବଳ ସେତିକି ନୁହେଁ, ଏହି ଗୀତରେ ଏବେ ଲୋକେ ରିଲ୍ସ କରିବାକୁ ପଛାଇ ନାହାନ୍ତି । ସତ୍ୟନାରାୟଣ ପ୍ରଡକ୍ସନ ଏବଂ ସମ୍ବିତ ଆଚାର୍ଯ୍ୟଙ୍କ ଫିଲ୍ମ ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାରେ କେବଳ ସମ୍ବିତ ଅଭିନୟ କରି ନାହାନ୍ତି, ବରଂ ପ୍ରଯୋଜନା ଭାର ସମ୍ଭାଳିଛନ୍ତି । ନିର୍ଦ୍ଦେଶନାରେ ଅଶ୍ୱିନୀ ତ୍ରିପାଠୀ ଥିବା ବେଳେ କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ଅମିତ କୁମାର ଦାସ । ସିନେମାର ସଂଗୀତରେ ଅଛନ୍ତି ବୈଦ୍ୟନାଥ ଦାସ, ଜେଏନ୍ ପଦ୍ମା ଏବଂ ସୁମିତ ଦୀକ୍ଷିତ । ଏହି ସିନେମାଟି ମା' କାଳୀଙ୍କ ଦଣ୍ଡନାଚକୁ ନେଇ ପ୍ରସ୍ତୁତ । ଫିଲ୍ମର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ସମ୍ବିତ ଓ ସୂର୍ଯ୍ୟମୟୀ । ସେହିପରି ଅଭିଷେକ ଗିରି, ସୁଶାନ୍ତ ଦାସ ମହାପାତ୍ର, ଶ୍ରୀତମ ଦାସ, ପୁପିନ୍ଦର, ପ୍ରଦ୍ୟୁମ୍ନ ଲେଙ୍କା ପ୍ରମୁଖ କଳାକାର ଅଛନ୍ତି । ତେବେ ସିନେମାର 'କୁହୁକିନୀ' ଗୀତର ସଫଳତାକୁ ଦେଖି ଅନୁମାନ କରାଯାଉଛି ଯେ, ସିନେମାଟିକୁ ଦର୍ଶକଙ୍କ ଭଲପାଇବା ମିଳିବ । ■



# ଗୋଟିଏ ଦିନରେ ଡବଲ ପ୍ରିମିୟର 'ଦୁର୍ଗା'



ଆଜି ଜି ସାର୍ଥକରେ ଓଡ଼ିଆ ଚଳଚ୍ଚିତ୍ର 'ଦୁର୍ଗା'ର ଗୋଟିଏ ଦିନରେ ଡବଲ୍ ପ୍ରିମିୟର ହେବ । ଦର୍ଶକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଦିନ ୨ଟାରେ ଏବଂ ପୁଣିଥରେ ସନ୍ଧ୍ୟା ୬ଟା ୩୦ରେ ପ୍ରସାରିତ ହେବ । 'ଦୁର୍ଗା' ହେଉଛି ଏକ ଗାଉଁଲି ଝିଅର ସଂଘର୍ଷମୟ ଜୀବନ କାହାଣୀ । ଯିଏ ପରିସ୍ଥିତିରେ ପଡି ସହରର ଏକ ପ୍ରଭାବଶାଳୀ ବ୍ୟକ୍ତି ସହ ବିବାହ କରିଛି । ହେଲେ ବିବାହ ପରେ ତା' ଜୀବନରେ ଘୋଟି ଆସେ ଏକ କଳା ବାଦଲ । ନିଜ ସନ୍ତାନକୁ ହତ୍ୟା କରିବାର ମିଥ୍ୟା ଆରୋପରେ ସେ ଆଜୀବନ କାରାଦଣ୍ଡ ଭୋଗୁଥିବା ବେଳେ ନ୍ୟାୟ ପାଇଁ ଆରମ୍ଭ ହୁଏ ଏକ ଅଦ୍ଭୁତ ଲଢ଼େଇ । ଏଥିରେ ଦୁର୍ଗା ଭୂମିକାରେ ପୁନମ ମିଶ୍ରଙ୍କ ସହିତ ନେଗେଟିଭ୍ ଚରିତ୍ର 'ରାଣା' ଭୂମିକାରେ ରାଜ୍ ରାଜେଶ, ସଙ୍ଗୀତଜ୍ଞ 'ଶଙ୍କର' ଭୂମିକାରେ ଅଭିଷେକ ଗିରି ଏବଂ ଦୁର୍ଗାକୁ ନ୍ୟାୟ ଦେବା ପାଇଁ ଅଣ୍ଟା ଭିଡିଥିବା ସାହସୀ ଓକିଲ 'ଅର୍ଚ୍ଚନା' ଭୂମିକାରେ ପ୍ରସିଦ୍ଧ ଅଭିନେତ୍ରୀ ଇଶା ତଲୱାର ନିଜର ଦମଦାର ଅଭିନୟ ପ୍ରଦର୍ଶନ କରିଛନ୍ତି । ■

# ଓଡ଼ିଶାରେ ବଙ୍ଗୀୟ ସୁନ୍ଦରୀ ପ୍ରାନ୍ତିକା



ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏବେ ନୂତନ ମୁହଁମାନଙ୍କ ମଧ୍ୟରେ ବଙ୍ଗୀୟ ସୁନ୍ଦରୀ ପ୍ରାନ୍ତିକା ଦାସ ନିଜ ସୌନ୍ଦର୍ଯ୍ୟ ଓ ଅଭିନୟ କୁଶଳତାରେ ଆକର୍ଷଣ ସୃଷ୍ଟି କରୁଛନ୍ତି । ପ୍ରାନ୍ତିକା ଖୁବ୍ ଶୀଘ୍ର ଓଡ଼ିଆ-ବଙ୍ଗଳା-ହିନ୍ଦୀ ଭାଷାରେ ନିର୍ମିତ ଚଳଚ୍ଚିତ୍ର 'ବିବାହ ଡଟ୍ କମ୍'ରେ ମୁଖ୍ୟ ଅଭିନେତ୍ରୀ ଭାବେ ନଜର ଆସିବେ । ଏହି ଚଳଚ୍ଚିତ୍ରରେ ତାଙ୍କ ସହ ମୁମ୍ବାଇ ଅଭିନେତା ରାଜେଶ ଶର୍ମା, ପୁଷ୍ପା ପଣ୍ଡା, ଅଭିଷେକ ଗିରି ଓ ଅଙ୍କିତ କୁମାର ଅଭିନୟ କରୁଛନ୍ତି । ଚଳଚ୍ଚିତ୍ରଟିକୁ ଅରବିନ୍ଦ ମିଶ୍ର ପ୍ରଯୋଜନା କରୁଥିବା ବେଳେ ଆପ୍ପୁ କାନୁନଗୋ ନିର୍ଦ୍ଦେଶନା ଦେଉଛନ୍ତି । ମଡେଲିଂ ଜଗତରୁ ଆରମ୍ଭ ହୋଇଥିବା ପ୍ରାନ୍ତିକାଙ୍କ କଳାଯାତ୍ରା ଏବେ ଧୀରେ ଧୀରେ ଚଳଚ୍ଚିତ୍ର ପରଦାରେ ମଧ୍ୟ ପ୍ରସାରିତ ହେଉଛି । ପଶ୍ଚିମବଙ୍ଗରେ ଜନ୍ମିତ ପ୍ରାନ୍ତିକା ଛୋଟବେଳୁ ନୃତ୍ୟ ଓ ଅଭିନୟ ପ୍ରତି ଆଗ୍ରହ ଦେଖାଇଥିଲେ । ପଢ଼ା ସହିତ ସେ ଫେଶନ ଓ ମଡେଲିଂ ମାଧ୍ୟମରେ ନିଜର ପ୍ରତିଭାକୁ ଆଗକୁ ଆଣିଥିଲେ । ମଡେଲିଂରେ ସଫଳତା ପରେ ପ୍ରାନ୍ତିକା ଚଳଚ୍ଚିତ୍ର ଓ ମ୍ୟୁଜିକ୍ ଭିଡିଓ ମାଧ୍ୟମରେ ମଧ୍ୟ ନିଜ ଯାତ୍ରାକୁ ଆଗକୁ ବଢ଼ାଇଛନ୍ତି । ଭଲ କାହାଣୀ ଓ ଶକ୍ତିଶାଳୀ ଚରିତ୍ର ମିଳିଲେ ଅଭିନୟ ମାଧ୍ୟମରେ ନିଜକୁ ପ୍ରମାଣ କରିବାର ଇଚ୍ଛା ରଖନ୍ତି ପ୍ରାନ୍ତିକା । ଓଡ଼ିଶାର ସଂସ୍କୃତି, ସଙ୍ଗୀତ ଓ ଚଳଚ୍ଚିତ୍ର ପ୍ରତି ପ୍ରାନ୍ତିକାଙ୍କର ବିଶେଷ ଆଗ୍ରହ ରହିଛି । ତାଙ୍କର ଚଳଚ୍ଚିତ୍ର ଯାତ୍ରା ଆରମ୍ଭ ହୋଇଥିଲା ତେଲୁଗୁ ଚଳଚ୍ଚିତ୍ର 'ସଦା ନି ପ୍ରେମାଲୁ'ରୁ । ସେ ଅନେକ ବଙ୍ଗଳା ଚଳଚ୍ଚିତ୍ର ଓ ଓଟିଟି ପ୍ରକଳ୍ପରେ ଅଭିନୟ କରିଛନ୍ତି । ହିନ୍ଦୀ ସିନେମା 'ଭୁଲ୍ ଭୁଲୈୟା-୩' ସହିତ ସେ ଜଡ଼ିତ । ତାଙ୍କ ଅଭିନୟ ଦକ୍ଷତା, ଆତ୍ମବିଶ୍ୱାସ ଓ ବିଭିନ୍ନ ଚରିତ୍ର ଚୟନ ତାଙ୍କର ଭବିଷ୍ୟତ ଯାତ୍ରାକୁ ଆହୁରି ଦୃଢ଼ କରିବ ବୋଲି ଆଶା କରାଯାଉଛି । ■

## ପରଦା ପଛର କାହାଣୀ

# ଅମିର୍‌ଙ୍କୁ ଚାହୁଁ ନ ଥିଲେ ପ୍ରଯୋଜକ



୨୦୦୬ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ଫନା' । ଏହି ଫିଲ୍ମଟି ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା । ଅମିର ଖାନ୍ ଓ କାଜଲଙ୍କ ଅଭିନୀତ ଏହି ଫିଲ୍ମକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ଫିଲ୍ମର ଗୀତଗୁଡ଼ିକ ମଧ୍ୟ ସୁପରହିଟ୍ ହୋଇଥିଲା । ତେବେ 'ଫନା'କୁ ନେଇ ଏକ ରୋଚକୀୟ କଥା ପ୍ରକାଶ ପାଇଛି । ପ୍ରଯୋଜକ ଆଦିତ୍ୟ ଚୋପ୍ରା ସୁପରଷ୍ଟାର୍ ଅମିର ଖାନ୍‌ଙ୍କୁ ଏହି ଫିଲ୍ମରେ କାଷ୍ଟ କରିବା ପାଇଁ ଚାହୁଁ ନଥିଲେ । ନିକଟରେ ଏସଂପର୍କରେ ନିର୍ଦ୍ଦେଶକ କୁନାଲ କୋହଲି ପ୍ରକାଶ କରିଛନ୍ତି । ଫିଲ୍ମରେ ଅମିର୍‌ଙ୍କୁ ନେବା ପାଇଁ ଆଲୋଚନା ଚାଲିଥିଲା । ତେବେ ଅମିର୍‌ଙ୍କ ଉପରେ ଆଦିତ୍ୟଙ୍କ ବିଶ୍ୱାସ ନଥିବା ସ୍ପଷ୍ଟ ହୋଇଥିଲା । ତେଣୁ ସେ କୋହଲିଙ୍କୁ ଅମିର୍‌ଙ୍କ ପଛରେ ପଡ଼ି ସମୟ ନଷ୍ଟ ନ କରିବା ପାଇଁ ପରାମର୍ଶ ଦେଇଥିଲେ । ଏଥିସହ ଫିଲ୍ମ ପାଇଁ ଅମିର୍ ମାସ ମାସ ଅପେକ୍ଷା କରାଇପାରନ୍ତି ବୋଲି କହିଥିଲେ । ହେଲେ କୁନାଲ ଫିଲ୍ମରେ ଅମିର୍‌ଙ୍କୁ କାଷ୍ଟ କରିବା ପାଇଁ ଜିଦ୍ ଧରି ବସିଥିଲେ । ଅମିର୍ ସ୍କ୍ରିପ୍ଟ ଶୁଣିବା ପରେ ସଙ୍ଗେ ସଙ୍ଗେ ଫିଲ୍ମ ପାଇଁ ରାଜି ହୋଇଯାଇଥିଲେ । ଏଥିସହ ସେ ସ୍କ୍ରିପ୍ଟକୁ ଉର୍ଦ୍ଦୁ ଭାଷାରେ ଲେଖିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ଫିଲ୍ମ ସଂଳାପ ଆହୁରି ପ୍ରଭାବଶାଳୀ ହୋଇପାରିବ । ବାସ୍ତବରେ ଏପରି ମଧ୍ୟ ହୋଇଥିଲା । ଫିଲ୍ମ ମୁକ୍ତିଲାଭ କରିବା ପରେ ଏହାର ସଂଳାପ ଲୋକଙ୍କ ମୁହଁରେ ଥିଲା । ସେ ସମୟରେ ଅନେକ ପ୍ରେମିକ ମଧ୍ୟ ତାଙ୍କ ପ୍ରେମିକାଙ୍କୁ ଏହା ଶୁଣାଇଥିଲେ । ସେଥିମଧ୍ୟରୁ 'ହେଁମ୍‌ସେ ଦୂର ଯାଓଗେ କୈସେ...', 'ଦିଲ୍ ସେ ହେଁମେ ଭୁଲାଓଗେ କୈସେ...', 'ହମ୍ ବୋହ ଖୁସ୍‌ବୁ ହେଁ ଯୋ ସାଶୋ ମେଁ ବସତି ହେଁ...', 'ଖୁଦ୍ କି ସାଶୋଁକୋ ରୋକ୍ ପାଓଗେ କୈସେ...' ଆଦି ସଂଳାପ ଖୁବ୍ ହିଟ୍ ହୋଇଥିଲା । ଫିଲ୍ମରେ କାଜଲ୍ କାଶ୍ମୀର୍ ଝିଅ ଜୁନି ଭୂମିକାରେ ଅଭିନୟ କରିଥିଲେ । ସେହିପରି ଅମିର ଖାନ୍ ଏଥିରେ ଜଣେ ଆତଙ୍କବାଦୀ ଭୂମିକା ନିର୍ବାହ କରିଥିଲେ । ■

## ସାକ୍ଷାତକାର

# "ସଂଘର୍ଷ ହିଁ ସଫଳତା ଦିଏ"

**ଅଲିଭା ଦାସ, ଅଭିନେତ୍ରୀ**



ଅଭିନେତ୍ରୀ ହେବାକୁ ସେ ପିଲାଟି ଦିନରୁ ସ୍ୱପ୍ନ ଦେଖିଥିଲେ । କଲେଜରେ ପଢ଼ିବା ସମୟରେ ନୃତ୍ୟରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଅଭିନୟ ଜଗତରେ ଭାଗ୍ୟ ପରୀକ୍ଷା କରିବାକୁ ସେ ଚାଲି ଆସିଥିଲେ ଭୁବନେଶ୍ୱରକୁ । ଅଭିନୟ ପାଇଁ ତାଲିମ ନେଲେ । ପରଦା ଉପରେ କାମ କରିବାକୁ ତାଙ୍କୁ କରିବାକୁ ପଡ଼ିଛି ଅନେକ ସଂଘର୍ଷ । ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ସୋରର ଅଲିଭା ଦାସ । ମ୍ୟୁଜିକ୍ ଭିଡ଼ିଓ, ୱେବ୍‌ସିରିଜ୍, ଧାରାବାହିକରେ ଅଭିନୟ କରିବା ପରେ ଏବେ ସେ ଫିଲ୍ମରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ଖୁବ୍‌ଶୀଘ୍ର ତାଙ୍କ ଅଭିନୀତ 'ମୋହନ ଗିରି' ଚଳଚ୍ଚିତ୍ର ରିଲିଜ୍ ହେବାକୁ ଯାଉଛି । ଅଭିନୟ ଜଗତକୁ ଆସିବାକୁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ ।

**ଅଭିନୟଯାତ୍ରା କେବେଠୁ ଆରମ୍ଭ ହେଲା?**

- ଛୋଟବେଳୁ ଅଭିନେତ୍ରୀ ହେବାକୁ ସ୍ୱପ୍ନ ଦେଖିଥିଲି । କଲେଜରେ ପଢ଼ିବା ସମୟରେ ଡ୍ୟାନ୍ସ କରୁଥିଲି । ଏହି ସାହସ ମୋତେ ଅଭିନେତ୍ରୀ ହେବାକୁ ସୁଯୋଗ ଦେଇଥିଲା । ପାଠପଢ଼ା ପରେ ଅଡିସନ୍ ଦେବାକୁ ଭୁବନେଶ୍ୱର ଆସିଲି । ଏଠାକୁ ଆସି ଅଭିନୟ କରିବାକୁ ତାଲିମ ନେଲି । 'ଉତ୍ତର ପୁରୁଷ' ଟିମ୍‌ରୁ ମୁଁ ଅଭିନୟ ଶିଖିଥିଲି । ଅନେକ ନାଟକ କରିଛି । 'ଭଲ ପାଇ ଭୁଲି ଗଲୁ', 'ସାତ ମେଘରେ' ଆଦି ପାଞ୍ଚଟି ମ୍ୟୁଜିକ୍ ଭିଡିଓ କରିଛି । ଅଡିସନ୍ ମାଧ୍ୟମରେ ପ୍ରଥମେ ଥର ପାଇଁ ମୋତେ ଧାରାବାହିକ 'ତୁ ମୋର ସାଥିରେ'ରେ କାମ କରିବାକୁ ସୁଯୋଗ ମିଳିଲା । ସେଥିରେ ମୁଁ ଅତିଥି କଳାକାର ଭାବେ ଅଭିନୟ ଆରମ୍ଭ କରିଥିଲି । ସେହି ଚରିତ୍ରଟି ମୋତେ ଆତ୍ମସନ୍ତୋଷ ଦେଇ ନ ପାରିବାରୁ ମୁଁ ପୁଣି ନାଟକ କରିଲି । 'ଅଶୋକ କୁମାର' ୱେବ୍‌ସିରିଜ୍‌ରେ କାମ କରିଛି । ସୌଭାଗ୍ୟବଶତଃ 'କୁହୁଡ଼ି', 'ଅପେକ୍ଷା' ପରି ସିନେମାରେ ଅଭିନୟ କରିବାକୁ ମୋତେ ସୁଯୋଗ ମିଳିଲା । ଏବେ ମୋ ଅଭିନୀତ 'ମୋହନ ଗିରି' ସିନେମା ରିଲିଜ୍ ଅପେକ୍ଷାରେ ରହିଛି ।

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

- ମୋର ପ୍ରଥମ ପାରିଶ୍ରମିକରେ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲି । ମୋ ମା'ଙ୍କୁ କିଛି ଉପହାର ଦେଇଥିଲି ।

**ଅଭିନେତ୍ରୀ ହେବାକୁ କେତେ ସଂଘର୍ଷ କରିବାକୁ ପଡ଼ିଛି?**

- ଓଲିଉଡ୍ ଇଣ୍ଡଷ୍ଟ୍ରିରେ ମୁଁ ଅନେକ ଥର ଅଡିସନ୍ ଦେଇଛି । ଆଉ ସେଥିରୁ ମୋତେ ରିଜେକ୍ଟ କରାଯାଇଛି । ତେବେ ମୁଁ ହାର୍ ମାନି ନ ଥିଲି । ମୋ କାମ ଉପରେ ମୋର ସମ୍ପୂର୍ଣ୍ଣ ଭରସା ଥିଲା । ତେଣୁ 'କୁହୁଡ଼ି' ଭଳି ସିନେମାରେ ମୋତେ ରିପୋର୍ଟର ଚରିତ୍ର ମିଳିଥିଲା । ଏହା ପରେ 'ଅପେକ୍ଷା' ସିନେମାରେ ନାୟକର ଭଉଣୀ ଭୂମିକାରେ ଅଭିନୟ କରିଛି । ଏହି ଚରିତ୍ରକୁ ଦର୍ଶକ ବହୁତ ସାରା ଭଲପାଇବା ଦେଇଥିଲେ । ଗୋଟେ କଥା କହିବି ସଂଘର୍ଷ ହିଁ ସଫଳତା ଦିଏ । ମୁଁ ଯେଉଁ ସଂଘର୍ଷ କରିଛି ତାହା ଯୋଗୁଁ ମୁଁ ଷ୍ଟ୍ରଙ୍ଗ ହୋଇପାରିଛି । ସଂଘର୍ଷ ହିଁ ମୋତେ ଆଗକୁ ନେବାକୁ ବହୁତ କିଛି କଥା ଶିଖାଇଲା ।

**ସୁଟିଂ ନଥିଲେ କ'ଣ କରନ୍ତି?**

- ଡ୍ରଇଂ କରେ । ଗୀତ ଶୁଣି ଡ୍ୟାନ୍ସ କରେ । ପଢ଼ାପଢ଼ି କରେ ।

**ପ୍ରତ୍ୟେକ ଚରିତ୍ରକୁ ଏତେ ଦମ୍‌ଦାର କେମିତି କରନ୍ତି?**

- ମୋ ଅଭିନୀତ ଦୁଇଟି ଫିଲ୍ମର ସ୍ୱତନ୍ତ୍ରତା ରହିଛି । ଉଭୟ ଫିଲ୍ମ ବାସ୍ତବ କାହାଣୀକୁ ନେଇ ତିଆରି ହୋଇଥିଲା । 'ଅପେକ୍ଷା'ରେ ଭଉଣୀ ଚରିତ୍ର 'ରାନି' ମିଳିବା ପରେ ମୁଁ ମୋ ନିଜକୁ ଭୁଲି ଭଉଣୀ ଚରିତ୍ରରେ ପଶିଥିଲି । ଏଥିରେ ମୁଁ ଆଉ ମୋ ବୋଉ ଭାଇକୁ ବହୁତ ସର୍ପୋଟ କରୁଛୁ । ଜଣେ ଭଲ ଭଉଣୀର ଚରିତ୍ର ନିଭାଇବାକୁ ମୁଁ ଚେଷ୍ଟା କରିଛି । ଏଥିପାଇଁ ନିୟମିତ ଦର୍ପଣ ସାମ୍ନାରେ ଅଭ୍ୟାସ କରୁଥିଲି । ମୋତେ ଯାହା ବି ଚରିତ୍ର ମିଳେ ତାହାକୁ ଜୀବନ୍ତ କରିବାକୁ ଆପ୍ରାଣ ଚେଷ୍ଟା କରେ ।

**ଅପ୍‌କମିଂ ଫିଲ୍ମ 'ମୋହନ ଗିରି'କୁ ନେଇ କ'ଣ କହିବେ?**

- 'ମୋହନ ଗିରି' ଏକ ସମ୍ପୂର୍ଣ୍ଣ ଭିନ୍ନ ଧରଣର ସିନେମା । ଏଥିରେ ପୁନର୍ଜନ୍ମ କଥା ଦେଖିବାକୁ ମିଳିବ । ବହୁତ ଦିନ ପରେ ଓଡ଼ିଆ ସିନେମାରେ ଏମିତି ଏକ ସିନେମାକୁ ଦର୍ଶକ ଗ୍ରହଣ କରିବେ ବୋଲି ଆଶା ରଖିଛୁ । ଏଥିରେ ମଧ୍ୟ ମୁଁ ଜଣେ ଭଉଣୀ ଚରିତ୍ରରେ କାମ କରିଛି ।


**ଡ୍ରିମ୍ ରୋଲ୍ କ'ଣ?**

- ଚୁଲ୍‌ବୁଲି ଚରିତ୍ରଟିଏ କରିବାକୁ ଇଚ୍ଛା ଅଛି । ତା ସହ ସବୁ ପ୍ରକାରର ଚରିତ୍ରକୁ ଜୀବନ୍ତ କରିବା ମୋର ଡ୍ରିମ ରୋଲ୍ । ବାବୁସାନ୍ ଭାଇଙ୍କ ସହ କାମ କରିବାକୁ ବି ମୋର ଇଚ୍ଛାଅଛି ।

**ଅଭିନୟ ଜଗତକୁ ନୂଆ କରି ଆସୁଥିବା ପିଲାଙ୍କୁ କ'ଣ କହିବେ?**

- ଏତିକି କହିବି ଏହି ଲାଇନକୁ ଆସିବା ପୂର୍ବରୁ ସମସ୍ତେ ଶିଖିକରି ଆସନ୍ତୁ । ବିନା ପ୍ରସ୍ତୁତିରେ ଆସି ଅଡିସନ୍‌ରେ ପ୍ରତ୍ୟାଖ୍ୟାନ ମିଳିଲା ପରେ ଆତ୍ମବିଶ୍ୱାସ ଭାଙ୍ଗିଯାଏ । ଆଗକୁ କାମ କରିବାକୁ ଆଉ ଧୈର୍ଯ୍ୟ ରହେନି । ଫଳରେ ଅବସାଦଗ୍ରସ୍ତ ହୋଇପାରନ୍ତି । ତେଣୁ ଆଗେ କାମ ଶିଖି କରି ଅଭିନୟ କରିବା ଆଶାରେ ଏହି ଇଣ୍ଡଷ୍ଟ୍ରିକୁ ଆସନ୍ତୁ । ■

# ରହସ୍ୟ, ତଦନ୍ତ ଓ ନିରବତାର କାହାଣୀ: 'ମେମ୍‌ଶାବ୍'




ଓଡ଼ିଆ ଚଳଚ୍ଚିତ୍ର 'ମେମଶାବ' ଏକ ସସ୍‌ପେନ୍‌ସ ତଦନ୍ତମୂଳକ ଥ୍ରିଲର ଭାବେ ଆସୁଛି । ଗୋଟିଏ ନିର୍ଜନ ଚା' ବଗିଚା ଘରକୁ କେନ୍ଦ୍ର କରି ଗଢ଼ାଯାଇଥିବା ଏହି କାହାଣୀରେ ନିରବତା ମଧ୍ୟ ଏକ ସଙ୍କେତ । ଯେଉଁଠାରେ ପ୍ରତ୍ୟେକ ଘଟଣା ଏକ ନୂଆ ପ୍ରଶ୍ନ ଉଠାଏ । ଚଳଚ୍ଚିତ୍ରଟି ଆସନ୍ତା ମେ ୦୮ ତାରିଖରେ ମୁକ୍ତିଲାଭ କରିବ । ସୋଫି ଭୂମିକାରେ ପ୍ରିୟା ଚୌଧୁରୀ ଏକ ନିରବ କିନ୍ତୁ ଗୁପ୍ତ ଜୀବନ ବିତାଉଥିବା ନାରୀର ଚିତ୍ରଣ କରିଛନ୍ତି । ସମ୍ଭବ ମାନସିଂହ (ନିଖିଲ), ଚିତ୍ତରଞ୍ଜନ ତ୍ରିପାଠୀ (ଅବିନାଶ) ଓ ଚୌଧୁରୀ ଜୟପ୍ରକାଶ ଦାସ (ନୃସିଂହ ଚରଣ ପତି) ଭଳି ଚରିତ୍ରମାନେ ଗଳ୍ପରେ ତଦନ୍ତର ଗତିକୁ ଆଗକୁ ନେଇଥାନ୍ତି । ବିଶେଷକରି ତଦନ୍ତକାରୀ ଭୂମିକାରେ ନୃସିଂହ ଚରଣ ପତିଙ୍କ ଉପସ୍ଥିତି କାହାଣୀକୁ ଅଧିକ ଗୁରୁତ୍ୱ ଓ ରୋମାଞ୍ଚ ଦେଇଥାଏ । ବିଶ୍ୱ ଭୂଷଣ ମହାପାତ୍ର ଓ କାଳୀ ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର କାହାଣୀ, ପଟକଥା ଓ ସଂଳାପ ଅମିତ କୁମାର ଦାଶ ରଚନା କରିଛନ୍ତି । ଛାୟାଚିତ୍ରଣ କରିଛନ୍ତି ବିଶ୍ୱ ଭୂଷଣ ମହାପାତ୍ର । ସମ୍ପାଦନାରେ ରଶ୍ମି ରଞ୍ଜନ ଦାଶ ଓ ବିଶ୍ୱ ରଞ୍ଜନ ସୁବୁଦ୍ଧି ଚଳଚ୍ଚିତ୍ରକୁ ଗତିଶୀଳ କରିଛନ୍ତି । ସଙ୍ଗୀତରେ ଅଭିଜିତ ତ୍ରିପାଠୀ ଓ ବନି ମହାନ୍ତିଙ୍କ ସୃଜନ ଚଳଚ୍ଚିତ୍ରର ରୋମାଞ୍ଚ ଓ ଭାବନାକୁ ଆହୁରି ଗଭୀର କରିବାର ଆଶା ରହିଛି । କାଳୀ ପ୍ରସାଦ ମିଶ୍ରଙ୍କ ପ୍ରଯୋଜନାରେ ଏବଂ ଅନିଲ ଯାଦବଙ୍କ ସହ-ପ୍ରଯୋଜନାରେ ତିଆରି ଏହି ଚଳଚ୍ଚିତ୍ରଟି ଧୁନ୍ ମ୍ୟୁଜିକାଲ, ସିନେମାସ୍କୋପ ସୋଲୁସନ୍ ଏବଂ ଓଏମ୍ ଗ୍ରାଫିକ୍ସ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ । ■

# 'କ୍ରିକେଟର୍‌ଙ୍କ ଆବଶ୍ୟକତା ପୂରଣ କରିଥାଏ ସିଏସ୍‌କେ'

## ଆଇପିଏଲ୍‌ରେ ଜିତିଛି ୫ ଟାଇଟଲ, ୫ ଥର ରନର୍ସଅପ୍



ଚେନ୍ନଇ,୨୧।୩(ଏଜେନ୍ସି): 'ଜଣେ କ୍ରିକେଟରର ଯାହା ଆବଶ୍ୟକତା ତାହା ଚେନ୍ନଇ ସୁପର କିଙ୍ଗ୍‌ସ (ସିଏସ୍‌କେ) ପୂରଣ କରିଥାଏ' ବୋଲି କହନ୍ତି ଦଳର ଦୁଇ ଖ୍ୟାତନାମା ଖେଳାଳି ଅମ୍ବତି ରାୟୁଡୁ ଓ ମାଥ୍ୟୁ ହେଡେନ କହନ୍ତି। ଖେଳାଳିଙ୍କୁ କିପରି ଗୋଟିଏ ପରିବାର ପରି ରଖିହେବ, କିପରି ସେମାନଙ୍କୁ ଉଚ୍ଚସ୍ତରର ଖେଳ ସମ୍ପର୍କରେ ପ୍ରସ୍ତୁତି କରିହେବ ଓ ସେମାନଙ୍କଠାରୁ କିପରି ଶ୍ରେଷ୍ଠ ଖେଳ ବାହାର କରିହେବ ତାହା ସିଏସ୍‌କେର ଟିମ୍ ମ୍ୟାନେଜମେଣ୍ଟ ଭଲ ଭାବେ ଜାଣିଛନ୍ତି। ଏହି ଦଳର ମାଲିକ ଏନ ଶ୍ରୀନିବାସନଙ୍କ କ୍ରିକେଟ ପରିଚାଳନା କରିବାରେ ଦୀର୍ଘ ୫୦ ବର୍ଷର ଅଭିଜ୍ଞତା ରହିଛି। ଏମାନଙ୍କୁ ମଧ୍ୟ ଟପ୍ ମ୍ୟାନେଜ୍‌ମେଣ୍ଟରେ ୩ଜଣ ଶ୍ରେଷ୍ଠ ବ୍ୟକ୍ତି ମିଳିଛନ୍ତି। ଟିମ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର କାଶି ବିଶ୍ୱନାଥ, ହେଡ୍ କୋଚ୍ ଷ୍ଟିଫେନ୍ ଫ୍ଲେମିଂ ଓ ଅଧିନାୟକ ମହେନ୍ଦ୍ର ସିଂ ଧୋନି। ଶ୍ରୀନିବାସନଙ୍କ ନେତୃତ୍ୱରେ କାଶି ସାର, ଷ୍ଟିଫେନ ଓ ଧୋନି ଏକ ଶୀର୍ଷସ୍ତରର କ୍ରିକେଟ ଟିମ୍ ଗଠନ କରିବାରେ ସମର୍ଥ ହୋଇଛନ୍ତି। ଏମାନଙ୍କ ବୁଝାମଣା ଫଳରେ ସିଏସ୍‌କେ ଆଇପିଏଲ୍‌ରେ ଏକ ଶ୍ରେଷ୍ଠ ଟିମ୍‌ରେ ପରିଣତ ହୋଇଛି। ଆଇପିଏଲ୍‌ରେ ଏଯାଏ ୧୮ଟି ସଂସ୍କରଣ ଆୟୋଜିତ ହୋଇଯାଇଛି। ପଡ଼ିଆ ବାହାରର କାରଣରୁ ସିଏସ୍‌କେ ଦୁଇ ବର୍ଷ ଖେଳରୁ ବାସନ୍ଦ ହୋଇଛି। ଏହି ଦଳ ଖେଳିଥିବା ଅନ୍ୟ ୧୬ଟି ସଂସ୍କରଣ ମଧ୍ୟରୁ ଦଳ ୫ଥର ଚାମ୍ପିଅନ, ୫ଥର ରନର୍ସ ଅପ୍, ଥରେ ସେମିଫାଇନାଲ ଓ ଥରେ ପ୍ଲେ ଅଫ୍‌ରେ ପ୍ରବେଶ କରି ଏକ ଶ୍ରେଷ୍ଠ ଦଳରେ ପରିଣତ ହୋଇଛି ବୋଲି ଉଭୟ ହେଡେନ୍ ଓ ରାୟୁଡୁ କହନ୍ତି। ଫ୍ଲେମିଂ ଏବେ ମଧ୍ୟ ଦଳର ହେଡ୍ କୋଚ୍ ରହିଛନ୍ତି। ଧୋନି ନେତୃତ୍ୱରେ ହଟିଯାଇଥିଲେ ମଧ୍ୟ ଏହି ୧୬ଟି ସଂସ୍କରଣରେ ତାଙ୍କ ତତ୍ତ୍ୱାବଧାନରେ ଦଳ ଖେଳିଛି। ଏମାନଙ୍କ ଉପସ୍ଥିତିରେ ଡ୍ରେସିଂ ରୁମ୍‌ର ସଂସ୍କୃତି ବେଶ ସୁଦୃଢ଼ ରହିଛି। ଶ୍ରୀନିବାସନ ଓ କାଶି ବିଶ୍ୱନାଥ ଅସୁବିଧା ସମୟରେ ମଧ୍ୟ ଦଳ ଓ ଖେଳାଳିଙ୍କ ପଛରେ ଛିଡ଼ା ହୋଇ ରହିଛନ୍ତି। ଯାହା ଫଳରେ ଆଇପିଏଲ୍‌ରେ ସିଏସ୍‌କେ ଏକ ଶ୍ରେଷ୍ଠ ଦଳରେ ପରିଣତ ହୋଇପାରିଛି।

ମାଥ୍ୟୁ ହେଡେନଙ୍କ ମତରେ ଧୋନିଙ୍କର ଏକ ଲିଗାସି ରହିଛି। କିନ୍ତୁ ପଡ଼ିଆକୁ ଆସିବା ପୂର୍ବରୁ ଦଳରେ ଅନେକ କିଛି ଯୋଜନା ହୋଇଥାଏ। ତାମିଲନାଡୁରେ ଶ୍ରୀନିବାସନଙ୍କ କ୍ରିକେଟ ପ୍ରଶାସନରେ ଯେଉଁ ଅଭିଜ୍ଞତା ରହିଛି ତାହାକୁ କାମରେ ଲଗାଇଥାନ୍ତି ଟମ୍‌ର ଅନ୍ୟ କର୍ମକର୍ତ୍ତାମାନେ। ଯାହା ଫଳରେ ଦଳକୁ ଅଧିକ ସଫଳତା ମିଳିଥାଏ। ରାୟୁଡୁଙ୍କ ମତରେ ସିଏସ୍‌କେରେ କ୍ରିକେଟ ସଂସ୍କୃତି ଏତେ ସୁନ୍ଦର, ତାହା ଏହି ଟିମ୍ ସହ ଜଡିତ ସମସ୍ତେ ଜାଣିଛନ୍ତି। ଜଣେ ଖେଳାଳିଙ୍କ କି ଆବଶ୍ୟକତା ରହିଛି ତାହାକୁ ଏହି ଟିମ୍‌ର କର୍ମକର୍ତ୍ତାମାନେ ଭଲ ଭାବେ ଜାଣିଛନ୍ତି ଓ ତାହାକୁ ପୂରଣ କରିବା ଲାଗି ଚେଷ୍ଟା କରିଥାନ୍ତି। ଅନ୍ୟ ଦଳରେ ମଧ୍ୟ ଏପରି କିଛି ରହିଛି। କିନ୍ତୁ ଏହି ଟିମ୍ ଖେଳାଳିଙ୍କ ଉପରେ ଯେପରି ବିଶ୍ୱାସ ରଖନ୍ତି କିମ୍ବା ସ୍ୱାଧୀନତା ଦେଇଥାନ୍ତି, ତାହା ଅନ୍ୟ ଦଳରେ କ୍ୱଚିତ୍ ଦେଖିବାକୁ ମିଳିଥାଏ। ଏଠାରେ ଖେଳାଳି ସୁରକ୍ଷିତ ଭାବୁଥିବାରୁ ନିଜର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବାକୁ ଉତ୍ସାହିତ ହୋଇଥାନ୍ତି। ଏହି ସଂସ୍କୃତି ସିଏସ୍‌କେକୁ ସର୍ବଦା ଏକ ସୁପର ଟିମ୍‌ରେ ପରିଣତ କରିପାରିଛି।

ଏହି ଦଳର ମାଲିକଙ୍କ ଆଉ ଏକ ବଡ଼ ଗୁଣ ହେଲା, ସେମାନେ ଖେଳାଳିଙ୍କ କାର୍ଯ୍ୟଧାରାରେ ଆଦୌ ହସ୍ତକ୍ଷେପ କରନ୍ତି ନାହିଁ। ଅବଶ୍ୟ ଷ୍ଟିଫେନ୍ ଓ ଧୋନି ଏହାକୁ ପ୍ରତ୍ୟକ୍ଷ ଭାବେ ତତ୍ତ୍ୱାବଧାନ କରୁଥିବାରୁ ମାଲିକଙ୍କ କାମ କିଛିଟା ସହଜ ହୋଇଯାଇଛି। କ୍ରିକେଟ ଖେଳ ପଡ଼ିଆରେ ଯେତିକି ଲଢ଼େଇ ହୋଇଥାଏ, ପଡ଼ିଆ ବାହାରେ ମଧ୍ୟ ସେତିକି। ମ୍ୟାନେଜମେଣ୍ଟର ଯୋଜନାବଦ୍ଧ ଉଦ୍ୟମ ଯୋଗୁ ସିଏସ୍‌କେ ଏକ ବେଷ୍ଟ ୟୁନିଟ୍‌ରେ ପରିଣତ ହୋଇପାରିଛି।

## ଆଇପିଏଲ୍‌ରୁ ଆକାଶଦୀପ ଆଉଟ

କୋଲକାତା,୨୧।୩(ଏଜେନ୍ସି): ବେଙ୍ଗଲ ଫାଷ୍ଟ ବୋଲର ଆକାଶଦୀପ ଚଳିତ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି। ସେ ପାଇଥିବା ଆଘାତ ଠିକ୍ ନ ହେବାରୁ ତାଙ୍କୁ ଆଇପିଏଲ୍ ଖେଳିବାକୁ ଅଯୋଗ୍ୟ ଘୋଷଣା କରାଯାଇଛି। କେବଳ ସେ ଆଇପିଏଲ୍ ନୁହେଁ, ୩ ମାସ ଲାଗି ମଧ୍ୟ ସେ ଖେଳିପାରିବେ ନାହିଁ ବୋଲି ବିସିସିଆଇ ସେଣ୍ଟର ଫର ଏକ୍ସିଲେନ୍ସିରେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନେ କହିଛନ୍ତି। ଏହା ଫଳରେ ଚଳିତ ସିଜନ୍‌ରେ ଆଇପିଏଲ୍‌କୁ ଶକ୍ତ ଧକ୍କା ଲାଗିଛି। ଚଳିତ ସିଜନ ଆରମ୍ଭରୁ ହର୍ଷିତ ରାଣା ବାଦ୍ ପଡ଼ିଥିଲେ। ଯଦିଓ ଦଳ ପଡ଼ିଆ ବାହାରର କାରଣରୁ ବାଂଲାଦେଶୀ ଫାଷ୍ଟ ବୋଲର ମୁସ୍ତାଫିଜୁର ରହମନଙ୍କୁ ଦଳରୁ ବାଦ୍ ଦେଇଥିଲା, ତାଙ୍କ ସ୍ଥାନରେ ଜିମ୍ବାୱେର ବ୍ଲେସିଂ ମୁଜାରବାନିଙ୍କୁ ଦଳରେ ସାମିଲ କରିଛି। ଦଳର ଅନ୍ୟତମ ଫାଷ୍ଟ ବୋଲର ଶ୍ରୀଲଙ୍କାର ମାଥିଶା ପତିରାଣା ଫିଟ୍‌ହେବେ ବୋଲି ଆଶା କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ସେ ଖେଳିପାରିବେ କି ନାହିଁ ତାହା ଜଣାପଡ଼ିନାହିଁ। ଦଳ ନିକଟରେ ଏବେ କାମଚଳା କାମେରନ ଗ୍ରୀନ୍, ଭାରତୀୟ ଫାଷ୍ଟ ବୋଲର ବୈଭବ ଅରୋରା, ଉମ୍ରାନ ମଲିକ ଓ କାର୍ତ୍ତିକ ତ୍ୟାଗୀଙ୍କୁ ନେଇ କେକେଆର୍ ପଡ଼ିଆକୁ ଓହ୍ଲାଇବ। ଦଳ ନିଶ୍ଚିତଭାବେ ଆଉ ଜଣେ କିମ୍ବା ଦୁଇ ଜଣ ଫାଷ୍ଟ ବୋଲରଙ୍କୁ ଦଳରେ ସାମିଲ କରିବ।

## ଫିଟ୍ ନ ହେଲେ ଏନ୍‌ଓସି ମନା

କଲମ୍ବୋ,୨୧।୩(ଏଜେନ୍ସି): ଆଇପିଏଲ୍ କିମ୍ବା ବିଦେଶରେ ଯେ କୌଣସି ଫ୍ରାଞ୍ଚାଇଜ୍ ଲିଗ୍ ଲାଗି ଏନ୍‌ଓସି ବା ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ ନେବାକୁ ହେଲେ ଫିଟ୍‌ନେସ୍ ଟେଷ୍ଟରେ ପାସ୍ ହେବାକୁ ପଡ଼ିବ। ନଚେତ୍ ଖେଳାଳିଙ୍କୁ ଏନ୍‌ଓସି ଦିଆଯିବ ନାହିଁ ବୋଲି ଶ୍ରୀଲଙ୍କା କ୍ରିକେଟ ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏବେ ଆଇପିଏଲ୍ ବିଭିନ୍ନ ଟିମ୍‌ରୁ ଖେଳିବାକୁ ଥିବା ୱାନିନ୍ଦୁ ହାସରଙ୍ଗା, ନୁୱାନ ଥୁସାରା, ମାଥୀଶା ପତିରାଣା, ଏହସାନ ମାଲିଙ୍ଗା ଫିଟ୍‌ନେସ ପରୀକ୍ଷାରେ ପାସ୍ କରିନାହାନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଚୁକ୍ତିବଦ୍ଧ ହୋଇଥିବା ଦୁଷ୍ମନ୍ତ ଚାମୀରା ଓ ପାଥୁମ ନିଶାଙ୍କା, ସନ୍‌ରାଇଜର୍ସ ହାଇଦ୍ରାବାଦ୍‌ର କାମିନ୍ଦୁ ମେଣ୍ଡିସ୍ ଫିଟ୍‌ନେସ୍ ଟେଷ୍ଟରେ ପାସ୍ କରିଛନ୍ତି। ସେମାନଙ୍କୁ ଏନ୍‌ଓସି ଦିଆଯାଇଛି। ମାର୍ଚ୍ଚ ୨୮ ରୁ ଆଇପିଏଲ୍ ଆରମ୍ଭ ହେବ। ଏହା ପୂର୍ବରୁ ଖେଳାଳିମାନେ ଫିଟ୍‌ନେସ ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେଲେ ସେମାନଙ୍କୁ ଏନ୍‌ଓସି ମିଳିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଛି।

## ପନ୍ତ୍‌ଙ୍କ ସହ ରାମମନ୍ଦିର ଦର୍ଶନ କଲେ ଗୋଏଙ୍କା

ଆଇପିଏଲ୍‌ର ୧୯ ତମ ସିଜନ ଆରମ୍ଭ ହେବାକୁ ଗୋଟିଏ ସପ୍ତାହ ବାକି ରହିଛି। ଏଥିପୂର୍ବରୁ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ଫ୍ରାଞ୍ଚାଇଜର ମାଲିକ ସଞ୍ଜୀବ ଗୋଏଙ୍କା ଦଳର ଅଧିକାଂଶ ଖେଳାଳିଙ୍କ ସହ ଶନିବାର ଅଯୋଧ୍ୟାରେ ରାମମନ୍ଦିର ଦର୍ଶନ କରିଛନ୍ତି। ଅଧିନାୟକ ଋଷଭ ପନ୍ତଙ୍କୁ ସାଙ୍ଗରେ ନେଇ ଗୋଏଙ୍କା ଭଗବାନ ଶ୍ରୀରାମଙ୍କ ଆଶୀର୍ବାଦ ନେଇଛନ୍ତି। ଏହି ଅବସରରେ ଲକ୍ଷ୍ନୌର ଖେଳାଳିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପ୍ରଭୁ ଶ୍ରୀରାମଙ୍କ ଦର୍ଶନ ପରେ ସମସ୍ତ ଖେଳାଳି ମନ୍ଦିର ଚତୁଃପାଶ୍ୱର୍ରେ ବୁଲି ନବନିର୍ମିତ କାରୁକାର୍ଯ୍ୟ ଦେଖିଥିଲେ। 'ଆଇପିଏଲ୍ ସିଜନ ଆରମ୍ଭ ହେବାକୁଯାଉଛି। ଏହା ପୂର୍ବରୁ ଆଶୀର୍ବାଦ ନେବା ଲାଗି ଶ୍ରୀରାମଙ୍କ ଶରଣକୁ ଆସିଛୁ' ବୋଲି ଗୋଏଙ୍କା କହିଛନ୍ତି। ଉଲ୍ଲେଖଯୋଗ୍ୟ, ଲକ୍ଷ୍ନୌ ଫ୍ରାଞ୍ଚାଇଜ ୨୦୨୨ ସଂସ୍କରଣରୁ ଆଇପିଏଲ୍‌ରେ ଯୋଡ଼ି ହୋଇଛି। ଗତ ୪ଟି ସିଜନ ଖେଳିଥିଲେ ମଧ୍ୟ ଲକ୍ଷ୍ନୌ କେବେ ମଧ୍ୟ ଫାଇନାଲରେ ପହଞ୍ଚି ପାରିନାହିଁ।

■ ଓସିଏ କ୍ଲବ ଲିଗ୍

## ସହିଦ ସ୍ପୋର୍ଟିଂକୁ ୧ ୱିକେଟରେ ହରାଇଲା ଏଲଆଇସି

ଭୁବନେଶ୍ୱର, ୨୧।୩ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ କ୍ରିକେଟର ୫ମ ଦିବସରେ ଶନିବାର ୪ଟି ମ୍ୟାଚ୍ ଖେଳାଯାଇଥିଲା। ରେଭେନସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଏକ ମ୍ୟାଚରେ ଏଲ୍‌ଆଇସି ସ୍ପୋର୍ଟ୍ସ କ୍ଲବ ରୋମାଞ୍ଚକ ଭାବରେ ୧ ୱିକେଟରେ ସହିଦ୍ ସ୍ପୋର୍ଟିଂକୁ ପରାସ୍ତ କରିଛି। ଓମ୍ ଟି ମୁଣ୍ଡେ (୫୮ ରନ୍)ଙ୍କ





ଅର୍ଦ୍ଧଶତକ ବଳରେ ସହିଦ ସ୍ପୋର୍ଟିଂ ୫୦ ଓଭରରେ ୮ ୱିକେଟ୍ ହରାଇ ୨୫୧ ରନ କରିଥିଲା। ଏଲଆଇସିର ସମ୍ବିତ ବେଜଙ୍କୁ ୪ଟି ୱିକେଟ୍ ମିଳିଥିଲା। ଜବାବରେ ଏଲଆଇସି ୪୯ ଓଭରରେ ୯ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସମ୍ବିତ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ୟୁନିୟନ ସ୍ପୋର୍ଟିଂ ୪ ୱିକେଟରେ ସନ୍‌ରାଇଜ କ୍ଲବକୁ ପରାସ୍ତ କରିଛି। ବାଦଲ ବିଶ୍ୱାଳ (୩ ୱିକେଟ)ଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ବାରବାଟୀ ଗ୍ରାଉଣ୍ଡରେ ଏସବିଆଇ କ୍ଲବ ୬ ୱିକେଟରେ ବିଶ୍ୱଭାରତୀ କ୍ଲବକୁ ହରାଇଦେଇଛି। ବିଶ୍ୱଭାରତୀ ୪୪.୫ ଓଭରରେ ୧୭୦ ରନରେ ସୀମିତ ରହିଥିଲା। ପ୍ରବୀଣ ଲୁହା (୬୨ ରନ)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଏସ୍‌ବିଆଇ ୩୦.୩ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ସନ୍‌ସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ସନ୍‌ରାଇଜ କ୍ଲବ ୨୬ ରନରେ ଆମେଚର କ୍ଲବକୁ ମାତ୍ ଦେଇଛି। ୫ ୱିକେଟ୍ ସଫଳତା ପାଇ ସନ୍‌ରାଇଜର ଆକାଶ ତ୍ରିପାଠୀ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ସମସ୍ତଙ୍କୁ ୫ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥିଲା।

## ସଫଳତାର ସହ ଲିଙ୍ଗ ପରିବର୍ତ୍ତନ କଲେ ଅନୟା

ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ସଞ୍ଜୟ ବାଙ୍ଗରଙ୍କ ପୁଅ ଆର୍ଯ୍ୟନ ବାଙ୍ଗର ସଫଳତାର ସହ ଅସ୍ତ୍ରୋପଚାର କରି ସମ୍ପୂର୍ଣ୍ଣ ମହିଳା ପାଲଟିଛନ୍ତି। ଏବେ ସେ ତାଙ୍କ ନାମ ଅନୟା ବାଙ୍ଗର ରଖିଛନ୍ତି। ସାମାଜିକ ଗଣମାଧ୍ୟମରେ ଏହି ଖୁସିର ଖବର ସେୟାର କରି ଅନୟା ବେଶ୍ ଭାବପ୍ରବଣ ହୋଇପଡ଼ିଛନ୍ତି। ସେ ଲିଙ୍ଗ ପରିବର୍ତ୍ତନ କରିବାରେ ସହାୟତା କରିଥିବା ଡାକ୍ତରୀ ଦଳ, ହସ୍ପିଟାଲ ପ୍ରତି କୃତଜ୍ଞତା ଜଣାଇଛନ୍ତି। ଅନୟା ତାଙ୍କ ପୋଷ୍ଟରେ ଲେଖିଛନ୍ତି, 'ଏହି ଯାତ୍ରା କେବଳ ତାଙ୍କ ପାଇଁ ନୁହେଁ ବରଂ ପରିବାର ଲାଗି ମଧ୍ୟ ସହଜ ନ ଥିଲା। ମୋତେ ବୁଝିବା, ଗ୍ରହଣ କରିବା ଏବଂ ମୋ ସହିତ ଠିଆ ହେବା ପାଇଁ ପରିବାର ଲୋକଙ୍କୁ ସମୟ ଲାଗିଥିଲା। ପ୍ରାରମ୍ଭିକ ସମୟରେ



ଅନେକ ପ୍ରଶ୍ନ, ଦ୍ୱନ୍ଦ୍ୱ ଓ ଭାବପ୍ରବଣ ମୁହୂର୍ତ୍ତ ଥିଲା। କିନ୍ତୁ ଧିରେ ଧିରେ ମୋ ପରିବାର ମୋତେ ଗ୍ରହଣ କରିନେଇଥିଲେ। ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର ପାଇଁ ନିଜକୁ ମାନସିକ ଏବଂ ଶାରୀରିକ ଭାବରେ ପ୍ରସ୍ତୁତ କରିବାରେ ୫ ବର୍ଷ ସମୟ ବିତିଯାଇଥିଲା। ମୋର ଏହି ନିଷ୍ପତ୍ତିରେ ପିତାଙ୍କ ସମର୍ଥନ ତୁରନ୍ତ ଆସି ନ ଥିଲା' ବୋଲି ଅନୟା ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଅନୟା ଏବେ ସରୋଗେସି ମାଧ୍ୟମରେ ମାତୃତ୍ୱ ଲାଭ କରିପାରିବେ ବୋଲି ଜଣାପଡ଼ିଛି। ପ୍ରକାଶଯୋଗ୍ୟ, ୨୫ ବର୍ଷୀୟ ଅନୟା ପୂର୍ବରୁ ମୁମ୍ବାଇ ୧୬ ବର୍ଷରୁ କମ୍ କ୍ରିକେଟ ଦଳରୁ ଖେଳିଥିବାବେଳେ ସିକେ ନାଇଡୁ ଟ୍ରଫିର ଟ୍ରାଏଲ୍ସରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଅସ୍ତ୍ରୋପଚାର ଜରିଆରେ ନିଜର ଲିଙ୍ଗ ପରିବର୍ତ୍ତନ କରିଥିଲେ।

### ଫାନୀ ଟି-୨୦ରେ ସର୍ବକନିଷ୍ଠ ଶତକ ହାସଲକାରୀ

ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ପୂର୍ବ-ଆଫ୍ରିକୀୟ ରାଷ୍ଟ୍ର ରାୱାଣ୍ଡାର ମହିଳା କ୍ରିକେଟର୍ ଫାନୀ ଉତାଗୁଶିମାନିନଡେ ଅନ୍ତର୍ଜାତୀୟ ଟି-୨୦ରେ ସର୍ବକନିଷ୍ଠ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ନାଇଜେରିଆରେ ଅନୁଷ୍ଠିତ ଆମନ୍ତ୍ରଣୀୟ ଟୁର୍ଣ୍ଣାମେଣ୍ଟରେ ଫାନୀ ପଦାର୍ପଣରେ ଘାନା ବିପକ୍ଷରେ ୬୫ ବଲରେ ୧୧୧ ରନ କରିଥିଲେ। ସେ ଉଭୟ ପୁରୁଷ ଓ ମହିଳା ଟି-୨୦ କ୍ରିକେଟ୍‌ରେ ସର୍ବକନିଷ୍ଠ (୧୫ ବର୍ଷ ୨୨୩ ଦିନ) ଶତକ ହାସଲକାରୀ ହୋଇଛନ୍ତି।

## ଦକ୍ଷିଣ ଆଫ୍ରିକାରେ ଭାରତ ଖେଳିବ ଗୋଟିଏ ଟେଷ୍ଟ, ୩ଟି ଦିନକିଆ

ଜୋହାନ୍ସବର୍ଗ,୨୧।୩(ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ ଦଳର ଦକ୍ଷିଣ ଆଫ୍ରିକା ଗସ୍ତସୂଚୀ ଘୋଷଣା କରିଛି କ୍ରିକେଟ ବୋର୍ଡ। ଡିସେମ୍ବର ୯ରୁ ୨୩ ତାରିଖଯାଏ ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ଏହି ଟୁର୍‌ରେ ୩ଟି ଦିନକିଆ ଓ ଗୋଟିଏ ଟେଷ୍ଟ ମ୍ୟାଚ୍ ଆୟୋଜିତ ହେବ। ଦିନକିଆ ମ୍ୟାଚ୍ ଗୁଡିକ ଡିସେମ୍ବର ୯ରେ ପୋଚେଫଷ୍ଟ୍ରମ୍, ୧୨ରେ ବ୍ଲୋଏମଫୋଣ୍ଟେନ, ୧୫ରେ କେପ୍‌ଟାଉନ୍‌ରେ ଆୟୋଜିତ ହେବ। ଏକମାତ୍ର ଟେଷ୍ଟ ମ୍ୟାଚ୍‌ଟି ଡିସେମ୍ବର ୨୦ରୁ ୨୩ ତାରିଖଯାଏ ଜେବେର୍‌ହା (ପୋର୍ଟ ଏଲିଜାବେଥ)ରେ ଖେଳାଯିବ ବୋଲି ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ପକ୍ଷରୁ ପ୍ରକାଶିତ କାର୍ଯ୍ୟସୂଚୀରୁ ଜଣାଯାଇଛି।

## ଆୟର୍ଲାଣ୍ଡ ସହ ଦୁଇଟି ଟି-୨୦ ଖେଳିବେ ପୁରୁଷ ଦଳ

ନୂଆଦିଲ୍ଲୀ,୨୧।୩(ଏଜେନ୍ସି): ଚଳିତବର୍ଷ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ଭାରତ ପ୍ରଥମଥର ଲାଗି ଆୟର୍ଲାଣ୍ଡ ସହ ଟି-୨୦ ସିରିଜ୍ ଖେଳିବ। ୨ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍ ବେଲ୍‌ଫାଷ୍ଟରେ ଜୁନ୍ ୨୬ ଓ ୨୮ ତାରିଖରେ ଖେଳାଯିବ। ଏହା ପୂର୍ବରୁ ଗତ ୮ବର୍ଷରେ ଭାରତ ୩ଥର ଯଥା ୨୦୧୮, ୨୦୨୨ ଓ ୨୦୨୩ରେ ଆୟର୍ଲାଣ୍ଡ ଗସ୍ତରେ ଯାଇଛି। ଏହା ପରେ ଭାରତ ଇଂଲଣ୍ଡ ଗସ୍ତରେ ଯାଇ ୮ଟି ସୀମିତ ଓଭର ମ୍ୟାଚ୍ ଖେଳିବ।

■ ଏଏଫ୍‌ସି ମହିଳା ଏସିଆନ କପ୍

## ଜାପାନ ଚାମ୍ପିଅନ

ସିଡ୍‌ନୀ,୨୧।୩(ଏଜେନ୍ସି): ଅଷ୍ଟ୍ରେଲିଆକୁ ୧-୦ ଗୋଲରେ ପରାସ୍ତ କରି ଜାପାନ ଏଏଫ୍‌ସି ମହିଳା ଏସିଆନ୍ କପ୍ ଫୁଟବଲରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହାକୁ ମିଶାଇ ଜାପାନ ତୃତୀୟ ଥର ଏସିଆ ମହିଳା ଫୁଟବଲର ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଟାଇଟଲ ବିଜୟୀ ହୋଇଛି। ଆଜିର ଫାଇନାଲ ମୁକାବିଲାରେ ବିଜୟୀ ଜାପାନ ଦଳ ପକ୍ଷରୁ ମାଇକା ହାମାନୋ ଲଙ୍ଗ ରେଞ୍ଜରୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ଘରୋଇ ମାଟିରେ ଅଷ୍ଟ୍ରେଲିଆକୁ ଫେବରାଇଟ୍ ବିବେଚନା କରାଯାଉଥିଲା ବେଳେ ଏହି ପରାଜୟ ଖେଳାଳି ଓ ଷ୍ଟାଡିୟମ୍‌ରେ ୭୪,୩୫୭ଜଣ ସମର୍ଥକଙ୍କ ମନୋବଳ ଭାଙ୍ଗିଦେଇଛି। ଜାପାନର ରକ୍ଷଣଭାଗ ଫାଇନାଲରେ ପାହାଡ ପରି ଅଷ୍ଟ୍ରେଲୀୟ ଆକ୍ରମଣକୁ ପ୍ରତିହତ କରିଥିଲା।

କଳିଙ୍ଗରେ ଜାତୀୟ ପାରା ଆଥ୍‌ଲେଟିକ୍ସ ଉଦଯାପିତ

## ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୧୭ ପଦକ

ଭୁବନେଶ୍ୱର, ୨୧।୩ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗତ ୪ ଦିନ ଧରି ଚାଲିଥିବା ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ୨୪ତମ ସଂସ୍କରଣ ଶନିବାର ଉଦଯାପିତ ହୋଇଯାଇଛି। ଏଥିରେ ଆୟୋଜକ ଓଡ଼ିଶା ଅନ୍ତିମ ଦିବସରେ ୭ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୬ଟି ରୌପ୍ୟ ପଦକ ରହିଛି। ସେହିଭଳି ପ୍ରତିଯୋଗିତାରେ ଓଡ଼ିଶା ମୋଟ୍ ଉପରେ ୧୭ଟି ପଦକ ବିଜୟୀ ହେବାରେ ସଫଳ ହୋଇଛି। ଏଥିରେ ୫ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ରହିଛି। ପ୍ରତିଯୋଗିତାରେ ୯୫ ପଦକ ଜିତି ହରିୟାଣା ଚାମ୍ପିଅନ ହୋଇଥିଲା। ସେହିଭଳି ତାମିଲନାଡୁ ଦ୍ୱିତୀୟ (୫୧ ପଦକ), ଗୁଜରାଟ ତୃତୀୟ (୩୦ ପଦକ) ସ୍ଥାନରେ ରହିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ।




ଅନ୍ତିମ ଦିବସରେ ଓଡ଼ିଶା ପାଇଁ ଏକମାତ୍ର ସ୍ୱର୍ଣ୍ଣ ପଦକ ସୁଚିତ୍ରା ପରିଡ଼ା ବିଜୟୀ ହୋଇଥିଲେ। ମହିଳା ଜାଭେଲିନ୍ ଥ୍ରୋ ଏଫ୍‌୫୬ ବର୍ଗରେ ସୁଚିତ୍ରା ୧୭.୮୦ ମିଟର ଜାଭେଲିନ ଫିଙ୍ଗି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ସେହିଭଳି ଜାନକୀ ଓରାମ ପ୍ରଭାବୀ ପ୍ରଦର୍ଶନ କରି ୨ଟି ରୌପ୍ୟ ପଦକ ଜିତିଥିଲେ। ଜାନକୀ ମହିଳା ଲଙ୍ଗଜମ୍ପ ଟି୧୧ ଓ ଟି୧୨ ବର୍ଗରେ ଏବଂ ୨୦୦ ମିଟର ରେସରେ ଏହି ଦୁଇଟି ପଦକ ସଫଳତା ପାଇଥିଲେ। ଅପରପକ୍ଷରେ ମହିଳା ୨୦୦ ମିଟର (ଟି୪୭)ରେ ଜୟନ୍ତୀ ବେହେରା, ପୁରୁଷ ୫୦୦ ମିଟରରେ (ଟି୧୧) ଯଦୁନାଥ ମାଝି, ପୁରୁଷ ୨୦୦ ମିଟରରେ (ଟି୩୭) ସ୍ୱସ୍ତିକ ସାହୁ ଏବଂ ପୁରୁଷ ଲଙ୍ଗଜମ୍ପରେ (ଟି୪୭) ସ୍ୱାଧୀନ ମହର ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ।

● ଡ. ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫୁଟ୍‌ବଲ

## ଅଷ୍ଟକିଳା-ୟୁନିଟ୍ ୬ ଫାଇନାଲ ଆଜି

ଭୁବନେଶ୍ୱର, ୨୧।୩ (ସମିସ): ଭୁବନେଶ୍ୱର ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ପ୍ରଥମ ଡ. ଦେବେନ୍ଦ୍ର ପ୍ରଧାନ ଅଲ୍‌ଓଡ଼ିଶା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ରବିବାର ଅନୁଗୋଳ ପତାକାର ଅଷ୍ଟକିଳା କ୍ଲବ ସହ ଭୁବନେଶ୍ୱରର ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏସନ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଶନିବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ୟୁନିଟ୍-୬ ଦଳ ୨-୧ ଗୋଲରେ କଟକର ରାଧାମରଣ କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳର ସୁରେଶ ଖାଡିଆ ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ୩ ହଜାର ଟଙ୍କା ପୁରସ୍କାର ପାଇଥିଲେ। ବିଏଏର ଉପସଭାପତି ଭାଗ୍ୟଧର ଜଗଦେବ, କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା, ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପୂର୍ବରୁ ପ୍ରଥମ ସେମିଫାଇନାଲରେ ଅଷ୍ଟକିଳା କ୍ଲବ ୩-୧ ଗୋଲରେ କଟକର ମଙ୍ଗଳା କ୍ଲବକୁ ପରାସ୍ତ କରିଥିଲା।

## ଏଲ୍‌ଏଲ୍‌ସିସି କପ୍ କ୍ୱାର୍ଟରରେ ସୋଲାର

ଭୁବନେଶ୍ୱର, ୨୧।୩ (ସମିସ): ଆଇଆର୍‌ସି ଭିଲେଜ ଗ୍ରାଉଣ୍ଡରେ ଚାଲିଥିବା ୧୪ ବର୍ଷରୁ କମ୍ ଏଲ୍‌ଏଲ୍‌ସିସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସୋଲାର କ୍ଲବ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ମ୍ୟାଚରେ ସୋଲାର ୮ ୱିକେଟରେ ବିଶ୍ୱଭାରତୀ କ୍ଲବକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବିଶ୍ୱଭାରତୀ ୩୦ ଓଭରରେ ୭ ୱିକେଟ ହରାଇ ୧୭୨ ରନ କରିଥିଲା। ଦଳ ପକ୍ଷରୁ ଗୁରୁପ୍ରସାଦ ସାହୁ ୬୦ ଓ ଅଂଶୁମାନ ନାହାକ ୬୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପ୍ରତିପକ୍ଷ ସୋଲାର ବୀରଭଦ୍ର ସାହୁ ୩ଟି, ପ୍ରିୟାଂଶୁ ବିଶ୍ୱାଳ ୨ଟି ୱିକେଟ୍ ନେଇଥିଲେ। ଜବାବରେ ସୋଲାର ଦଳ ୨୩.୩ ଓଭରରେ ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ଶାଶ୍ୱତ ଗିରି ୬୬ ବଲରେ ୧୦୪ ରନର ଶତକୀୟ ପାଳି ଖେଳି ଦଳକୁ ବିଜୟୀ କରାଇଥିଲେ। ସେ ୨୬ଟି ଚୌକା ମାରି କେବଳ ବାଉଣ୍ଡାରୀ ଜରିଆରେ ଏହି ରନ ସଂଗ୍ରହ କରିଥିଲେ। ଆକାଶ ଟୁଡୁ ୪୮ ରନ କରି ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ। ଶାଶ୍ୱତଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ମୋନାଲିସା ରାଉତ ଓ କ୍ରିକେଟର୍ ଶାନ୍ତନୁ ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ।




## ସନ୍ଦୀପ, ସମୀକ୍ଷା, ତପନଙ୍କୁ ଓସ୍‌ଜା ଦାୟିତ୍ୱ

ଭୁବନେଶ୍ୱର, ୨୧।୩ (ସମିସ): ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ୍) ଭୁବନେଶ୍ୱରସ୍ଥିତ ଉତ୍କଳ ସାମ୍ବାଦିକ ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ୨୦୨୫-୨୬ ଆର୍ଥିକବର୍ଷର ଆୟବ୍ୟୟ ଉପସ୍ଥାପନ ସହିତ ଆସନ୍ତାବର୍ଷ ଲାଗି କାର୍ଯ୍ୟଖସଡ଼ା ନିର୍ଦ୍ଧାରଣ କରାଯାଇଥିଲା। ଏହି ଅବସରରେ ୨୦୨୬-୨୮ ଲାଗି ଓସ୍‌ଜାର କର୍ମକର୍ତ୍ତା ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଏଥିରେ ସନ୍ଦୀପ ମିଶ୍ର ସଭାପତି ପଦ ବଜାୟ ରଖିଥିଲାବେଳେ ସମୀକ୍ଷା ପଟ୍ଟନାୟକ କାର୍ଯ୍ୟକାରୀ ସଭାପତି, ତପନ ସ୍ୱାଇଁ ସମ୍ପାଦକ, ସୁରେଶ ସ୍ୱାଇଁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଅନ୍ୟପଦାଧିକାରୀଙ୍କ ମଧ୍ୟରେ ଉପସଭାପତି ଭାବେ ହିମାଂଶୁ ପତିମିଶ୍ର, ସଞ୍ଜୀବ ବିଶ୍ୱାଳ, ଦେବୀପ୍ରସନ୍ନ ମହାନ୍ତି, ଯୁଗ୍ମ ସମ୍ପାଦକ ଭାବେ ଶୁଭଲକ୍ଷ୍ମୀ ବଳ, ଦେବାଶିଷ ସୁନ୍ଦରାୟ, ବିମଳ କୁମାର ରାଉଳଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରୀ କମିଟିରେ ବରିଷ୍ଠ ସାମ୍ବାଦିକ କେ. ରବି, ସମ୍ବିତ ମହାପାତ୍ର, ଜ୍ଞାନରଞ୍ଜନ ମିଶ୍ର, ଡି, ନିରଞ୍ଜନ ରେଡ୍ଡୀ, ଶକ୍ତିପ୍ରସାଦ ନନ୍ଦ, ବେଣୁଧର ଦାସ, ତୁଷାର କୁମାର ସେନାପତି ସ୍ଥାନ ପାଇଛନ୍ତି। ସନ୍ଦୀପ ମିଶ୍ରଙ୍କ ସଭାପତିତ୍ୱରେ ବୈଠକ ଆୟୋଜିତ ହୋଇଥିଲାବେଳେ ସମୀକ୍ଷା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS